# ଉତ୍କଳ ପ୍ରସଙ୍ଗ

ଅପ୍ରେଲ୍, ୨୦୧୮




Licence No. C.R.N.P. 5—Licensed to post without Pre-payment



କଟକ ଲିଙ୍କ ପୋଲିସ ପଡ଼ିଆଠାରେ ଓଡ଼ିଶା ଆରକ୍ଷୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି ।



ଭୁବନେଶ୍ୱରଠାରେ ପରିବାର ସେବା ସଂସ୍ଥା ଦ୍ୱାରା ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ 'ସ୍ୱାସ୍ଥ୍ୟ ପରିକ୍ରମା' ଉଦ୍‌ଘାଟନ କରୁଛନ୍ତି ।



ଓଡ଼ିଶା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତର ନିର୍ବାଚନ କମିଶନର ଶ୍ରୀ ଜି. ଭି. ଜି. କୃଷ୍ଣମୂର୍ତ୍ତି ଉଦ୍‌ବୋଧନ ଦେଉଛନ୍ତି (୭-୨-୯୮) ।



ବିଧାନ ସଭା ସୌଧ



ଦିଲ୍ଲୀ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ

# ଉତ୍କଳ ପ୍ରସଙ୍ଗ

୫୪ ଭାଗ ୯ମ ସଂଖ୍ୟା ଚୈତ୍ର-ବୈଶାଖ ୧୯୧୯ ଶକାବ୍ଦ ଏପ୍ରିଲ ୧୯୯୮



**ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଲୋକ ସମ୍ପର୍କ ବିଭାଗ

**ଶ୍ରୀ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ**
ନିର୍ଦ୍ଦେଶକ

*ସମ୍ପାଦନା ମଣ୍ଡଳୀ*

**ଶ୍ରୀ ମହେଶ୍ୱର ମୁଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ଆଶିଷ ପାଣ୍ଡେ

**କମ୍ପ୍ୟୁଟର ଟାଇପ୍ ସେଟିଂ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ



"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।



ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ ରେ ମୁଦ୍ରିତ ।

**ବାର୍ଷିକ ଦେୟ : ଟ ୨୦.୦୦**
**ପ୍ରତିଖଣ୍ଡ : ଟ ୨.୦୦**


# ସୂଚୀ


| | | |
|---|---|---|
| ଓଡ଼ିଶା ବିଧାନସଭାରେ ରାଜ୍ୟପାଳ ଶ୍ରୀ କେ.ଭି. ରଘୁନାଥ ରେଡ୍ଡୀଙ୍କ ଅଭିଭାଷଣ | ୧ | |
| ଓଡ଼ିଶା-ଏକ ସିଂହାବଲୋକନ | ୯ | ଶ୍ରୀ ରାଜକିଶୋର ମିଶ୍ର |
| ଉତ୍କଳ ଜନନୀଂ ବନ୍ଦେ | ୧୪ | ପଣ୍ଡିତ ବେଣୁଧର ପରିଡ଼ା |
| ଜାତୀୟ ଜୀବନର ମନ୍ତ୍ରଦାତା ମି. ମଧୁସୂଦନ ଦାସ | ୧୫ | ଶ୍ରୀ ପଠାଣି ପଟ୍ଟନାୟକ |
| ସଂକଳ୍ପର ଦିବସ-ଉତ୍କଳ ଦିବସ | ୧୮ | ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ |
| ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ସାହିତ୍ୟ | ୨୧ | ଶ୍ରୀ ସୌରୀବଂଧୁ କର |
| ଗଞ୍ଜାମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଶୁଭାରମ୍ଭ | ୨୪ | ଶ୍ରୀ ମାଗୁଣି ଦାଶ |
| ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ-ଏକ ମୂଲ୍ୟାୟନ | ୨୭ | ଡଃ. ଅତୁଲ ଚନ୍ଦ୍ର ପ୍ରଧାନ |
| ଓଡ଼ିଆ ଭାଷା ସୁରକ୍ଷା ସୁନ୍ଦର ସେନାପତି | ୨୯ | ଡଃ. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ |
| ଓଡ଼ିଆର ସ୍ୱଦେଶ ଗୌରବ | ୩୧ | ଶ୍ରୀ ଗିରିଜାଶଙ୍କର ତରାସିଆ |
| ଆଦର୍ଶ ମହିଳା ମାଳତୀ ଦେବୀ | ୩୩ | ଶ୍ରୀ ବଳରାମ ମହାନ୍ତି |
| 'କବିଙ୍କରୁ କବଣ' | ୩୬ | କ୍ୟାପଟେନ ମାନସରଂଜନ ସ୍ୱାଇଁ |
| କୃଷି ଓ କୃଷକ ସମାଜର ଉନ୍ନତି ଦିଗରେ ପାରଳା ଗଜପତିଙ୍କ ଭୂମିକା | ୩୭ | ଡକ୍ଟର ସୀମାଞ୍ଚଳ ପ୍ରଧାନ |
| ଓଡ଼ିଶା କଂଗ୍ରେସର କର୍ଣ୍ଣଧାର ଭାଗୀରଥି ମହାପାତ୍ର | ୩୯ | ଶ୍ରୀ କୃଷ୍ଣଚନ୍ଦ୍ର ସୁଆର |
| ଆମର ଓଡ଼ିଶା | ୪୪ | ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଶୁରଦେଓ |
| ଓଡ଼ିଶାର ପ୍ରଥମ ଜାଜବଳୀ ରାଜକୃଷ୍ଣ ବୋଷ | ୪୫ | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି |
| ଓଡ଼ିଶାରେ ପଚାଶ ବର୍ଷର ପ୍ରଗତି | ୫୧ | ଶ୍ରୀ ରମେଶଚନ୍ଦ୍ର ମହାନ୍ତି |
| ସଂସ୍କୃତି | ୫୪ | ଶ୍ରୀ ସନ୍ତୋଷ କୁମାର ଦାସ |
| କଳିଙ୍ଗ ସଂସ୍କୃତିକୁ ଚିଲିକାର ଅବଦାନ | ୫୫ | ଶ୍ରୀ ନରସିଂହ ଦେଓ |

# ନବ ଉତ୍କଳର ନିର୍ମାତାଗଣ



ଉତ୍କଳ ଗୌରବ ମଧୁସୂଦନ



ଉତ୍କଳମଣି ଗୋପବନ୍ଧୁ




ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ



କବିବର ରାଧାନାଥ



ବ୍ୟାସକବି ଫକିର ମୋହନ



ସ୍ୱଭାବକବି ଗଙ୍ଗାଧର



ପଣ୍ଡିତ ନୀଳକଣ୍ଠ ଦାସ



ଡ. ହରେକୃଷ୍ଣ ମହତାବ

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ
ଜନନୀ....... ଜନନୀ....... ଜନନୀ !

ପୂତ–ପୟୋଧି–ବିଧୌତ–ଶରୀରା,
ତାଳ–ତମାଳ–ସୁଶୋଭିତ–ତୀରା,
ଶୁଭ୍ର ତଟିନୀ କୂଳ ଶୀକର ସମୀରା,
ଜନନୀ....... ଜନନୀ....... ଜନନୀ !

ଘନ ଘନ ବନରାଜି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ....... ଜନନୀ....... ଜନନୀ !

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

सत्यमेव जयते

*MESSAGE OF*

# SHRI K.R. NARAYANAN

## HON'BLE PRESIDENT, REPUBLIC OF INDIA

### ON THE OCCASION OF **ORISSA DAY**



On the occasion of Orissa Day, 1998, I extend my felicitations to the people of Orissa.

Orissa has the distinction of heralding the beginning of the linguistic reorganisation of States and presaging the later integration of Princely states. Outstanding men and women from the province, led by Utkalmani Pandit Gopabandhu Das, joined our freedom struggle and enriched it by their patriotic dedication. The nation cannot forget the services of pioneering leaders like Madhusudan Das, Biswanath Das, Nabakrushna Choudhury, Monomohan Choudhury, and Harekrushha Mahatab. Orissa's women leaders have also blazed a great trail, with the late Ramadevi Choudhury and Malati Devi Choudhury becoming figures of exemplary appeal by their work in the field of Sarvodaya.

Endowed with a rich cultural heritage, the State has made unique contributions to Indian dance, painting, sculpture and handicrafts. Its diverse people, including its tribal communities, have made signal contributions in the development of the nation.

Orissa's natural resources have been husbanded through the steel plant at Rourkela, the Port at Paradeep, the power and aluminium plants at Talcher and the power project at Hirakud in the creation of which the late Biju Patnaik played a determining role.

I am sure the celebrations will give the people of Orissa an opportunity to rededicate themselves to the cause of a modern and prosperous Orissa which will in turn contribute to a strong and united India. On this joyous occasion, I extend my felicitations and good wishes to the people of Orissa and wish the celebrations all success.

Narayanan K.R.

(K.R. NARAYANAN)

March 27, 1998
New Delhi.

*MESSAGE OF*

# SHRI KRISHAN KANT

## HON'BLE VICE - PRESIDENT OF INDIA

ON THE OCCASION OF

THE **UTKAL DIVAS (STATE FORMATION DAY)**



Orissa, completing over six decades of its coming into being as an Indian Province and State, is an occasion for justifiable pride and celebration. Blessed by nature with its bounties, this beautiful land has sustained a dynamic and enterprising population eager and determined to take the State forward. The land of Lord Jagannath, Orissa has a proud history, rich culture and a peaceful, orderly society which is astir with hope and aspiration for its future.

My congratulations and best wishes to the State and its people on the joyous occasion of the State-formation-day.

New Delhi.
21st March, 1998.

Krishan Kant

(SHRI KRISHAN KANT)

# ଉତ୍କଳ ଦିବସ ଉପଲକ୍ଷେ
# ମାନ୍ୟବର ରାଜ୍ୟପାଳ
# ଶ୍ରୀଯୁକ୍ତ କେ.ଭି. ରଘୁନାଥ ରେଡ୍ଡୀଙ୍କ
# ବାର୍ତ୍ତା



**ପ୍ରିୟ ଭାଇ ଓ ଭଉଣୀମାନେ,**

ଆଜିର ଏହି ମହାନ୍ ଐତିହାସିକ ଦିବସ ପାଳନ ଅବସରରେ ମୁଁ ଆପଣମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ପ୍ରାଦେଶିକ ସ୍ୱତନ୍ତ୍ରତା ପାଇଁ ଓଡ଼ିଆଭାଷୀ ଜନସାଧାରଣଙ୍କର ବହୁ ଦିନର ଆଶା ଓ ଆକାଂକ୍ଷା ଏହି ଦିନ ହିଁ ସାକାର ହୋଇଥିଲା । ଅନେକ ସାହସୀ ପୁରୁଷ ଓ ମହିଳାଙ୍କର ଦୀର୍ଘ ଓ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଲା ।

ଏହି ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଯେଉଁମାନେ ସର୍ବସ୍ୱ ତ୍ୟାଗ କରିଥିଲେ, ଆପଣମାନଙ୍କ ସହ ସେମାନଙ୍କ ପ୍ରତି ମୁଁ ଆଜି ଗଭୀର ଓ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଓଡ଼ିଶାର ମହାନ୍ ସନ୍ତାନମାନଙ୍କର ଆଦର୍ଶବୋଧ, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗରେ ଆମକୁ ଅନୁପ୍ରାଣିତ ହେବାକୁ ପଡ଼ିବ ।

ଆଧୁନିକ ବିଶ୍ୱରେ ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ସମାଜର ପ୍ରଗତି ଓ ସ୍ଥାୟୀ ସମୃଦ୍ଧିର ମାନ ନିର୍ଦ୍ଧାରଣ କରେ । ସାହସିକତା ଓ ଉତ୍କୃଷ୍ଟ ଦକ୍ଷତାର ଏକ ଗୌରବମୟ ପରମ୍ପରା ଓଡ଼ିଶାର ରହିଛି, ଯାହାକି ଅଦ୍ୟାବଧି ଆମର ବିବିଧ କଳା ଓ କାରିଗରୀରେ ସୁସ୍ପଷ୍ଟ । ବୈଜ୍ଞାନିକ ସଫଳତା ଓ ବୈଷୟିକ ଦକ୍ଷତାରେ ଆତ୍ମନିର୍ଭରଶୀଳ ହୋଇଥିବା ସାଂପ୍ରତିକ ବିଶ୍ୱକୁ ଏହି ମହାନ୍ ପରମ୍ପରାରେ ଅଭିମନ୍ତ୍ରିତ କରିବାକୁ ପଡ଼ିବ । ଆମେ ବର୍ତ୍ତମାନ ଏକବିଂଶ ଶତାବ୍ଦୀର ଦ୍ୱାର ଦେଶରେ । ଆସନ୍ତୁ; ଆମର ଯୁବମାନସକୁ ବୈଜ୍ଞାନିକ ଭାବଧାରାରେ ଉଦ୍‌ବୁଦ୍ଧ କରିବା ଏବଂ ପାରମ୍ପରିକ ଉଚ୍ଚ ମୂଲ୍ୟବୋଧରେ ଗର୍ବିତ ତଥା ଆଧୁନିକ ସାମର୍ଥ୍ୟରେ ସ୍ୱୟଂସମ୍ପୃଦ୍ଧ ଏକ ସମାଜ ଗଠନ କରିବା, ଯାହାକି ଆଗାମୀ ବିଶ୍ୱର ଆହ୍ୱାନକୁ ମୁକାବିଲା କରିପାରିବ ।

ଏହି ପବିତ୍ର ଅବସରରେ ଦୃଢ଼ ସଂକଳ୍ପ ଓ ନିଷ୍ଠାର ସହ ଐକ୍ୟବଦ୍ଧଭାବେ ରାଜ୍ୟର ଉନ୍ନତି ଓ ସମୃଦ୍ଧି ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

**ଜୟହିନ୍ଦ୍**

## ଉତ୍କଳ ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବାର୍ତ୍ତା



ପବିତ୍ର ଓଡ଼ିଶା ଦିବସ ପାଳନର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଉତ୍କଳ ଦିବସ ପ୍ରତ୍ୟେକ ଓଡ଼ିଆ ପାଇଁ ଏକ ଗର୍ବ ଓ ଗୌରବର ଦିବସ । ଓଡ଼ିଆ ଜାତିର ଇତିହାସ ହେଉଛି ହଜାର ହଜାର ବର୍ଷର ଇତିହାସ । କଳା, ନୃତ୍ୟ, ଭାସ୍କର୍ଯ୍ୟ ଆଦି ସବୁ କ୍ଷେତ୍ରରେ ଓଡ଼ିଆ ଜାତି ଦିନେ ଉତ୍କର୍ଷର ଚରମ ସୀମାରେ ପହଞ୍ଚିଥିଲା । ସାମୁଦ୍ରିକ ବାଣିଜ୍ୟ ମାଧ୍ୟମରେ ଓଡ଼ିଆ ସାଧବ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହିତ ସମ୍ପର୍କ ସ୍ଥାପନ କରି ଓଡ଼ିଶାର ସଭ୍ୟତା ଓ ସଂସ୍କୃତିକୁ ଭାରତ ବାହାରେ ପରିଚିତ କରାଇଥିଲେ ।

ଖ୍ରୀଷ୍ଟ ଜନ୍ମ ହେବାର ୨୦୦ ବର୍ଷ ପୂର୍ବରୁ ଖାରବେଳ ଭାରତବର୍ଷରେ ଯେଉଁ ବିଶାଳ ସାମ୍ରାଜ୍ୟ ସ୍ଥାପନ କରିଥିଲେ, ତା'ର ପଟାନ୍ତର ଇତିହାସରେ ବିରଳ । ସେହିପରି କପିଳେନ୍ଦ୍ରଦେବଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ଇତିହାସର ଏହି ସ୍ୱର୍ଣ୍ଣିମ ଅଧ୍ୟାୟ ପ୍ରତ୍ୟେକ ଓଡ଼ିଆ ପାଇଁ ଗର୍ବ ଓ ଗୌରବର ବିଷୟ ।


କାଳର କୁଟିଳ ଗତିରେ ଓଡ଼ିଆ ଜାତି ଦୀର୍ଘ ୩୦୦ ବର୍ଷ ଧରି ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନାଧୀନ ରହି ତା'ର ସ୍ୱାତନ୍ତ୍ର୍ୟ ହରାଇ ବସିଥିଲା । ଇତିହାସର ଏହି ଘୋର ଅନ୍ଧକାରମୟ ଦିନରେ ଯେଉଁମାନେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରାଇ ରଖିଥିଲେ ଓ ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଜୀବନ୍ତ କରି ରଖିଥିଲେ, ସେମାନେ ଏ ଜାତିର ନମସ୍ୟ । ଯେଉଁମାନଙ୍କର ତ୍ୟାଗପୂତ ଓ ନିଷ୍ଠାପର ଉଦ୍ୟମ ବଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହେଉଛି, ସେମାନେ ମଧ୍ୟ ଆମମାନଙ୍କର ପ୍ରଣମ୍ୟ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା ପରେ ୧୯୪୮ ମସିହାରେ ଗଡ଼ଜାତ ଅଞ୍ଚଳ ସମ୍ମିଶ୍ରଣ ଦ୍ୱାରା ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠିତ ହୋଇଛି । ସ୍ୱାଧୀନୋତ୍ତର ଓଡ଼ିଶାରେ ଯେଉଁମାନେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିଛନ୍ତି, ସେମାନେ ମଧ୍ୟ ଆଜି ଆମର ସ୍ମରଣୀୟ ।

ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ, ବିଶାଳ ବେଳାଭୂମି, ପ୍ରଚୁର ଅରଣ୍ୟ ସମ୍ପଦ ଏବଂ ଶାନ୍ତିପ୍ରିୟ, ଦକ୍ଷ, ବୁଦ୍ଧିମାନ ଲୋକଶକ୍ତି ରହିଥିଲେ ମଧ୍ୟ ଆଜି ଓଡ଼ିଶା ଭାରତବର୍ଷର ଏକ ପଛୁଆ ରାଜ୍ୟ ରୂପେ ବିବେଚିତ । ଓଡ଼ିଶାରୁ ଦାରିଦ୍ର୍ୟର କଳଙ୍କ ପୋଛି ଦେବା ପାଇଁ ରାଜ୍ୟ ସରକାର ବିପୁଳ ଉଦ୍ୟମ ଆରମ୍ଭ କରିଛନ୍ତି । ଶିଳ୍ପ, କୃଷି, ବାଣିଜ୍ୟ, ପର୍ଯ୍ୟଟନ ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସାଧନ କରି ରାଜ୍ୟକୁ ସାରା ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ସଂକଳ୍ପ ଜନସାଧାରଣଙ୍କ ସହଯୋଗ କ୍ରମେ ନିଶ୍ଚିତରୂପେ ସଫଳ ହେବ ।

**ବନ୍ଦେ ଉତ୍କଳ ଜନନୀ**

## ଉତ୍କଳ ଦିବସ ଉପଲକ୍ଷେ
## ସୂଚନା ଓ ଲୋକସମ୍ପର୍କ ରାଷ୍ଟ୍ରମନ୍ତ୍ରୀ
## ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ



# ବାର୍ତ୍ତା

ପବିତ୍ର ଉତ୍କଳ ଦିବସ ଅବସରରେ ଓଡ଼ିଶାର ଭାଇ ଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି । ଆଜିକୁ ୬୨ ବର୍ଷ ତଳେ ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଆତ୍ମପ୍ରକାଶ କଲା । ଯେଉଁ ପ୍ରାତଃ ସ୍ମରଣୀୟ ସଂଗ୍ରାମୀମାନଙ୍କର ତ୍ୟାଗ, ନିଷ୍ଠା ଓ ଦୃଢ଼ ସଂକଳ୍ପ ଯୋଗୁଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇପାରିଛି, ସେହି ମନିଷୀମାନଙ୍କ ଉଦ୍ଦେଶ୍ୟରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି । ସେମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର ମେହେର ଓ ହରେକୃଷ୍ଣ ମହତାବ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଅପୂର୍ବ କଳା ଓ ଭାସ୍କର୍ଯ୍ୟରେ ସୁଶୋଭିତ ଉତ୍ତୁଙ୍ଗ ମନ୍ଦିରମାଳା, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ, ନଦନଦୀ ଓ ପ୍ରାକୃତିକ ସଂପଦରେ ଭରପୂର ଓଡ଼ିଶା ଭାରତ ଇତିହାସରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏହି ଉତ୍କଳ- ଭୂମିରୁ ଅହିଂସା, ଶାନ୍ତି, ବିଶ୍ୱପ୍ରେମ ଓ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ପ୍ରଚାରିତ ହୋଇଅଛି । ଉତ୍କଳର ଅତୀତ ଗୌରବ ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଆମେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ନିମନ୍ତେ ଆଜିର ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ହେବା ।

**ବନ୍ଦେ ଉତ୍କଳ ଜନନୀ**

# ଓଡ଼ିଶା ବିଧାନସଭାରେ ରାଜ୍ୟପାଳ ଶ୍ରୀ କେ.ଭି. ରଘୁନାଥ ରେଡ୍ଡୀଙ୍କ ଅଭିଭାଷଣ

**ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,**

ମୁଁ ଆପଣମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆପଣମାନଙ୍କ ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।

୨ । ବାରିପଦାଠାରେ ନିଗମାନନ୍ଦଙ୍କର ଶହ ଶହ ଭକ୍ତ, ନୋବେଲ ପୁରସ୍କାର ବିଜୟିନୀ ମଦର ଟେରେସା, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ, ଚଳିତ ବିଧାନ ସଭାର ସଦସ୍ୟ ଘାସିରାମ ମାଝି ଓ ପ୍ରଦୀପ୍ତ ଗଙ୍ଗଦେବ ଏବଂ ପୂର୍ବତନ ସଦସ୍ୟ ଘନଶ୍ୟାମ ବେହେରା, କିରଣଲେଖା ମହାନ୍ତି, ନୀଳାମ୍ବର ରାୟଗୁରୁ ଓ ଖ୍ରୀଷ୍ଟୋଦାସ ଲୁଗୁନଙ୍କର ଦୁଃଖଦ ବିୟୋଗରେ ଏ ଗୃହ ଗଭୀର ଶୋକ ପ୍ରକାଶ କରି ସାରିଛି । ଇତି ମଧ୍ୟରେ ଚଳିତ ବିଧାନ ସଭାର ସଦସ୍ୟ ପ୍ରସନ୍ନ କୁମାର ପଣ୍ଡା, ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦା, ପୂର୍ବତନ ମନ୍ତ୍ରୀ ରାଧାନାଥ ରଥ, ପୂର୍ବତନ ସଦସ୍ୟ ଲୋକନାଥ ମିଶ୍ର, ବିଷ୍ଣୁପ୍ରସାଦ ମିଶ୍ର ଓ ତ୍ରିଲୋଚନ ଜାନି ଇହଲୀଳା ସମ୍ବରଣ କରିଛନ୍ତି । ଏହି ଗୃହ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ତଥା ଦେଶ ପାଇଁ ସେମାନଙ୍କର ଦିଗଦର୍ଶୀ ସେବାକୁ ଲିପିବଦ୍ଧ କରି କୃତଜ୍ଞତା ଜଣାଉଛି । ଏହି ଗୃହ ମଧ୍ୟ ସେମାନଙ୍କ ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି । ଓଡ଼ିଶାର ବିଶିଷ୍ଟ ସମାଜସେବୀ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ବିୟୋଗରେ ମଧ୍ୟ ଗୃହ ଗଭୀର ଶୋକ ପ୍ରକାଶ କରୁଛି ।

୩ । ମୋର ସରକାର ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ଜନସାଧାରଣଙ୍କ ହିତସାଧନ ତଥା କଲ୍ୟାଣ ନିମନ୍ତେ ସାମଗ୍ରିକ ଭାବେ ଏବଂ ବିଶେଷ କରି ଗରିବ ତଥା ଅବହେଳିତମାନଙ୍କ ଉନ୍ନତି ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ମାନ୍ୟବର ସଦସ୍ୟମାନେ ନିଃସନ୍ଦେହରେ ଅବଗତ ଅଛନ୍ତି ଯେ ଆଭ୍ୟନ୍ତରୀଣ ସୂତ୍ରରୁ ସର୍ବାଧିକ ସମ୍ବଳ ସଂଗ୍ରହ ପାଇଁ ପ୍ରଗାଢ଼ ପ୍ରଚେଷ୍ଟା ସତ୍ତ୍ୱେ ରାଜ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ପାଣ୍ଠି ମିଳିପାରୁ ନାହିଁ । ଏହି ଗୃହ ଦ୍ୱାରା ଗୃହୀତ ପ୍ରସ୍ତାବ ଅନୁଯାୟୀ, ମୋ ସରକାର ଏ ରାଜ୍ୟକୁ ଏକ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ରୂପେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି, କିନ୍ତୁ ଭାରତ ସରକାରଙ୍କ ନିଷ୍ପତ୍ତି ଜାଣିବା ପାଇଁ କିଛି ଦିନ ସମୟ ଲାଗିବ । ରାଜ୍ୟ ସମ୍ବଳର ଉନ୍ନତି ନିମନ୍ତେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଅଣଉତ୍ପାଦନକ୍ଷମ ଓ ଗୌଣ ଅଧିକାର ଦିଆଯାଉଥିବା ସରକାରୀ ବ୍ୟୟରେ ଫଳପ୍ରଦ ମିତବ୍ୟୟିତା ଅବଲମ୍ବନ କରିବା ଅତ୍ୟନ୍ତ ଆବଶ୍ୟକ । ତାହା ସହିତ ରାଜ୍ୟର ଆବଶ୍ୟକତା ଓ ଯୋଜନାର ଅଭିମୁଖ୍ୟକୁ ବିଚାରକୁ ନେଇ ଏକ ସୁସଙ୍ଗତ ଅଗ୍ରାଧିକାରଭିତ୍ତିକ ପରିଯୋଜନା ନିର୍ଣ୍ଣୟ କରି ସମ୍ବଳର ସୁ ଅବଣ୍ଟନର ଆବଶ୍ୟକତା ରହିଅଛି । ଏହାଦ୍ୱାରା କେତେକ ଅଗ୍ରାଧିକାର କ୍ଷେତ୍ରାଧୀନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ରୂପାୟନ ପାଇଁ ସର୍ବନିମ୍ନ ଆବଶ୍ୟକୀୟ ସମ୍ବଳର ସଙ୍କଟ ଅନୁଭୂତ ହୋଇପାରେ । ଯୋଜନା ଆୟୋଗଙ୍କ ସହିତ ଆଲୋଚନା ପ୍ରତ୍ୟାଶା କରି ଆସନ୍ତା ବର୍ଷ ପାଇଁ ଯୋଜନା ଅଟକଳ ଆପାତତଃ ୨୪୨୪.୪୩ କୋଟି ଟଙ୍କା ସ୍ଥିର କରାଯାଇଅଛି । ସରକାରୀ ସମ୍ବଳ ପର୍ଯ୍ୟାପ୍ତ ହେଉନଥିବା ଦୃଷ୍ଟିରୁ, ରାଜ୍ୟର ଦ୍ରୁତ ବିକାଶ ନିମନ୍ତେ ବେସରକାରୀ ଅର୍ଥ ବିନିଯୋଗକୁ ଉତ୍ସାହିତ କରିବା ତଥା ବୈଦେଶିକ ସହାୟତା ଲୋଡ଼ିବା ଆମ ପାଇଁ ଅପରିହାର୍ଯ୍ୟ ହୋଇଅଛି । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ୧୯୯୬ ମସିହାରେ ଶିଳ୍ପନୀତିର ସଂଶୋଧନ କରାଯାଇଥିଲା ଏବଂ ମାନ୍ୟବର ସଦସ୍ୟବୃନ୍ଦ ଅବଗତ ଥିବେ ଯେ ଏହାର ଫଳାଫଳ ଅତ୍ୟନ୍ତ ସନ୍ତୋଷଜନକ ହୋଇପାରିଛି । ଓଡ଼ିଶା ବିଗତ ୨ ବର୍ଷ ମଧ୍ୟରେ ବେସରକାରୀ ଅର୍ଥ ବିନିଯୋଗ କ୍ଷେତ୍ରରେ ଅନ୍ୟତମ ପ୍ରଧାନ ଲକ୍ଷ୍ୟ ସ୍ଥଳ ରୂପେ ଦେଶରେ ପ୍ରତିଭାତ ହୋଇଛି । ମୋ ସରକାର ୧୯୯୮ ଜାନୁୟାରୀ ମାସରେ ପୁଞ୍ଜି ଲଗାଣକାରୀ ବଡ଼ ବଡ଼ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରାଇବାର ଉଦ୍ୟମ କରିଥିଲେ ଏବଂ ଏଥିରେ ରାଜ୍ୟର ବିକାଶ ପାଇଁ ନିର୍ଣ୍ଣାୟକ ହେଉଥିବା ସଂଖ୍ୟାଧିକ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା । ଆଶା କରାଯାଏ ଏହାର ଫଳାଫଳ ନିଶ୍ଚୟ ସନ୍ତୋଷଜନକ ହେବ ।

୪ । ରାଜ୍ୟର ଅର୍ଥନୀତିରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ପ୍ରଦାନ କରି ମୋ ସରକାର ଏକ ସାମୂହିକ ରାଜ୍ୟ କୃଷିନୀତି ପ୍ରଣୟନ କରିବାରେ ଅଗ୍ରଗାମୀ ପଦକ୍ଷେପ ନେଇଛନ୍ତି, ଯାହାକି ୧୯୯୬-୯୭ ମସିହାରେ କାର୍ଯ୍ୟକାରୀ କରାଯାଇଅଛି । ଭବିଷ୍ୟତ ପାଇଁ ସବିଶେଷ କାର୍ଯ୍ୟସୂଚୀ ନିହିତ ଏହି କୃଷିନୀତି କାର୍ଯ୍ୟକାରୀ ହେବା ଦ୍ୱାରା ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି । ବାସ୍ତବିକ୍ ଏହା ଉଲ୍ଲେଖଯୋଗ୍ୟ ଯେ ପ୍ରମାଣିକୃତ ବିହନର ଉତ୍ପାଦନ ୪ ଗୁଣରୁ ଅଧିକ ବୃଦ୍ଧି ପାଉଛି, ଅର୍ଥାତ୍ ୧୯୯୫-୯୬ ରେ ଏହାର ପରିମାଣ ୬୦,୦୦୦ କୁଇଣ୍ଟାଲ ଥିବା

ସ୍ଥଳେ ୧୯୯୭-୯୮ ରେ ଏହା ୨,୫୦,୦୦୦ କୁଇଣ୍ଟାଲକୁ ବୃଦ୍ଧି ପାଇଛି । ଏହା ଅତୀବ ସନ୍ତୋଷଜନକ ବିଷୟ ଯେ ପ୍ରମାଣିକୃତ ଧାନ ବିହନ କ୍ଷେତ୍ରରେ ରାଜ୍ୟ ଆତ୍ମନିର୍ଭରଶୀଳ ହୋଇ ପାରିଛି ଏବଂ ଏହାଦ୍ୱାରା ବିହନ ପ୍ରତିବଦଳ ହାର ୧୯୯୫-୯୬ ରେ ମାତ୍ର ଶତକଡ଼ା ୨ ଥିବା ସ୍ଥଳେ ୧୯୯୭-୯୮ ରେ ଶତକଡ଼ା ୭ କୁ ବୃଦ୍ଧି ପାଇଛି । ୧୯୯୮-୯୯ ରେ ବିହନ ପ୍ରତିବଦଳ ହାର ଶତକଡ଼ା ୧୦ କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସାର ବ୍ୟବହାର କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ସାଧିତ ହୋଇଛି । ୧୯୯୫-୯୬ରେ ହେକ୍ଟର ପିଛା ସାର ବ୍ୟବହାର ୨୬ କି.ଗ୍ରା. ଥିବା ସ୍ଥଳେ ୧୯୯୭ ଖରିଫଋତୁରେ ଏହା ୩୩ କି.ଗ୍ରା.କୁ ବୃଦ୍ଧି ପାଇଛି । ୧୯୯୮-୯୯ ରେ ସାର ବ୍ୟବହାର ପରିମାଣ ହେକ୍ଟର ପିଛା ୫୦ କି.ଗ୍ରା.କୁ ବୃଦ୍ଧି କରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ଏଥି ସହିତ ଗୋବର ଖତ, ଜୈବିକ ସାର ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯିବ ।

୫। କୃଷିନୀତିରେ ଉଲ୍ଲିଖିତ ନୀତି ଓ କାର୍ଯ୍ୟକ୍ରମ ସହିତ ସାମଞ୍ଜସ୍ୟ ରଖି ଫଳ ଚାଷ ଓ ପନିପରିବା ଚାଷ ଉପରେ ଯଥୋଚିତ ଗୁରୁତ୍ୱ ଦିଆଯାଇଛି । ୧୯୯୭-୯୮ ବର୍ଷରେ ୩୫,୩୫୭ ହେକ୍ଟର ଜମିରେ ଫଳ ଚାଷ କରାଯାଉଥିବା ସ୍ଥଳେ ୧୯୯୮-୯୯ରେ ଏହାକୁ ୫୦,୦୦୦ ହେକ୍ଟରକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି । ଅତ୍ୟନ୍ତ ଉତ୍ସାହର ସହିତ ନଦୀ ପଠାରେ ଆଳୁ ଚାଷ ଆରମ୍ଭ କରାଯାଇଛି ଏବଂ ୧୯୯୭-୯୮ ରେ ୧୦୨ ହେକ୍ଟର ପଠାରେ ଏହି ଚାଷ କରାଯାଇ ପାରିଛି ।

୬। କୃଷି ଉପରେ ନିର୍ଭରଶୀଳ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଜାତୀୟ ଜଳ ଅବବାହିକା ଉନ୍ନୟନ ପ୍ରକଳ୍ପ, ସମନ୍ୱିତ ପତିତ ଜମି-ଉନ୍ନୟନ ପ୍ରକଳ୍ପ ଓ ନଦୀ ଅବବାହିକା ପ୍ରକଳ୍ପ ଆଦି କାର୍ଯ୍ୟକ୍ରମ ଅନ୍ତର୍ଗତ ସହାୟତାରେ ଜଳ ଅବବାହିକାଭିତ୍ତିକ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଫୁଲବାଣୀ, ଗଞ୍ଜାମ, ମାଲକାନଗିରି ଏବଂ କୋରାପୁଟ ଭଳି ପଛୁଆ ଜିଲ୍ଲାମାନଙ୍କରେ ଜଳ ଅବବାହିକା ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ବୈଦେଶିକ ଆର୍ଥିକ ସହାୟତାର ମଧ୍ୟ ଉପଯୋଗ କରାଯାଇଛି । ୧୯୯୭-୯୮ ବର୍ଷ ମଧ୍ୟରେ ୬୯,୯୨୫ ହେକ୍ଟର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଏ । ୧୯୯୮-୯୯ ବର୍ଷରେ ଏହାକୁ ୭୫,୦୦୦ ହେକ୍ଟରକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି । କୃଷି କ୍ଷେତ୍ରରେ ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କୁ ବିଭିନ୍ନ କୃଷିଭିତ୍ତିକ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଉପଦେଶ ଦେବା ପାଇଁ କୃଷି, ଫଳଚାଷ, ପଶୁ ସମ୍ପଦ ଉନ୍ନୟନ ଏବଂ ସ୍ଥାନୀୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ନେଇ ବିବିଧ ବିଷୟ ସମ୍ବନ୍ଧିତ ବିଶେଷଜ୍ଞ ଦଳମାନ ଗଠନ କରାଯାଇଛି । ସରକାରଙ୍କ ଦ୍ୱାରା ଶତକଡ଼ା ୫୦ ଭାଗ ରିହାତି ସୂତ୍ରରେ ଜଳସେଚନ ପାଇଁ ନଳକୂପ ଖନନ କାର୍ଯ୍ୟକ୍ରମ ଉତ୍ସାହଜନକ ଭାବେ ଆଦୃତ ହୋଇପାରିଛି ଏବଂ ଅଦ୍ୟାବଧି ୫,୦୦୦ ନଳକୂପ ବସାଯାଇ ସାରିଛି । ଏହି କାର୍ଯ୍ୟକ୍ରମ ୧୯୯୮-୯୯ ମସିହାରେ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଶା କରାଯାଏ ।

୭। ମୋ ସରକାର ପଶୁ ପାଳନ, କୁକୁଡ଼ା ଚାଷ ଓ ମତ୍ସ୍ୟ ଚାଷର ବିକାଶ ପାଇଁ ଉଦ୍ୟମ କରି ଆସୁଛନ୍ତି ଏବଂ ରାଜ୍ୟରେ ଏଥିପାଇଁ ବିପୁଳ ସମ୍ଭାବନା ରହିଛି । ଏହି ସମ୍ପଦର ଗୁଣାତ୍ମକ ଉନ୍ନତି ସାଧନ ଓ ନିମ୍ନ ସ୍ତରରେ ସହାୟତା ପ୍ରଦାନ ମାଧ୍ୟମରେ ଦୁଗ୍ଧ, ମତ୍ସ୍ୟ ଓ କୁକୁଡ଼ାର ଅଧିକ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବ ।

୮। ୧୯୯୭-୯୮ ବର୍ଷରେ ଋଣ ସମବାୟ ସମିତିଗୁଡ଼ିକ କୃଷକ-ସଭ୍ୟମାନଙ୍କୁ ଋଣ ଯୋଗାଇ ଦେବା ଦ୍ୱାରା ସ୍ୱଳ୍ପ ମିଆଦୀ କୃଷି ଋଣ ପରିମାଣ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ପୂର୍ବ ବର୍ଷ ୧୬୩-୫୩ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୮ ଫେବୃଆରୀ ୧୫ ତାରିଖ ସୁଦ୍ଧା ୧୭୬.୯୧ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ କୃଷି ଋଣର ମୋଟ ପରିମାଣ ୧୯୦ କୋଟି ଟଙ୍କା ହେବ ବୋଲି ଆଶା କରାଯାଏ । ବହୁ ସଂଖ୍ୟକ କୃଷକଙ୍କୁ ସମବାୟର ପରିସରଭୁକ୍ତ କରିବା ଉଦ୍ଦେଶ୍ୟରେ ଋଣ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଓ ସେମାନଙ୍କର ସଭ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି ।

୯। ରାଜ୍ୟର ୫ ଟି ଜିଲ୍ଲାରେ ୧୯୯୭-୯୮ ରବି ଋତୁଠାରୁ ପରୀକ୍ଷାମୂଳକ ଭାବରେ ଶସ୍ୟ ବୀମା ପରିକଳ୍ପନା କାର୍ଯ୍ୟକାରୀ କରାଯାଇଛି । ଏହି ପରିକଳ୍ପନା ଦ୍ୱାରା ପ୍ରଚଳିତ ବ୍ୟାପକ ଶସ୍ୟ ବୀମା ପରିକଳ୍ପନାର ଅନ୍ତର୍ଭୁକ୍ତ ହୋଇଥିବା ଋଣ ଗ୍ରହୀତା କୃଷକମାନଙ୍କ ସମେତ ଋଣ ଗ୍ରହୀତା ହୋଇନଥିବା କ୍ଷୁଦ୍ର ଓ ଅତି କ୍ଷୁଦ୍ର ଚାଷୀମାନେ ଉପକୃତ ହେବେ । ସାର ଯୋଗାଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୧୯୯୭-୯୮ ମସିହାରେ ବ୍ଲକସ୍ତରୀୟ ସାର ଗୋଦାମ ଘର ଖୋଲାଯାଇଛି । ଏହା ଦ୍ୱାରା ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ପ୍ରାଥମିକ ସମବାୟ ସମିତିଗୁଡ଼ିକ ପାଇଁ ସାର ଉଠାଣ ଓ ବିକ୍ରୟ ସୁବିଧାଜନକ ହେବ ।

୧୦। ମୋ ସରକାର ଶତକଡ଼ା ୫୦ ଭାଗ ଚାଷ ଉପଯୋଗୀ ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ବିଶ୍ୱ ବ୍ୟାଙ୍କ, ଜାପାନର ଓଇସିଏଫ ଆଦି ଆର୍ଥିକ ସହଯୋଗ ପାଣ୍ଠି ଓ ନାବାର୍ଡ଼ର ଆର୍ଥିକ ସହାୟତା ଆଣି ଅସମାପ୍ତ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ମୋ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ସମାନ ଅଂଶ ଭିତ୍ତିକ ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ତ୍ୱରାନ୍ୱିତ ଜଳସେଚନ ଉପକୃତ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲୁ ରହିଥିବା କେତେକ ବୃହତ ଜଳସେଚନ ପ୍ରକଳ୍ପରେ ଅତିରିକ୍ତ ଜଳସେଚନ ସମ୍ଭାବନା ସୃଷ୍ଟି କରାଯାଇଅଛି । ବିଶ୍ୱ ବ୍ୟାଙ୍କ ସହାୟତାରେ ୨.୬୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ଆୟକଟକୁ ସୁଦୃଢ଼ କରିବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଜର୍ମାନୀର କେ.ଏଫ. ଡବ୍ଲ୍ୟୁ ସଂସ୍ଥାର ଆର୍ଥିକ ସହାୟତାରେ ଛୋଟ

ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି । ୧୯୯୬-୯୭ ବର୍ଷରେ ପ୍ରାୟ ୫୯,୦୦୦ ହେକ୍ଟର ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ସମ୍ଭବ ହୋଇ ପାରିଛି । ଚଳିତ ୧୯୯୭-୯୮ ବର୍ଷରେ ପ୍ରାୟ ୧,୧୩,୦୦୦ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୧୧ । ଶକ୍ତି ସରବରାହ ଓ ବଣ୍ଟନ କାର୍ଯ୍ୟରୁ ଶକ୍ତି ଉତ୍ପାଦନ କାର୍ଯ୍ୟକୁ ପୃଥକ କରି ଓଡ଼ିଶା ଶକ୍ତି କ୍ଷେତ୍ରରେ ପୁନର୍ଗଠନ ପ୍ରକ୍ରିୟାକୁ ଆଗେଇ ନେଇଛି । ସରକାରୀ ଉଦ୍ୟୋଗରେ ପରିଚାଳିତ ଶକ୍ତି ଉତ୍ପାଦନ ବର୍ତ୍ତମାନ ଦୁଇଟି ନିଗମ ଯଥା : ତାପଜ ବିଦ୍ୟୁତ୍ ପାଇଁ ଓ.ପି.ଜି.ସି. ଏବଂ ଜଳ ବିଦ୍ୟୁତ୍ ପାଇଁ ଏ.ଏଚ.ପି.ସି. ଉପରେ ନ୍ୟସ୍ତ କରାଯାଇଥିବା ବେଳେ ବିଦ୍ୟୁତ ସରବରାହ ଓ ବଣ୍ଟନ କାର୍ଯ୍ୟ ଓଡ଼ିଶା ଗ୍ରୀଡ୍ କର୍ପୋରେସନ ଉପରେ ନ୍ୟସ୍ତ କରାଯାଇଛି । ଉପଭୋକ୍ତାମାନଙ୍କ ସ୍ୱାର୍ଥକୁ ଉପେକ୍ଷା ନକରି ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କାର୍ଯ୍ୟକୁ କ୍ରମଶଃ ଘରୋଇକରଣ କରିବାକୁ ମଧ୍ୟ ପ୍ରସ୍ତାବ ରଖାଯାଇଛି । ରାଜ୍ୟ ଉପଭୋକ୍ତା ଏବଂ ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବଣ୍ଟନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସଂସ୍ଥାମାନଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିମନ୍ତେ ଏକ ସ୍ୱାଧୀନ ନିୟନ୍ତ୍ରଣକାରୀ ଆୟୋଗ'' ଗଠନ କରାଯାଇଅଛି । ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବା ସମେତ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଅର୍ଥ ବ୍ୟବସ୍ଥା କରି ରାଜ୍ୟର ଶକ୍ତି କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜି ବିନିଯୋଗ କରିବା ପାଇଁ ପ୍ରସ୍ତାବ ରହିଅଛି । ନବମ ପଞ୍ଚ ବାର୍ଷିକ ଯୋଜନା କାଳରେ ବିଦ୍ୟୁତ ସରବରାହ ଓ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଶ୍ୱ ବ୍ୟାଙ୍କ ଏବଂ ଡି.ଏଫ୍.ଆଇ.ଡି. ଯଥାକ୍ରମେ ୧,୨୨୫ କୋଟି ଓ ୪୨୦ କୋଟି ଟଙ୍କା ଋଣ ଓ ସହାୟତା ପ୍ରଦାନ ପାଇଁ ମଞ୍ଜୁରୀ ଦେଇଛନ୍ତି । ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ତ୍ୱରାନ୍ୱିତ କରିବା ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ତୃତୀୟ ଓ ଚତୁର୍ଥ ୟୁନିଟକୁ ନିର୍ମାଣ କରିବା କାର୍ଯ୍ୟକୁ ମୋ ସରକାର ଅଗ୍ରାଧିକାର ଦେବେ । ଇବ ଉପତ୍ୟକା ଅଞ୍ଚଳରେ ଦୁଇଟି ଓ ଦୁବୁରୀଠାରେ ଗୋଟିଏ, ଏହିପରି ୩ ଟି ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଅଛି । ଏହି ସମସ୍ତ ଉଦ୍ୟମ ଦ୍ୱାରା ବର୍ତ୍ତମାନ ଶକ୍ତି କ୍ଷେତ୍ରରେ ବଳକା ରାଜ୍ୟ ଓଡ଼ିଶା ଭବିଷ୍ୟତରେ ବଳକା ହୋଇ ରହିବା ସହିତ ଦ୍ରୁତ ଅର୍ଥନୈତିକ ଉନ୍ନୟନର ପଥ ଉନ୍ମୁକ୍ତ କରିବ ।

୧୨ । ମୋ ସରକାର ରାଜ୍ୟରେ ତିଆରି ହେଉଥିବା ସେତୁଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ ରାସ୍ତାଘାଟର ଉନ୍ନତି ପାଇଁ ଯଥୋଚିତ ଧ୍ୟାନ ଦେଉଛନ୍ତି । ଏହି ସରକାର କ୍ଷମତାକୁ ଆସିବା ପରଠାରୁ ୧୯୯୮ ଜାନୁୟାରୀ ସୁଦ୍ଧା ୭୪ ଗୋଟି ସେତୁକୁ ସମ୍ପୂର୍ଣ୍ଣ କରି ଯାତାୟତ ପାଇଁ ଉନ୍ମୁକ୍ତ କରିଛନ୍ତି । ଏ.ଡି.ବି. ର ୨୧୭ କୋଟି ଟଙ୍କା ସହାୟତାରେ ସମ୍ବଲପୁର-ରାଉରକେଲା ରାସ୍ତାର ଦୃଢ଼ୀକରଣ ଓ ଓସାରିଆ କରିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ୫ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ଠାରୁ ଜଗତପୁର ପର୍ଯ୍ୟନ୍ତ ଚାରିଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ଓ ଏହା ୧୯୯୯ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଏ । ବାଲେଶ୍ୱର ଠାରୁ ଲକ୍ଷ୍ମଣନାଥ (ଓ.ଟି. ରୋଡ୍) ପର୍ଯ୍ୟନ୍ତ ରାସ୍ତାକୁ ୬୦ ନମ୍ବର ଜାତୀୟ ରାଜପଥ ନାମରେ ଘୋଷଣା କରାଯାଇଛି । ୪୩ ଗୋଟି ସେତୁ ଓ ୪ ଗୋଟି ରାସ୍ତାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନାବାର୍ଡ଼ ଅର୍ଥ ମଞ୍ଜୁର କରିଛନ୍ତି । ୭୦୦ କି.ମି. ରାଜ୍ୟ ରାଜପଥର ଉନ୍ନତି ନିମନ୍ତେ ବିଶ୍ୱ ବ୍ୟାଙ୍କ ଆନୁମାନିକ ୧,୧୦୦ କୋଟି ଟଙ୍କା ଯୋଗାଇ ଦେବା ପାଇଁ ସୂଚନା ଦେଇଛନ୍ତି ।

୧୩। ରାଜ୍ୟରେ ରେଳପଥର ଅଭିବୃଦ୍ଧି ପ୍ରକ୍ରିୟା ଚାଲୁ ରହିଛି । ଚଳିତ ବର୍ଷ ତାଳଚେର-ସମ୍ବଲପୁର ରେଳ ରାସ୍ତା ଖୁବ୍ ଶୀଘ୍ର ଗମନାଗମନ ଉପଯୋଗୀ ହୋଇପାରିବ । କୋରାପୁଟ-ରାୟଗଡ଼ା ରେଳ ଲାଇନରେ ଯାତ୍ରୀ ସରବରାହ ଶୀଘ୍ର କରାଯିବା ଆଶା କରାଯାଏ । କଟକ-ପାରାଦ୍ୱୀପ ଦୋହରା ରାସ୍ତା ଏବଂ ବାଂଶପାଣି-ଦୈତାରୀ ରେଳପଥର ନିର୍ମାଣ କାର୍ଯ୍ୟରେ ଉତ୍ତମ ଅଗ୍ରଗତି ଘଟିଛି । ମୋ ସରକାର ଖୋର୍ଦ୍ଧା-ବଲାଙ୍ଗୀର, ଲାଞ୍ଜିଗଡ଼-ଜୁନାଗଡ଼, ରୂପସା-ବଲାଙ୍ଗୀର, ନୂଆପଡ଼ା-ରାୟଗଡ଼ା, ହରିଦାସପୁର-ପାରାଦ୍ୱୀପ ଏବଂ ଅନୁଗୁଳ- ସୁକିନ୍ଦା ରେଳପଥ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଇଷ୍ଟକୋଷ୍ଟ ଜୋନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ସରକାରଙ୍କୁ ଦୃଢ଼ ଭାବରେ ପ୍ରବର୍ତ୍ତାଇବେ ।

୧୪ । ମୋର ସରକାର ପାରାଦ୍ୱୀପ ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତି ବିଧାନ ପାଇଁ ଯଥୋଚିତ ସହାୟତା ପ୍ରଦାନ ଅବ୍ୟାହତ ରଖିବା ସହିତ ବେସରକାରୀ ଉଦ୍ୟମରେ ଦୁଇଟି ନୂତନ ବନ୍ଦର ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି । ଗୋପାଳପୁର ବନ୍ଦରକୁ ଆନ୍ତର୍ଜାତିକ ମାନର ସବୁଦିନିଆ ବନ୍ଦରରେ ପରିଣତ କରିବା ପାଇଁ ଘରୋଇ ସଂସ୍ଥାମାନଙ୍କ ଠାରୁ ଟେଣ୍ଡର ମଗାଯାଇଛି ଏବଂ ଖୁବ୍ ଶୀଘ୍ର ନିର୍ମାଣକାରୀ ସଂସ୍ଥା ନିଯୁକ୍ତ କରାଯିବା ଆଶା କରାଯାଏ । ପୁନଶ୍ଚ ଘରୋଇ ଅର୍ଥ ବିନିଯୋଗରେ ଧାମରାଠାରେ ଆନ୍ତର୍ଜାତିକ ମାନର ଏକ ବନ୍ଦର ନିର୍ମାଣ କରାଯିବ ଏବଂ ଏ ସମ୍ପର୍କରେ ଏକ ଆନ୍ତର୍ଜାତିକ ସଂସ୍ଥା ସହିତ ଖୁବ୍ ଶୀଘ୍ର ଚୁକ୍ତି ସ୍ୱାକ୍ଷରିତ ହେବା ଆଶା କରାଯାଏ । ନିର୍ମାଣ-ମାଲିକାନା-କାର୍ଯ୍ୟକ୍ଷମ-ହସ୍ତାନ୍ତର (Built-Own-Operater- Transfer) ଭିତ୍ତିରେ ଏହି ଉଭୟ ବନ୍ଦରର ବିକାଶ ସାଧିତ ହେବ ଓ ରାଜ୍ୟର ଆର୍ଥିକ ବିକାଶ ସାମର୍ଥ୍ୟରେ ପ୍ରକୃତ ଅଭିବୃଦ୍ଧି ଘଟାଇବ ।

୧୫ । ଭୁବନେଶ୍ୱର ବିମାନ ବନ୍ଦରଠାରେ ଏକ ନୂତନ ଅତ୍ୟାଧୁନିକ ଟର୍ମିନାଲ ପ୍ରାସାଦ କାର୍ଯ୍ୟକ୍ଷମ କରାଯାଇଛି । ବଡ଼ ଧରଣର ବିମାନଗୁଡ଼ିକର ଅବତରଣ ପାଇଁ ରନୱେର ସଂପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି ।

୧୬ । ପୁନରୁଦ୍ଧାର ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ୧୦୦ ଗୋଟି ନୂତନ ବସ କ୍ରୟ ସହିତ ନିଜର ଥିବା ସମାନ ସଂଖ୍ୟକ ପୁରୁଣା ବସ୍‌କୁ ପୁନରୁଦ୍ଧାର କରିଛନ୍ତି । ଜାତୀୟକରଣ ରାସ୍ତାଗୁଡ଼ିକପାଇଁ ମିଳିତ ପରିବହନ ବ୍ୟବସ୍ଥା ଲାଗୁ କରାଯିବା ବିଚାରାଧୀନ ରହିଛି ।

୧୭ । ୧୯୯୬ ମସିହାରେ ଶିଳ୍ପନୀତିର ସଂଶୋଧନ ଏବଂ ରାଜ୍ୟ ସରକାରଙ୍କ କ୍ରମାଗତ ଉଦ୍ୟମ ଫଳରେ ବିଗତ ୨ ବର୍ଷ ମଧ୍ୟରେ ଓଡ଼ିଶା ଘରୋଇ ପୁଞ୍ଜି ବିନିଯୋଗର ଏକ ପ୍ରଧାନ ଲକ୍ଷ୍ୟ ସ୍ଥଳ ରୂପେ ପ୍ରତିଭାତ ହୋଇଛି । ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଏକନମି ସଂସ୍ଥା ତରଫରୁ ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ନିଶ୍ଚିତ ଜଣାପଡ଼ିଛି ଯେ, ଓଡ଼ିଶାରେ ସର୍ବମୋଟ ୧ ଲକ୍ଷ ୩୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବାର ପ୍ରସ୍ତାବ ରହିଛି । ଏ ଦୃଷ୍ଟିରୁ ପୁଞ୍ଜି ଆହରଣ କ୍ଷେତ୍ରରେ ଆମ ରାଜ୍ୟ ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ହୋଇପାରିଛି । ପୁଞ୍ଜି ବିନିଯୋଗ ନିମନ୍ତେ ମିଳିଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ଶକ୍ତି ପ୍ରକଳ୍ପ, ଇସ୍ପାତ, ଆଲୁମିନିୟମ ପ୍ରକଳ୍ପ, ତୈଳ ବିଶୋଧନାଗାର, ସାର ଉତ୍ପାଦନ ପ୍ରଭୃତି ଅନ୍ତର୍ଭୁକ୍ତ । ରାଜ୍ୟରେ ବିଶେଷ ଭାବରେ ଉପଯୋଗ ନହୋଇ ରହିଥିବା ବିପୁଳ ପରିମାଣର ଖଣିଜ ସମ୍ପଦ ଯଥା :- ଚୂନ ପଥର, ବକ୍ସାଇଟ୍, କୋଇଲା, କ୍ରୋମ ପଥର, ସୁନା, ହୀରା ଓ ମଣି ପଥରଗୁଡ଼ିକର ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ରାଜ୍ୟରେ ଗଚ୍ଛିତ ଥିବା ସୁନା, ହୀରା, ମାଣିକ ପଥରର ଧାରାବାହିକ ଆହରଣ ନିମନ୍ତେ ସରକାର ନୀତି ପ୍ରଣୟନ କରୁଛନ୍ତି ।

୧୮ । ଶିଳ୍ପ ଭିତ୍ତିଭୂମି ଉନ୍ନୟନ ଦିଗରେ ବିଶେଷ ଗୁରୁତ୍ୱାରୋପ କରାଯାଉଛି । ପାରାଦ୍ୱୀପଠାରେ ବିଦେଶୀ ସହାୟତାରେ ଆନ୍ତର୍ଜାତିକ ମାନର ଏକ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା କରାଯାଉଛି । ଭୁବନେଶ୍ୱରଠାରେ ଭାରତ ସରକାରଙ୍କ ସହାୟତାରେ ରପ୍ତାନୀ ଉନ୍ନୟନ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା ଦ୍ରୁତ ଗତିରେ ଆଗେଇ ଚାଲିଛି । ରାଜ୍ୟର ଛତ୍ରପୁର, ଦୁବୁରୀ, ଝାରସୁଗୁଡ଼ା ଏବଂ ଖୋର୍ଦ୍ଧାଠାରେ କେନ୍ଦ୍ର ସରକାରଙ୍କ ମଞ୍ଜୁରୀପ୍ରାପ୍ତ ଶିଳ୍ପ ଅଭିବୃଦ୍ଧି କେନ୍ଦ୍ରମାନ କାର୍ଯ୍ୟକାରୀ କରାଯାଉଛି । ଅନୁକୂଳ, ସ୍ରୋତାଭିମୁଖୀ ଆଲୁମିନିୟମ କାରଖାନା ପାଇଁ ଖୋର୍ଦ୍ଧାଠାରେ ଏକ ଆଲୁମିନିୟମ ଉଦ୍ୟାନ ପ୍ରତିଷ୍ଠା କରାଯାଇଛି । କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଓ କୁଟୀର ଶିଳ୍ପର ଉନ୍ନତି ନିମନ୍ତେ ସରକାର ଅବିରତ ଧ୍ୟାନ ଦେଇଛନ୍ତି । ଏହି ସବୁ କ୍ଷେତ୍ରରେ ବୈଷୟିକ ଉନ୍ନତି ଓ ଆଧୁନିକୀକରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଓଡ଼ିଶା ଏକ ପାରମ୍ପରିକ ହସ୍ତତନ୍ତ ବସ୍ତ୍ର ଉତ୍ପାଦନକାରୀ ରାଜ୍ୟ ହୋଇଥିବାରୁ ଏଠାରେ ସିଲକ ସୂତାର ଚାହିଦା ଯଥେଷ୍ଟ ରହିଅଛି, ଯାହାକି ରାଜ୍ୟ ଭିତରୁ ଯୋଗାଇବା ସମ୍ଭବ ହୋଇନାହିଁ । ତଦନୁଯାୟୀ ମୋ ସରକାର ଏଣ୍ଡିପୋକ ଚାଷ ଉପରେ ବିଶେଷ ଅଗ୍ରାଧିକାର ଦେଇଛନ୍ତି ଏବଂ ୧୬୮.୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ମଲବରୀ ସିଲକ ଓ ଟସର ସିଲକର ବାର୍ଷିକ ଉତ୍ପାଦନ ଯଥାକ୍ରମେ ୧୫୦ ମେଟ୍ରିକ ଟନ ଓ ୬୬ ମେଟ୍ରିକ ଟନ ହେବ ବୋଲି ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ ବୈଦେଶିକ ସହାୟତାରେ କାର୍ଯ୍ୟକାରୀ ହେବ । ସରକାରୀ ଉଦ୍ୟୋଗ ନିୟନ୍ତ୍ରଣାଧୀନ ରୁଗଣ ଶିଳ୍ପ ସଂସ୍ଥାଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

୧୯ । ଜାତୀୟ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ବିପଦ ସଙ୍କୁଳ ଓ ଅଣ-ବିପଦ ସଙ୍କୁଳ ବୃତ୍ତିରେ କାର୍ଯ୍ୟରତ ଶିଶୁ ଶ୍ରମିକମାନଙ୍କର ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି । ରାଜ୍ୟର ୧୬ ଟି ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅଧୀନରେ ଖୋଲାଯାଇଥିବା ୪୦୭ ଟି ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇ ୨୫,୦୦୦ ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଭର୍ତ୍ତି କରାଯାଇଛି ।

୨୦ । ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ଏକ ସଫଟ ୱେୟାର ସହରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଦେଇଛନ୍ତି । ରାଜ୍ୟ ପାଇଁ ଏକ ସୂଚନା ବୈଷୟିକ ନୀତି (ଇନଫରମେସନ୍ ଟେକନୋଲୋଜି) ପ୍ରଣୟନାଧୀନ ଅଛି । ଭୁବନେଶ୍ୱରଠାରେ ସଫଟୱେୟାର ବୈଷୟିକ ଉଦ୍ୟାନର କାର୍ଯ୍ୟ ଚାଲିଛି ଏବଂ ରପ୍ତାନୀ ଭିତ୍ତିକ ୧୯ ଟି ସଫଟୱେୟାର ୟୁନିଟକୁ ପଞ୍ଜିକୃତ କରାଯାଇଛି । ଘରୋଇ କ୍ଷେତ୍ରରେ ଅନ୍ୟ ୨୦ ଟି ସଫଟୱେୟାର ୟୁନିଟ କାର୍ଯ୍ୟ କରୁଛି । ବହୁ ସଂଖ୍ୟକ ଶିକ୍ଷା ଅନୁଷ୍ଠାନ ସଫଟୱେୟାର ମାଧ୍ୟମରେ ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି । ୨୫୦ ଏକର ଆୟତନର ଉଚ୍ଚ ବୈଷୟିକ ଶିଳ୍ପ ଉଦ୍ୟାନର ବିକାଶ ଓ ବିକ୍ରିବଟା ନିମନ୍ତେ ଆମେରିକାର ଏକ କମ୍ପାନୀକୁ ବରାଦପତ୍ର ଦିଆଯାଇଛି । ସିଡାକର ସହଯୋଗ କ୍ରମେ ଓଡ଼ିଆ ଭାଷାଭିତ୍ତିକ ସଫଟୱେୟାର ବିକାଶ କାର୍ଯ୍ୟ ହାତକୁ ନିଆଯାଇଛି । ସରକାରୀ କାର୍ଯ୍ୟରେ କମ୍ପ୍ୟୁଟର ପ୍ରଚଳନ ପ୍ରସାର ପାଇଁ ନିକ ଓ ଓକାକ ସଂସ୍ଥାକୁ ନିୟୋଜିତ କରାଯାଇଛି ।

୨୧ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜ୍ୟର କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ କାରିଗରଙ୍କ ପାଇଁ ବହୁଗୁଣିତ ନିଯୁକ୍ତିର ସୁବିଧା ସୃଷ୍ଟି କରୁଥିବାରୁ ପର୍ଯ୍ୟଟନ ପ୍ରତି ମୋ ସରକାର ଅବିରତ ଗୁରୁତ୍ୱାରୋପ କରୁଛନ୍ତି । ସମ୍ପ୍ରତି ରାଜ୍ୟର ପର୍ଯ୍ୟଟନ ନୀତି ଘୋଷିତ ହୋଇଛି । ଏହା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରମାନଙ୍କର ସମନ୍ୱିତ ବିକାଶ ପାଇଁ ଗୁରୁତ୍ୱାରୋପ କରୁଛି, ସରକାରୀ ସଂସ୍ଥା ଓ ବେସରକାରୀ ଉଦ୍ୟୋଗର ଭୂମିକା ନିର୍ଦ୍ଧାରଣ କରୁଛି ଏବଂ ଶିଳ୍ପ ଭଳି ପର୍ଯ୍ୟଟନ ସମ୍ପର୍କିତ କାର୍ଯ୍ୟ ପାଇଁ ରିହାତି ଓ ସୁବିଧା ସୁଯୋଗ ଯୋଗାଇ ଦେଉଛି । ଲୋକଶକ୍ତିର ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱରଠାରେ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଛି । ପଥରାଜପୁରଠାରେ ଫୁଡ୍ କ୍ରାଫଟ ଇନଷ୍ଟିଚ୍ୟୁଟ ଖୋଲାଯାଇଛି । ପୁରୀରେ ସ୍ୱତନ୍ତ୍ର ପର୍ଯ୍ୟଟନ ଅଞ୍ଚଳ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଛି । କୋଣାର୍କ ଓ ଖଣ୍ଡଗିରିରେ ଆଲୋକ ଏବଂ ଶବ୍ଦଭିତ୍ତିକ ପ୍ରଦର୍ଶନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ରହିଛି । ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସାମୂହିକ ତଥା ସମନ୍ୱିତ ବିକାଶକୁ ଆଗେଇ ନେବା ଦିଗରେ ନିରବଚ୍ଛିନ୍ନ ଉଦ୍ୟମ ଚାଲିଛି । ୪୮୬ ଟି ପ୍ରାଚୀନ କୀର୍ତ୍ତି ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳୀର ଚିହ୍ନଟ କରାଯିବା ସଙ୍ଗେ ସଙ୍ଗେ ଏହାର ସଂରକ୍ଷଣ

କାର୍ଯ୍ୟ ହାତକୁ ନିଆଯାଇଛି । ରାଜ୍ୟ ସଂଗ୍ରହାଳୟର ପୁନରୁଦ୍ଧାର କରାଯାଇଛି ଏବଂ ବହୁ ଦୁଷ୍ପ୍ରାପ୍ୟ ତାଳପତ୍ର ପୋଥିର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଛି ।

୨୨ । ରାଜ୍ୟରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ହୋଇଥିବାରୁ ସରକାର ଏହାର ସୁରକ୍ଷା ତଥା ପୁନରୁଦ୍ଧାପନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । କେତେକ ଭୋଗ ଦଖଲ ଅଧିକାର ପ୍ରଦାନ କରି ଗ୍ରାମ ନିକଟସ୍ଥ ଜଙ୍ଗଲର ସୁରକ୍ଷା, ପରିଚାଳନା ଏବଂ ପୁନରୁଦ୍ଧାପନରେ ସ୍ଥାନୀୟ ଲୋକମାନଙ୍କୁ ସକ୍ରିୟ ଭାବେ ସଂଶ୍ଳିଷ୍ଟ କରିବା ପାଇଁ ମୋ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସମସ୍ତ ସୁରକ୍ଷିତ ଓ ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବା ନିଷେଧାଦେଶ ସମୟ ସୀମାକୁ ବୃଦ୍ଧି କରାଯାଇଛି । ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗକ୍ରମେ ମିଳିତ ଜଙ୍ଗଲ ପରିଚାଳନା ବ୍ୟବସ୍ଥାର ଏକୀକରଣ ପାଇଁ ମୋ ସରକାର 'ସିଡ଼ା' (SIDE) ରୁ ସହାୟତା ଲାଭ କରି ଏକ ନୂତନ ପ୍ରକଳ୍ପ ଆରମ୍ଭ କରିଛନ୍ତି । ରାଜ୍ୟର ସମୃଦ୍ଧ ଜୀବମଣ୍ଡଳର ବିଭିନ୍ନତା ଏବଂ ବନ୍ୟଜନ୍ତୁ ସଂପଦର ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଛି । ସମୁଦ୍ର କଇଁଛମାନଙ୍କର ସୁରକ୍ଷା ପାଇଁ ଗହିରମଥା ଅଞ୍ଚଳକୁ ଏକ ସାମୁଦ୍ରିକ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି । କେନ୍ଦୁପତ୍ର ସଂଗ୍ରହ ସଂପୂର୍ଣ୍ଣ ଭାବେ ଏକ ଶ୍ରମଭିତ୍ତିକ କାର୍ଯ୍ୟ ଯାହାକି ଗ୍ରାମାଞ୍ଚଳର ଅଗଣିତ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଥାଏ । ତୋଳାଳୀମାନଙ୍କ ସୁବିଧା ପାଇଁ ଚଳିତ ବର୍ଷ କେନ୍ଦୁପତ୍ରର ସଂଗ୍ରହ ମୂଲ୍ୟ ବଢ଼ାଇ ଦିଆଯାଉଅଛି ।

୨୩ । 'ନାଲକୋ'ର ମିଳିତ ସହଯୋଗରେ ଓଡ଼ିଶା ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ଫ୍ଲୋରାଇଡ୍‌ରେ କ୍ଷତିଗ୍ରସ୍ତ ଅନୁଗୁଳର ୧୧ଟି ଗ୍ରାମକୁ ପାନୀୟ ଯୋଗାଣ ପାଇଁ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି । ପରିବେଶ ସୁରକ୍ଷା ଉଦ୍ୟମର ଏକ ଅଂଶସ୍ୱରୂପ ପୁରୀଠାରେ ଘନ ଆବର୍ଜନାର ପରିଚାଳନା ପାଇଁ ଏକ ପ୍ରକଳ୍ପ ଖୁବ୍ ଶୀଘ୍ର ହାତକୁ ନିଆଯାଉଛି । ଚିଲିକା ହ୍ରଦର ସମନ୍ୱିତ ସଂରକ୍ଷଣ ତଥା ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ହ୍ରଦର ମୁହାଣ ଓ ବାହ୍ୟ ଜଳ ପ୍ରବେଶପଥକୁ ଖୋଳିବା କାର୍ଯ୍ୟ ହାତକୁ ନିଆଯାଇଛି । ରାଜ୍ୟର ଶିଳ୍ପାଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସକ୍ରିୟ ପଦକ୍ଷେପ ନେଉଛନ୍ତି ।

୨୪ । ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ମୋ ସରକାର ଅବିରତ ଗୁରୁତ୍ୱ ଆରୋପ କରି ଆସୁଛନ୍ତି । ସ୍ଥାନୀୟ ଅଞ୍ଚଳର ଶିକ୍ଷାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ବିଦ୍ୟାଳୟ ନଥିବା ଜନବସତିମାନଙ୍କରେ ନୂତନ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ସହିତ ପୂର୍ବରୁ ପ୍ରତିଷ୍ଠା କରାଯାଇଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଉନ୍ନତି ବିଧାନ ପାଇଁ ପ୍ରଚେଷ୍ଟା କରାଯିବ । ମିଳିତ ଜାତିସଂଘ ସଂସ୍ଥାମାନଙ୍କର ଆର୍ଥିକ ସହାୟତା କ୍ରମେ ୧୦ଟି ବ୍ଲକରେ ଗୋଷ୍ଠୀଭିତ୍ତିକ ପ୍ରାଥମିକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ପ୍ରସ୍ତାବ ରହିଛି । ବିଦ୍ୟାଳୟରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ନାମଲେଖା ଓ ମଝିରେ ପଢ଼ା ଛାଡ଼ି ଚାଲିଯାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଉପରେ ସୁପ୍ରଭାବ ପକାଇବା ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ଅଧିକନ୍ତୁ ବିଦ୍ୟାଳୟରୁ ପଢ଼ା ଛାଡ଼ି ଚାଲିଯାଇଥିବା ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଯୋଗାଇଦେବାକୁ ରାଜ୍ୟରେ ୧୫,୫୦୦ ଅଣ - ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଖୋଲା ଯାଇଛି । ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ୮ଟି ଜିଲ୍ଲାରେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ନାରୀ-ପୁରୁଷ ଏବଂ ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ବିଦ୍ୟାଳୟରେ ଅଧ୍ୟୟନ ମଝିରେ ପଢ଼ା ଛାଡ଼ି ଦେବା ଏବଂ ଶିକ୍ଷା ଲାଭ କରିବାରେ ଥିବା ତାରତମ୍ୟକୁ ହ୍ରାସ କରିବା ଏହାର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମକୁ ଆଉ ଅଧିକ ୪ଟି ଜିଲ୍ଲାକୁ ସମ୍ପ୍ରସାରଣ କରିବା ପାଇଁ ମୋ ସରକାରଙ୍କ ପ୍ରସ୍ତାବ ରହିଛି । ୨୩ଟି ଜିଲ୍ଲାରେ ଚାଲୁଥିବା ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଆଉ ୪ଟି ଜିଲ୍ଲାକୁ ନିକଟରେ ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ ରହିଛି । ସଂସ୍କୃତ ଓ ଉର୍ଦ୍ଦୁ ଶିକ୍ଷା ପାଇଁ ସରକାରୀ ସମର୍ଥନ ଅବ୍ୟାହତ ରହିବ ।

୨୫ । ଜାତୀୟ ଶିକ୍ଷାନୀତି ସହିତ ତାଳଦେଇ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାଧାରଣ ଶିକ୍ଷାର ସମ୍ପ୍ରସାରଣ ଅପେକ୍ଷା ଏକୀକରଣ ଓ ଗୁଣାତ୍ମକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଭବିଷ୍ୟତରେ ଲୋକଶକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟର ସମ୍ବଳକୁ ବିଚାରକୁ ନେଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ମିତବ୍ୟୟିତା ଅବଲମ୍ବନ କରି ଅଧିକ ପରିମାଣର ସମ୍ବଳ ଯୋଗାଇବା ଆବଶ୍ୟକ । କିନ୍ତୁ ଅନଗ୍ରସର ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନମାନେ ସାଧାରଣ ଶିକ୍ଷାର ପ୍ରସାର କ୍ଷେତ୍ରରେ ଆବଶ୍ୟକତା ପୂରଣ କରିପାରୁ ନଥିବା ହେତୁ ଏହି ଅଞ୍ଚଳରେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି ଆଭିମୁଖ୍ୟ ସହିତ ତାଳ ଦେଇ ଶିକ୍ଷା କ୍ଷେତ୍ରରେ ଏହି ସୁବିଧା ଯୋଗାଇ ଦେବା ପାଇଁ ବିଜ୍ଞାନ ମହାବିଦ୍ୟାଳୟଗୁଡ଼ିକ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟରେ ଥିବା ୩ ଗୋଟି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବଂ କଟକସ୍ଥିତ ହିସାବ ଓ ପରିଚାଳନା ଶିକ୍ଷା ମହାବିଦ୍ୟାଳୟରେ କମ୍ପ୍ୟୁଟର ପ୍ରୟୋଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ବ୍ୟବସାୟ ପ୍ରଶାସନ ଓ କମ୍ପ୍ୟୁଟର ପ୍ରୟୋଗରେ ସ୍ୱୟଂ ଆର୍ଥିକ ସହାୟତାକାରୀ ବୃତ୍ତିଗତ ପାଠ୍ୟକ୍ରମ ପ୍ରଚଳନ, କରିବା ପାଇଁ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଉତ୍ସାହିତ କରାଯିବ । ଶିକ୍ଷା କ୍ଷେତ୍ର ପରିଚାଳନାରେ ଦକ୍ଷତା ବୃଦ୍ଧି ପାଇଁ ୩ ଗୋଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସ୍ଥାପନ କରାଯାଇଛି । ଯୁବ ଛାତ୍ରଛାତ୍ରୀମାନଙ୍କର ପାଠ୍ୟ ଅତିରିକ୍ତ କାର୍ଯ୍ୟ ଯଥା :- ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି । ଜାତୀୟ ସ୍ତରର ପ୍ରତିଯୋଗିତାଗୁଡ଼ିକରେ ଉନ୍ନତ ଧରଣର ପ୍ରଦର୍ଶନ ପାଇଁ ଯୁବ ଖେଳାଳୀମାନଙ୍କୁ ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଅଛି ଏବଂ ନିକଟରେ ଏହା ଉଦ୍‌ଘାଟିତ ହେବ ।

୨୬ । ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଏଲୋପାଥିକ ଓ ହୋମିଓପାଥିକ ତଥା ଆୟୁର୍ବେଦ ଚିକିତ୍ସା ପଦ୍ଧତି ଜରିଆରେ ରୋଗୀମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ସୁରକ୍ଷା ଯୋଗାଇ ଦେଉଛନ୍ତି । କୁଷ୍ଠ, ଯକ୍ଷ୍ମା, ଏଡସ୍, ମ୍ୟାଲେରିଆ, ଦୃଷ୍ଟିହୀନତା ଓ ପୋଲିଓ ଭଳି ବହୁ ରୋଗର ଜାତୀୟ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ଏମ.ବି.ବି.ଏସ., ବି.ଡ଼ି.ଏସ୍., ପି.ଜି. ଓ ଉଚ୍ଚତର ଡାକ୍ତରୀ ଶିକ୍ଷା ତଥା ତାଲିମ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସେବିକା ଓ ପାରାମେଡ଼ିକାଲ କର୍ମୀମାନଙ୍କୁ ତାଲିମ୍ ଦିଆଯାଉଅଛି ଏବଂ ଔଷଧ ବ୍ୟବସାୟ ତଥା ଉତ୍ପାଦନକୁ ନିୟନ୍ତ୍ରଣ କରାଯାଉଛି । ୧୯୯୭-୯୮ ବର୍ଷରେ ନିର୍ଦ୍ଦିଷ୍ଟ ଭାବେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ୧୯୯୮ ଜାନୁଆରୀ-ଫେବୃୟାରୀ ମାସରେ ସପ୍ତାହବ୍ୟାପୀ ଏକ ବ୍ୟାପକ କୁଷ୍ଠରୋଗ ନିରାକରଣ ଅଭିଯାନ ଆରମ୍ଭ କରାଯାଇଥିଲା । ଏହା ଫଳରେ ହାରାହାରି ୬୦,୦୦୦ ନୂଆ କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ଏହାଦ୍ୱାରା ୨୦୦୦ ମସିହା ମଧ୍ୟରେ କୁଷ୍ଠ ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ସମ୍ଭବ ହୋଇ ପାରିବ । ରାଜ୍ୟରେ ତିନିଗୋଟି ଦାତା ସମର୍ଥିତ ପ୍ରକଳ୍ପ ଯଥା :ଡି.ଏଫ. ଆଇ. ଡ଼ି. ସମର୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କ୍ଷେତ୍ର ପରିବର୍ତ୍ତନ ପ୍ରକଳ୍ପ; ଡାନିଡ଼ା ସମର୍ଥିତ ଯକ୍ଷ୍ମା ପ୍ରକଳ୍ପ ଏବଂ ଆଦିବାସୀ ଅଞ୍ଚଳଗୁଡ଼ିକ ପାଇଁ ବିଶ୍ୱ ବ୍ୟାଙ୍କ ସମର୍ଥିତ ମ୍ୟାଲେରିଆ ନିରାକରଣ ପ୍ରକଳ୍ପ ପ୍ରବର୍ତ୍ତନ କରାଯାଇଛି । ଏଥି ସହିତ ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନୟନ ପ୍ରକଳ୍ପ ନାମକ ଗୋଟିଏ ବୃହତ ପ୍ରକଳ୍ପ ବିଶ୍ୱ ବ୍ୟାଙ୍କ ଆର୍ଥିକ ସହାୟତା ପାଇଁ ଅନୁମୋଦିତ ହୋଇଛି ଏବଂ ଏ ବିଷୟରେ କଥାବାର୍ତ୍ତା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପାଞ୍ଚ ବର୍ଷ ଅବଧି ମଧ୍ୟରେ ଏହି ପ୍ରକଳ୍ପ ଜିଲ୍ଲା ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ଥିବା ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନମାନଙ୍କରେ ଅତିରିକ୍ତ ସ୍ଥାନ, ଯନ୍ତ୍ରପାତି, ଲୋକଶକ୍ତି, ଔଷଧପତ୍ର ଏବଂ ତାଲିମ ଓ ସୂଚନା ପରିଚାଳନା ବ୍ୟବସ୍ଥା ଯୋଗାଇ ଦିଆଯାଇ ମାଧ୍ୟମିକ ଏବଂ ପ୍ରାଥମିକ ସ୍ତରର ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରାଯିବ । ୪୧୫୬ କୋଟି ଟଙ୍କାର ଏହି ପ୍ରକଳ୍ପର କାର୍ଯ୍ୟ ୧୯୯୮ ମସିହା ଜୁନ-ଜୁଲାଇ ମାସରେ ଆରମ୍ଭ ହେବା ଆଶା କରାଯାଏ । କ୍ରମାନ୍ୱୟରେ ତୃତୀୟ ବର୍ଷ ପାଇଁ ୧୯୯୭-୯୮ ରେ ନିଆଯାଇଥିବା ପଲସ ପୋଲିଓ ଅଭିଯାନ କାର୍ଯ୍ୟକ୍ରମ ବିପୁଳ ସଫଳତା ଲାଭ କରିଥିଲା । ଏ ବର୍ଷର ଅଭିଯାନ ସମୟରେ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଉପରେ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱ ଆରୋପ କରାଯାଇଥିଲା । ରାଜ୍ୟର ଡାକ୍ତରୀ ଶିକ୍ଷା ଓ ଚିକିତ୍ସା ମହାବିଦ୍ୟାଳୟଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଅତ୍ୟାଧୁନିକ ଯନ୍ତ୍ରପାତିଗୁଡ଼ିକ ସ୍ଥାପନ କରାଯାଇଛି । ହୃଦରୋଗୀମାନଙ୍କ ଚିକିତ୍ସା ପାଇଁ କଟକସ୍ଥିତ ଏସ.ସି.ବି. ମେଡ଼ିକାଲ କଲେଜରେ କାର୍ଡ଼ିଆକ୍ କାଥେଟେରାଇଜେସନ୍ ପରୀକ୍ଷାଗାର, କର୍କଟ ରୋଗ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ.କେ.ସି.ଜି. ମେଡ଼ିକାଲ କଲେଜରେ Cobalt ମେସିନ୍ ଓ ବୁର୍ଲା ଭି.ଏସ.ଏସ. ମେଡ଼ିକାଲ କଲେଜରେ ସି.ଟି.ସ୍କାନ୍ ଯନ୍ତ୍ର ଆଦି ସ୍ଥାପନ କରାଯାଇଛି । ବିକଳ୍ପ ଧରଣର ଔଷଧର ଉନ୍ନତି ପାଇଁ ହୋମିଓପାଥିକର ୨ ଟି ବିଷୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲାଯାଇଛି । ପୂର୍ବରୁ ଏହା ମାତ୍ର ଗୋଟିଏ ବିଷୟରେ ଥିଲା ।

୨୭ । ୧୯୯୭-୯୮ ବର୍ଷରେ ଅନେକ ଅଭିନବ ପରିକଳ୍ପନା ଆରମ୍ଭ କରାଯାଇଛି । ସରକାର କମ୍ ମୂଲ୍ୟରେ ଉନ୍ନତମାନର ଔଷଧ କିଣି ଜନସାଧାରଣଙ୍କୁ ଯୋଗାଇବା ନିମନ୍ତେ ଔଷଧ କ୍ରୟକୁ କେନ୍ଦ୍ରୀକୃତ କରିଛନ୍ତି । ଜିଲ୍ଲା ସ୍ତର ଓ ତଦୂର୍ଦ୍ଧ୍ୱ ଡାକ୍ତରଖାନାମାନଙ୍କରେ ବ୍ୟବହାରକାରୀ ଦେୟ ପ୍ରବର୍ତ୍ତନ କରି ଏହିରୁ ଲବ୍ଧ ଅର୍ଥ ବିନିଯୋଗ ଦ୍ୱାରା ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ବିକାଶ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଅବଶ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ଉକ୍ତ ଦେୟରୁ ଛାଡ଼ କରାଯାଇଛି । ଭୁବନେଶ୍ୱରସ୍ଥିତ ରାଜଧାନୀ ଡାକ୍ତରଖାନା, କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜର ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରାଯାଇ ଏଥିରୁ ସୁଫଳ ମିଳିଛି । ଡାକ୍ତରମାନଙ୍କର ମନୋଭାବ ଓ ଦକ୍ଷତାର ଉନ୍ନତି ଘଟାଇବା ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅଧୀନରେ କାର୍ଯ୍ୟ କରିବା ପାଇଁ ନବ ନିଯୁକ୍ତ ଡାକ୍ତରମାନଙ୍କୁ ପ୍ରାରମ୍ଭିକ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି ।

୨୮ । ନିରାପଦ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ପ୍ରତି ମୋର ସରକାର ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ଏବଂ ୨୦୦୦ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଜନବସତି ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଚଳିତ ବର୍ଷ ୮,୬୧୦ ଗୋଟି ନଳକୂପ ବସାଇବା ଏବଂ ପରିମଳ କୂପ ଖନନ କରାଯିବା ଆଶା କରାଯାଏ ଏବଂ ଆଗାମୀ ବର୍ଷରେ ଏଭଳି ୧୦,୦୦୦ ଗୋଟି ନିରାପଦ ପାନୀୟ ଜଳର ଉତ୍ସ ଯୋଗାଇ ଦେବା ପାଇଁ ଯୋଜନା କରାଯାଇଛି । ଏହି ବର୍ଷ ୧୩୦ ଟି ଏବଂ ଆସନ୍ତା ବର୍ଷ ଆଉ ୧୦୦ ଟି ଅଧିକ ପାଇପ୍ ଜଳ ଯୋଗାଣ ପରିକଳ୍ପନା କାର୍ଯ୍ୟକାରୀ କରାଯିବାର ଆଶା କରାଯାଏ ।

୨୯ । ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନା ଅନୁଯାୟୀ ପ୍ରାୟ ୫,୨୪,୦୦୦ ଜଣ ବୃଦ୍ଧ ତଥା ଅସହାୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ସେହିଭଳି କେନ୍ଦ୍ରୀୟ ଯୋଜନା ଅଧୀନରେ ଅଧିକ ୨,୮୩,୦୦୦ ଜଣ ବ୍ୟକ୍ତିଙ୍କୁ ଏହାଦ୍ୱାରା ଉପକୃତ କରାଯାଇ ପାରିଛି । କେନ୍ଦ୍ରୀୟ ଯୋଜନା ଅନୁଯାୟୀ ଅଧିକ ୧ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୋ ସରକାର ଭାରତ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି । ଏହି ବର୍ଷ ଜାତୀୟ ମାତୃତ୍ୱ କଲ୍ୟାଣ ଯୋଜନା ଏବଂ ଜାତୀୟ ପରିବାର କଲ୍ୟାଣ ଯୋଜନାକୁ ପରିବର୍ଦ୍ଧିତ କରାଯାଇଛି । ୨୬୭ ଟି ବ୍ଲକ ଏବଂ ୧୨ ଟି ସହରାଞ୍ଚଳରେ ଶିଶୁ ପୁଷ୍ଟି ଯୋଜନା କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମକୁ ଅବଶିଷ୍ଟ ୪୭ ଟି ବ୍ଲକକୁ ସମ୍ପ୍ରସାରିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

୩୦ । ଭାରତୀୟ ସମ୍ବିଧାନର ୭୩ତମ ସଂଶୋଧନ ଅନୁଯାୟୀ ସବୁ ସ୍ତରରେ ଯଥାଯଥ ଭାବେ ପଞ୍ଚାୟତ ସଂସ୍ଥାଗୁଡ଼ିକ ଗଠନ କରାଯାଇଛି ଏବଂ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ୧୯୯୭ ମସିହା ଫେବୃୟାରୀ ସୁଦ୍ଧା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଅନୁସୂଚିତ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର

ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ଆଇନଗୁଡ଼ିକୁ ସଂଶୋଧନ କରାଯାଇଛି । ପ୍ରାୟ ୩୦ ବର୍ଷ ବ୍ୟବଧାନ ପରେ ଗଠିତ ହୋଇଥିବା ଜିଲ୍ଲା ପରିଷଦଗୁଡ଼ିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଅଧିକ କ୍ଷମତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱର ସହିତ ଅନୁଶୀଳନ କରୁଛନ୍ତି । ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି ସୃଷ୍ଟିକାରୀ ପରିକଳ୍ପନା ଅନ୍ତର୍ଗତ ସମନ୍ୱିତ ଗ୍ରାମ ବିକାଶ ଯୋଜନା, ଜବାହର ରୋଜଗାର ଯୋଜନା ଏବଂ ନିଯୁକ୍ତି ପ୍ରତିଶ୍ରୁତି ଯୋଜନାଗୁଡ଼ିକ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଅବ୍ୟାହତ ରଖିଛନ୍ତି । ୧୯୯୮ ଜାନୁଆରୀ ମାସ ସୁଦ୍ଧା ଜବାହର ରୋଜଗାର ଯୋଜନା ଏବଂ ନିଯୁକ୍ତି ପ୍ରତିଶ୍ରୁତି ପରିକଳ୍ପନା ଦ୍ୱାରା '୪୩୩ ଲକ୍ଷ ଶ୍ରମ ଦିବସ' ସୃଷ୍ଟି କରାଯାଇ ପାରିଛି । ୧୯୯୮ ଜାନୁଆରୀ ମାସ ପର୍ଯ୍ୟନ୍ତ ଇନ୍ଦିରା ଆବାସ ଯୋଜନାରେ ୩୧,୪୩୮ ଟି ବାସଗୃହ ନିର୍ମାଣ କରାଯାଇଛି ଓ ନିୟୁତ କୂପ କାର୍ଯ୍ୟକ୍ରମରେ ୯,୫୪୦ଟି କୂପ ଖନନ କରାଯାଇଛି । ଏହି ସମୟ ମଧ୍ୟରେ ଟ୍ରାଏସେମ୍ ଅଧୀନରେ ୮,୦୦୭ ଜଣ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧୬,୪୦୦ ଜଣ ଗ୍ରାମାଞ୍ଚଳ ମହିଳାଙ୍କୁ ନେଇ ୧୯୯୮ ଜାନୁଆରୀ ଶେଷ ସୁଦ୍ଧା ୧,୨୧୨ ଟି ଗ୍ରୁପ୍ ଗଠନ କରାଯାଇଛି ଏବଂ ଏହି ଗ୍ରୁପଗୁଡ଼ିକ ପାଇଁ ଘୂର୍ଣ୍ଣାୟମାନ ପାଣ୍ଠି ଆକାରରେ ୨୩୭ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ବିଭିନ୍ନ ପରିଯୋଜନା ଓ ବିଭିନ୍ନ ବିଭାଗରୁ ମିଳୁଥିବା ସମ୍ବଳକୁ ଏକତ୍ରିତ କରି ଗ୍ରାମାଞ୍ଚଳର ସଂଯୋଗ ବ୍ୟବସ୍ଥା ପାଇଁ ଏକ ବୃହତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଉକ୍ତ ପରିକଳ୍ପନା କାର୍ଯ୍ୟକାରୀ କରିବା ସକାଶେ ଜିଲ୍ଲା ପରିଷଦ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ବର୍ଦ୍ଧିତ ବିକାଶ ତଥା ପ୍ରଶାସନିକ ଦାୟିତ୍ୱର ମୁକାବିଲା ନିମନ୍ତେ ବ୍ଲକ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପମାନ ନିଆଯାଇଛି । ଆର୍ଥିକ ତଥା ଅନ୍ୟାନ୍ୟ ଅନିୟମିତତା ସମ୍ପର୍କିତ ଗୁରୁତର ଅଭିଯୋଗଗୁଡ଼ିକ ସଂକ୍ରାନ୍ତରେ ଅନୁସନ୍ଧାନ କରି ସଂଶୋଧିତ ପଦକ୍ଷେପ ଗ୍ରହଣ କରିବା ସକାଶେ ରାଜ୍ୟ ସଦର ମହକୁମାଠାରେ ଏକ ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ପ୍ରତିଷ୍ଠା କରାଯାଇଛି ।

୩୧ । ତଫସିଲଭୁକ୍ତ ଜାତି, ଉପଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗର କଲ୍ୟାଣ ସାଧନ ପ୍ରତି ମୋ ସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ସେମାନଙ୍କ କଲ୍ୟାଣ ସାଧନ ନିମନ୍ତେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ଶିକ୍ଷା କାର୍ଯ୍ୟକ୍ରମ ତଥା ଭିତ୍ତିଭୂମିକ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ଅନ୍ତର୍ଭୁକ୍ତ । ୧୯୯୭-୯୮ ବର୍ଷରେ, ଡିସେମ୍ବର ମାସ ଶେଷ ସୁଦ୍ଧା ୩୮,୫୭୦ ଟି ତଫସିଲଭୁକ୍ତ ଉପଜାତି ତଥା ୧୭,୦୩୦ ଟି ତଫସିଲଭୁକ୍ତ ଜାତିର ପରିବାରଗୁଡ଼ିକୁ କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ଯୋଜନା ମଧ୍ୟରେ ଆର୍ଥିକ ସହାୟତା ଦିଆଯାଇଛି । ଏହି ବର୍ଷ ମଧ୍ୟରେ ମୋଟ ୨୨ ଟି ନୂତନ ଶିକ୍ଷାନୁଷ୍ଠାନ ଖୋଲାଯାଇଛି କିମ୍ବା ଉନ୍ନୀତ କରାଯାଇଥିଲା । ତଫସିଲଭୁକ୍ତ ଜାତିର ୩,୩୧,୯୨୮ ଜଣ ଏବଂ ତଫସିଲଭୁକ୍ତ ଉପଜାତିର ୩,୨୭,୮୪୦ ଜଣ ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ଯୋଗାଇ ଦିଆଯାଇଛି ।ମାଗଣାରେ ପଠନ ତଥା ଲିଖନ ସାମଗ୍ରୀ, ଜାତୀୟକରଣ ପାଠ୍ୟପୁସ୍ତକ ଓ ପୋଷାକ ଯୋଗାଇ ଦେବା ଅବ୍ୟାହତ ରହିଛି । ଆସନ୍ତା ବର୍ଷ ପର୍ଯ୍ୟାୟକ୍ରମେ ନୂତନ ବିଦ୍ୟାଳୟ ଖୋଲିବା ସଙ୍ଗେ ସଙ୍ଗେ ପୁରାତନ ବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରିବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ଅନ୍ୟାନ୍ୟ ପଛୁଆ ବର୍ଗର ୨,୯୨୮ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୀ ତଥା ଦାରିଦ୍ର୍ୟ ବୃତ୍ତି ଯୋଗାଇ ଦିଆଯାଇଛି ଏବଂ ୪୯୪ ଜଣ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିଙ୍କୁ ଆତ୍ମ ନିଯୁକ୍ତି ପରିକଳ୍ପନା ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଉକ୍ତ ବର୍ଷରେ ୨୧ ଟି ଜାତିଉପଜାତିକୁ ରାଜ୍ୟର ସାମାଜିକ ତଥା ଶିକ୍ଷାକ୍ଷେତ୍ରରେ ପଛୁଆ ଶ୍ରେଣୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ କେନ୍ଦ୍ର ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯାଇଛି ।

୩୨ । ସାଧାରଣ ବଣ୍ଟନ ବ୍ୟବସ୍ଥା ଦ୍ୱାରା ରାଜ୍ୟର ୭୫ ଲକ୍ଷ ପରିବାରଙ୍କୁ ଖୁଚୁରା ଦୋକାନ ଜରିଆରେ ଖାଉଟୀ ସାମଗ୍ରୀ ଯୋଗାଇ ଦିଆଯାଉଛି । ଅନୁନ୍ନତ ତଥା ଦୁର୍ଗମ ଅଞ୍ଚଳରେ ଥିବା ଖାଉଟୀମାନଙ୍କ ପାଖରେ ଆବଶ୍ୟକୀୟ ଖାଉଟୀ ସାମଗ୍ରୀ ପହଞ୍ଚାଇ ଦେବା ନିମନ୍ତେ ଭ୍ରାମ୍ୟମାଣ ଗାଡ଼ିମାନ ମୁତୟନ କରାଯାଇଛି । ଗରିବ ଲୋକମାନେ ଉପକୃତ ହେବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ୧୪୩ ଟି ପଛୁଆ ବ୍ଲକରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଗୁଡ଼ିକୁ କିଲୋ ପିଛା ୨ ଟଙ୍କା ଦରରେ ପ୍ରତି ପରିବାରକୁ ୧୦ କିଲୋ ଚାଉଳ ଯୋଗାଇ ଦିଆଯାଉଛି । ଅବଶିଷ୍ଟ ୧୭୧ ଟି ବ୍ଲକରେ ବାର୍ଷିକ୬,୦୦୦ ଟଙ୍କା କମ୍ ଆୟ କରୁଥିବା ପରିବାରଗୁଡ଼ିକୁ କିଲୋ ପିଛା ୪ ଟଙ୍କା ଦରରେ ମାସିକ ୧୦ କିଲୋ ଚାଉଳ ଯୋଗାଇ ଦିଆଯାଉଛି ।

୩୩ । ବିଗତ ବର୍ଷ ଜାନୁଆରୀ ମାସଠାରୁ ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାରେ ପୌରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ପୌରାଞ୍ଚଳର ଗରିବ ଲୋକମାନଙ୍କୁ ଆତ୍ମ ନିଯୁକ୍ତି ତଥା ମଜୁରିଭିତ୍ତିକ କର୍ମ ନିଯୁକ୍ତି ପାଇଁ ସହାୟତା ଦେବା ଓ ମହିଳାମାନଙ୍କୁ କ୍ଷମତା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ପୌରାଞ୍ଚଳ ଜନଜୀବନର ଗୁଣାତ୍ମକ ଅଭିବୃଦ୍ଧି ଘଟାଇବା ପାଇଁ ୭ ଟି ଉନ୍ନୟନ କର୍ତ୍ତୃପକ୍ଷ, ୬ ଟି ଉନ୍ନୟନ ସଂସ୍ଥା ଏବଂ ୩୨ ଟି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ପରିଷଦ ସମସ୍ତଙ୍କ ପାଇଁ ବାସସ୍ଥାନ କାର୍ଯ୍ୟକ୍ରମ ସହରାଞ୍ଚଳରେ କାର୍ଯ୍ୟକାରୀ କରୁଛନ୍ତି ।

୩୪ । ଜନସାଧାରଣଙ୍କ ଚାହିଦା ପୂରଣ ପାଇଁ ରାଜ୍ୟରେ ରାଜସ୍ୱ ପ୍ରଶାସନର ପୁନର୍ବିନ୍ୟାସ ନିମନ୍ତେ ଅନେକଗୁଡ଼ିଏ ପଦକ୍ଷେପ ବିଚାରାଧୀନ ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଚଳିତ ଥିବା ସମସ୍ତ ରାଜସ୍ୱ ନୀତିର ଦୃଢ଼ୀକରଣ, ଏକତ୍ରିକରଣ ତଥା ସରଳୀକରଣ କରିବା ଲାଗି ଏକ ବ୍ୟାପକ ରାଜସ୍ୱ ବିଧିର ଚିଠା ପ୍ରସ୍ତୁତ କରାଯାଇଛି । ଜମିଜମା ନଥିପତ୍ରଗୁଡ଼ିକର ସୁପରିଚାଳନା ପାଇଁ ରାଜ୍ୟର ୫୫ ଟି ତହସିଲରେ ପ୍ରଥମ

ପର୍ଯ୍ୟାୟରେ ଜମିଜମା ରେକର୍ଡ଼ଗୁଡ଼ିକୁ କମ୍ପ୍ୟୁଟରୀକରଣ ନିମନ୍ତେ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ, ଜମିଜମା ରେକର୍ଡ଼ଗୁଡ଼ିକର ସୁରକ୍ଷା ନିମନ୍ତେ ୮୭ ଟି ତହସିଲରେ ୩.୭୦ କୋଟି ଟଙ୍କା ବ୍ୟୟରେ ରେକର୍ଡ଼ ଗୃହ ନିର୍ମାଣ ଲାଗି ଅର୍ଥ ବ୍ୟବସ୍ଥା କରାଯାଉଛି ।

୩୫ । ଦ୍ରୁତ ସହରୀକରଣ ତଥା ଅଭିବୃଦ୍ଧି କେନ୍ଦ୍ର ବିକାଶ ଲାଗି ଚାଷୋପଯୋଗୀ ଜମିଗୁଡ଼ିକୁ ଅଣ ଚାଷୋପଯୋଗୀ ଜମିରେ ପରିଣତ କରିବା ପ୍ରକ୍ରିୟାର ସୁବିଧା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନର କେତେକ ଆବଶ୍ୟକୀୟ ସଂଶୋଧନ କରାଯାଉଛି । ପୌରାଞ୍ଚଳରେ ଲିଜ ସୂତ୍ରେ ଦିଆଯାଇଥିବା ଜମିକୁ ଘରଡିହ ନିମନ୍ତେ ସ୍ଥିତିବାନ ସ୍ୱତ୍ୱରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜମିଜମା ବନ୍ଦୋବସ୍ତ ଆଇନ, ୧୯୮୩ ର ସଂଶୋଧନ କରିବା ଲାଗି ପଦକ୍ଷେପ ନିଆଯାଉଛି । ରାଜସ୍ୱ ପ୍ରଶାସନର କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଯଥା ସମୟରେ ପ୍ରତିକାର କରିବା, ଖଜଣା, ପଥକର, ବିବିଧ ରାଜସ୍ୱ ଓ ଜଳ କର ଛାଡ଼ ସମ୍ପର୍କରେ କ୍ଷମତା ହସ୍ତାନ୍ତର କରାଯାଉଛି ।

୩୬ । ବିଗତ ନଭେମ୍ବର-ଡିସେମ୍ବର ମାସରେ ଅଦିନିଆ ବର୍ଷା ଦ୍ୱାରା ରାଜ୍ୟର ୨୪୬ ଟି ବ୍ଲକର ୩,୫୬୦ ଟି ଗ୍ରାମ ପଞ୍ଚାୟତର ୨୫,୯୪୨ ଟି ଗ୍ରାମରେ ପ୍ରାୟ ୮.୨୦ ଲକ୍ଷ ହେକ୍ଟର ଜମିର ଧାନ ଫସଲ ଏବଂ ୨.୩୮ ଲକ୍ଷ ହେକ୍ଟର ଜମିରେ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଥିଲା । କ୍ଷତିଗ୍ରସ୍ତ ହୋଇଥିବା ଏହି ଫସଲର ଆନୁମାନିକ ମୂଲ୍ୟ ୨୨୬.୪୬ କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଛି । ହିସାବ ଅନୁଯାୟୀ ଶତକଡ଼ା ୫୦ ଭାଗ କିମ୍ବା ତଦୁର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଥିବା ଗ୍ରାମଗୁଡ଼ିକର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଖଜଣା ଛାଡ଼ କରିବା, ସାର୍ବଜନୀନ ଉଠା ଜଳସେଚନ ପ୍ରକଳ୍ପରୁ ଶତକଡ଼ା ୫୦ ଭାଗ ରିହାତିରେ ଏବଂ ଆସନ୍ତା ରବି ଫସଲ ପାଇଁ ରିହାତି ଦରରେ ବିହନ ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏତଦ୍ ବ୍ୟତୀତ ସ୍ୱଳ୍ପ ମିଆଦ ଶସ୍ୟ ଋଣକୁ ମଧ୍ୟମ ମିଆଦ ଶସ୍ୟଋଣରେ ପରିଣତ କରିବା ଲାଗି ନାର୍ବାର୍ଡ଼କୁ ଅନୁରୋଧ କରାଯାଇଛି ଏବଂ ପ୍ରକୃତ କ୍ଷତିଗ୍ରସ୍ତ ହୋଇଥିବା ଏହି ସବୁ ଗ୍ରାମର ଚାଷୀମାନଙ୍କୁ ଶସ୍ୟ ବୀମା ଯୋଜନା ଅନୁଯାୟୀ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣ ବୀମା କମ୍ପାନୀକୁ ଅନୁରୋଧ କରାଯାଇଛି । ବିଶେଷ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ପଦକ୍ଷେପ ଗ୍ରହଣ ପାଇଁ ୧୫୧.୫୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ସ୍ମାରକପତ୍ର ଦିଆଯାଇଛି ।

୩୭ । କର୍ମଚାରୀମାନଙ୍କର କଲ୍ୟାଣ ସାଧନ ନିମନ୍ତେ ମୋ ସରକାର ନିରବଚ୍ଛିନ୍ନ ଉଦ୍ୟମ ଚଳାଇଛନ୍ତି । ସମ୍ବଳର ଗୁରୁତର ସଙ୍କଟ ସତ୍ତ୍ୱେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ତା ୧-୧-୧୯୯୬ ରିଖରୁ ସଂଶୋଧିତ ଦରମା ହାର ଦେବା ପାଇଁ ଘୋଷଣା କରାଯାଇଛି । ଏହାର ସବିଶେଷ ପରୀକ୍ଷାନିରୀକ୍ଷା କରିବା ପାଇଁ ରାଜ୍ୟ ସରକାର ଏକ ଫିଟମେଣ୍ଟ କମିଟି ଗଠନ କରିଛନ୍ତି ଏବଂ ସଂଶୋଧିତ ଦରମା ହାର ସଂକ୍ରାନ୍ତୀୟ ବିଜ୍ଞପ୍ତି ଖୁବ୍ ଶୀଘ୍ର ପ୍ରକାଶ କରାଯିବ ।

୩୮ । ଏହା ଅତ୍ୟନ୍ତ ସୁଖର ବିଷୟ ଯେ ରାଜ୍ୟରେ ସାଧାରଣ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଉଲ୍ଲେଖଯୋଗ୍ୟ ଯେ ବର୍ଷସାରା ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଥିଲା । ଲୋକସଭା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମ୍ପୂର୍ଣ୍ଣ ହୋଇ ଯାଇଛି । ଏଥିପାଇଁ ଆମ ରାଜ୍ୟର ଜନସାଧାରଣଙ୍କ ଶାନ୍ତିକାମୀ ତଥା ବିଧି ପାଳନ ଚରିତ୍ର ଓ ଫଳପ୍ରଦ ପ୍ରଶାସନ ଧନ୍ୟବାଦାର୍ହ ।

୩୯ । ମୋ ସରକାରଙ୍କର ଅଗ୍ରାଧିକାରଭିତ୍ତିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀର ନୀତି ଓ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷେପରେ ଆଲୋକପାତ କରିବା ପାଇଁ ମୋତେ ସୁଯୋଗ ମିଳିଛି । ମୋ ସରକାରଙ୍କର ସଫଳତାର ସୂଚୀ ପ୍ରଦାନ କରିବା କିମ୍ବା ଆସନ୍ତା ବର୍ଷ ପାଇଁ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମଗୁଡ଼ିକର ସାରାଂଶ ଉପସ୍ଥାପନ କରିବା ମୋର ଉଦ୍ଦେଶ୍ୟ ନୁହେଁ, ପରନ୍ତୁ ସରକାରଙ୍କ ପ୍ରତ୍ୟେକଟି କାର୍ଯ୍ୟର ନିଜସ୍ୱ ପ୍ରାସଙ୍ଗିକତା ଓ ଗୁରୁତ୍ୱ ରହିଥିବାରୁ ଏଥିପ୍ରତି ଜୋର ଦିଆଯିବା ଆବଶ୍ୟକ । ମୋର ଅଭିଭାଷଣରେ ଏ ସମସ୍ତ ବିଷୟ ପ୍ରକାଶ ହୋଇନ ଥିଲେ ମଧ୍ୟ ଏହାକୁ ଅନୁରୂପ ଭାବେ ଗ୍ରହଣ କରାଯିବା ଉଚିତ୍ । ମୋର ଭାଷଣ ଶେଷ କରିବା ପୂର୍ବରୁ ମୁଁ ସ୍ମରଣ କରାଇ ଦେବାକୁ ଚାହେଁ ଯେ ଆମର ଲକ୍ଷ୍ୟ ହେଉଛି ଏକ ନ୍ୟାୟପରାୟଣ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ସମାଜ ଓ କ୍ରିୟାଶୀଳ ଅର୍ଥନୀତି ପ୍ରତିଷ୍ଠା, ଯାହାକି ଦାରିଦ୍ର୍ୟ, ଦ୍ୱନ୍ଦ, ସଂକୀର୍ଣ୍ଣ ଓ ବହୀୟ ଭାବପ୍ରବଣତାରୁ ମୁକ୍ତ ହେବା ଉଚିତ୍ । ମୁଁ ଦୃଢ଼ ନିଶ୍ଚିତ ଯେ, ଏହି ମହାନ୍ ଗୃହର ପ୍ରୟାସ ଏହି ଦିଗରେ କାର୍ଯ୍ୟ କରିବ । ମୁଁ ବର୍ତ୍ତମାନ ଆପଣଙ୍କ ବିଚାର ଆଲୋଚନା ପାଇଁ ମୋର ବକ୍ତବ୍ୟ ସାଙ୍ଗ କରୁଛି ଏବଂ ଆପଣମାନଙ୍କ ସମସ୍ତ ସଫଳତା କାମନା କରୁଛି ।

ଜୟହିନ୍ଦ

—0—

# ଓଡ଼ିଶା - ଏକ ସିଂହାବଲୋକନ

*ଶ୍ରୀ ରାଜକିଶୋର ମିଶ୍ର*

ବିଶାଳ ଭାରତର ମଧ୍ୟପୂର୍ବ ଭୂଖଣ୍ଡ-ଉତ୍କଳ । ଏହାର ଉତ୍ତର ପୂର୍ବରେ ଚିରନାବ୍ୟା ଗଙ୍ଗା, ଉତ୍ତରରେ ଉତ୍ତୁଙ୍ଗ ହିମାଳୟ, ପଶ୍ଚିମରେ ବିନ୍ଧ୍ୟପର୍ବତ ମାଳା, ଦକ୍ଷିଣରେ ଗୋଦାବରୀ, ଆଉ ପୂର୍ବ ଦିଗରେ ବଙ୍ଗୋପସାଗର । ଏହାର ଉତ୍ତର ପଶ୍ଚିମ ଦିଗନ୍ତରେ ଆଧୁନିକ ଭାରତର ରାଜଧାନୀ ଦିଲ୍ଲୀ ନଗରୀ ।

ଓଡ୍ର-କଳିଙ୍ଗ ଉତ୍କଳ ପ୍ରଭୃତି ଓଡ଼ିଶାର ନାମାନ୍ତର । ପ୍ରବହମାନ ସମୟର ବହୁ ବିବାଦୀୟ ପୃଷ୍ଠାରେଏହାର ଚୌହଦୀ କେତେବେଳେ ଉତ୍ତର ଓ ଦକ୍ଷିଣ ପଟେ ଲମ୍ବି ଯାଇଛି ତ ପୁଣି କେତେବେଳେ ସଂକୁଚିତ ହୋଇ ଆସିଛି । ଭାରତର ଚତୁର୍ଦ୍ଧାମ ମଧ୍ୟରୁ ଅନ୍ୟତମ ଧାମ, ଓଡ଼ିଶାର ପ୍ରାଣକେନ୍ଦ୍ର, ସ୍ୱାଭିମାନର ପିରାମିଡ୍ ଶ୍ରୀକ୍ଷେତ୍ରରେ ବିରାଜିତ ବଳୀୟାରଭୁଜ ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀ ରଖି ଏ ଜାତି ବହୁ ଉତ୍ଥାନ ପତନକୁ ଅବଲୀଳାକ୍ରମେ ଜନସ୍ପୃହା କରି ଅପ୍ରତିହତ ଅଭିଯାତ୍ରାରେ ଆଗେଇ ଆସିଛି ।

ଆଧୁନିକ ଓଡ଼ିଶା ପାରମ୍ପରିକ ସଂସ୍କୃତିବୋଧରୁ କ୍ରମଶଃ ଦୂରେଇ ଆସୁଥିଲେ ମଧ୍ୟ ତାର ଅନ୍ତଃସ୍ରୋତରେ ସେଇ ପ୍ରାଚୀନ ବୈଭବର ଛବି ଅତୁଟ ରହିଛି । ଏ ଜାତି ଦେଖୁଥିବା ସ୍ୱର୍ଣ୍ଣାଭ ସ୍ୱପ୍ନଗୁଡ଼ିକ ସେମିତି ଅମ୍ଳାନ ରହିଛି । ଏ ପର୍ଯ୍ୟନ୍ତ ଚନ୍ଦ୍ରଭାଗାରେ ସୂର୍ଯ୍ୟ ସେମିତି ମହୋଦଧିରୁ ଉଙ୍କିମାରି ଅର୍କକ୍ଷେତ୍ରକୁ ରାଗରଂଜିତ ଓ ପୁଲକିତ କରୁଛନ୍ତି ଓ ବଡ଼ଦାଣ୍ଡରେ ରଥଠାକୁରେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସଭିଙ୍କ ସାଙ୍ଗରେ ଏକାକାର ହେଉଛନ୍ତି । ପ୍ରକୃତିର ନିର୍ମମ ଆଘାତକୁ ଅସୀମ ଧୈର୍ଯ୍ୟ ସହିତ ପ୍ରତିହତ କରି ଆଗାମୀ କାଲିକୁ ଏ ଜାତି ସ୍ୱାଗତ କରିବା ଶିଖିଛି । ଧୂସର ଅତୀତରେ ଏ ଜାତି ଯେଉଁ ଶୌର୍ଯ୍ୟ ବୀର୍ଯ୍ୟର ସ୍ପର୍ଦ୍ଧିତ ପରିଚୟ ଦେଉଥିଲା ସେହି ଗୌରବ କାହାଣୀଗୁଡ଼ିକ ଏବେ ବି ଏ ଜାତିକୁ ମହିମାମଣ୍ଡିତ କରୁଛି । କଳାରେ, ସ୍ଥାପତ୍ୟରେ, ଭାସ୍କର୍ଯ୍ୟରେ, ରଣକୌଶଳରେ, ବିଦ୍‌ବିଭାରେ ସାହିତ୍ୟ, ନୃତ୍ୟଗୀତ ଆଦି ସୁକୁମାର, ବିଦଗ୍ଧ ଲଳିତବିଦ୍ୟାରେ ଓଡ଼ିଆମାନେ ଶୀର୍ଷସ୍ଥାନ ଅଧିକାର କରିଥିଲେ ବୋଲି ଓଡ଼ିଶା ଉତ୍କଳ ନାମରେ ଅଭିହିତ । ଭାରତର ଆଞ୍ଚଳିକ ସାହିତ୍ୟରେ ବୋଧହୁଏ ଆଦି ଗୌରବ ପାଉଥିଲା ଓଡ଼ିଆ ସାହିତ୍ୟ । ଶୁଦ୍ରମୁନି ସାରଳା ଦାସଙ୍କର ମହାଭାରତ ଏକ ଅନୁପମ, ଏକକକୃତି । ସେହିଭଳି ଜଗନ୍ନାଥ ଦାସଙ୍କ ଦ୍ୱାରା ସଂସ୍କୃତ ଶ୍ରୀମଦ୍‌ଭାଗବତର ଓଡ଼ିଆ ଅନୁବାଦ ଏକ ବିରଳ କୃତି । ଅମର-ଶିଳ୍ପୀ ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଓଡ଼ିଶାର ଅମଳିନ ଔଜ୍ଜ୍ୱଲ୍ୟ । ଓଡ଼ିଶାର ପ୍ରତିଭାଧର ରେମୁଣା ନିବାସୀ ଶ୍ରୀଧର ସ୍ୱାମୀଙ୍କର ଶ୍ରୀମଦ୍ ଭାଗବତର ଭାଷ୍ୟ, ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟ ଦର୍ପଣ', ବଳଦେବ ବିଦ୍ୟାଭୂଷଣଙ୍କର 'ଗୋବିନ୍ଦ ଭାଷ୍ୟମ୍', ସାମନ୍ତ ଚନ୍ଦ୍ରଶେଖର (ପଠାଣି ସାମନ୍ତ)ଙ୍କର 'ସିଦ୍ଧାନ୍ତ ଦର୍ପଣ' ପ୍ରଭୃତି ଓଡ଼ିଆ ପ୍ରଜ୍ଞାମାନସର ଉତ୍କର୍ଷ । ଷୋଡ଼ଶ ଶତାବ୍ଦୀର ଆଦ୍ୟ ପ୍ରକାଶରେ ରାମାନନ୍ଦ ପଟ୍ଟନାୟକ (ରାୟ ରାମାନନ୍ଦ)ଙ୍କର ଗଭୀର ବୈଷ୍ଣବ ତତ୍ତ୍ୱ ଶ୍ରୀଚୈତନ୍ୟଙ୍କୁ ମୁଗ୍ଧ-ମୋହିତ କରିଥିଲା । ଏ ଜାତିର ଅତୀତ ଗୌରବ ଲେସି ହୋଇ ଯାଇଛି ଉଦୟଗିରିର ଗିରି-ଗୁମ୍ଫାରେ, ଧଉଳି ଓ ଜଉଗଡ଼ର ଶିଳାଲେଖରେ, ରତ୍ନଗିରି-ଲଳିତଗିରିର ବୌଦ୍ଧ ବିହାରରେ, ରେମୁଣା ନିକଟସ୍ଥ ମଥୁରାର କୈନକାରି ରାଜିରେ, କେନ୍ଦୁଝରର ସୀତାବିଂଝିରେ, ସମ୍ବଲପୁରର ନୃସିଂହନାଥ ପୀଠରେ, ରାଣୀପୁର ଝରିଆଲ୍‌ରେ, ହୀରାପୁରରେ, କୋଣାର୍କର ଶିଳାସ୍ତୂପରେ, ଏକାମ୍ର କ୍ଷେତ୍ରରେ, ଆଦ୍ୟବରାହକ୍ଷେତ୍ର ଯାଜପୁରରେ, ଇଣ୍ଡୋନେସିଆର ଦ୍ୱୀପପୁଞ୍ଜରେ, କଳାହାଣ୍ଡିର ମାରାଗୁଡ଼ାରେ ।

ଇତିହାସ କୁହେ, ଆଜିଠାରୁ ପାଞ୍ଚଶହ ତେଷଠି ବର୍ଷତଳେ ଓଡ଼ିଆପୁଅ କପିଳେନ୍ଦ୍ର ଦେବ ପ୍ରଥମେ ଓଡ଼ିଶାର ସମ୍ରାଟ ଭାବରେ ଅଭିଷିକ୍ତ ହୋଇଥିଲେ । ୧୪୩୫-୩୬ରୁ ୧୫୬୮ ପ୍ରାୟ ଶହେତେତିଶ ବର୍ଷ ଓଡ଼ିଶା ପ୍ରାଚୁର୍ଯ୍ୟରେ, ବୈଭବରେ ସମଗ୍ର ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା । ସେ ସମୟ ଥିଲା ପ୍ରକୃତରେ ଓଡ଼ିଆ ଜାତିର ଗୌରବ, ସ୍ୱାଭିମାନର ଯୁଗ । ନିୟତିର କ୍ରୁର ପରିହାସରେ ୧୫୬୮ ଖ୍ରୀଷ୍ଟାବ୍ଦରେ ଏ ଜାତିର ସ୍ୱାଧୀନତା ଅପହୃତ ହେଲା । ଆଫଗାନ, ମୋଗଲ ଓ ବ୍ରିଟିଶ୍ ପର୍ଯ୍ୟାୟକ୍ରମେ ଆମ ଦେଶର ଶାସନଭାର ଗ୍ରହଣ କଲେ । ୧୫୬୮ ରୁ ୧୮୦୩ ଏବଂ ୧୮୦୩ରୁ ୧୯୪୭ ପର୍ଯ୍ୟନ୍ତ ଆମେ ବିଦେଶୀର ଶାସନ କଳରେ ନିଷ୍ପେଷିତ ହେଲୁ । ଭୁଲିଗଲୁ ଆମର ଦାୟିକତା, ସ୍ୱାଭିମାନ ଓ ଦୁର୍ଦ୍ଧର୍ଷପଣିଆ । ସମୟର ବ୍ୟୂହ ଭିତରୁ ଅନେକ ଶିଖିନେଇ ବାହାରିଲେ । ଜାତିର ମଉଡ଼ମଣି ଜଗନ୍ନାଥଙ୍କର ଆଦ୍ୟସେବକ ବହୁ ଝଡ଼ ଝଞ୍ଜାରେ ପେଶି ହୋଇଗଲେ ଓ ଜନତାର ପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ବହୁବାର ଶ୍ରୀମନ୍ଦିରରୁ ଅନ୍ତର୍ହିତ ହେଲେ ।

ତଥାପି ପରାଧୀନତାର ସେହି ନିଷ୍ପ୍ରଭ ଯୁଗରେ ଏ ଜାତି ତାର ସାହିତ୍ୟ-ନୃତ୍ୟ-କଳାପାଟବତାକୁ ଅକ୍ଷୁଣ୍ଣ ରଖିବାକୁ ସତତ ଚେଷ୍ଟିତ ଥିଲା ।

ବିଦେଶୀ ଶାସନ ବିରୁଦ୍ଧରେ ବିଧିବଦ୍ଧ ଭାବେ ସଂଗ୍ରାମ କରିବା ପାଇଁ ଜାତୀୟତାବାଦୀ ସଂଗଠନଗୁଡ଼ିକ ସାହସିକ ପଦକ୍ଷେପ ନେବାରୁ ବିରତ ନଥିଲେ । ଅବଶ୍ୟ ଏ ଜାତି ନଅଙ୍କ ଦୁର୍ଭିକ୍ଷକୁ ସମ୍ମୁଖୀନ କରିବା ପର୍ଯ୍ୟନ୍ତ ସେପରି କୌଣସି ଗଣଆନ୍ଦୋଳନ କରିବା ପାଇଁ ଆଗଭର ହୋଇ ନଥିଲା । ୧୮୬୬ ମସିହାରେ ଏ ଦେଶର ଅର୍ଦ୍ଧାଧିକ ସଂଖ୍ୟକ ବ୍ୟକ୍ତି ନିରନ୍ନରେ କାଳାତିପାତ କଲେ । ଲକ୍ଷାଧିକ ଲୋକ ମୃତ୍ୟୁ ମୁଖରେ ପତିତ ହେଲେ । ଅର୍ଥନୀତି ଭୁଶୁଡ଼ି ପଡ଼ିଲା । କଲିକତାରେ ରହିଥିବା ଶାସକଗଣ ଉଦ୍ବିଗ୍ନ ହେଲେ । ବ୍ରିଟିଶ୍ ସରକାର ନିଜର ତ୍ରୁଟି ସ୍ୱୀକାର କଲେ । ପ୍ରକୃତିର ଏହି ନିର୍ମମ ପରିହାସ ଏ ଜାତିର ହୃଦୟରେ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ସମର୍ଥ ହୋଇ ପାରିଥିଲା । ସାର୍ ଷ୍ଟାଫୋର୍ଡ଼ ଏହି ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି 'ତିନୋଟି ପୃଥକ ଶାସନ କଳର ଅଧୀନରେ ରହିଥିବା ଓଡ଼ିଆ ମାନଙ୍କର ଏକତ୍ରୀକରଣ ଯେ ଏକାନ୍ତ ଜରୁରୀ ଏ ବିଷୟରେ ଦୃଢ଼ ମତ ପ୍ରଦାନ କରିଥିଲେ । ଭୟାବହ ନ'ଅଙ୍କ ଦୁର୍ଭିକ୍ଷ ପରେ ପରେ ଓଡ଼ିଶା ଡିଭିଜନର କଟକ ଓ ବାଲେଶ୍ୱରରେ ସରକାରୀ ସ୍ତରରେ ଭାଷା ବିଲୋପ ସମସ୍ୟା ଓ ତଜ୍ଜନିତ ବୁଦ୍ଧିଜୀବୀ ମହଲରେ ପରିଚାଳିତ ଆନ୍ଦୋଳନ ତୀବ୍ରରୂପ ଧାରଣ କରିଥାଏ । ମୁଷ୍ଟିମେୟ ବଙ୍ଗାଳୀ ରାଜକର୍ମଚାରୀଙ୍କ ହୀନ ଚକ୍ରାନ୍ତକୁ ଏ ଜାତି ସହଜରେ କ୍ଷମା ଦେଇ ପାରିବ ନାହିଁ । ନ'ଅଙ୍କ ଦୁର୍ଭିକ୍ଷ ବେଳେ ଓଡ଼ିଆ ଜାତିର ପ୍ରଥମ ମୁଖପତ୍ର 'ଉତ୍କଳ ଦୀପିକା' ଜନ୍ମ ନେଇଥାଏ ଏବଂ ତା' ପର ବର୍ଷ 'ଉତ୍କଳ ଭାଷୋଦ୍ଦୀପନୀ ସଭା' ମଧ୍ୟ ଓଡ଼ିଆ ଭାଷାର ବିକାଶ ଓ ସୁରକ୍ଷା ପାଇଁ ଶପଥ ନିଏ ।

ତଥାପି ୧୮୬୮-୬୯, ୧୮୬୯-୭୦ ରେ ବାବୁ ରାଜେନ୍ଦ୍ର ଲାଲ ମିତ୍ର ଓ କାନ୍ତି ଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ଓ ବଙ୍ଗଳାର ଏହା ଏକ ଉପଭାଷା' ବୋଲି ବିଭିନ୍ନ ସଭାସମିତିରେ ଯେଉଁ ଉଦ୍ଭଟ ମତ ପୋଷଣ କରିଥିଲେ ତାହା ଓଡ଼ିଆମାନଙ୍କୁ ବିସ୍ମିତ କରିଥିଲା । ଏହି ଦୁଃଖଦ ଅନୁଭୂତି ଓ ଦୁଃସ୍ଥିତିରୁ ଓଡ଼ିଆ ସାହିତ୍ୟର ପୁନର୍ଜାଗରଣ ଧାରା ଅଧିକ କ୍ଷିପ୍ରତର ହୋଇ ପାରିଥିଲା । ଗୌରୀଶଙ୍କର ରାୟଙ୍କ ସଂପାଦିତ 'ଉତ୍କଳ ଦୀପିକା', ଫକୀର ମୋହନ ସେନାପତିଙ୍କ ଦ୍ୱାରା ସଂପାଦିତ 'ସମ୍ବାଦ ବାହିକା' ଏବଂ 'ଉତ୍କଳିନୀ ସଭା' ପ୍ରଭୃତି ବଂଗୀୟ ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ପାଇଁ ସମର୍ଥ ହୋଇ ପାରିଥିଲେ । ଅନେକ ବଙ୍ଗୀୟ ସଜ୍ଜନ ମଣ୍ଡଳୀ ଯଥା ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ପ୍ୟାରୀମୋହନ ସେନ, ଦୀନନାଥ ସରକାର, ପ୍ୟାରୀମୋହନ ବନ୍ଦ୍ୟୋପାଧ୍ୟାୟ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ, ଜନାର୍ଦ୍ଦନ ସେନ, ବଳରାମ ବୋଷ, ଚୈତନ୍ୟ ଚନ୍ଦ୍ର ପାଲିତ ଓ ହାରାଧନ ଘୋଷ ପ୍ରଭୃତି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସଂପର୍କରେ ସ୍ପଷ୍ଟ ମତ ପ୍ରଦାନ କରିଥିଲେ । ସୌଭାଗ୍ୟବଶତଃ ସରକାରୀ ସ୍ତରରେ ପଣ୍ଡିତ ଜନ୍ ବୀମସ୍ ମଧ୍ୟ ଓଡ଼ିଆ ଭାଷା ଓ ବ୍ୟାକରଣର ବିଶଦ ଆଲୋଚନା କରି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଦିଗରେ କାର୍ଯ୍ୟ କରିଥିଲେ । ଅଧିକନ୍ତୁ କମିସନର ଟି.ଇ. ରେଭେନ୍ସା, ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଜି. କାମ୍ବେଲ ପ୍ରଭୃତି ଇଂରେଜୀ ଶାସକମାନେ ସରକାରୀ ସ୍ତରରେ ମୃତପ୍ରାୟ ଓଡ଼ିଆଭାଷାକୁ ସଂଜୀବିତ କରିବାରେ ସାହାଯ୍ୟ କରିଥିଲେ ।

ବଙ୍ଗଳାର ଲେଫ୍‌ନାଣ୍ଟ ଗଭର୍ଣ୍ଣର ଓଡ଼ିଶା ଗସ୍ତ ସମୟରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେଓ ଏବଂ ଜାତୀୟତାବାଦୀ ବିଚିତ୍ରାନନ୍ଦ ଦାସ ତାଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୮୮୨ ମସିହାରେ 'ଉତ୍କଳ ସଭା' ଗଠିତ ହେଲା ଓଡ଼ିଆଙ୍କର ନ୍ୟାଯ୍ୟ ଦାବୀ ପୂରଣ ପାଇଁ । ଠିକ୍ ତାର ୬ ବର୍ଷପରେ ଏହି ସଭା ବଙ୍ଗଳାର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କଠାରେ ଦାବୀ କଲା-ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ଗୋଟିଏ ଶାସନ-ବ୍ୟବସ୍ଥା ମଧ୍ୟରେ ଆଣିବା ପାଇଁ ।

ଏହି ଆନ୍ଦୋଳନ ସେତେବେଳେ ଗଣଭିତ୍ତିକ ନଥିଲା । ଯାହାର ସୁଯୋଗ ନେଇ ସେଣ୍ଟ୍ରାଲ୍ ପ୍ରଭିନ୍ସ ବା ମଧ୍ୟପ୍ରଦେଶର ଚିଫ୍ କମିଶନର ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଲୋପକରି ହିନ୍ଦୀ ପ୍ରଚଳନ କଲେ । ସେତେବେଳେ ଲର୍ଡ଼ ଏଲ୍‌ଗିନ୍ ଭାରତର ଭାଇସ୍‌ରାୟ ଥାନ୍ତି । ସମ୍ବଲପୁରରୁ ପାଞ୍ଚ ଜଣ ନେତା ଶ୍ରୀ ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର, ବଳଭଦ୍ର ସୁଆର, ବିହାରୀ ଦାସ ମହନ୍ତ, ମଦନ ମୋହନ ମିଶ୍ର ପ୍ରଭୃତି ସିମଳା ଯାଇ ନବନିଯୁକ୍ତ ଭାଇସ୍‌ରାୟ ଲର୍ଡ଼ କର୍ଜନଙ୍କୁ ସାକ୍ଷାତ କରି ଦାବୀ ଜଣାଇବାକୁ ଚାହିଁଥିଲେ । କିନ୍ତୁ ଦୁର୍ଭାଗ୍ୟକ୍ରମେ ସାକ୍ଷାତକାର ସମ୍ଭବ ହୋଇପାରି ନଥିଲା । ତଥାପି, ଫେରିବା ବାଟରେ ମଧ୍ୟପ୍ରଦେଶର ଚିଫ୍ କମିଶନର୍ ସାର୍ ଆଣ୍ଡୃ ଫ୍ରେଜର୍‌ଙ୍କୁ ସାକ୍ଷାତ କରି ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳନରେ ସରକାରୀ ସ୍ତରରେ ଅସୁବିଧା ଥିବା ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହିତ ସାମିଲ କରିବାକୁ ଦାବୀ ଜଣାଇଥିଲେ । ସମ୍ବଲପୁରରେ ଭାଷା ପ୍ରଚଳନ ଜନିତ ରହିଥିବା ଅଶାନ୍ତି କ୍ରମଶଃ ଉତ୍କଟ ରୂପ ଧାରଣ କରୁଥାଏ । ସେହିଭଳି ମାଡ୍ରାସ୍ ପ୍ରେସିଡେନ୍ସି ଅନ୍ତର୍ଗତ ଗଞ୍ଜାମରେ ମଧ୍ୟ ଏକ ଅନୁରୂପ ଆନ୍ଦୋଳନ ମୁଣ୍ଡଟେକି ଥାଏ । ୧୯୦୦ ମସିହା ବେଳକୁ ଓଡ଼ିଶା ଡିଭିଜନ, ସେଣ୍ଟ୍ରାଲ ପ୍ରଭିନ୍ସ, ମାଡ୍ରାସ ପ୍ରେସିଡେନ୍ସି ଓ ବେଙ୍ଗଲ ପ୍ରେସିଡେନ୍ସିରେ ରହିଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ଏକ ପୂର୍ଣ୍ଣାଙ୍ଗ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥାନ୍ତି ।

୧୯୦୧ ମସିହାରେ ରମ୍ଭା ରାଜପ୍ରାସାଦରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କର ଅଧିନାୟକତ୍ୱରେ ଏକ ସଭା ଆହୂତ ହେଲା । ଏଥିରେ ପ୍ରସିଦ୍ଧ ସାମ୍ବାଦିକ ନୀଳମଣି ବିଦ୍ୟାରତ୍ନ, ଗଞ୍ଜାମର ପ୍ରଥମ ଓଡ଼ିଆ ଓକିଲ ହରିହର ପଣ୍ଡା ଓ ନରସିଂହ ଦାସ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଏହି ନୂତନ ଆନ୍ଦୋଳନକୁ ନେତୃତ୍ୱ ଦେବା ପାଇଁ ଏକମତ ହେଲେ । ପାରଳାଖେମୁଣ୍ଡିର ମହାରାଜା ଶ୍ରୀ ପଦ୍ମନାଭ ଦେବ 'ଉତ୍କଳ ହିତୈଷିଣୀ' ନାମକ ଏକ ଅନୁଷ୍ଠାନ ମଧ୍ୟ ଗଢ଼ିଥାନ୍ତି । ଏହି ଅନୁଷ୍ଠାନ ମୁଖ୍ୟତଃ ଗଞ୍ଜାମରେ ଥିବା ଓଡ଼ିଆମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା ।

୧୯୦୨ ମସିହା ଡିସେମ୍ବର ୧୪ ତାରିଖରେ ରାଜା ବୈକୁଣ୍ଠନାଥ ଦେ ଲର୍ଡ଼ କର୍ଜନ୍‌ଙ୍କ ନିକଟକୁ ମଧ୍ୟ ଏକ ସ୍ମାରକପତ୍ର ପଠାଇଥାନ୍ତି । ତାର ୪ ମାସ ପରେ ୧୯୦୩ ମସିହା ଏପ୍ରିଲ୍ ମାସରେ ''ଗଞ୍ଜାମ ଜାତୀୟ ସମ୍ମିଳନୀ'' ଜନ୍ମଲାଭ କଲା । ଏହାର ପ୍ରଥମ ଅଧିବେଶନରେ ମଧୁସୂଦନ ଦାସ, ବିଶ୍ୱନାଥ କର, ନନ୍ଦ କିଶୋର ବଳ

ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦାନ କରି ଆନ୍ଦୋଳନର ବଳିଷ୍ଠ ନେତୃତ୍ୱ ନେଲେ । ଶ୍ରୀ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ସଭାପତିତ୍ୱରେ ମାନ୍ଦ୍ରାଜରେ ହୋଇଥିବା ଜାତୀୟ କଂଗ୍ରେସରେ ମଧୁସୂଦନ ଓ ଗୌରୀଶଙ୍କର ରାୟ ଯୋଗ ଦେଇଥିଲେ । ଏହି ଅଧିବେଶନରେ ମାନ୍ଦ୍ରାସ ପ୍ରେସିଡେନ୍ସିର ଦୁଇଜଣ ପ୍ରତିନିଧି ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ଦାବୀ କଲାବେଳେ ବ୍ରହ୍ମପୁରର କଂଗ୍ରେସ ପ୍ରତିନିଧି ଶ୍ରୀ ଜି. ରାଘବ ରାଓ ଏହାର ବିରୋଧ କରିଥିଲେ । ଫଳରେ ଓଡ଼ିଶାର ସ୍ୱାର୍ଥ ଜଡ଼ିତ କୌଣସି ପ୍ରସ୍ତାବ ଗୃହୀତ ହୋଇନଥିଲା । ମଧୁସୂଦନ ଜାତୀୟ କଂଗ୍ରେସ ପ୍ରତି ବିମୁଖ ହୋଇପଡ଼ିଲେ ।

ସୌଭାଗ୍ୟକ୍ରମେ ୧୯୦୩ ଜାନୁଆରୀ ମାସରେ ସମ୍ବଲପୁରରେ ପୁଣି ଓଡ଼ିଆଭାଷା କୋର୍ଟ କଚେରୀରେ ପ୍ରଚଳିତ ହେଲା । ଲର୍ଡ଼ କର୍ଜନ ଓଡ଼ିଶା ପ୍ରତି କୋହଳ ମନୋଭାବ ନେଇଥିବାରୁ ତାଙ୍କ ପ୍ରଚେଷ୍ଟାରେ ଭାଷାଭିତ୍ତିରେ ପ୍ରଦେଶ ପୁନର୍ଗଠନ ପାଇଁ 'ରିସ୍‌ଲେ ସର୍କୁଲାର' ପ୍ରକାଶିତ ହେଲା । ଏହି ସର୍କୁଲାର ଅନୁସାରେ ସମ୍ବଲପୁର-ମଧ୍ୟପ୍ରଦେଶ ଅନ୍ତର୍ଗତ ସମସ୍ତ କରଦରାଜ୍ୟ, ବେଙ୍ଗଲ୍ ସରକାର ଅଧୀନରେ ଥିବା ସିଂହଭୂମର କିଛି ଅଞ୍ଚଳ, ଗଞ୍ଜାମ ଜିଲ୍ଲା, ଗଞ୍ଜାମ ଏଜେନ୍ସି ଅଞ୍ଚଳ ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳ ଓଡ଼ିଶା ସହିତ ମିଶ୍ରଣ ପାଇଁ ଉଲ୍ଲେଖ ଥିଲା । କିନ୍ତୁ ଜାତୀୟ କଂଗ୍ରେସ ଏହି ସର୍କୁଲାରକୁ ଗ୍ରହଣ କରିନଥିଲେ । ଫଳରେ ମଧୁବାବୁଙ୍କର ଜାତୀୟ କଂଗ୍ରେସ ପ୍ରତି ରହିଥିବା ଅନୁରକ୍ତି କ୍ରମଶଃ କମି ପଡ଼ିଆସିଲା ଓ ସେହିବର୍ଷ ଡ଼ିସେମ୍ବର ମାସ ୩୦ ତାରିଖରେ କଟକରେ ''ଉତ୍କଳ ସମ୍ମିଳନୀ'' ଜନ୍ମଲାଭ କଲା । କେନ୍ଦୁଝର ରାଜା ଶ୍ରୀ ଧନଂଜୟ ନାରାୟଣ ଭଞ୍ଜ ଦେଓ ଆଣିଥିବା ପ୍ରସ୍ତାବ ଯଥା-'ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳ କୌଣସି ଏକ ଚିଫ୍ କମିଶନରଙ୍କର ଶାସନାଧୀନ ରହୁ,' ଏହା ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା ।

୧୯୦୫ ମସିହାରେ ବଙ୍ଗଭଙ୍ଗ ନିର୍ଦ୍ଦେଶନାମା କଟା ଘା'ରେ ଚୂନ ଦେଲାଭଳି ସମସ୍ତଙ୍କୁ ବେଶ୍ ବାଧି ଥିଲା । ଏହି ନିର୍ଦ୍ଦେଶନାମା ବଳରେ ବେଙ୍ଗଲ ସରକାରଙ୍କ ଅଧୀନରୁ ପୂର୍ବ ବଙ୍ଗକୁ କାଢ଼ି ନେଇ ଆସାମ ସହିତ ମିଶ୍ରଣ କରାଗଲା । ମଧ୍ୟପ୍ରଦେଶ ଅଧୀନରୁ ସମ୍ବଲପୁରକୁ ଅଲଗାକରି (ଚନ୍ଦ୍ରପୁର, ପଦ୍ମପୁର ରାଜ୍ୟ ଏବଂ ଫୁଲଝର ଜମିଦାରୀ ବ୍ୟତୀତ) ଓଡ଼ିଶା ସହିତ ନଭେମ୍ବର ୧, ୧୯୦୫ରେ ମିଶ୍ରଣ କରିଦିଆଗଲା । ଏଥିସହିତ ଛୋଟନାଗପୁର ଡ଼ିଭିଜନ୍‌ରୁ ଗାଙ୍ଗପୁର ଓ ବଣେଇ ରାଜ୍ୟ ଏବଂ ପାଟନା, କଳାହାଣ୍ଡି, ସୋନପୁର, ବାମରା ଓ ରେଢ଼ାଖୋଲକୁ ମଧ ଓଡ଼ିଶା ଡ଼ିଭିଜନ ସହିତ ସାମିଲ୍ କରି ଦିଆଗଲା ।

୧୯୦୭ ଡ଼ିସେମ୍ବର ମାସରେ ମଧୁସୂଦନ ଡିସେଣ୍ଟ୍ରାଲାଇଜେସନ୍ କମିଶନରଙ୍କୁ କଲିକତାରେ ଭେଟି ପୂର୍ଣ୍ଣାଙ୍ଗ ଉତ୍କଳ ପାଇଁ ଦାବୀ ଉପସ୍ଥାପନ କଲେ । ତା'ପର ବର୍ଷ ମଧ ଲଣ୍ଡନ ଗସ୍ତ କାଳରେ ଲଣ୍ଡନରେ ଥିବା ଭାରତର ସେକ୍ରେଟାରୀ ଅଫ୍ ଷ୍ଟେଟ୍‌କୁ ସାକ୍ଷାତ କରି ଚିଫ୍‌କମିଶନର୍ ନିଯୁକ୍ତି ସଂପର୍କରେ ଦାବୀ କରିଥିଲେ ।

୧୯୧୧ ମସିହାରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କର ରାଜ୍ୟାଭିଷେକ ପାଳିତ ହେଲା । ଦାବୀଗୁଡ଼ିକ ସହୃଦୟତାର ସହ ବିଚାର କରି ସମ୍ରାଟ୍ ବଙ୍ଗଭଙ୍ଗ ନିର୍ଦ୍ଦେଶାନାମାକୁ ରଦ୍ଦ କରିଦେଲେ ।

ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ହାର୍ଡ଼ିଂଜ୍ ୧୯୧୧ ମସିହାରେ ବିହାର-ଓଡ଼ିଶା ପ୍ରଦେଶ ନାମରେ ଏକ ନୂତନ ପ୍ରଦେଶ ଗଠନ ପାଇଁ ମସୁଧା କଲେ ଏବଂ ଓଡ଼ିଶା ଡ଼ିଭିଜନ୍‌ରେ ମେଦିନୀପୁର, ଗଞ୍ଜାମ ଓ ବିଶାଖାପାଟଣା ଏଜେନ୍ସି, ସାରଙ୍ଗଗଡ଼, ରାୟଗଡ଼, ବସ୍ତର୍, ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର, ଖର୍ସୁଆ, ଶେରାଇକେଲା, ଖରସୁଆ, ସିଂହଭୂମ୍ ପ୍ରଭୃତି ନରହିବାକୁ ମତଦେଲେ ଏବଂ ୧୯୧୨ ମସିହା ଏପ୍ରିଲ୍ ପହିଲାରେ ବିହାର ଓଡ଼ିଶା ପ୍ରଭିନ୍ସ୍ ମୁଭିଲାଭ କଲା । ଏହି ନୂତନ ପ୍ରଭିନ୍ସରେ ଓଡ଼ିଶା ଡ଼ିଭିଜନର କେବଳ ଅନୁଗୁଳ, ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲା ମିଶି ମୋଟ ୧୩୭୩୬ ବର୍ଗ ମାଇଲ୍ ଅଞ୍ଚଳ ରହିଲା । ୧୯୧୨ ରୁ ୧୯୧୯ ପର୍ଯ୍ୟନ୍ତ ରାଞ୍ଚିରେ ଏହାର ମୁଖ୍ୟ ଦପ୍ତର ରହିଲା ଏବଂ ୧୯୧୯ ରୁ ୧୯୩ ପର୍ଯ୍ୟନ୍ତ ପାଟନା ଏହାର ରାଜଧାନୀ ଭାବରେ ପରିଗଣିତ ହେଲା ।

୧୯୧୭ ମସିହାରେ ଶାସନ ପଦ୍ଧତିର ସଂସ୍କାର ପାଇଁ ଗଠିତ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ କମିସନ ଓଡ଼ିଶାକୁ ଏକ ସବ୍‌ପ୍ରଭିନ୍ସର ମାନ୍ୟତା ପାଇଁ ମତ ଦେଲେ । ଏଥିରେ କ୍ଷୁବ୍ଧ ହୋଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ପ୍ରତିନିଧିମାନେ କଲିକତାରେ ତା ୧୧.୧୨. ୧୯୧୭ରେ କମିଶନରଙ୍କୁ ସାକ୍ଷାତ କଲେ । ସଙ୍ଗରେ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ, କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ , ସୁଦାମ ଚରଣ ନାୟକ, ବ୍ରଜ ସୁନ୍ଦର ଦାସ, ହରିହର ପଣ୍ଡା ଏବଂ ଶୋଭାଚନ୍ଦ୍ର କାନୁନଗୋ । ଓଡ଼ିଶାକୁ ଏକ ପ୍ରାଦେଶିକ ଶାସନର ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିନିଧିମାନେ ଦାବୀ ଉପସ୍ଥାପିତ କରିଥିଲେ । ଉତ୍କଳ ସମ୍ମିଳନୀର କଟକ ଅଧିବେଶନରେ ଗୋପବନ୍ଧୁ ଯୋଗଦାନ କରି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଦାବୀକୁ ବ୍ରିଟିଶ୍ ସରକାର ଗ୍ରହଣ କରିବା ପାଇଁ ସ୍ପଷ୍ଟ ମତ ଅଭିବ୍ୟକ୍ତ କଲେ । ୧୯୧୯ ମସିହାରେ ଗୋପବନ୍ଧୁଙ୍କ ନେତୃତ୍ୱରେ 'ସମାଜ' ସାପ୍ତାହିକ ରୂପେ ଆତ୍ମପ୍ରକାଶ କଲା ଓ ସେହିବର୍ଷ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ପୂର୍ବ ଦାବୀକୁ ମଧ ଦୋହରାଇ ଥିଲେ ।

୧୯୧୯ରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଇଣ୍ଡିଆ ଆକ୍ଟ ଗୃହୀତ ହେଲା । ମଣ୍ଟେଗୁ-ଚେମସ୍ ଫୋର୍ଡ଼ କମିଶନଙ୍କ ସୁପାରିଶକ୍ରମେ ଓଡ଼ିଶାକୁ ଭାଷାଭିତ୍ତିରେ ଏକ ସବ୍-ପ୍ରଭିନ୍ସ ରୂପେ ସ୍ୱୀକୃତି ଦେବା ପାଇଁ ଏଥିରେ ଉଲ୍ଲେଖ ରହିଲା । ବିହାର-ଓଡ଼ିଶା ବିଧାନ ସଭାରେ ମଧ ଉକ୍ତ ସୁପାରିଶ ଗୃହୀତ ହୋଇଗଲା ।

ଏହି ସୁପାରିଶ୍ ଓଡ଼ିଆମାନଙ୍କ ପାଇଁ ଅଭିଶାପ ସଦୃଶ ଥିଲା । ବିଦ୍ରୋହର ବହ୍ନି ଜଳି ଉଠିଲା । ୧୯୨୦ରେ ଜାତୀୟ କଂଗ୍ରେସ୍‌ର ନାଗପୁର ଅଧିବେଶନରେ ଗୋପବନ୍ଧୁଦାସ, ନିରଞ୍ଜନ ପଟ୍ଟନାୟକ, ଭାଗୀରଥି ମହାପାତ୍ର, ଜଗବନ୍ଧୁ ସିଂହ, ମୁକୁନ୍ଦ ପ୍ରସାଦ ଦାସ, ଯଦୁମଣି ମଙ୍ଗରାଜ,

ହରେକୃଷ୍ଣ ମହତାବ ପ୍ରଭୃତି ଯୋଗଦାନ କରି ଭାଗଲପୁରରେ ପ୍ରଦେଶ ପୁନର୍ଗଠନ ପ୍ରସ୍ତାବକୁ ଗୃହୀତ କରାଇବାରେ ସମର୍ଥ ହୋଇପାରିଥିଲେ । ଜାତୀୟ କଂଗ୍ରେସ ଏ ଦିଗରେ ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରୁ ବୋଲି ପ୍ରତିନିଧି ମାନେ ଜୋର୍ ଦେଇଥିଲେ । ସେହିବର୍ଷ ବିହାର-ଓଡ଼ିଶା ଗଭର୍ଣ୍ଣରଙ୍କର ପ୍ରଦେଶ ଭାବେ ମାନ୍ୟତା ପାଇଲା ଏବଂ ଏଥିରେ ପ୍ରଥମ ଭାରତୀୟ ଗଭର୍ଣ୍ଣର ଭାବେ ଏସ୍.ପି. ସିହ୍ନା ନିଯୁକ୍ତ ହେଲେ ।

୧୯୨୧ ମସିହା ଡ଼ିସେମ୍ବର ମାସରେ ଅହମଦାବାଦ୍‌ରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ଓଡ଼ିଶାରୁ ୧୨୭ ଜଣ ପ୍ରତିନିଧି ଯୋଗଦେବା ଏକ ଉଲ୍ଲେଖଯୋଗ୍ୟ ଘଟଣା । ସ୍ୱାଧୀନତା ଆନ୍ଦୋଳନ ସମଗ୍ର ଭାରତରେ କ୍ରମଶଃ ତୀବ୍ରରୂପ ଧାରଣ କରୁଥିବା ବେଳେ ଓଡ଼ିଶାର ନେତୃବୃନ୍ଦ ଦ୍ୱୈତ ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ।

ବିହାର-ଓଡ଼ିଶା ଲେଜିସ୍‌ଲେଟିଭ କାଉନସିଲ୍‌ରେ ଓଡ଼ିଶାରୁ ରାୟ ବାହାଦୁର ସୁଦାମ ଚରଣ ନାୟକ, ରାୟ ବାହାଦୁର ଗୋକୁଳାନନ୍ଦ ଚୌଧୁରୀ, ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ମଧୁସୂଦନ ଦାସ, ବୈକୁଣ୍ଠନାଥ ଦେ, ନିମାଇଁ ଚରଣ ମିତ୍ର; ଗୋପବନ୍ଧୁ ଦାସ, ବ୍ରଜସୁନ୍ଦର ଦାସ, ପ୍ରମୁଖ ପ୍ରତିନିଧିତ୍ୱ କରି ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ କ୍ରମାଗତ ଭାବେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଦେଶବାସୀଙ୍କର ଦୁଃଖ ମୋଚନ ନିମିତ୍ତ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଥାନ୍ତି । ୧୯୧୯-୨୦ ମସିହାରେ ଯେତେବେଳେ ଓଡ଼ିଶା ଆପାତ-ଦୁର୍ଭିକ୍ଷରେ ଛଟପଟ ହେଉଥିଲା, ଉତ୍କଳମଣି ତାହା ସହ୍ୟ କରିପାରି ନଥିଲେ । ବ୍ରିଟିଶ୍ ଶାସକଙ୍କ କ୍ରୁର ଦୃଷ୍ଟିକୁ ବିଦ୍ରୁପ କରି ସେ କାଉନସିଲ୍‌ରେ କହିଥିଲେ -

''ଦୁର୍ଭିକ୍ଷ ଏକ ଭୟଙ୍କର ପରିସ୍ଥିତି । ଏହି ଶବ୍ଦକୁ ଭାବିଲେ ଦେହ ଥରି ଉଠିବ, ଉଚ୍ଚାରଣ କଲେ ମର୍ମାନ୍ତିକ ଯନ୍ତ୍ରଣା ଅନୁଭବ କରିବ ଏବଂ ସେହି ପରିସ୍ଥିତିରେ ବଞ୍ଚିବା ହିଁ ଜୀବନ-ମୃତ୍ୟୁ ସମ । ଖାଇବାକୁ ଖାଦ୍ୟ ନଥିବା, ପରିଧାନ କରିବାକୁ ବସ୍ତ୍ର ନଥିବା, ରହିବା ପାଇଁ ଚାଳଟିଏ ନଥିବା ଦେଶବାସୀଙ୍କର ଶିକ୍ଷା ବିକାଶ, ସ୍ୱାସ୍ଥ୍ୟକର ପରିବେଶ ସଚେତନତା ସୃଷ୍ଟି କରିବା ପ୍ରୟାସ ଏକ ବିରାଟ ବିଡ଼ମ୍ବନା ।''

୧୯୨୧ ମସିହାରେ ଶଶୀ ଭୂଷଣ ରଥ ମାନ୍ଦ୍ରାଜ ଲେଜିସ୍‌ଲେଟିଭ କାଉନ୍‌ସିଲ୍‌ରେ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ମଧ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥାନ୍ତି । ଫଳରେ ଫିଲିପ୍-ଡଫ୍ କମିଟି ନିଯୁକ୍ତି ହୁଏ । ମାନ୍ଦ୍ରାଜ ପ୍ରେସିଡ଼େନ୍ସିରେ ଥିବା ଓଡ଼ିଆ ଅଞ୍ଚଳଗୁଡ଼ିକ ଓଡ଼ିଶା ଡିଭିଜନରେ ସାମିଲ କରିବାର ସମ୍ଭାବନାକୁ ପରୀକ୍ଷା କରି ଦେଖିବା ପାଇଁ ଉକ୍ତ କମିଟି ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥାଏ । ଉକ୍ତ କମିଟିର ପ୍ରଦତ୍ତ ବିବରଣୀ ଅନୁଯାୟୀ ୧୯୨୮ ମସିହାରେ ସାଇମନ୍ କମିସନ୍ ବା ଇଣ୍ଡିଆନ୍ ଷ୍ଟାଚ୍ୟୁଟାରୀ କମିସନ୍ ନିଯୁକ୍ତ ହୁଅନ୍ତି । ରାଜନୈତିକ କାରଣରୁ ଜାତୀୟ କଂଗ୍ରେସ କମିସନ୍‌କୁ ପ୍ରତ୍ୟାଖ୍ୟାନ କରିଥିଲେ ହେଁ ଓଡ଼ିଶାର ସ୍ୱାର୍ଥ ପାଇଁ ମଧୁସୂଦନ କମିସନ୍‌କୁ କଟକରେ ଅଭିନନ୍ଦନ ଜ୍ଞାପନ କରିଥିଲେ ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ବଳିଷ୍ଠ ଯୁକ୍ତି ସହିତ ଅନୁରୋଧ କରିଥିଲେ ।

ଶ୍ରମିକ ନେତା ମେଜର୍ ଅଟ୍‌ଲିଙ୍କର ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ ପାଇଁ ସାଇମନ୍ ମତ ଦେଲେ । ମେଜର୍ ଅଟ୍‌ଲି 'ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ଉଚିତ' ବୋଲି ମତ ଦେଇଥିଲେ । ସାଇମନ୍‌ଙ୍କ ପରବର୍ତ୍ତୀ ପଦକ୍ଷେପ ଥିଲା 'ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟି' ଗଠନ । ୧୯୩୧ ମସିହା ସେପ୍ଟେମ୍ବର ୧୮ ତାରିଖରେ ଓଡ଼ନେଲ୍‌ଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହେଲା । ଏ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ନୀରବତା ଅବଲମ୍ବନ କରିଥିଲେ ମଧ ପ୍ରଥମ ଥର ପାଇଁ ଉତ୍କଳ କଂଗ୍ରେସ ପ୍ରଦେଶ କମିଟିର ପ୍ରତିନିଧି ଭାବେ ପଣ୍ଡିତ ନୀଳକଣ୍ଠ ଦାସ କମିଟି ସହିତ ସଂଯୋଗ ସ୍ଥାପନ କରିଥିଲେ । ଏହି କମିଟିରେ ଏଚ୍.ଏମ୍. ମେହେଟା, ଟି.ଆର. ଫୁକନ୍, ଏସ୍.ଏନ୍. ସିହ୍ନା, ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଦେବ, ଏମ୍. ନରସିଂହ ରାଜୁ ପ୍ରମୁଖ ସଦସ୍ୟ ଥା'ନ୍ତି । ଉକ୍ତ କମିଟିର ନିଷ୍ପତ୍ତି ଓଡ଼ିଶାର ସ୍ୱାର୍ଥ ପ୍ରତି ସଂପୂର୍ଣ୍ଣ ପ୍ରତିକୂଳ ଥିଲା । ସିଂହଭୂମ ସଦର, ବିନାସ ପୁର ଓ ବଙ୍ଗଳାରେ ଥିବା ବିସ୍ତୀର୍ଣ୍ଣ ଓଡ଼ିଆଭାଷୀ ଅଞ୍ଚଳ, ଜୟପୁର ଓ ପାରଳା ଖେମୁଣ୍ଡି ଜମିଦାରୀ ପ୍ରଭୃତି ଆଉ ଓଡ଼ିଶାରେ ରହିଲା ନାହିଁ ।

ତା ୧୬.୧୧.୧୯୩୧ରେ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଗୋଲଟେବୁଲ ବୈଠକରେ ପାରଳାରାଜା ଗଜପତି ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଦେବ ବିହାର-ଓଡ଼ିଶା ସରକାରଙ୍କ ତରଫରୁ ମନୋନୀତ ସଦସ୍ୟ ଭାବେ ଯୋଗଦାନ କରି ଓଡ଼ିଶା ପ୍ରତି କରାଯାଉଥିବା ଅବିଚାର ସମ୍ପର୍କରେ ବ୍ରିଟିଶ ସରକାରଙ୍କୁ ଜଣାଇଲେ । ସେତେବେଳେ ମଧୁସୂଦନ ଭୟଙ୍କର ରୋଗଗ୍ରସ୍ତ ଥା'ନ୍ତି ।

ପରବର୍ତ୍ତୀ ସମୟରେ ଜଏଣ୍ଟ ପାର୍ଲ୍ୟାମେଣ୍ଟାରୀ କମିଟି ଓଡ଼ନେଲଙ୍କ ରିପୋର୍ଟକୁ ସାମାନ୍ୟ କାଟଛାଣ୍ଟ କରି ଓଡ଼ିଶା ସହିତ ଜୟପୁର ଜମିଦାରୀ, କନକର ମଲିଆ, ପାରଳାଖେମୁଣ୍ଡି ସହର ଓ ପାରଳାଖେମୁଣ୍ଡିର ଅଳ୍ପକିଛି ଅଞ୍ଚଳ ମିଶାଇ ଦେଲେ । ଫଳରେ ଓଡ଼ିଶାର ଭୌଗୋଳିକ ପରିସୀମା ୫୫,୭୯୩ କି.ମିରୁ ୮୪,୬୭୭ କି.ମି.କୁ ବୃଦ୍ଧି ପାଇଥିଲା । ବଙ୍ଗଳା ଓ ବିହାରରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏଥିରେ ଆଉ ସାମିଲ ହୋଇ ପାରିଲା ନାହିଁ । ୧୭.୩.୧୯୩୩ରେ ପ୍ରକାଶିତ ଶ୍ୱେତପତ୍ର ବ୍ରିଟିଶ୍ ସରକାରଙ୍କର ବିଚାରାଧୀନ ଥିବା ବେଳେ ଗଜପତି ମହାରାଜାଙ୍କ ନେତୃତ୍ୱରେ ଏକ ସାତଜଣିଆ ପ୍ରତିନିଧି ସେକ୍ରେଟାରୀ ଅଫ ଷ୍ଟେଟ୍‌କୁ ସାକ୍ଷାତ କରି ୩.୭.୧୯୩୩ରେ ଅଭିଯୋଗ ପତ୍ର ଉପସ୍ଥାପିତ କରିଥିଲେ ।

ଭାରତ ସରକାର ଆଇନ୍ ୧୯୩୫ ବ୍ରିଟିଶ୍ ପାର୍ଲ୍ୟାମେଣ୍ଟରେ ୩.୩.୧୯୩୬ରେ ଗୃହୀତ ହେଲା । ସେହି ଆଇନର ଚିଠା ନିର୍ଦ୍ଦେଶନାମା ଲଣ୍ଡନ ଓ ଓଡ଼ିଶାରେ ଏକସମୟରେ ତା ୨୧.୧.୧୯୩୬ରେ ପ୍ରକାଶିତ ହୋଇଥାଏ । ବିହାର ଓଡ଼ିଶା କାଉନ୍‌ସିଲରେ ଏହାର ଅନ୍ତିମ କାର୍ଯ୍ୟଦିବସ ତା ୨୮.୩.୧୯୩୬ରେ ଓଡ଼ିଶାର ପ୍ରତିନିଧିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଭାରତ ସରକାରଙ୍କ ଆଇନ୍ (ଓଡ଼ିଶା ପ୍ରଦେଶ ଗଠନ), ୧୯୩୬ ବଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଏପ୍ରିଲ ୧, ୧୯୩୬ ରେ ଆତ୍ମପ୍ରକାଶ କଲା । ଏଥିରେ ନିମ୍ନ ଲିଖିତ ଅଞ୍ଚଳମାନ

ସ୍ଥାନ ପାଇଲା-

୧- ବିହାର-ଓଡ଼ିଶା ପ୍ରଦେଶାନ୍ତର୍ଗତ ସମସ୍ତ ଓଡ଼ିଶା ଡ଼ିଭିଜନ୍

୨- ମାନ୍ଦ୍ରାସ ସରକାରଙ୍କର ଅଧୀନରେ ଥିବା

(କ) ଗଞ୍ଜାମ ଏଜେନ୍ସି

(ଖ) ଏଜେନ୍ସିର ଅନ୍ତର୍ଗତ ହୋଇନଥିବା ଗଞ୍ଜାମ ଜିଲ୍ଲାର ଘୁମୁସର୍ ତାଲୁକ, ଛତ୍ରପୁର, ଆସିକା, ସୋରଡ଼ା, କୋଦଳା, ଇଚ୍ଛାପୁର ଓ ବ୍ରହ୍ମପୁର ତାଲୁକର କେତେକ ଅଞ୍ଚଳ ( ସିଡ୍ୟୁଲ୍ ପାର୍ଟ - ୨ରେ ସୂଚିତ)

(ଗ) ପାରଳାଖେମୁଣ୍ଡିର ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକ ( ସିଡ୍ୟୁଲ୍ ପାର୍ଟ - ୨ରେ ସୂଚିତ)

(ଘ) ଭିଶାଖାପାଟଣା ଜିଲ୍ଲାରୁ ଜୟପୁର ଇଷ୍ଟେଟ, ଇଷ୍ଟେଟ୍ ବହିର୍ଭୂତ ପଟାଙ୍ଗି ତାଲୁକର କେତେକ ଅଞ୍ଚଳ

୩- ସେଣ୍ଟ୍ରାଲ ପ୍ରଭିନ୍ସର

(କ) ରାୟପୁର ଜିଲ୍ଲା ଅନ୍ତର୍ଗତ ଖରିଆର୍ ଜମିଦାରୀ

(ଖ) ଚନ୍ଦ୍ରପୁର-ପଦ୍ମପୁର ଇଷ୍ଟେଟ୍‌ର ୫୪ଟି ଗ୍ରାମ

(ଗ) ଅନ୍ୟ ୭ଟି ଗ୍ରାମ ଯଥା - କୁହାକୁଣ୍ଡ, ବଢିମା, ସୋଡ଼ା, ବ୍ରହ୍ମପୁର, ପଲସୋଦା, ଜମ୍ମି, ଠାକୁରପାଲି ।

ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ୬ଟି ଜିଲ୍ଲା ଥିଲା- କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ । ରାଜ୍ୟର ଅନ୍ୟ ଅଞ୍ଚଳଗୁଡ଼ିକରେ ୨୬ଟି ଗଡ଼ଜାତ ରାଜ୍ୟ ଥିଲା ଯେଉଁଥିରେ ରାଜା ମହାରାଜାମାନେ ଶାସନ କରୁଥିଲେ ।

ଭାରତ ସ୍ୱାଧୀନ ହେଲା ପରେ ଭାରତର ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରରୋଚନାକ୍ରମେ ଏକ ସ୍ୱତନ୍ତ୍ର ଚୁକ୍ତି ବଳରେ ଗଡ଼ଜାତ ରାଜ୍ୟମାନେ ଓଡ଼ିଶା ସହିତ ମିଶ୍ରିତ ହେଲେ । ସର୍ବଶେଷ ରାଜ୍ୟ ମୟୂରଭଞ୍ଜ ୧୯୪୯ ଜାନୁଆରୀ ପହିଲାରେ ସାମିଲ ହେଲାପରେ ୧୯୪୯ରେ ଓଡ଼ିଶା ୧୨ଟି ଜିଲ୍ଲାରେ ଓ ପରେ କଳାହାଣ୍ଡିକୁ ମିଶାଇ ମୋଟ ୧୩ଟି ଜିଲ୍ଲାରେ ବିଭକ୍ତ ହେଲା । ୧୯୯୦-୯୫ ମଧ୍ୟରେ ଏହି ୧୩ଟି ଜିଲ୍ଲା ପୁନର୍ଗଠିତ ହୋଇ ସାଂପ୍ରତିକ ଓଡ଼ିଶାର ମାନଚିତ୍ରରେ ୩୦ଟି ଜିଲ୍ଲା ସ୍ଥାନ ପାଇଛି । ୧୯୯୧ ଜନଗଣନାନୁଯାୟୀ ଓଡ଼ିଶାର କ୍ଷେତ୍ରଫଳ ୧୫୫,୭୦୭ ବର୍ଗ କିଲୋମିଟର ଓ ଜନସଂଖ୍ୟା ୩,୧୬,୫୯,୭୩୬ । ସାଂପ୍ରତିକ ଓଡ଼ିଶାରେ ୫୮ଟି ସବ୍‌ଡ଼ିଭିଜନ୍, ୧୪୭ଟି ତହସିଲ୍, ୩୧୪ଟି ବ୍ଲକ୍,୫୨୬୩ ଗ୍ରାମ ପଞ୍ଚାୟତ, ୫୦୯୭୨ଟି ଗ୍ରାମ ରହିଛି । ଜନସଂଖ୍ୟାର ୧୬ ପ୍ରତିଶତ ଅନୁସୂଚିତ ଜାତି ଓ ୨୨ ପ୍ରତିଶତ ଅନୁସୂଚିତ ଉପଜାତି ରହିଛନ୍ତି । ୧୯୯୮ ଫେବୃଆରୀ ମାସ ସୁଦ୍ଧା ଓଡ଼ିଶାର ମୋଟ ଭୋଟର୍ ସଂଖ୍ୟା ୨,୩୩,୯୩,୬୦୦ । ଓଡ଼ିଶାରେ ୧୪୭ଟି ବିଧାନସଭା ଓ ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀ ନିର୍ଦ୍ଦିଷ୍ଟ ହୋଇଅଛି ।

'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'- ସମୟର କଷଟି ପଥରରେ ବହୁବାର ପରୀକ୍ଷିତ ହୋଇ, ବହୁବାର ଶରବିଦ୍ଧ ହୋଇ, ଲାଞ୍ଛନାରେ ବିଡ଼ମ୍ବିତ ଏ ଜାତି ଚିତାମାଟିକୁ ଜାବୁଡ଼ି ଧରିଛି ଅନେକ କାଳରୁ । ମହେନ୍ଦ୍ରଗିରି-କୋରାପୁଟ-ମାଲକାନ୍‌ଗିରି-ସିମିଳିପାଳ-ମେଘାସନ-ପଞ୍ଚଧାର-ଦେଓମାଳି-ଗନ୍ଧିକୋଣ୍ଡା-ତୁରିଆକୋଣ୍ଡା-ନିମଗିରି- ଟାଙ୍ଗିଡ଼ୋଙ୍ଗର-ମୁରଲୀସୋରୁ-ବଣ୍ଡା ପ୍ରଭୃତି ଢେଉଢେଉକା ପାହାଡ଼, ଘଞ୍ଚବଣ ଜଙ୍ଗଲରେ ଓଡ଼ିଆ ସନ୍ତାନ ତାର ଜୀବନ-ପସରା ମେଲିଛି; ଦୁଃଖ, ଅଭିମାନ, ଅନୁଶୋଚନାଠାରୁ ବହୁ ଦୂରରେ ରହି ଦେବ ଶିଶୁଭଳି ପ୍ରକୃତି ସହିତ ସେ ଏକାଠି ରହିଛି, ବେଳେବେଳେ ଯୁଝିଛି, ଜୁଆରିଆ ଜୀବନରେ ଲହଡ଼ି ଭାଙ୍ଗିଛି । ଦେଶ ଯେତେବେଳେ ସ୍ୱାଧୀନତା ସଂଗ୍ରାମରେ ଆଗଭର ହୋଇଛି, ସେ ଧନୁତୀର ଧରି ବାହାରି ଆସିଛି, କାହାକୁ ହାଣିଛି ତ ମାରିଛି । ମଥା ତଳକୁ ନୁଆଇଁ ନାହିଁ । ଅନ୍ୟାୟ, ଅନୀତି, ଶୋଷଣ ଓ କପଟତାର ଶିକାର ହୋଇ ମଧ୍ୟ ତା' ବିରୁଦ୍ଧରେ ସେ ଲଢ଼ିଛି, ଲଢୁଥିବ ମଧ୍ୟ । ବଞ୍ଚିବାର ରାହା ସେ ଛାଡ଼ିନି ।

ଆମ ନୂଆ ପ୍ରଦେଶକୁ ୬୨ ବର୍ଷ ପୂରିଲା । ୧୮୬୬ ରୁ ୧୯୩୬ - ଦୀର୍ଘ ୭୦ ବର୍ଷର ଜନ-ଜାଗୃତି ଓ ଆନ୍ଦୋଳନର ଫଳଶ୍ରୁତି ସ୍ୱରୂପ ଆମେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଲାଭ କଲୁ । ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ପୂର୍ବସୂରୀମାନେ ଯେଉଁଭଳି ନିଷ୍ଠା, କଠୋର ସାଧନା ଓ ତ୍ୟାଗର ପରକାଷ୍ଠା ଦେଖାଇଛନ୍ତି, ଠିକ୍ ସେହିଭଳି ମଧ୍ୟ ଓଡ଼ିଶାର ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି, ଜନତାର ଆର୍ତ୍ତିମୋଚନ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅତୁଟ ସଂଗ୍ରାମ କରିଛନ୍ତି । ଦେଶ ଯେତେବେଳେ ସ୍ୱାଧୀନତା ପ୍ରାପ୍ତିର ରଜତ ଜୟନ୍ତୀ ପାଳନ କରୁଛି, ଓଡ଼ିଶା ଓ ସିନ୍ଧର ଅଧିବାସୀଗଣ ସ୍ୱତନ୍ତ୍ର ପ୍ରଦେଶର ୬୨ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳନ କରୁଛନ୍ତି ।

ଏହି ଉତ୍ସବ ପାଳନରେ ଯେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାର ସରହଦର ବାହାରେ, ଯେଉଁମାନେକି ସଲ୍ଲଜ ଅଭିମାନରେ ଏବେ ବି ମାଣବସା ଗୁରୁବାର ପାଳୁଛନ୍ତି, ରଜରେ ଦୋଳି ଖେଳୁଛନ୍ତି, କାର୍ତ୍ତିକ ପୁନେଇଁରେ କଦଳୀ ବାହୁଙ୍ଗା ତିଆରି ଡଙ୍ଗାରେ ପାନ, ସଳିତା ଥୋଇ 'ଆ କା ମା ବୈ' ଗାଇ ପାଣିରେ ଭସେଇ ଦେଉଛନ୍ତି, ଖୁଦୁରୁକୁଣୀ ଓଷା କରୁଛନ୍ତି, ଆକାଶ ଦୀପ ଦେଉଛନ୍ତି, ମୁରୁଜରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଚିତ୍ର ଆଙ୍କି ଜୁହାର ହେଉଛନ୍ତି, ଦଣ୍ଡନାଚ-ରସରକେଳି ଗୀତ ଗାନ-ଘୋଡ଼ାନାଚ-ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଆଦି ଦେଖି ନିଜକୁ ପୁଣିଥରେ ଚିହ୍ନିବାର ପ୍ରୟାସରେ ଚମକି ପଡୁଛନ୍ତି- ସେହି ଓଡ଼ିଆ ସନ୍ତାନମାନଙ୍କୁ ଆଜିର ଓଡ଼ିଶା ହରେଇ, ଝୁରି ହେଉଛି । ପ୍ରତ୍ୟୟର ପାହାଚ ଘୁଞ୍ଚି ଘୁଞ୍ଚି ଯାଉଛି । ପାହାନ୍ତେ ଭଙ୍ଗର ଦୁଃସ୍ୱପ୍ନ ସଚେତନ ଓଡ଼ିଆ ନାଗରିକଙ୍କୁ ବ୍ୟଥିତ କରୁଛି ଆମ ଚୌହଦୀ ପୁଣି ବିକୃତ ହେବ ନି ତ ? ବ୍ୟାବହାରିକ ଭାଷା ଓ ସଂସ୍କୃତିର ବିଭିନ୍ନତା ଆମକୁ ପୁଣି ବିଖଣ୍ଡିତ କରିବ ନି ତ ? ଆମ ବନାନୀରେ ଆଉ ଦାବାଗ୍ନି ନଜଳୁ, ବରଂ ଏଗୁଡ଼ିକ ଜ୍ୟୋତିଃସ୍ନାତ ହେଉ ।

ସଂପାଦକ, ଓଡ଼ିଶା ରିଭ୍ୟୁ
ଏନ୍ ୧/୨୭ଏ
ନୟାପଲ୍ଲୀ, ଭୁବନେଶ୍ୱର - ୧୫

# ଉତ୍କଳ ଜନନୀଂ ବନ୍ଦେ

ପଣ୍ଡିତ ବେଣୁଧର ପରିଡ଼ା

-୧-

ସୁକଳ୍ପନା ସାର୍ଥକତା କଳେବରାଂ
କବୀନ୍ଦ୍ର ସଙ୍ଗୀତ ସୁଚିତ୍ର ଭାସ୍ୱରାମ୍ ।
ଯଥାର୍ଥ ନାମାଂ ସ୍ୱଗୁଣୈ ର୍ଗରୀୟସୀଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୨-

ବିଶ୍ୱତ୍ରୟୀ ବୈକୁଣ୍ଠ ପଦଂ ଜଗତ୍ପତିଃ
ହ୍ୟକୁଣ୍ଠିତୋ ଯତ୍ର ବିରାଜତେ ସ୍ୱୟମ୍ ।
ସଦେଷ୍ଟ ନିଷ୍ଠାଂ କମନୀୟ ବିଗ୍ରହାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୩-

ସହସ୍ର ସିନ୍ଧୂତ୍କଳ ବୀଚି ନୂପୁରାଂ
ଲତାଦ୍ରୁମ ଶ୍ୟାମଳ ବସ୍ତ୍ର ଭୂଷିତାମ୍ ।
କରୀନ୍ଦ୍ର ପତ୍ରାଂ ମୃଗରାଜ ବିକ୍ରମାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୪-

ସୁବହୁମୋୟତ୍ର ତରୁ ର୍ମହାନଦୀ
ନଦୀ ପୁନଃ ସ୍ୱର୍ଗ ପଥଃ ଶ୍ମଶାନକୃଃ ।
ଗିରି ର୍ମହେନ୍ଦ୍ରୋ ନଗରାଜ ଶେଖରଃ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୫-

ତ୍ରିଶୂଳ ଚର୍ମାସି ଶରାସନାନ୍ୱିତାଂ
ସୁନୀଳ ଚକ୍ରାଙ୍କିତ କେତୁ ଧାରିଣୀମ୍ ।
ହସନ୍ମୁଖୀଂ ଶୂର ସୁତୌଘ ବତ୍ସଳାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୬-

ପୁରାଣ କୋଣାର୍କ ପୁରୀ ମହାଙ୍କରେ
ପ୍ରସିଦ୍ଧ ତୀର୍ଥେ ଭୁବନେଶ୍ୱରେ ତଥା ।
ବିଭାତି ଯନ୍ନିର୍ମଳ କୀର୍ତ୍ତି କେତନଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୭-

ଉପେନ୍ଦ୍ର ଭଞ୍ଜାଦି କବୀଶ୍ୱରାର୍ଚ୍ଚିତାଂ
ପଠାଣି ସାମନ୍ତ ମନୀଷି ମାନିତାମ୍ ।
ସ୍ୱଦେଶ ମୁକ୍ତୌ ମଧୁଗୋପ ସେବିତାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୮-

ସଦା ସଦାଚାର ନିବିଷ୍ଟ ମାନସାଂ
ଚିରଂ ମହୋଦାର ବିଶୁଦ୍ଧଭାବନାମ୍ ।
ଧରା ସହାବସ୍ଥିତି ଭିତ୍ତି ଭୂମିକାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୯-

ସତାଂ ସଦାତିଥ୍ୟ ବିଧାନ ଦୀକ୍ଷିତାଂ
ସୁଧାର୍ମିକ ସ୍ୱାଗତ ଗୀତି ଗାୟିକାମ୍ ।
ପ୍ରଶାନ୍ତ ଚିରାଂ ଶରଣାଗତ ପ୍ରିୟାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

-୧୦-

ସୁସାମ୍ୟ-ମୈତ୍ରୀ-ମମତା ତ୍ରୟାତ୍ମକୈ
ର୍ବିଶୋଭମାନାଂ ମଧୁ-ବର୍ଣ୍ଣ-ସୌରଭୈଃ ।
ସମଗ୍ର ଭୂଭାରତ ପଙ୍କଜୋପମାଂ
ନମାମି ପୁଣ୍ୟୋତ୍କଳ ମାତରଂ ମମ ॥

ନୀଳାଦ୍ରି ଚନ୍ଦ୍ରିକା
ଏ/୩୦, ସୁନାବେଡ଼ା-୨
କୋରାପୁଟ - ୭୬୩ ୦୦୨

# ଜାତୀୟ ଜୀବନର ମନ୍ତ୍ରଦାତା ମି. ମଧୁସୂଦନ ଦାସ

*ଶ୍ରୀ ପଠାଣି ପଟ୍ଟନାୟକ*

ଦୀର୍ଘକାଳର ଆଫଗାନ, ମୋଗଲ ଓ ମରହଟ୍ଟା ଶାସନ କାଳରେ ପରାଧୀନ ଓଡ଼ିଶାର ଜାତୀୟ ଜୀବନ କଳୁଷିତ ହୋଇ ଅତ୍ୟନ୍ତ ଅବକ୍ଷୟର ସମ୍ମୁଖୀନ ହୋଇଥିଲା । ଓଡ଼ିଆ ଜାତି ହୋଇଗଲା ଆତ୍ମବିସ୍ମୃତ । ଗୌରବମୟ ପ୍ରାଚୀନ ସଂସ୍କୃତି ଓ ସାହିତ୍ୟର ଉତ୍ତରାଧିକାରୀ ବୋଲି ସେ ଅନୁଭବ କରି ପାରିଲା ନାହିଁ । ଏକ ବିଡ଼ମ୍ବିତ ଜୀବନ ଧାରଣ କରି ଓଡ଼ିଆମାନେ ହେଲେ ସର୍ବତ୍ର ଅବହେଳିତ ଓ ଅସମ୍ମାନିତ । ଇତିହାସ ପୃଷ୍ଠାରେ ଉତ୍କଳ ନରପତି ଖାରବେଳ ଓ କପିଳେନ୍ଦ୍ର ଦେବଙ୍କର ସମର ଅଭିଯାନ ଅତ୍ୟନ୍ତ ଗୌରବମଣ୍ଡିତ । ସାତ ସମୁଦ୍ର ସେପାରରେ କଳିଙ୍ଗ ସାଧବପୁଅର ଐଶ୍ୱର୍ଯ୍ୟର କାହାଣୀ ଅଥବା ଅସଂଖ୍ୟ ମନ୍ଦିର ଗାତ୍ରରେ ଅତୁଳନୀୟ ଶିଳ୍ପୀକୁଳର କଳାନୈପୁଣ୍ୟ ଜଗତ ବିଖ୍ୟାତ । ଭାରତର ଧର୍ମ-ଆନ୍ଦୋଳନରେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଅବିସ୍ମରଣୀୟ ଜାତୀୟ ସଂହିତିର ପ୍ରାଣ ପ୍ରତିଷ୍ଠା କରିଥିବା ଜଣାଯାଏ । ଭାରତର ଦେଶୀୟ ଭାଷାରେ ପୂର୍ଣ୍ଣାଙ୍ଗ ମହାଭାରତ, ରାମାୟଣ ଓ ଭାଗବତ ରଚନା କରିବାରେ ଓଡ଼ିଆ କବି ଅଗ୍ରଗଣ୍ୟ ସ୍ଥାନ ଅଧିକାର କରିଅଛି । ଅଥଚ ଇଂରେଜ ଶାସନର ପ୍ରଥମ ଏକ ଶତାବ୍ଦୀ କାଳ ଓଡ଼ିଆଜାତି ଲାଞ୍ଛିତ ଓ ଅବହେଳିତ ହୋଇ ବିସ୍ମୃତ ହୋଇଗଲା ନିଜର ଅତୀତର ଗୌରବମୟ-କୀର୍ତ୍ତି ଓ ସଂସ୍କୃତିକୁ । ତେଣୁ ପରିଣାମ ହେଲା ଅତ୍ୟନ୍ତ ବିଷମୟ । ପ୍ରବାସୀମାନେ ଓଡ଼ିଆମାନଙ୍କର କୀର୍ତ୍ତିରାଜିକୁ ନିଜର ବୋଲି ଦାବୀ କରି ଗୌରବମଣ୍ଡିତ ହେଲେ । ଓଡ଼ିଆ ଭାଷାକୁ ଲୋପ କରିଦେବା ପାଇଁ ସେମାନଙ୍କର ଚକ୍ରାନ୍ତ ଥିଲା ଅତ୍ୟନ୍ତ ପ୍ରଭାବଶାଳୀ ।

ବଙ୍ଗଳା ସାହିତ୍ୟର ବିଖ୍ୟାତ ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ସେକାଳରେ ପ୍ରଚଳିତ ''ମଣିମାଲ୍ୟ'' ନାମକ ଏକ ପାଠ୍ୟପୁସ୍ତକରେ 'ବାଙ୍ଗଲାର ଇତିହାସେର ଉପାଦାନ'' ଶୀର୍ଷକ ପ୍ରବନ୍ଧଟିଏ ଲେଖିଥିଲେ । ଏଥିରେ ଥିଲା - ''ଏଇ ବଙ୍ଗେ ରେଇ ଗଙ୍ଗାବଂଶ ଏକଦିନ୍ ଉଡ଼ିଷ୍ୟାୟ ରାଜ୍ୟ ସ୍ଥାପନ ପୂର୍ବକ ଏକଦିକେ ଯେମନ ପୁରୀର ଓ କୋଣାର୍କେର ମନ୍ଦିର ନିର୍ମାଣ କରିୟାଛିଲେନ, ଅପରିଦିକେ ସେଇରୂପ ନିର୍ଦ୍ଦିଷ୍ଟ ବତ୍ସର ଧରିୟା ବିଜିଗୀଷୁ ପଠାନଗଣକେ ପଦେ ପଦେ ପରାଭୂତ ଓ ଲାଞ୍ଛିତ କରିୟାଛିଲେନ । ଆତ୍ମବିସ୍ମୃତ ବାଙ୍ଗାଲୀ । ଏ ସମସ୍ତ କଥାକି ତୋମାକେ ଅପରେ ସ୍ମରଣ କରିୟା ଦିତେ ଆସିବେ ? ହଣ୍ଟରେର ଗ୍ରନ୍ଥେ ଯେ ଉଡ଼ିୟା ସୈନ୍ୟେର ଏତ ପ୍ରଶଂସା ତାହାରା ତୋମାଦେର ଉଡ଼ିଷ୍ୟାବାସୀ ବାଙ୍ଗାଲୀ ସୈନ୍ୟ ।''

ଗୌଡ଼ଦେଶ ବା ବଙ୍ଗଳା ପ୍ରଦେଶକୁ ଜୟ କରି ଉତ୍କଳର ନରପତିମାନେ ବହୁକାଳରୁ ଗୌଡ଼େଶ୍ୱର ଉପାଧି ଧାରଣ କରି ଆସୁଥିଲେ । ଏହି ପ୍ରସଙ୍ଗରେ ଗୋଟିଏ ସଂସ୍କୃତ ଶ୍ଳୋକ ଏଠାରେ ଉଦ୍ଧାର କରାଯାଇପାରେ ।

''ରାଢ଼ା ବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ
ପୂରେଣ ଦୂର ବିନିବେଶିତ କାଳିମଶ୍ରୀଃ
ତଦବିପ୍ରଳୟ କରଣାଭୁତ ନିସ୍ତରଙ୍ଗା,
ଗଙ୍ଗାପି ନୂନମମୁନା ଯମୁନା ଧୁନାଭୂତ ।''

ଗଙ୍ଗରାଜାଙ୍କର ଅଲୌକିକ ବୀରତ୍ୱ ଦର୍ଶନ କରି ଗଙ୍ଗାନଦୀ ନିସ୍ତରଙ୍ଗ ହୋଇ ପ୍ରବାହିତ ହେଲା । ରାଢ ବାରେନ୍ଦ୍ରବାସିନୀ ଯବନୀ-ମାନଙ୍କର ଅଶ୍ରୁଜଳ ଧୌତ କଜ୍ଜଳସ୍ରୋତରେ ଯମୁନା କାଳିମାମୟୀ ହୋଇଅଛି । ଗୌଡ଼ରାଜ୍ୟ ଜୟ କରି ଉତ୍କଳର ରାଜା ଗୌଡ଼େଶ୍ୱର ଉପାଧିରେ ଭୂଷିତ ହୋଇଥିଲେ । ପଞ୍ଚଗୌଡ଼ ମଧ୍ୟରୁ ରାଢ଼, ବାରେନ୍ଦ୍ର ନାମକ ଦୁଇଟି ରାଜ୍ୟ ସେ ଜୟ କରିଥିଲେ । ଗଙ୍ଗ ବଂଶାନୁଚରିତରେ ଲିପିବଦ୍ଧ ଉତ୍କଳ ରାଜାଙ୍କର କୀର୍ତ୍ତିରାଜିକୁ ବଙ୍କିମଚନ୍ଦ୍ର ଇଛା କରି ସ୍ମରଣ କରେ ନାହିଁ ।

କେବଳ ସେତିକି ନୁହେ, ବଙ୍ଗଳା ବିଶ୍ୱକୋଷର ୪ର୍ଥ ଭାଗ ପୃ୫୪୮ଷ୍ଠାରେ ପ୍ରଚାର କରାଗଲା-

''ଏଖନଓ କୋଣାର୍କେ ସୂର୍ଯ୍ୟଦେବର ଯେ ପ୍ରାଚୀନ ଭଗ୍ନ ମନ୍ଦିର ଆଛେ, ତାହାର ନିର୍ମାଣ ପ୍ରଣାଳୀ ଓ ଅବସ୍ଥିତି ପରିଦର୍ଶନ କରିଲେ ଶ୍ରୀକ୍ଷେତ୍ରର ସୁବୃହତ ମନ୍ଦିର ଓ ସାମାନ୍ୟ ବଲିୟା ବୋଧହୟ । ଯଦି କୋଥାୟ ବଙ୍ଗୀୟ ଶିଳ୍ପ ନୈପୁଣ୍ୟେର ଉଜ୍ଜ୍ୱଳ ଉଦାହରଣ ଥାକେ - ତାହା ଏଇ ରବିକ୍ଷେତ୍ରେ ।

ଓଡ଼ିଶାର ଗୌରବ ଓ ଐଶ୍ୱର୍ଯ୍ୟକୁ ପ୍ରବାସୀମାନେ ନିଜ ଗୌରବ ବୋଲି ଦାବୀ କରିବାକୁ କୁଣ୍ଠିତ ହେଉ ନଥିଲେ । ନିର୍ବୋଧ ଓଡ଼ିଆ ଜାତି ଜଳଜଳ କରି ଅସହାୟ ଭାବରେ ଚାହିଁ ରହିଥିଲା । ଚତୁର୍ଦ୍ଦିଗରେ କୁସଂସ୍କାର ଓ ଅଶିକ୍ଷାର ଅମା ଅନ୍ଧକାର । ଐତିହାସିକ ହଣ୍ଟର ସାହେବ ଲେଖିଥିଲେ ଏହି ପ୍ରସଙ୍ଗରେ-

"Until 1838 no Schools worthy of the name existed except in the two or three little bright spots within the circle of missionary influence. Throughout the length and breath of the province with its population of two and half millions of souls all was darkness and superstitions."

(Hunter - ORISSA-Vol II - p. 145)

୧୮୩୭ ମସିହାରେ ରାଜକୀୟ ଭାଷା ଭାବରେ ପାର୍ସି ପରିବର୍ତ୍ତେ ଓଡ଼ିଆ ଭାଷାକୁ ସ୍ୱୀକୃତି ପ୍ରଦାନ କରାଯାଇ ଥିଲେ ହେଁ ୧୮୫୦ ସାଲ ପର୍ଯ୍ୟନ୍ତ କୋଟ କଚେରୀରେ ଦଶଟଙ୍କାରୁ ଅଧିକ ବେତନ ପାଉଥିବା ଜଣେ ହେଲେ ଓଡ଼ିଆ ନଥିଲେ । କାରଣ କୁସଂସ୍କାର ବଶତଃ ଓଡ଼ିଆମାନେ ବହୁକାଳ ପର୍ଯ୍ୟନ୍ତ ଇଂରେଜ ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ଗ୍ରହଣ କରିପାରିଲେ ନାହିଁ । ଏହି ଦୁର୍ବଳତାର ସୁଯୋଗ ଗ୍ରହଣ କରି କଲିକତା ଆଗତ ବଙ୍ଗୀୟ ରାଜକର୍ମଚାରୀମାନେ ଓଡ଼ିଆ ଭାଷା ଲୋପ କରି ବଙ୍ଗଳାଭାଷା ପ୍ରଚଳନ ପାଇଁ ଉଦ୍ୟମ କରିଥିଲେ । ସେମାନଙ୍କ ପରାମର୍ଶରେ ୧୮୪୯ ଖ୍ରୀଷ୍ଟାବ୍ଦରେ କଟକ କଲେକ୍ଟର ବାଉରିଂ ଏବଂ ପଶ୍ଚିମାଞ୍ଚଳର ଶିକ୍ଷା ପରିଦର୍ଶକ ବଙ୍ଗଳାଭାଷା ପ୍ରଚଳନ ପାଇଁ ଦାବୀ କରିଥିଲେ । କେବଳ ଏତିକିରେ ଦୁଃଖର ଅବସାନ ହେଲା ନାହିଁ । ୧୮୫୦ ଖ୍ରୀଷ୍ଟାବ୍ଦରେ ରାଜସ୍ୱ ପରିଷଦର ସଭ୍ୟ ହେନେରୀ ରିକେଟ ଦାବୀ କଲେ ହିନ୍ଦୀ ଭାଷାର ପ୍ରଚଳନ ପାଇଁ । ୧୮୫୯ ଖ୍ରୀଷ୍ଟାବ୍ଦର କଥା । ପାଦ୍ରୀ ଲସି ସାହେବ ବଙ୍ଗଳା ଭାଷା ପ୍ରଚଳନ ସପକ୍ଷରେ ଯୁକ୍ତି ଉପସ୍ଥାପନ କଲାବେଳେ କଟକରୁ ପ୍ରକାଶିତ Star of Utkal ରେ ଉମାଚରଣ ହାଲଦାର ଦାବୀ କଲେ ଯେ ଓଡ଼ିଆ ଲିପିର କୌଣସି ଆବଶ୍ୟକତା ନାହିଁ । ବଙ୍ଗଳାଲିପି ପ୍ରଚଳନ କଲେ ବଙ୍ଗୀୟ ରାଜକର୍ମଚାରୀଙ୍କର ସମସ୍ୟାର ସମାଧାନ ହୋଇଯିବ । ଏହି ସମୟରେ ବାଲେଶ୍ୱରରେ ଅବସ୍ଥାପିତ ଶିକ୍ଷାବିଭାଗର ପରିଦର୍ଶକ ଶିବଦାସ ଭଟ୍ଟାଚାର୍ଯ୍ୟ ବଙ୍ଗଳା ଭାଷା ସପକ୍ଷରେ ଯୁକ୍ତି କରିବା ଅତ୍ୟନ୍ତ ସ୍ୱାଭାବିକ ଥିଲା । ସବୁଠାରୁ ଅତ୍ୟନ୍ତ ପରିତାପର ବିଷୟ ଯେ ତତ୍କାଳୀନ ଭାରତ ସରକାରଙ୍କ ଜଣେ ବରିଷ୍ଠ ରାଜକର୍ମଚାରୀ ଓ ପ୍ରଖ୍ୟାତ ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର କଟକ ସହରରେ ବୁଦ୍ଧିଜୀବୀମାନଙ୍କ ସଭାରେ ଯୁକ୍ତି ଉପସ୍ଥାପନ କଲେ ଯେ ଓଡ଼ିଆଭାଷା ଓ ସାହିତ୍ୟର କୌଣସି ଭବିଷ୍ୟତ ନାହିଁ । ଯେଉଁ ଉପାୟରେ ଅଳ୍ପକାଳ ମଧ୍ୟରେ ପୂର୍ବତନ ଓଡ଼ିଆ ଅଞ୍ଚଳ ମେଦିନୀପୁରରେ ଓଡ଼ିଆ ଭାଷା ଲୋପ କରିଦିଆଗଲା ଏବଂ ମେଦିନୀପୁରର ଓଡ଼ିଆମାନେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଅପମାନିତ ମନେ କଲେ, ସେହି ଉପାୟରେ ଅନ୍ୟ ଓଡ଼ିଆଭାଷୀ ଅଞ୍ଚଳରୁ ଅତ୍ୟନ୍ତ ସହଜରେ ଓଡ଼ିଆ ଭାଷା ଉଠାଇ ଦେଇ ବଙ୍ଗଳା ଭାଷା ପ୍ରବର୍ତ୍ତନ କରାଯାଇପାରିବ । ଏଥି ସହିତ ବାଲେଶ୍ୱରର ଜଣେ ବଙ୍ଗୀୟ ସ୍କୁଲ ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ ପୁସ୍ତକ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ'' ପୁସ୍ତକ ମଧ୍ୟ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

ଉପକୂଳବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳର ଏହିପରି ଦୁର୍ଦ୍ଦଶା ସହିତ ପଶ୍ଚିମ ଓଡ଼ିଶାର ଭାଷା ସମସ୍ୟା ମଧ୍ୟ ଆହୁରି ଉତ୍କଟ ହୋଇଥିଲା । ୧୮୬୨ ଖ୍ରୀଷ୍ଟାବ୍ଦରୁ ପଶ୍ଚିମ ଓଡ଼ିଶା ଥିଲା ମଧ୍ୟପ୍ରଦେଶର ଶାସନାଧୀନ । ଶାସନ ବିଭାଗର ସମସ୍ତ କର୍ମଚାରୀ ଥିଲେ ହିନ୍ଦୀ ଭାଷାଭାଷୀ । ଚିଫ କମିଶନର ସାର୍ ଉଡ଼ବର୍ଣ୍ଣ ୧୮୯୫ ମସିହାରେ ଓଡ଼ିଆ ଭାଷାକୁ ଉଠାଇଦେଇ ହିନ୍ଦୀ ଭାଷା ପ୍ରଚଳନ ପାଇଁ ଆଦେଶ ଦେଲେ । ''ସମ୍ବଲପୁରରେ ଓଡ଼ିଆ ଭାଷାଲୋପ'' ଶୀର୍ଷକ ଏକ ଆଲୋଚନା ପ୍ରକାଶିତ ହୋଇଥିଲା । ବିଖ୍ୟାତ ସାପ୍ତାହିକ ପତ୍ରିକା 'ଓଡ଼ିଆ ଓ ନବ ସମ୍ବାଦ, ର ୧୩/୧୧/୧୮୯୫ ସଂଖ୍ୟାରେ' ତାହା ଥିଲା ଏହିପରି—

''ସମ୍ବଲପୁର ହିତୈଷିଣୀ ବଡ଼ ମର୍ମାନ୍ତିକ ସମ୍ବାଦ ପ୍ରକା[ଶ] କରିଅଛନ୍ତି । ଆଗାମୀ ୧ଲା ଜନଓରି ଠାରୁ ସେ ପ୍ରଦେଶରେ ଓଡ଼ିଆ ଭା[ଷା] ପରିବର୍ତ୍ତରେ 'ହିନ୍ଦୀଭାଷା' ପ୍ରଚଳନ ହେବ । ଓଡ଼ିଆ ଭାଷାର ଅନୁକୂଳରେ ଯେତେ ଯୁକ୍ତି ପ୍ରଦର୍ଶନ ହୋଇଥିଲା, ସେ ସମସ୍ତ ଉପେକ୍ଷିତ ହେଲା । ଯେ[ମ]ନି ସମ୍ବାଦପତ୍ରାଦିରେ ଯେମନ୍ତ ଆନ୍ଦୋଳନାଦି ହୋଇଅଛି ଓଡ଼ିଆ ସମ୍ବାଦପତ୍ରର ପାଠକ ମାତ୍ରଙ୍କେ ସେ କଥା ଅନବଗତ ନୁହନ୍ତି । ଉଚି[ତ] କୌଣସି କଥା କୌଣସି ଯୁକ୍ତି କର୍ତ୍ତୃପକ୍ଷମାନେ ଗ୍ରାହ୍ୟ କଲେ ନାହିଁ; ସୁବିଧା ଅସୁବିଧା ପ୍ରତି ସେମାନେ ଭଲରୂପେ ଦୃଷ୍ଟିନିକ୍ଷେପ କଲେନାହିଁ । ମଧ୍ୟପ୍ରଦେଶର ଚିଫ କମିଶନର ମହାମତୀ ଉଡ଼ ବରଣ ସାହେବ ବାହାଦୁର ବିଦାୟ କାଳରେ ଓଡ଼ିଆମାନଙ୍କ ଅନ୍ତଃକରଣରେ ବିଷମ ଶେଲ ବିନ୍ଧିଦେ[ଇ] ଯାଉଅଛନ୍ତି । ଓଡ଼ିଆ ଆସୋସିଏସନଙ୍କ ଆବେଦନ ନିବେଦନ ଉଦାର[ମ]ହାମାନ୍ୟ ବଡ଼ଲାଟ ସାହେବ ବାହାଦୁରଙ୍କ ଉଦାର ହୃଦୟରେ ସୁଖ ସ୍ଥା[ନ] ଲାଭ କରିପାରିଲା ନାହିଁ ।''

ସ୍ୱଭାବକବି ଗଙ୍ଗାଧର ମେହେର ଜାତିର ଏହି ଦୁର୍ଦ୍ଦିନରେ ଅତ୍ୟନ୍ତ ହତଚକିତ ହୋଇ ପଡ଼ିଥିଲେ । ସେ ସେକାଳର 'ଉତ୍କଳ ହିତୈଷିଣୀ' ପତ୍ରିକାରେ ଲେଖିଥିଲେ —

''ହିନ୍ଦୀ ସରସ୍ୱତୀ ମୋ ଛାତିରେ ବସି କରିବ ପରା ରାଜତ୍ୱ
ମୋ ଆଶା କାନନ ଭସ୍ମରାଶି ହେବ ତା ନବ ଉଦ୍ୟାନେ ଖତ ।
\+ + + + + +
ଉପମାତା ଆସି ଗର୍ଭଧାରିଣୀର ମସ୍ତକେ ଚରଣ ଦେବ,
ଏ ଦଶା ଦେଖିଲେ କେଉଁ ସନ୍ତାନର ମନରେ ଦୁଃଖ ନ ହେବ ।
(ଭାରତୀ ରୋଦନ)

ଇଂରେଜ ଶାସକଗଣ ଓଡ଼ିଆଭାଷୀ ଅଞ୍ଚଳକୁ ବିଭିନ୍ନ ପଡ଼ୋଶୀ ପ୍ରଦେଶ ସହିତ ସଂଯୁକ୍ତ କରି ରଖିଥିଲେ । ଓଡ଼ିଆମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ପାଇଁ ବିଶେଷ ସୁଯୋଗ ନଥିଲା । ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ବହୁକାଳ ରହିଲା ଅବହେଳିତ ହୋଇ । ଓଡ଼ିଆର ଜାତୀୟତା ବିକଶିତ ହୋଇପାରିଲା ନାହିଁ । ଓଡ଼ିଶାର ବାଣିଜ୍ୟ ବିଭବର ବର୍ତ୍ତମାନ ଓ ଭବିଷ୍ୟତ ହେଲା ଅନ୍ଧକାରମୟ । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଜାତୀୟ ଭାବନାର ପ୍ରବକ୍ତା କବି ଗଙ୍ଗାଧର ଲେଖିଲେ—

''ନିଜ ଘରେ ବସି ନିର୍ବାସନ ଦୁଃଖ
ଆମ୍ଭ କି ଲଲାଟ ଲେଖନ,
ମାତୃଭାଷା ମନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ ।
ଗୁହାରିଲେ ଦୁଃଖ ନୃପତି ଆଗରେ
ଢଳି ଦେଉଛନ୍ତି ଛାମୁରୁ ରାଗରେ
ନୁହେଁ ତାଙ୍କ ଦୋଷ, ବୁଝନ୍ତି ନାହିଁରେ
ଆମର କଥିତ ବଚନ । (କବିତାମାଳା)

ଖଣ୍ଡବିଖଣ୍ଡିତ ଓଡ଼ିଆଭାଷୀ ଅଞ୍ଚଳର ବିକଳଚିତ୍ର ସ୍ୱାଧୀନତାର ଦୀର୍ଘ ପଚାଶବର୍ଷ ପରେ ମଧ୍ୟ ଏହିପରି ରହିଅଛି । ବଙ୍ଗଦେଶରେ ରହି[ଥି]

ମେଦିନୀପୁର; ବିହାରରେ ରହିଲା ସିଂହଭୂମ, ଖର୍ସୁଆଁ ଓ ଖରସୁଆଁ । ମଧ୍ୟପ୍ରଦେଶରେ ରହିଲେ ଫୁଲଝର, ଚନ୍ଦ୍ରପୁର ଜମିଦାରୀ, ରାୟପୁର, ବିଲାସପୁର, ବିନ୍ଦ୍ରାନୁଆଗଡ଼, ବସ୍ତର, ରାୟଗଡ଼ ଓ ସାରଙ୍ଗଗଡ଼ । ଦକ୍ଷିଣ ଓଡ଼ିଶାର ମଞ୍ଜୁଷା, ଟିକିଲି, ଜଳନ୍ତର, ବୁଢ଼ାରସିଂହ, ତରଳା, ଭିଶାଖାପାଟଣାର କେତେକ ଅଞ୍ଚଳ ରହିଗଲା ଆନ୍ଧ୍ରପ୍ରଦେଶରେ ।

ବିଚ୍ଛିନ୍ନାଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶଟିଏ କରିବା ପାଇଁ ପ୍ରଥମେ ଭାରତମନ୍ତ୍ରୀ ସାରନର୍ଥ କୋଟ ୧୮୬୮ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାରଙ୍କୁ ସୁପାରିଶ କଲେ । ସେହିବର୍ଷ ଭାରତ ସରକାରଙ୍କ ହିସାବ ନିରୀକ୍ଷକ ଜର୍ଜଚିମନେ ମଧ୍ୟ ତାଙ୍କ ଲିଖିତ Indian Politics ପୁସ୍ତକରେ ପ୍ରସ୍ତାବ କରିଥିଲେ । ଓଡ଼ିଶାବାସୀଙ୍କ ତରଫରୁ ପ୍ରଥମେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ଏବଂ ବିଚିତ୍ରାନନ୍ଦ ପଟ୍ଟନାୟକ ଦାବୀ ଜଣାଇଲେ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ । ମାତ୍ର ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରି ନଥିଲେ । ସରକାରଙ୍କ ଧାରଣା ବଦ୍ଧମୂଳ ହୋଇଥିଲା ଯେ ଓଡ଼ିଆମାନେ ଅତ୍ୟନ୍ତ ଅନୁନ୍ନତ ଓ ଅଜ୍ଞାନ । ସେମାନଙ୍କୁ ଆନ୍ଦୋଳନ କରି ଆସେ ନାହିଁ । ତାଙ୍କର କୌଣସି ଜାତୀୟବୋଧ ଅଛି ବୋଲି ସେମାନେ ଧାରଣା କରିପାରୁ ନଥିଲେ ।

ଏହିପରି ଏକ ଜାତୀୟ ଦୁର୍ଗତି କାଳରେ ଓଡ଼ିଆମାନଙ୍କର ନେତୃତ୍ୱ ନେଇଥିଲେ ମି. ମଧୁସୂଦନ ଦାସ । ସେ ଥିଲେ ଭାରତବର୍ଷରେ ସ୍ୱଦେଶୀ ଆନ୍ଦୋଳନର ପ୍ରଥମ ପ୍ରବକ୍ତା । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କେବଳ ତାଙ୍କର ପ୍ରଧାନ ଅଭିମୁଖ୍ୟ ନଥିଲା, ସେ ସ୍ୱପ୍ନ ଦେଖିଥିଲେ ଓଡ଼ିଶାର ସ୍ୱାଭିମାନର ପ୍ରତିଷ୍ଠା ପାଇଁ ସ୍ୱଦେଶୀ ଶିଳ୍ପର ଅଭ୍ୟୁଦୟ ପାଇଁ ଏବଂ ସର୍ବୋପରି ଭାରତୀୟ ଜାତୀୟତାରେ ଅଭିମଣ୍ଡିତ ହେବା ପାଇଁ । ୧୮୮୬ ଖ୍ରୀଷ୍ଟାବ୍ଦରୁ ୧୯୦୩ ସାଲ ପର୍ଯ୍ୟନ୍ତ ମି. ଦାସ ଥିଲେ ନିଖିଳ ଭାରତ କଂଗ୍ରେସର ଜଣେ ମୁଖ୍ୟ ସଭ୍ୟ । ସେ ଆଶା କରୁଥିଲେ ଯେ କଂଗ୍ରେସ ଅନୁଷ୍ଠାନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ସମର୍ଥନ କରିବେ । ମାତ୍ର ୧୯୦୨ ସାଲରେ କଲିକତା କଂଗ୍ରେସର ସଭାପତି ସାର ସୁରେନ୍ଦ୍ରନାଥ ବାନାର୍ଜୀ ପ୍ରାଦେଶିକ ପ୍ରଶ୍ନ କଂଗ୍ରେସ କାର୍ଯ୍ୟକ୍ରମରେ ରହିବ ନାହିଁ ବୋଲି ସ୍ପଷ୍ଟ ଘୋଷଣା କରିଦେଲେ । ଏଥିରେ ମି. ଦାସ ହତାଶ ହୋଇ ସବୁଦିନ ପାଇଁ କଂଗ୍ରେସ ପରିତ୍ୟାଗ କଲେ ଏବଂ ପ୍ରତିଷ୍ଠା କଲେ ଉତ୍କଳ ସମ୍ମିଳନୀ । ୧୯୦୩ ସାଲରେ ଓଡ଼ିଆମାନଙ୍କର ଜାତୀୟ ଜୀବନର ପ୍ରାଣପ୍ରତିଷ୍ଠା ପାଇଁ ସେ ସ୍ୱଦେଶୀ ଶିଳ୍ପର ପ୍ରଗତି ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାହାକୁ ଲକ୍ଷ୍ୟ କରି ତତ୍କାଳୀନ ସରକାରୀ ବିବରଣୀରେ ସ୍ୱୀକାର କରାଯାଇଥିଲା ଏହିପରି-

It is remarkable that long before the present wave of Swadeshi Industrialism and even before the Swadeshi movement of Bengal in 1905, this idea of pioneering a new industry was conceived by a man belonging to a province which was considered to be the most backward of the three sister provinces.

ଜାତୀୟଭାବନାର ମନ୍ତ୍ରଦାତା ମି. ଦାସ କେତେ ଆନ୍ତରିକ ଭାବରେ ଆହ୍ୱାନ ଜଣାଇଥିଲେ -

ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ
ଛାତିକି ମିଶାଇ ଛାତି ।''

ମଧୁସୂଦନଙ୍କ ସହିତ ସ୍ୱର ମିଶାଇ ଉତ୍କଳମଣି ଗୋପବନ୍ଧୁ ମଧ୍ୟ ଡାକରା ଦେଇଥିଲେ -

ପୂର୍ବପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଭୀରବ ଗାନ,
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁକ୍ଷୟ
ମାନବ ଜନମ ହୁଅଇ ସଫଳ,
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ।''

ମି. ଦାସ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆଜୀବନ ସାଧନା କରି ନିଜର ସବୁକିଛି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ହେଁ ସେ ସଂକୀର୍ଣ୍ଣ ପ୍ରାଦେଶିକ ଭାବାପନ୍ନ ନଥିଲେ । ଆଜି ସ୍ୱାଧୀନତାର ସୁବର୍ଣ୍ଣଜୟନ୍ତୀ ପାଳିତ ହେଉଥିବାବେଳେ ପ୍ରାଦେଶିକ ରାଜନୀତି ଓ ଜାତିଗତ, ଗୋଷ୍ଠୀଗତ ଚିନ୍ତାଧାରା ଭାରତୀୟ ଜାତୀୟଜୀବନକୁ କୀଟଦଷ୍ଟ କରିବାରେ ଲାଗିଛି । ଅଥଚ ପରାଧୀନ ଭାରତରେ ମି.ଦାସ ଭାରତୀୟ ଜାତୀୟତାର ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ପ୍ରବକ୍ତା । କୌଣସି ପ୍ରକାର ସଙ୍କୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରିପାରିନଥିଲା ।

ମାନ୍ଦ୍ରାଜ ସହରରେ ନିଖିଳ ଭାରତ ଖ୍ରୀଷ୍ଟିୟାନ ମହାସଭାର ବାର୍ଷିକ ଅଧିବେଶନ ୧୯୧୬ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ହୋଇଥାଏ । ଏହି ସଭାର ସଭାପତି ଭାଷଣରେ ମି.ଦାସ ଭାରତୀୟ ଜାତୀୟତାର ଆବାହନୀ ଶୁଣାଇଥିଲେ -

We are Indians, Indian blood runs in out veins, Indian history, Indian tradition are the springs from which we draw our inspiration; Our hopes for the future greatness of India are built on the glorious achievements of ancient India.

ଭାଷାଗତ, ଗୋଷ୍ଠୀଗତ, ଜାତିଗତ ଓ ସଂପ୍ରଦାୟଗତ ବିଷରେ ଜର୍ଜରିତ ବର୍ତ୍ତମାନ ଭାରତବାସୀ ମଧୁବାବୁଙ୍କର ଏହି ଭାବନାରେ ଅନୁପ୍ରାଣିତ ହୁଅନ୍ତୁ, ଏହି ଅବସରରେ ଏହା ହିଁ ଏକମାତ୍ର କାମନା ।

ଅବସରପ୍ରାପ୍ତ ଅଧକ୍ଷ
କେନ୍ଦୁଝର କଲୋନୀ, କନିକା ରୋଡ଼, କଟକ - ୮

# ସଂକଳ୍ପର ଦିବସ - ଉତ୍କଳ ଦିବସ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

ପୃଥିବୀରେ ସର୍ବତ୍ର ଏପ୍ରିଲ ୧ ତାରିଖ ନିର୍ବୋଧ ଦିବସ ରୂପେ ପାଳିତ ହେଉଥିବା ବେଳେ ଆମେ ଓଡ଼ିଶାବାସୀ ଏହି ପବିତ୍ର ଦିବସକୁ ଉତ୍କଳ ଦିବସ ଭାବେ ପାଳନ କରୁ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଝଡ଼ଝଞ୍ଜା, ବାଧାବିଘ୍ନ, ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖ ମହାନ୍ ଦେଶ ଭକ୍ତମାନଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ନିଷ୍ଠାପର ଉଦ୍ୟମ ଫଳରେ ଓଡ଼ିଆ ଭାଷାଭାଷୀ ମୁଖ୍ୟ ଅଞ୍ଚଳଗୁଡ଼ିକୁ ଏକତ୍ରୀକରଣ କରିବାର ସ୍ୱପ୍ନ ଏହି ଦିବସରେ ବାସ୍ତବରୂପ ନେଇଥିଲା । ତତ୍କାଳୀନ ସମ୍ବଲପୁର, ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ ଓ କୋରାପୁଟ- ଏହି ଛଅଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

ନୂତନ ଉତ୍ସାହ ଓ ଉନ୍ମାଦନା ମଧ୍ୟରେ ଗଠିତ ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇ ରହିଲା ୧୯୪୭ ମସିହା ଡିସେମ୍ବର ମାସ ୧୩ ତାରିଖ ପର୍ଯ୍ୟନ୍ତ । ୧୯୪୭ ମସିହା ଡିସେମ୍ବର ୧୪ ତାରିଖ ଓଡ଼ିଶା ଇତିହାସରେ ଆଉ ଏକ ଉଲ୍ଲେଖନୀୟ ଦିବସ । ଏହି ଦିନ ଗଡ଼ଜାତ ମିଶ୍ରଣ ଚୁକ୍ତି ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ କଟକଠାରେ ସ୍ୱାକ୍ଷରିତ ହେବା ପରେ ଓଡ଼ିଶାର ସୀମା ପ୍ରାୟ ଦ୍ୱିଗୁଣିତ ହୋଇଥିଲା । ଏହା ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି ଯଥା : ମେଦିନୀପୁର, କଂସାଇ, ଦାଂତନ, ସିଂହଭୂମି, ବୀରଭୂମି, ରାଞ୍ଚି, ସରାଇକଳା, ଖରସୁଆଁ, ଫୁଲଝର, ମଂଜୁଷା, ଜଳଂତର ଇତ୍ୟାଦି ।

ଆମର ଅତୀତ ଇତିହାସ ଗୌରବମୟ । ଆଜି ମନେ ପଡ଼େ ସେହି ସ୍ମରଣୀୟ ଦିନ, ଯେଉଁଦିନ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କପିଳେନ୍ଦ୍ର ଦେବଙ୍କ ସମୟରେ ତ ଏହା କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଓଡ଼ିଆ ସାଧବପୁଅ ସାତ ସମୁଦ୍ର ତେର ନଦୀ ପାରିହୋଇ ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କ ସହ ବାଣିଜ୍ୟ ବ୍ୟବସାୟ କରି ଏ ରାଜ୍ୟକୁ ସମୃଦ୍ଧ କରିଥିଲେ । ପାଲୁର, ତାମ୍ରଲିପ୍ତ, ଚେଲିତୋଲା ବନ୍ଦର ଏକଦା ସାଧବମାନଙ୍କର ନୌ-ଯାତ୍ରାରେ ହୋଇଉଠିଥିଲା ମୁଖରିତ । ଓଡ଼ିଆ ଶିଳ୍ପୀର ନିହାଣ ମୁନରୁ ସୃଷ୍ଟି ହୋଇଥିଲା ମହାନ କଳାର ନିଦର୍ଶନ । ଯାହାକି ପୁରୀ, କୋଣାର୍କ, ରାଜାରାଣୀ ଓ ଲିଙ୍ଗରାଜ ମନ୍ଦିର ଗାତ୍ରରେ ଏବେ ମଧ୍ୟ ବିଦ୍ୟମାନ । ଓଡ଼ିଶାର ଶିଳ୍ପକଳାର ନୈପୁଣ୍ୟ, ହୃଦୟ ଆହ୍ଲାଦକାରୀ ଭାସ୍କର୍ଯ୍ୟ ତଥା ସୌନ୍ଦର୍ଯ୍ୟ ଏଥିରେ ପ୍ରତିଭାତ ହୋଇଛି । ପ୍ରାୟ ୭୦୦ ବର୍ଷ ତଳେ ନିର୍ମିତ ଭଗ୍ନ କୋଣାର୍କକୁ ଦେଖିଲେ ଏବେ ମଧ୍ୟ ମନରେ ଯୁଗପତ ଆନନ୍ଦ ଓ ବିସ୍ମୟ ଜାତ ହୁଏ । ପ୍ରେମ, ସଦ୍ଭାବ, ସଂପ୍ରୀତି, ସେବା ଓ ବୀରତ୍ୱର ପରିବେଶ ମଧ୍ୟରେ କିପରି ଏକ ଜାତି ବଞ୍ଚିରହେ - ଏହାହିଁ କୋଣାର୍କ ମନ୍ଦିରର ନିଦର୍ଶନ । କୋଣାର୍କ ମନ୍ଦିରର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଗୁରୁଦେବ ରବୀନ୍ଦ୍ରନାଥ ଠାକୁର କହିଥିଲେ - "The language of man is here defeated by the language of stone" ଅର୍ଥାତ ''ଏଠାରେ ପ୍ରସ୍ତରର ଭାଷା ଆଗରେ ମଣିଷର ଭାଷା ପରାଜୟ ବରଣ କରିଛି ।''

ଓଡ଼ିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ମହାନ ମହାଭାରତ ଲେଖି ସାରଳାଦାସ ବେଦବ୍ୟାସ ପାଲଟିଯାଇଛନ୍ତି । କାନ୍ତ କୋମଳ ଲଳିତ ପଦାବଳୀର କବି ତଥା ଗୀତଗୋବିନ୍ଦର ପ୍ରଣେତା - ଜୟଦେବ, ରସବାଦର ବିଶିଷ୍ଟ ପ୍ରବକ୍ତା ଆଳଙ୍କାରିକ ବିଶ୍ୱନାଥ କବିରାଜ ତଥା 'ସିଦ୍ଧାନ୍ତ ଦର୍ପଣ'ର ରଚୟିତା ପଠାଣି ସାମନ୍ତ ଏ ମାଟିର ଅମର ସନ୍ତାନ । ଉପେନ୍ଦ୍ରଭଞ୍ଜଙ୍କ ପରି କାବ୍ୟକୋଣାର୍କ ଏବଂ ଫକୀରମୋହନଙ୍କ ପରି କଥା-ସାହିତ୍ୟ ଅନ୍ୟ ଭାରତୀୟ ଭାଷାରେ ଦୁର୍ଲଭ । ଜଗନ୍ନାଥ ଦାସଙ୍କ ରସାମୃତ ଭାଗବତ ରଚନାର ୧୫୮ ବର୍ଷପରେ ବଙ୍ଗଳାରେ ସନାତନ ଚକ୍ରବର୍ତ୍ତୀ ଏବଂ ୫୦/୬୦ ବର୍ଷ ପରେ ସୁର ଦାସ ହିନ୍ଦୀଭାଷାରେ ଭାଗବତ ରଚନା କରିଥିଲେ । ଆମର ଭାଗବତ ଟୁଙ୍ଗୀ ଦ୍ୱାରା ପ୍ରଭାବିତ ହୋଇ ଆସାମରେ ଶଙ୍କର ଦେବ ନାମଘର ପ୍ରତିଷ୍ଠା କରିଗଲେ ।

୧୧୧୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଏକ ବିଶାଳ ସୁସଂଗଠିତ ହିନ୍ଦୁ ରାଜ୍ୟ ରୂପେ ଗୌରବ ଲାଭ କରି ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଜର ସ୍ୱାଧୀନତା ବଜାୟ ରଖିଥିଲା । ୧୫୬୮ ଖ୍ରୀଷ୍ଟାବ୍ଦରେ ଯାଜପୁର ସନ୍ନିକଟ ଗୋହିରଟିକିରି ରଣକ୍ଷେତ୍ରରେ ଶେଷ ସ୍ୱାଧୀନ ନରପତି ଗଜପତି ମୁକୁନ୍ଦ ଦେବଙ୍କ ପରାଜୟ ଓ ନିଧନ ପରେ ବିଶାଳ ଉତ୍କଳ ସାମ୍ରାଜ୍ୟ କ୍ରମଶଃ ଖଣ୍ଡ ବିଖଣ୍ଡିତ ହୋଇଗଲା । ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଖୋର୍ଦ୍ଧାର ରାଜା ରାମଚନ୍ଦ୍ର ଦେବ ସିଂହାସନ ଆରୋହଣ କଲେ । ପରେ

ଆଫଗାନମାନେ ତାଙ୍କୁ ହତ୍ୟା କରି କ୍ଷମତା ଦଖଲ କଲେ । ପ୍ରାୟ ୧୭୫ ବର୍ଷ କାଳ ଓଡ଼ିଶା ମୋଗଲମାନଙ୍କ ଶାସନାଧୀନ ହେବାପରେ ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶାସନ ଭାର ଗ୍ରହଣ କଲେ ।

୧୮୦୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନେ ମରହଟ୍ଟାଙ୍କ ଠାରୁ ଓଡ଼ିଶା ପ୍ରଦେଶ ଅଧିକାର କରିବା ପରେ କେବଳ ପୁରୀ, କଟକ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ସନ୍ଧି କରିଥିଲେ । ଫଳତଃ ଓଡ଼ିଶାର ବିଭକ୍ତିକରଣ ପୂର୍ଣ୍ଣତା ଲାଭ କରିଥିଲା । ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟଗୁଡ଼ିକ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ ।

ଉପରୋକ୍ତ ବିଭକ୍ତୀକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କଲିକତା, ମାନ୍ଦ୍ରାଜ ଓ ନାଗପୁରଠାରୁ ଶାସିତ ବୃହତ ପ୍ରଦେଶଗୁଡ଼ିକରେ ଅତ୍ୟନ୍ତ ସଂଖ୍ୟାନ୍ୟୁନ ହୋଇଗଲେ । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସମୃଦ୍ଧିଶାଳୀ ଓଡ଼ିଆ ଭାଷାକୁ ସରକାରୀ କଚେରୀ, କାର୍ଯ୍ୟାଳୟ ବିଦ୍ୟାଳୟମାନଙ୍କରୁ ଲୋପ କରିଦିଆଗଲା । ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଓ ବଙ୍ଗଳାର ସଂଶ୍ଳିଷ୍ଟ ଓଡ଼ିଆ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲୁଗୁ ଓ ବଙ୍ଗଳା ଭାଷାର ପ୍ରଚଳନ ହେଲା ।

ଓଡ଼ିଆ ଭାଷାର ବିଲୋପ ବିରୁଦ୍ଧରେ ଯେଉଁ ପଣ୍ଡିତ ଓ ମନୀଷିମାନେ ନିଜ ରଚନାବଳୀ ଦ୍ୱାରା ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିଥିଲେ, ସେମାନଙ୍କ ମଧ୍ୟରେ ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, ଗୌରୀକୃଷ୍ଣନାଥ ଦେ, କୃଷ୍ଣମୋହନ ପଟ୍ଟନାୟକ ଇତ୍ୟାଦିଙ୍କ ନାମ ପ୍ରାତଃ ସ୍ମରଣୀୟ । ସର୍ବୋପରି ବାଲେଶ୍ୱରର ତତ୍କାଳୀନ କଲେକ୍ଟର ବହୁଭାଷାବିତ୍ ଜନ୍ ବିମସ୍, ଆଇ.ସି.ଏସ. ନିଜର ପାଣ୍ଡିତ୍ୟପୂର୍ଣ୍ଣ ଅକାଟ୍ୟ ଯୁକ୍ତିଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନତ୍ୱ ଓ ଉତ୍କର୍ଷ୍ୟ ପ୍ରତିପାଦନ କରିଥିଲେ । ଅବଶେଷରେ ବଙ୍ଗ ସରକାର ତାଙ୍କର ଯୁକ୍ତି ନିକଟରେ ହାର ମାନି ଓଡ଼ିଶା ଡିଭିଜନରେ ଶାସନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍‌ସା ସାହେବଙ୍କ ସାହାଯ୍ୟ ଓ ସହାନୁଭୂତି ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟର ନବ ଉନ୍ମେଷ ଘଟିଥିଲା ।

ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, କର୍ମବୀର ଗୌରୀଶଙ୍କର ରାୟ ଏବଂ ଉତ୍କଳ ସମ୍ମିଳନୀର ଉଦ୍ୟମ ଦ୍ୱାରା ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ଉପକୂଳବର୍ତ୍ତୀ ଅଞ୍ଚଳ ଓ ସମ୍ବଲପୁର ମଧ୍ୟରେ ଗଡ଼ଜାତ ରାଜ୍ୟଗୁଡ଼ିକର ଅବସ୍ଥିତି ହେତୁ ଆର୍ଥିକ, ସାମାଜିକ ତଥା ରାଜନୈତିକ ଏକତା ପ୍ରତିଷ୍ଠା ଲାଗି ଏହି କ୍ଷୁଦ୍ର କ୍ଷୁଦ୍ର ଦେଶୀୟ ରାଜ୍ୟଗୁଡ଼ିକ ଓଡ଼ିଶା ପ୍ରଦେଶ ସହିତ ମିଶାଇ ଦେବା ପାଇଁ ଡକ୍ଟର ହରେକୃଷ୍ଣ ମହତାବ, ଡକ୍ଟର ରାଧାନାଥ ରଥ, ୰ ସାରଙ୍ଗଧର ଦାସ, ୰ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ତୁଙ୍ଗ ନେତୃବୃନ୍ଦ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ଫଳତଃ ୧୯୪୭ ମସିହା ଡ଼ିସେମ୍ବର ମାସ ୧୪ ତାରିଖ ଦିନ ଓଡ଼ିଶାରେ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ ସମ୍ଭବ ହୋଇଥିଲା । କିନ୍ତୁ ଓଡ଼ିଶାର ନେତୃବୃନ୍ଦଙ୍କ ମତଦ୍ୱୈଧ ଯୋଗୁଁ ୧୯୪୯ ମସିହାରେ ଖରସୁଆଁ ଓ ସରାଇକେଲା ପୁଣି ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ବିହାର ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ବହୁ ଆନ୍ଦୋଳନ ଓ ପ୍ରତିବାଦ ସତ୍ତ୍ୱେ ଏହା ଆଉ ଓଡ଼ିଶାରେ ମିଶିବା ସମ୍ଭବ ହେଲା ନାହିଁ ।

ପ୍ରାୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ନିମ୍ନୋକ୍ତ ପ୍ରକାରେ ମିଶ୍ରଣ ଘଟି ୧୯୪୯ ମସିହାରେ ସାଂପ୍ରତିକ ଓଡ଼ିଶା ପ୍ରଦେଶର ଜନ୍ମ ।

(୧) ୧୯୦୫ ମସିହାରେ ସମ୍ବଲପୁର ଜିଲ୍ଲାର ଓଡ଼ିଶା ଡ଼ିଭିଜନ ସହ ମିଶ୍ରଣ ।

(୨) ୧୯୩୫ ମସିହାରେ ଦକ୍ଷିଣର ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ମିଶ୍ରଣ ।

(୩) ୧-୧-୪୮ଠାରୁ ଦେଶୀୟ ରାଜ୍ୟର ମିଶ୍ରଣ ପରେ କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼, ଫୁଲବାଣୀ, ଢ଼େଙ୍କାନାଳ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସୃଷ୍ଟିହେତୁ ଓଡ଼ିଶା ପ୍ରଦେଶ ୧୩ଟି ଜିଲ୍ଲା ବିଶିଷ୍ଟ ଏକ ପ୍ରଦେଶରେ ପରିଣତ ହେଲା ।

ମେଦିନପୁର, କଂଟାଇ, ଦାଂତୁନ, ସିଂହଭୂମି, ବୀରଭୂମି, ରାଂଚି, ସରାଇକେଲା, ଖରସୁଆଁ, ଫୁଲଝର, ମଂଜୁଷା, ଜଳଂତର ଇତ୍ୟାଦି ଓଡ଼ିଆଭାଷୀ ଅଞ୍ଚଳ ଆଜି ମଧ୍ୟ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି । ଆମ ସ୍ୱାଭିମାନର ଅଭାବ ତଥା ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଯେତେବେଳେ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳର ଲୋକେ ଅନ୍ୟରାଜ୍ୟରେ ମିଶିବାକୁ ଆଗ୍ରହ ପ୍ରକାଶ କଲେଣି, ସେତେବେଳେ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଓଡ଼ିଶା ସଙ୍ଗେ ସମ୍ଭବପର କି ? ଏକ ପୂର୍ଣ୍ଣାଙ୍ଗ ଉତ୍କଳର ପରିକଳ୍ପନା କରିଥିବା ମଧୁସୂଦନ, ଗୋପବନ୍ଧୁ, ଗୌରୀଶଙ୍କର, କୃଷ୍ଣଚନ୍ଦ୍ର ଇତ୍ୟାଦିଙ୍କ ସ୍ୱପ୍ନ ଏବେ ମଧ୍ୟ ଅଧୁରା ହୋଇ ରହିଗଲା ।

ସବୁକିଛି ହଜାଇବା ପରେ ମଧ୍ୟ ଆମେ ଯାହା ପାଇଛୁ - ତାର ଶ୍ରୀବୃଦ୍ଧି ସାଧନ କରିବା ଆମର ପରମ କର୍ତ୍ତବ୍ୟ । ପ୍ରକୃତି ତା'ର ସବୁ କିଛି ସମ୍ପଦ ଅଜାଡ଼ି ଦେଇଛି ଏହି ରାଜ୍ୟରେ । ଆମ ପ୍ରଦେଶ ଶାଳ ସୁଗନ୍ଧ ବିସ୍ତୀର୍ଣ୍ଣ ବନାନୀ, କାଉଁରୀ ଓ ପୂତନୀରା ନଦନଦୀ, ସୁବିସ୍ତୃତ ବେଳାଭୂମି ଓ ବିପୁଳ ଖଣିଜ ସଂପଦରେ ଭରପୂର । ସ୍ୱାଧୀନତାର ୫୦ ବର୍ଷ ପରେ ଏସବୁ ପ୍ରାକୃତିକ ସଂପଦର ଉପଯୁକ୍ତ ବିନିଯୋଗ ହୋଇପାରିଛି କି? ସାଂଗଠନିକ ଶକ୍ତିର ଅଭାବ, ହୀନମନ୍ୟତା ଏବଂ ଈର୍ଷାକାତର ମନୋଭାବ ହିଁ ଆମର ଅଧଃପତନ ପାଇଁ ଦାୟୀ ।

ଯେତେବେଳେ ଏକ ଜାତି ପତନୋନ୍ମୁଖୀ ହୁଏ; ସେତେବେଳେ ଜାତିର ମାନସିକ ପ୍ରକ୍ରିୟାରେ ଆସେ ବିରାଟ ପରିବର୍ତ୍ତନ । ଜାତି ହୋଇଯାଏ ମ୍ରିୟମାଣ ଓ ନୀରବ । ତାର ସଂଗ୍ରାମୀ ମନୋବଳ ଭାଙ୍ଗିଯାଏ । କର୍ଣ୍ଣଭ ପରି ସେ ହୋଇଯାଏ ଶିଥିଳ । ଠିକ୍ ଏଇୟା ହିଁ ଘଟିଛି ଓଡ଼ିଆ ଜାତି ଭାଗ୍ୟରେ ।

ଆମଠୁଁ ବଳି ଉଦାରବାଦୀ ଜାତି ବୋଧହୁଏ ଆଉ କେହି ନାହିଁ । ଶେଷ ସ୍ୱାଧୀନ ନରପତି ମୁକୁନ୍ଦଦେବଙ୍କ ନିଧନ ପରେ ଆମ ରାଜନୈତିକ, ସାଂସ୍କୃତିକ ତଥା ସାମାଜିକ ଜୀବନ ଝଡ଼ଝଞ୍ଜାକୀର୍ଣ୍ଣ ହୋଇଉଠିଲା । ତାପରିଆଡୁ ଖଣ୍ଡଆସୀ ଆକ୍ରମଣ ଆମକୁ ଭାଗ୍ୟବାଦୀ କରିଦେଲା । ସମସ୍ତ ଦୁଃଖ କଷ୍ଟକୁ ଅତି ଉଦାର ଭାବେ ଆମେ ଗ୍ରହଣ କରିଦେଲୁ ।

ଆମର ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ତଥା ଆଚାର୍ଯ୍ୟ ହରିହର ଓଡ଼ିଶା ଭିତରେ ହିଁ ରହିଗଲେ । ଆମେ ଆମ ନିଜ ଢୋଲ ବଜାଇ ପାରୁନାହୁଁ । ସ୍ୱାଧୀନତାର ୫୦ ବର୍ଷପରେ ମଧ୍ୟ ଆମ ଭିତରୁ ଜଣେ ଓଡ଼ିଆ 'ଭାରତ ରତ୍ନ' ପାଇଲେ ନାହିଁ । ଅଥଚ ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ନାହିଁ । କଳା, ସଂସ୍କୃତି, ବିଜ୍ଞାନ, ସମାଜସେବା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ ଓଡ଼ିଆ ଅଛନ୍ତି ।

ହାତ ଗଣତିରେ ରାଉରକେଲା ଇସ୍ପାତ କାରଖାନା, ନାଲକୋ, ମିଗ୍ ବିମାନ କାରଖାନା, ପାରାଦୀପ ବନ୍ଦର ଇତ୍ୟାଦିକୁ ଛାଡ଼ିଦେଲେ ଆମର ଗର୍ବ କରିବାର କଣ ଅଛି ? ତାଳଚେର-ସମ୍ବଲପୁର ରେଳପଥ ପରିକଳ୍ପନା ଏକ ଶତାବ୍ଦୀ ବିତିଗଲେ ମଧ୍ୟ ସାକାର ହୋଇପାରିଲା ନାହିଁ ।

ଆମର ଖାଦ୍ୟପେୟ ତଥା ସାମାଜିକ ଚଳଣି ମଧ୍ୟ ଉଦାରବାଦର ଯଥେଷ୍ଟ ପରିଚୟ ଦିଏ । କୁଆଡ଼େ ଗଲା ଆମ ପଖାଳ ଭାତ, ପିତା ଶୁଖୁଆ ରାଇ, କାଞ୍ଜିପାଣି, ଖଡ଼ାଶାଗ, ବଡ଼ିଭଜା ଓ ଝଡ଼ାବେସର । ଆମର ଝିଅ ଓ ପୁଅମାନେ ବାପା ଓ ବୋଉ ପରିବର୍ତ୍ତେ ଡାଡ଼ି ବା ମମି ଡ଼ାକିଲେ ଆମେ ଖୁସି । ଆମ ପିଲାଏ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ି ଦିପଦ ପଖାଳଖିଆ ଇଂରାଜୀ କହିଲେ ଆମେ ଗୌରବାନ୍ୱିତ । ଦୀର୍ଘଦିନ ପରାଧୀନ ରହିବା ଫଳରେ ଆମର ପ୍ରବୃତ୍ତି ପରିବର୍ତ୍ତନ ହୋଇ ଯାଇଛି । କିନ୍ତୁ ଆମେ ଆମର ମୌଳିକ ସତ୍ତା ହରାଇ ବସିବା କେତେଦୂର ଯୁକ୍ତିସଙ୍ଗତ, ତାହା ଅନୁଧ୍ୟାନ କରିବାର ସମୟ ବର୍ତ୍ତମାନ ଆସିଛି ।

ହେ ଓଡ଼ିଆ, ସମୟ ଆସିଛି, ଆଖି ଖୋଲ, କଥା କହିବାକୁ ଚେଷ୍ଟା କର, ବିଶ୍ୱ ଇତିହାସକୁ ଅଧ୍ୟୟନ କର । ଧ୍ୱଂସ ସ୍ତୁପ ଭିତରୁ ଜାପାନ ଓ ଜର୍ମାନୀ ଭଳି ରାଷ୍ଟ୍ର ଆତ୍ମପ୍ରକାଶ କରି ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଓ ଶକ୍ତିଶାଳୀ ରାଷ୍ଟ୍ରରୂପେ ମୁଣ୍ଡ ଟେକି ପାରିଛନ୍ତି । ଆଜି ନିଜ ମଧ୍ୟରେ ଥିବା ହୀନମନ୍ୟତା, ସଂକୀର୍ଣ୍ଣ ସ୍ୱାର୍ଥ ଓ ମତଭେଦକୁ ପରିହାର କରି ଏକ ଶକ୍ତିଶାଳୀ ରାଜ୍ୟ ଗଠନରେ ବ୍ରତୀ ହୁଅ । ମାଆ ଓ ମାତୃଭୂମିକୁ ଉପେକ୍ଷା କରି କେହି କେବେ ବଡ଼ ହୋଇନାହିଁ । ଉତ୍କଳ ଦିବସ ପାଳନ ଗତାନୁଗତିକତା ମଧ୍ୟରେ ସୀମାବଦ୍ଧ ନହୋଇ ଆତ୍ମସମୀକ୍ଷା, ସଂକଳ୍ପ ଏବଂ ସମର୍ପଣର ଦିବସ ହେଉ । ସମସ୍ତେ ଏକ ଏବଂ ପ୍ରିୟ ଉତ୍କଳ ସମୃଦ୍ଧକର- ଏହି ଚିନ୍ତା ଜାଗ୍ରତ ହେଉ ।

ବନ୍ଦେ ଉତ୍କଳ ଜନନୀ ।

---

ମାର୍ଫତ - ଶ୍ରୀ ଇନ୍ଦ୍ରମଣି କାନୁନ୍‌ଗୋ
ଶବର ସାହି, ଭୁବନେଶ୍ୱର - ୭୫୧୦୦୬

—୦—

ତୁହି ମା ଜନମ ଭୂମି  ପବିତ୍ର ଭାରତ ଭୂମି
ତୋହର ସନ୍ତାନ ଆମେ ଅଟୁ ସରବେ,
ତୋର ଶ୍ରୀଚରଣ ସେବା  ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ ।
ତୋ ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।

ଭକ୍ତକବି ମଧୁସୂଦନ ରାଓ

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ସାହିତ୍ୟ

ଶ୍ରୀ ସୌରୀବନ୍ଧୁ କର

ସ୍ୱଭାବକବି ଗଙ୍ଗାଧରଙ୍କର ଗୋଟିଏ ଉକ୍ତି ମନେ ପଡ଼େ । ସେହି ଉକ୍ତିଟି ହେଉଛି,

"ଉଚ୍ଚ ହେବା ପାଇଁ ଯେବେ କର ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ଭାଷା ଓ ସାହିତ୍ୟ ଜାତିର ଅନ୍ତରାତ୍ମା । ଏହା ଦ୍ୱାରା ହିଁ ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇ ପାରିଥିଲା ଓ ଓଡ଼ିଆ ଜାତି ବଞ୍ଚିବାର ସ୍ୱୀକୃତି ଲାଭ କରିଥିଲା । ୧୯୩୬ ମସିହା ଅପ୍ରେଲ ପହିଲାଦିନ ଜନ୍ମଲାଭ କଲା ଓଡ଼ିଶା ପ୍ରଦେଶ ଏବଂ ସମଗ୍ର ବିଶ୍ୱ ଏହି ଦିବସଟିକୁ 'ବୋକାଙ୍କ ଦିବସ' ଭାବେ ପାଳନ କରୁଥିବା ବେଳେ, ଓଡ଼ିଶାର ଲୋକେ 'ଉତ୍କଳ ଦିବସ' ଭାବେ ପାଳନ କରି ଆସୁଛନ୍ତି । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ କରିବାରେ, ଓଡ଼ିଆ ଭାଷାକୁ ସୁରକ୍ଷା କରିବା କ୍ଷେତ୍ରରେ କବି ଓ ଲେଖକମାନଙ୍କର ଦାନ ଅବିସ୍ମରଣୀୟ ।

ଯୁଗେ ଯୁଗେ ସାହିତ୍ୟ ସୃଷ୍ଟି କରିଛି ବିପ୍ଳବ । ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ବିପ୍ଳବର ସୂତ୍ରପାତ ହେଲା ତାର କର୍ଣ୍ଣଧାର ଥିଲେ ଉତ୍କଳ ଗୌରବ ମଧୁସୂଦନ । ମଧୁସୂଦନ ଓଡ଼ିଆ ଜାତୀୟତାର ପୂର୍ଣ୍ଣ ଚେତନାକୁ ଜାଗ୍ରତ କରି ଗଢ଼ିଲେ 'ଉତ୍କଳ ସମ୍ମିଳନୀ' (୧୯୦୩) । ତାଙ୍କର ସ୍ୱଦେଶ ପ୍ରେମ, ନିର୍ଭୀକ ଓ ସ୍ୱାଧୀନ ଚିନ୍ତା ତାଙ୍କ କବିତାରେ ପରିସ୍ଫୁଟ ହେଲା ।

"ଜାତି ପ୍ରେମ-ବହ୍ନି
ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
'ସ୍ୱାର୍ଥମେଧ ଯଜ୍ଞ'
ଡାକିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।" (ସନ୍ତାନର ଉକ୍ତି-କବିତା)

'ଉତ୍କଳ ସମ୍ମିଳନୀ' ମଞ୍ଚରେ ଦେଖିବାକୁ ମିଳିଥିଲା ରାଜା, ଜମିଦାର ଓ ସାଧାରଣ ଜନତାର ଏକତ୍ର ସମାବେଶ । ଏହା ଥିଲା ପ୍ରଥମ ସାଂସ୍କୃତିକ ଉଦ୍ୟମ । ମଧୁସୂଦନଙ୍କର ସାତଗୋଟି ବିଭିନ୍ନ କବିତାରାଜିରୁ ତାଙ୍କର ଉଗ୍ର ଓଡ଼ିଆତ୍ୱର ପରିଚୟ ମିଳେ । 'ଜଣାଣ', 'ଉତ୍କଳ ସନ୍ତାନ', 'ଜନନୀର ଉକ୍ତି'' ସନ୍ତାନର ଉକ୍ତି, ସମ୍ମିଳନୀ, ଜାତି ଇତିହାସ ଓ ଏ ଭଳି ଆଉ କେତେ କବିତାରାଜି ଉତ୍କଳୀୟ ପ୍ରାଣରେ ଆଲୋଡ଼ନ ସଞ୍ଚାର କରିଥିଲା ।

ସମାଜ ତା ୧୪/୧୧/୧୯୨୮ ରିଖରେ ଲେଖିଥିଲେ,

"କୋଟିଏ ଓଡ଼ିଆ
ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଞ୍ଚିବ
ନିଶ୍ଚୟ ଦେଖିବ
ଜାତିର ଉନ୍ନତି ପଥ ।
ସୁଦର୍ଶନ ଚକ୍ର
ଗରଜି ଉଠିବ
ବଳିୟାର ବାହୁ ବଳେ
ମାତାଙ୍କ ଶ୍ରୀଅଙ୍ଗ
ପୂର୍ବବତ ହେବ
ଶତ୍ରୁ ପଳାଇବେ ଡରେ ।।"

ଉତ୍କଳ ସମ୍ମିଳନୀ ଉପଲକ୍ଷେ ଉତ୍କଳୀୟ ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରିବାକୁ ଲେଖିଲେ,

"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ ।।
ତରଙ୍ଗ ଉଠିବ ସିନ୍ଧୁ ଗରଜିବ
ଶୁଣିବୁ ସିଂହର ରବ,
ବ୍ରିଟିଶ ରାଜ୍ୟରେ ଓଡ଼ିଆ ଜାତିର
ବଢ଼ିବ ମାନ ଗୌରବ ।।

ମଧୁସୂଦନଙ୍କ ସାହିତ୍ୟରେ ଥିଲା ମୁକ୍ତଚିନ୍ତା ଓ ଗଭୀର ଜୀବନବୋଧ । ଦେଶ ଗଠନ ହିଁ ଏହାର ମୂଳମନ୍ତ୍ର । ଜାତୀୟତାର ମହାମନ୍ତ୍ର ଏ ଜାତି ପ୍ରାଣରେ ଭରି ଦେବା ପାଇଁ ସେ ଗାଇ ଉଠିଥିଲେ,

"ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।" (ଜାତି ଇତିହାସ)

କୁଳବୃଦ୍ଧ ମଧୁସୂଦନଙ୍କ ସହିତ ଯୋଗଦେଇ ଗୌରୀଶଙ୍କର, ଗୋପବନ୍ଧୁ, ନୀଳକଣ୍ଠ, ଗଙ୍ଗାଧର ସଶକ୍ତ ଛିଡ଼ା ହୋଇଥିଲେ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ । ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରକାଶିତ ଉତ୍କଳ ଦୀପିକା ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ନେଇଥିଲା ଶକ୍ତିଶାଳୀ ଭୂମିକା । ୧୮୯୬ ସାଲ ଜାନୁଆରୀ ପହିଲା ଦିନରୁ ସମ୍ବଲପୁରରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦି ଭାଷାର ପ୍ରଚଳନ ବିରୁଦ୍ଧରେ ସୁପ୍ତ ଜନମତ ଜାଗ୍ରତ ହୋଇ ଉଠିଥିଲା । ୧୮୯୫ ମସିହା ଜୁନ୍ ମାସ ୧୩ ତାରିଖରେ ସମ୍ବଲପୁରରେ

ସ୍ୱର୍ଗତ ଧରଣୀଧର ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହିନ୍ଦିଭାଷା ପ୍ରଚଳନ ବିରୁଦ୍ଧରେ ହୋଇଥିଲା । ୧୮୯୫ ମସିହା ମାର୍ଚ୍ଚ ମାସ ୫ ତାରିଖ ଦିନ 'ସମ୍ବଲପୁର ହିତୈଷିଣୀ'ରେ ସ୍ୱଭାବକବି ଗଙ୍ଗାଧରଙ୍କ 'ଉତ୍କଳ ଭାରତୀଙ୍କ ନିବେଦନ' ଶୀର୍ଷକ ଏକ କବିତା ପ୍ରକାଶିତ ହେଲା ।
ସେଥିରେ କବି ଲେଖିଲେ,

''ନିର୍ବାସନ ହେବା ପାଇଁକି
ଅଛି ଜନନୀ ଭାଲେ
ମାତହୀନ ଦଶା ଘଟିବା
ଅଛି ଆମ୍ଭ କପାଳେ
ଭବିତବ୍ୟ ଯାହା ତା ଘଟୁ
ବିଧି ଥାଉର ସିନା
ବୋଲି କାପୁରୁଷ ନହୁଅ
ମୂର୍ଖ ଉଦ୍ୟୋଗ ବିନା ।''

ହିନ୍ଦିଭାଷା ପ୍ରଚଳନ ବିରୁଦ୍ଧରେ ଯେଉଁ ପ୍ରସ୍ତାବ ଗୃହୀତ ହେଲା, ତାହା ବଡ଼ଲାଟ ଲର୍ଡ଼ ଏଲ୍‌ଗିନଙ୍କ ନିକଟକୁ ପଠା ଯାଇଥିଲା ଓ ସେ ଏହି ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ ।
ଏହାକୁ ଲକ୍ଷ୍ୟ କରି ଗଙ୍ଗାଧର ଲେଖିଥିଲେ,

ନିଜ ଘରେ ବସି ନିର୍ବାସନ ଦୁଃଖ
ଆମକି ଲଲାଟଲିଖନ
ମାତୃଭାଷା ମନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ ।
ଗୁହାରିଲେ ଦୁଃଖ ନୃପତି ଛାମୁରେ
ଚଢ଼ି ଦେଉଛନ୍ତି ଛାମୁରୁ ଭାଗରେ
ନୁହେଁ ତାଙ୍କ ଦୋଷ ବୁଝନ୍ତି ନାହିଁରେ
ଆମର କଥିତ ବଚନ ।''

୧୯୦୨ ମସିହାରେ ରମ୍ଭାଠାରେ ଓ ୧୯୦୩ ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପାରଳାଖେମଣ୍ଡିରେ ଅନୁଷ୍ଠିତ ହୋଇଥିଲା । ଉତ୍କଳମଣି ଗୋପବନ୍ଧୁ ସେତେବେଳେ ରେଭେନ୍‌ସା କଲେଜରେ ଛାତ୍ର । ସେ ଏହି ସମ୍ମିଳନୀରେ ସ୍ୱେଚ୍ଛାସେବକ ଭାବେ ଯୋଗ ଦେଇ ମଧୁବାବୁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଓଡ଼ିଆ ଜାତିର ସଂହତି ଓ ସମୃଦ୍ଧି ମଧୁବାବୁ ଓ ଗୋପବନ୍ଧୁଙ୍କୁ ନିକଟତର କରାଇ ପାରିଥିଲା । ଛାତ୍ରଥିବା ବେଳେ ପଣ୍ଡିତ ଗୋପବନ୍ଧୁଙ୍କର ପ୍ରଥମ କବିତା ସଂଗ୍ରହ 'ଅବକାଶ ଚିନ୍ତା' ପ୍ରକାଶ ପାଇଲା । ଏଥିରେ ଯୁବକ ଗୋପବନ୍ଧୁଙ୍କ ମନରେ ଓଡ଼ିଶାର କରୁଣ ଚିତ୍ର ଯେଉଁ ଦୁଃଖ ଦେଇଥିଲା, ତାହାର ପ୍ରତିଫଳନ ଦେଖିବାକୁ ମିଳିଥିଲା କବିତାରେ ।

''ଉତ୍କଳ ମାତାର ଅତୀତ ଯଶ
ବିପୁଳ ବିକ୍ରମ ବଳ ସାହସ
ସୁମରିଣ ଫାଟି ଯାଏ ହୃଦୟ
ଦେଖି ଅବସ୍ଥାର ଏ ବିପର୍ଯ୍ୟୟ
ରକ୍ତ ମାଂସ ଦେହ ଧରି ସେ
ଅଧୀର ଆତୁର କିଏ ସେ ନହେବ
ଦେଖି ମାତା ଏତେ କରି ସେ ।''

ଓଡ଼ିଶାର ଅତୀତ ଗୌରବକୁ ମନେ ପକାଇ ଗୋପବନ୍ଧୁ ଲେଖିଥିଲେ,

''ଉତ୍କଳ ତନୟେ ଦିଅ ନବବଳ
ଉତ୍କଳ ପାଦପେ ରସମୟ ଫଳ
ଉତ୍କଳ ସରିତେ ପବିତ୍ର ଜୀବନ
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ
ଉତ୍କଳ ଆକାଶେ ନବଯଶଃ ରବି
ଉତ୍କଳ ପ୍ରକୃତି ଧରୁ ନବଛବି ।''

ଉତ୍କଳୀୟ ଜାତୀୟତାବାଦର ପ୍ରାଣକେନ୍ଦ୍ର ହେଲା ସତ୍ୟବାଦୀ ବନ ବିଦ୍ୟାଳୟ । ଗୋପବନ୍ଧୁ ଥିଲେ ଏହାର ପ୍ରାଣ ପ୍ରତିଷ୍ଠାତା ଓ ତାଙ୍କ ସହିତ ସହଯୋଗୀ ଥିଲେ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ପ୍ରଭୃତି । ୧୯୧୮ ରେ ଉତ୍କଳ ସମ୍ମିଳନୀ କଟକଠାରେ ଅନୁଷ୍ଠିତ ହୋଇଥିଲା । ବ୍ରିଟିଶ ସରକାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀକୁ ଉପେକ୍ଷା କରୁଥିବାରୁ ଗୋପବନ୍ଧୁ ଦୁଃଖ ପ୍ରକାଶ କରି ଏହାକୁ ବ୍ୟାପକ ଗଣ ଆନ୍ଦୋଳନରେ ପରିଣତ କରିବାକୁ ମତ ଦେଇ ଥିଲେ ଓ ଅଶ୍ରୁ ବିଗଳିତ ନୟନରେ କାତର କଣ୍ଠରେ କହିଥିଲେ, ''ମୁଁ ଆଉ ଅଧିକ କଣ କରିପାରିବି । ମୋ ଛିନ୍ନମସ୍ତା ଉତ୍କଳ ଜନନୀ ପାଖରେ ନିଜକୁ ମୁଁ ଆଜି ଏଥିପାଇଁ ଉତ୍ସର୍ଗ କରୁଅଛି । ମା, ଯଦି ଏ ଜୀବନରେ ତୋର ସୁନ୍ଦର ଶ୍ରୀବଦନ ଦେଖି ପାରିବି ନାହିଁ, ତାହା ହେଲେ ତୋର ଛିନ୍ନମସ୍ତା କଦାକାର ରୂପ ହିଁ ପୂଜା କରିବି ।''

୧୯୧୯ ଏପ୍ରିଲ ମାସରେ କଟକଠାରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସଭାପତି ଅଭିଭାଷଣରେ ଗୋପବନ୍ଧୁ କହିଥିଲେ, ''ଓଡ଼ିଆ ଭାଷା ଉପରେ ଆମ୍ଭମାନଙ୍କର ଜାତୀୟ ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ସୁତରାଂ ଭାଷା ଆମମାନଙ୍କ ପକ୍ଷେ ଜୀବନ ମରଣ ସମସ୍ୟା ।'' ଗୋପବନ୍ଧୁ ପରବର୍ତ୍ତୀ ସମୟରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଉତ୍କଳରେ ଜାତୀୟ ଆନ୍ଦୋଳନର ସୂତ୍ରପାତ କଲେ । କିନ୍ତୁ ତାଙ୍କ ମନରୁ ଉତ୍କଳୀୟ ଜାତୀୟ ଚେତନା ଲିଭି ନଥିଲା । ସେ ଉତ୍କଳ ଉପରେ ନିଜର ଗଭୀର ଆସ୍ଥା ସ୍ଥାପନ କରି ଲେଖିଥିଲେ -

''ନ ଅଟକେ କର୍ମ ନେତାର ଅଭାବେ,
ଧର୍ମ ନାବ ଚଳେ ଧର୍ମର ପ୍ରଭାବେ
ବିଶେଷ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ନେତା ନିଜେ ନାରାୟଣ ।''

ଗୋପବନ୍ଧୁ ନିଜର ଜୀବଦ୍ଦଶାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦେଖି ପାରିଲେ ନାହିଁ କିନ୍ତୁ ତାଙ୍କ କବିତାରେ, ତାଙ୍କ ଭାଷଣରେ ଥିଲା ଉତ୍କଳମାତାର ଜୟଗାନ ଓ ଉତ୍କଳ ଜାତୀୟ ପ୍ରୀତିର ପରାକାଷ୍ଠା ।

ଗୋପବନ୍ଧୁଙ୍କ ସହଯୋଗୀ ଥିଲେ ପଣ୍ଡିତ ନୀଳକଣ୍ଠ । ୧୯୦୩ ମସିହାରେ ଉତ୍କଳ-ସମ୍ମିଳନୀରେ ଛାତ୍ର ନୀଳକଣ୍ଠ ଦର୍ଶକ ଭାବେ ଯୋଗ ଦେଇଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟରେ ଯୋଗ ଦେବାପରେ ପଣ୍ଡିତ ଗୋପବନ୍ଧୁଙ୍କ ସହଯୋଗୀ ଭାବେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ । ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରେ ଓଡ଼ିଆମାନଙ୍କୁ ପ୍ରେରଣା ଦେବାକୁ ଯାଇ ଓଡ଼ିଶାର ଯେଉଁ ନେତାମାନେ ସଭାସମିତି କରୁଥିଲେ,

ତାଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗ୍ରଗଣ୍ୟ । ପଣ୍ଡିତ ନୀଳକଣ୍ଠ ଗଞ୍ଜାମର ପ୍ରସିଦ୍ଧ ନେତା ସ୍ୱର୍ଗୀୟ ଶଶିଭୂଷଣ ରଥଙ୍କ ଦ୍ୱାରା ପ୍ରକାଶିତ 'ଦୈନିକ ଆଶା'ରେ ନିୟମିତ ଲେଖୁଥିଲେ । ଏହା ବସ୍ତୁତଃ ଦେଶ ମିଶ୍ରଣ ଆନ୍ଦୋଳନକୁ ଜାଗ୍ରତ କରି ରଖିଥିଲା । ନୀଳକଣ୍ଠ ଜାତୀୟତାର ବିକାଶ ପାଇଁ ଆମର ସାଂସ୍କୃତିକ ଐତିହ୍ୟ ଓ ଅତୀତ ବୀରତ୍ୱକୁ ସ୍ପଷ୍ଟଭାବେ ତାଙ୍କ ସାହିତ୍ୟରେ ବ୍ୟକ୍ତ କରିଛନ୍ତି । ତାଙ୍କ ପ୍ରବନ୍ଧମାନଙ୍କରେ ଥିଲା ଜାତୀୟ ଜୀବନର ବିକାଶର ଭାବଧାରା । କୋଣାର୍କ କାବ୍ୟରେ ସେ ଉଲ୍ଲେଖ କରିଛନ୍ତି,

"ଅତୀତ-ବିଭବ-କାହାଣୀ କହି ବିବିଧ ରଙ୍ଗେ
ଆତ୍ମାକୁ ବିସୋରି ମିଶିବେ ପୂର୍ବ ପୁରୁଷ ସଙ୍ଗେ ।
ଅତୀତୁ ଅତୀତ ପ୍ରସାରେ ବହି ଜୀବନଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀର କାରା ।।

ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ବିନ୍ଧାଣୀ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର । ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ, ଅତ୍ୟାଚାରୀ ପରତନ୍ତ୍ର କବଳରୁ ମୁକ୍ତି ପାଇବା ପାଇଁ ସେମାନେ ଲେଖନୀ ଚାଳନା କରିଥିଲେ । ଗୋଦାବରୀଶଙ୍କ ଲେଖନୀରୁ ମହାନ ବିପ୍ଳବର ବାର୍ତ୍ତା ଶୁଣିଥିଲା,

"ତୁଙ୍ଗ-ଶିଖରୀ ଚୂଳ
ଘୋର କାନନ ମାଳ
ପୁଣ୍ୟ ଜଳଧି ଜଳ ଖେଳି ଉଠେ ସଘନେ
ପ୍ରାଚୀ ଗଗନ ଶିରେ
ଭାସି କନକ ନୀରେ
ଉଦୟ ତପନ ଉଇଁ ଏ ଉତ୍କଳ ଭୁବନେ । (ଗୀତିଗୁଚ୍ଛ)

ସେ ତାଙ୍କ କବିତାରେ ଜାତୀୟ ଆଦର୍ଶ, ଆତ୍ମସମ୍ମାନବୋଧ ଓ ଐତିହାସିକ ଗୌରବର ସ୍ମୃତି ଚାରଣ କରି ଜାତି ପ୍ରାଣରେ ସଂଗଠନର ସ୍ପୃହା ଜାଗ୍ରତ କଲେ । ଗୋଦାବରୀଶଙ୍କ ପ୍ରେରଣା ଓ ନିର୍ଦ୍ଦେଶ ଅନୁସାରେ ସିଂହଭୂମିର ଅଧିବାସୀଗଣ ଭାଷା, ସଂସ୍କୃତି, ଆଦିବାସୀ ସମ୍ପର୍କ, ଯୋଗାଯୋଗ ଓ ଐତିହାସିକ ଦୃଷ୍ଟିକୋଣରୁ ଓଡ଼ିଶା ସହ ସିଂହଭୂମିର ମିଶ୍ରଣ ପାଇଁ ଓଡ଼ୋନେଲ କମିଟିକୁ ଏକ ବିସ୍ତୃତ ଦାବୀ ପତ୍ର ଉପସ୍ଥାପିତ କରିଥିଲେ ।

ସ୍ୱତନ୍ତ୍ର ଉତ୍କଳ ଗଠନରେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ନାମ ଶ୍ରଦ୍ଧାର ସହ ସ୍ମରଣ କରାଯାଏ । ପଣ୍ଡିତ ଗୋପବନ୍ଧୁଙ୍କ ସହିତ ସେ ଥିଲେ ଦେଶମାତୃକା ଉପାସନାର ଶ୍ରେଷ୍ଠ ସାଧକ । ମହାରାଜା ଶ୍ରୀ ରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ସଭାପତି ଭାବେ ଯେଉଁ ଭାଷଣ ଦେଇଥିଲେ ତାହା ଓଡ଼ିଆ ଜାତିର ଆଭିମୁଖ୍ୟର ସୂଚନା ଦିଏ । ସେ କହିଥିଲେ, "ନିଜର ଜନନୀ ଓ ଜନ୍ମଭୂମି ଏ ଦୁହେଁ ସ୍ୱର୍ଗ ଅପେକ୍ଷା ବଡ଼ ଅଟନ୍ତି । ଆମ୍ଭମାନଙ୍କ ମାତୃଭୂମି ଉତ୍କଳଦେଶ ନିଜର ଅଭାବ ମୋଚନାର୍ଥେ ଆମ୍ଭମାନଙ୍କ ସମୀପରେ ଉପସ୍ଥିତ ହୋଇଛନ୍ତି । ତାହାଙ୍କର କଥା ଶୁଣି ଆମ୍ଭେମାନେ କି ନିଶ୍ଚିନ୍ତ ହୋଇ ରହିପାରୁ ? ଯେ ପର୍ଯ୍ୟନ୍ତ ଉତ୍କଳର ଅଭାବ ମୋଚନ ନହୋଇଛି ସେ ପର୍ଯ୍ୟନ୍ତ ଆମ୍ଭେମାନେ କଦାପି ସ୍ଥିର ହୋଇରହିନପାରୁ । ଆମ୍ଭମାନଙ୍କ ଜନ୍ମଭୂମି ଉତ୍କଳ ଦେଶର ଅଭାବ ମୋଚନ ନକରି କି ଆମ୍ଭେମାନେ ତାର ଯୋଗ୍ୟ ସନ୍ତାନ ବୋଲି ଆପଣାକୁ ଆପେ ମନ ମଧ୍ୟ ବୋଧ କରିପାରିବା ?"

ଓଡ଼ିଆଭାଷା ଓ ଓଡ଼ିଆ ଜାତିର ପ୍ରଥମ ମୁଖପତ୍ର ହେଲା ୧୮୬୬ ମସିହାର 'ଉତ୍କଳଦୀପିକା' । ଉତ୍କଳଦୀପିକାରେ ଓଡ଼ିଶାରେ ପଡ଼ିଥିବା ଦୁର୍ଭିକ୍ଷର ଚିତ୍ର 'ଓଡ଼ିଶ୍ୟା ରୋଦନ' କବିତାରେ ପ୍ରକାଶିତ ହୋଇଥିଲା ।

"କରଇ ରୋଦନ ଓଡ଼ିଶ୍ୟା ବସିଣ ବହୁ ସନ୍ତାନ ହରାଇ
ଦୁର୍ଭିକ୍ଷ ବିପଦ ଘୋର ପରମାଦ ଘୋଟିଲା ମୋତେ କିମ୍ପାଇ ।"

ଉତ୍କଳ ଦୀପିକାରେ ବହୁ ଆଲୋଚନା ପ୍ରକାଶ ପାଇଲା । ବିଚିତ୍ରାନନ୍ଦ ଦାସ ଓ କର୍ମଯୋଗୀ ଗୌରୀଶଙ୍କର ଓଡ଼ିଆ ଶିକ୍ଷା, ସଂସ୍କୃତି, ସାହିତ୍ୟ ପାଇଁ ଥିଲେ ନିର୍ଭୀକ ଦେଶପ୍ରେମୀ ସୈନିକ । ଉତ୍କଳ ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ 'ଓଡ଼ିଆ ଭାଷା' ଉପରେ ଗୁରୁତ୍ୱ ଦିଆଯାଉଥିଲା । କାରଣ ଓଡ଼ିଆ ଭାଷା ନିମିତ୍ତ ହିଁ ଓଡ଼ିଆ ଜାତି, ଓଡ଼ିଶା ପ୍ରଦେଶ ଓ ଓଡ଼ିଆ ସଂସ୍କୃତି । ଓଡ଼ିଆ ଭାଷାକୁ ଉଠାଇଦେଇ ଓଡ଼ିଶାରେ ବଂଗଳା ଭାଷା ଚଳାଇବା ବିରୁଦ୍ଧରେ ଆରମ୍ଭ ହୋଇଥିବା ସଂଗ୍ରାମରେ ବହୁ ମନୀଷୀ ଯୋଗଦାନ କରିଥିଲେ ଏବଂ ଏହାର ବିଶଦ ବିବରଣୀ ଉତ୍କଳ ଦୀପିକାରେ ପ୍ରକାଶିତ ହେଉଥିଲା । ଊନବିଂଶ ଶତକରେ ପ୍ରକାଶିତ ଅନ୍ୟ କେତେକ ପତ୍ର ପତ୍ରିକା ହେଲା ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ, ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ହିତୈଷିଣୀ, ଉତ୍କଳ ଶୁଭଙ୍କରୀ, ଉତ୍କଳ ପୁତ୍ର, ବିଦେଶୀ, ଧର୍ମ ବୋଧିନୀ, କୋହିନୁର, ପୁରୁଷୋତ୍ତମ ଦୀପିକା, ପୁରୁଷୋତ୍ତମ ପତ୍ରିକା, ତାରିକା, ସେବକ, ସଂସ୍କାରକ, ପ୍ରଦୀପ, ଆଶା, ଇଣ୍ଡିଟବ୍ସ, ଇନ୍ଦ୍ରଧନୁ, ବିଜୁଳି, ବ୍ରାହ୍ମ, ଉତ୍କଳ ବନ୍ଧୁ, ଗଞ୍ଜାମ ଓଡ଼ିଆ ହିତବାଦିନୀ ଇତ୍ୟାଦି ଅନ୍ୟତମ ।

ବିଂଶ ଶତାବ୍ଦୀରେ ଜନ୍ମଲାଭ କଲା ମୁକୁର, ସତ୍ୟବାଦୀ, ସହକାର, ନବଭାରତ ଓ ଆଧୁନିକ । ଏଗୁଡ଼ିକ ଓଡ଼ିଶା ପ୍ରଦେଶ ଗଠନ ହେବା ପୂର୍ବରୁ ଜନ୍ମଲାଭ କରି ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କରିବା ସହିତ, ଜାତୀୟ ନବଜାଗରଣରେ ଯୋଗଦାନ କରିଥିଲେ । ଏହି ପତ୍ରିକାରେ ପ୍ରକାଶିତ ହେଉଥିଲା କବିତା, ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ । ଓଡ଼ିଆ ସାହିତ୍ୟର ବରେଣ୍ୟ ଲେଖକମାନେ ନିଜନିଜର ସ୍ୱକୀୟ ପ୍ରତିଭାର ସ୍ୱାକ୍ଷର ଏଥିରେ ରଖି ଯାଇଛନ୍ତି । କବିବର ରାଧାନାଥ, ନନ୍ଦକିଶୋର, ମଧୁସୂଦନ, ଗଙ୍ଗାଧର, ଫକୀରମୋହନ, କୁନ୍ତଳାକୁମାରୀ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ମୁକୁନ୍ଦ ଦାସ, ତାରିଣୀ ଚରଣ ରଥ, ରାମଚନ୍ଦ୍ର ଆଚାର୍ଯ୍ୟ, ରାମଚନ୍ଦ୍ର ମହାପାତ୍ର, ବୈଷ୍ଣବ ଚରଣ ଦାସ, ଉପେନ୍ଦ୍ର କିଶୋର ଦାସ, କାଳନ୍ଦୀଚରଣ ପାଣିଗ୍ରାହୀ, କାମପାଳ ମିଶ୍ର, ବିଶ୍ୱନାଥ କର, କୃଷ୍ଣପ୍ରସାଦ ଚୌଧୁରୀ, ମୃତ୍ୟୁଞ୍ଜୟ ରଥ, ଗୋପାଳ ଚନ୍ଦ୍ର ପ୍ରହରାଜ, ପଦ୍ମଚରଣ ପଟ୍ଟନାୟକ ଇତ୍ୟାଦି କବିତା, ଗଳ୍ପ ଓ ପ୍ରବନ୍ଧ ଲେଖି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କଲେ ଓ ନବଜାଗରଣର ଚେତନା ଜାଗ୍ରତ କଲେ ।

ବ୍ୟକ୍ତିଗତ ଜୀବନ ସାମାଜିକ ଓ ରାଷ୍ଟ୍ରଗଠନ ପାଇଁ ଉଦ୍ଦିଷ୍ଟ । ବ୍ୟକ୍ତି ହୃଦୟରେ ଜାତୀୟ ଜୀବନ ସ୍ରୋତ ପ୍ରବାହିତ ନହେଲେ ଜାତୀୟ ମିଳନ ଓ ଜାତୀୟ ଉନ୍ନତିର ପଥ ଉନ୍ମୁକ୍ତ ହୁଏ ନାହିଁ । କୁଳବୃଦ୍ଧ ମଧୁସୂଦନଙ୍କ ଅଦମ୍ୟ ଚେଷ୍ଟା, ପ୍ରେରଣା ଓ ନେତୃତ୍ୱ କେବଳ ଉତ୍କଳ ସମ୍ମିଳନୀକୁ ପ୍ରାଣବନ୍ତ କରିନଥିଲା ବରଂ ଓଡ଼ିଆ ଜାତି ଭିତରେ ଓଡ଼ିଆ ଭାଷା ପାଇଁ ପ୍ରାଣଶକ୍ତି ସଞ୍ଚାର କରିଥିଲା ଏବଂ ଏହି ପ୍ରାଣଶକ୍ତିର ସ୍ଫୁରଣ ଘଟିଥିଲା ଓଡ଼ିଆ ସାହିତ୍ୟରେ ।

ପ୍ଲଟ ନଂ- ୫୦୧୨/୫୮୫୩,
ଗଜପତି ନଗର, ଭୁବନେଶ୍ୱର - ୭୫୧୦୦୫

# ଗଞ୍ଜାମରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଶୁଭାରମ୍ଭ

*ଶ୍ରୀ ମାଗୁଣି ଦାସ*

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ଓଡ଼ିଆମାନେ ମାନ୍ଦ୍ରାଜ ପ୍ରେସିଡେନ୍ସି ଅଧୀନରେ ରହିବା ଫଳରେ ବହୁ ନିର୍ଯ୍ୟାତନା, ଅପମାନ ଓ ମନସ୍ତାପ ଭୋଗକରୁଥିଲେ । ସେମାନଙ୍କ ମନରେ ଅସନ୍ତୋଷ ମୁଣ୍ଡ ଟେକୁଥିଲେ ମଧ, ସେମାନେ କିଛି କରି ପାରୁନଥିଲେ । ଫଳରେ କର୍ମକୁ ଆଦରି ପଡ଼ି ରହୁଥିଲେ ।

ଗଞ୍ଜାମ ଜିଲ୍ଲାରେ ବିଧିବଦ୍ଧଭାବରେ ତେଲଗୁ ଭାଷା ପ୍ରଚଳନ ହେବା ଫଳରେ ଓଡ଼ିଆମାନେ ଅଶେଷ ଯନ୍ତ୍ରଣା ଭୋଗ କରୁଥିଲେ । ସେଥିଯୋଗୁଁ ଘୁମୁସରର ଓଡ଼ିଆମାନେ ଏ ବିଷୟରେ ପ୍ରଥମେ ଆନ୍ଦୋଳନ ଆରମ୍ଭ କଲେ । ୧୮୭୦ ମସିହା ସେପ୍ଟେମ୍ବର ମାସରେ ରସଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଠାରେ ଗୋଟିଏ ସଭା କରିଥିଲେ । ସେଥିରେ ମାନ୍ଦ୍ରାଜ ସରକାର ତଥା ବଡ଼ଲାଟଙ୍କୁ ପ୍ରାର୍ଥନାପତ୍ର ଦେଇ ସେଥିରେ ଖଲିକୋଟ, ଆଠଗଡ଼, ବିରୁଳି, ପାଲୁର, ହୁମା, ଗଞ୍ଜା, ଧରାକୋଟ, ସୋରଡ଼ା, ବରଡ଼ା, କାଟିଙ୍ଗା, ରଦାପୁର, ବଡ଼ଗଡ଼, ଶେରଗଡ଼, ସାନଖେମଣ୍ଡି, ବଡ଼ ଖେମଣ୍ଡି, ଚିକିଟି, ମହୁରୀ, ଜରଡ଼ା, ଜଲନ୍ତର, ସୁରଙ୍ଗି, ବୁଢ଼ାର ସିଙ୍ଗ, ମଞ୍ଜୁଷା, ତରଲା, ଟେକଲି, ପାରଳାଖେମଣ୍ଡି ଜମିଦାରୀ ମାନଙ୍କରେ ଓଡ଼ିଆ ଭାଷା ଶୀଘ୍ର ପ୍ରଚଳନ କରି ଓଡ଼ିଆ ମାନଙ୍କୁ ସରକାରୀ କାମରେ ନିଯୁକ୍ତ କରାଯାଉ ବୋଲି ଅନୁରୋଧ କରାଗଲା । ''ମହରଗ କାଳେ ଗାଈ, ବିପତ୍ତି କାଳେ ଭାଈ'' ବାକ୍ୟଶିବଚନ ରୂପେ ଉତ୍କଳୀୟ ଭାଇମାନେ ମାନ୍ଦ୍ରାଜସ୍ଥ ହତଭାଗ୍ୟ ଓଡ଼ିଆଙ୍କୁ ରକ୍ଷା କରନ୍ତୁ ବୋଲି ଅନୁରୋଧ କରିଥିଲେ । ଏ ସମ୍ବାଦ ଘୁମୁସର ନିବାସୀ ଶ୍ରୀ ଜନାର୍ଦ୍ଦନ ଦାଶଙ୍କ ଦ୍ୱାରା ଉତ୍କଳ ଦୀପିକାରେ ୨୨.୧୦.୧୮୭୨ ମସିହାରେ ପ୍ରକାଶ ପାଇଲା । ସେ ଏ ବିଷୟରେ ସରକାର ତଥା ପ୍ରାକୃତିକ ଓଡ଼ିଶାବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଦେଶ ମିଶ୍ରଣ ପ୍ରଶ୍ନ ପ୍ରଥମେ ଗଞ୍ଜାମ ଘୁମୁସର ରସଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର)ରୁ ଆରମ୍ଭ ହୋଇଥିଲା ।

୧୮୭୨ ମସିହାରେ ଗଞ୍ଜାମବାସୀଙ୍କ ଉଦ୍ୟମରେ ''ଗଞ୍ଜାମ ଓଡ଼ିଆ ହିତବାଦିନୀ ସଭା'' ପ୍ରତିଷ୍ଠା କରାଗଲା । କାଟିଙ୍ଗା ରାଜା ଶ୍ରୀ ଭେଙ୍କଟେଶ ଦେଓ ଏହାର ସେକ୍ରେଟେରୀ ହେଲେ । ଏହି ଅନୁଷ୍ଠାନଟି ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷାର ସଂରକ୍ଷଣ ପାଇଁ ଓ ଓଡ଼ିଆ ଭାଷୀ ଅଞ୍ଚଳ ଏକତ୍ରୀକରଣ ପାଇଁ ବହୁ ଉଦ୍ୟମ କରିଥିଲା ।

୧୮୯୫ ମସିହାପରେ ସମ୍ବଲପୁରରେ ଭାଷା ଆନ୍ଦୋଳ ଆରମ୍ଭ ହେଲା । ଗଞ୍ଜାମ ଓଡ଼ିଆମାନେ ସମ୍ବଲପୁରବାସୀଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକର ପାଇଁ ଉଦ୍ ଗ୍ରୀବ ହୋଇ ପଡ଼ିଥିଲେ ।

ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବ ଓଡ଼ିଆଙ୍କ ଦୁର୍ଦ୍ଦ ନାନା ଭାବରେ ଅନୁଭବ କଲେ । ଗଞ୍ଜାମ ତଥା ଅନ୍ୟ ଓଡ଼ିଆ ଅଞ୍ଚଳଙ୍କ ଶାସନାଧୀନ ହେବା ପାଇଁ ଆନ୍ଦୋଳନ କରିବା ନିମନ୍ତେ ସ୍ଥିର କଲେ । ଏହି କାର୍ଯ୍ୟରେ ଫକୀରମୋହନ ସେନାପତି, ରାଧାନାଥ ରାୟ ଓ ମଧୁବାବୁ ପ୍ରଭୃତି ତାଙ୍କୁ ବିଶେଷ ଉତ୍ସାହିତ କରିଥିଲେ । ରମ୍ଭାଠାରେ ଏକ ବୈଠକ କରିବା ପାଇଁ ସ୍ଥିର ହେଲା ।୧୯୦୨ ମସିହାରେ ପ୍ରାକୃତିକ ଓଡ଼ିଶାର କେତେକ ରାଜା ତଥା ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଗଲା । ସମଗ୍ର ଓଡ଼ିଶା ବିଶେଷରେ ଗଞ୍ଜାମ ଓ ଜୟପୁର ଓଡ଼ିଆଙ୍କ ଶିକ୍ଷା, ସରକାରୀ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିବାରେ ବାଧା; ବାଣିଜ୍ୟ, ଏପରିକି ସାମାଜିକ ଯେଉଁ ସବୁ ଅସୁବିଧା ଘଟୁଛି, ସରକାର ଓଡ଼ିଆମାନଙ୍କ ପ୍ରତି ଯେଉଁ ବୈମାତୃକ ବ୍ୟବହାର ଦେଖାଉଛନ୍ତି, ତାହା ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚିତ ହୋଇ ମଧୁବାବୁଙ୍କ ପ୍ରସ୍ତାବ କ୍ରମେ ''ଗଞ୍ଜାମ ଜାତୀୟ ସମିତି'' ଗଠିତ ହେଲା । ଏହା ହେଲା ଗଞ୍ଜାମ ଜାତୀୟ ଆନ୍ଦୋଳନର ମୂଳପିଣ୍ଡ । ସେହିବର୍ଷ ଗଞ୍ଜାମର ରାଜା, ମହାରାଜା ଓ ଶହଶହ ସାଧାରଣ ଲୋକଙ୍କ ଦସ୍ତଖତରେ ଗୋଟିଏ ବଡ଼ ଧରଣର ମାନପତ୍ର ତତ୍‌କାଳୀନ ଭାଇସ୍‌ରୟ ଲର୍ଡ଼ କର୍ଜନଙ୍କୁ ଦିଆଯାଇ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ଶାସନାଧୀନରେ ରଖିବାକୁ ନିବେଦନ କରାଯାଇଥିଲା ।

୧୯୦୩ ମସିହା ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାର ରମ୍ଭାଠାରେ ଖଲିକୋଟ ରାଜାଙ୍କ ସଭାପତିତ୍ୱରେ ଗଞ୍ଜାମ ଜାତୀୟ ସମିତି ଅନୁଷ୍ଠିତ ହୋଇଥିଲା । ପୁନର୍ବାର ୧୯୦୩ ମସିହା ଏପ୍ରେଲ ମାସରେ ଏହି ସମ୍ମିଳନୀର ପ୍ରଥମ ବୈଠକ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରଳାଖେମଣ୍ଡିର ଶ୍ୟାମସୁନ୍ଦର ରାଜଗୁରୁ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଏହାର ଯୁଗ୍ମ ସେକ୍ରେଟାରୀ ଭାବରେ ନୀଳମଣି ବିଦ୍ୟାରତ୍ନ, ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଓ ମାଧୁରୀ ସାହୁ ବହୁ ପରିଶ୍ରମ କରିଥିଲେ । ଏହି ସମ୍ମିଳନୀରେ କଟକରୁ ୬ ଜଣ, ପୁରୀରୁ ୪ ଜଣ, ବାଲେଶ୍ୱରରୁ ୩ ଜଣ ଓ ସମ୍ବଲପୁରରୁ

୨ ଜଣ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ମଧୁସୂଦନ ଦାସ, ବିଶ୍ୱନାଥ କର, ନନ୍ଦକିଶୋର ବଳ, କୃଷ୍ଣ ପ୍ରସାଦ ଚୌଧୁରୀ ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମ ଉଲ୍ଲେଖଯୋଗ୍ୟ ।

ପ୍ରତିବର୍ଷ ଏହି ସମ୍ମିଳନୀ ବସି ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ପାଇଁ ଉଦ୍ୟମ କରିବାକୁ ସଭାରେ ନିଷ୍ପତ୍ତି ନିଆଗଲା ।

୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ କଟକରେ ଅନୁଷ୍ଠିତ ''ଉତ୍କଳ ସମ୍ମିଳନୀ'' ହେଉଛି ଏହି ଜାତୀୟ ସମିତିର ସମ୍ପ୍ରସାରିତରୂପ ମାତ୍ର । ତେଣୁ ଯଥାର୍ଥରେ କୁହା ଯାଇଛି, ''ଯଦି ପୂର୍ବ ପ୍ରାନ୍ତରେ (ସମ୍ବଲପୁରରେ ଭାଷା ଲୋପ) ଜାତୀୟ ଯୁଗ ପ୍ରଭାତର ପ୍ରଥମ ସୂଚନା ନେଇ ଯାଇଥିଲା, ବ୍ରହ୍ମପୁରର ଜାତୀୟ ସମ୍ମିଳନୀ ସତକୁ ଅଶେଷରେ ନବଯୁଗର ପ୍ରଭାତ ଉତ୍କଳୀୟମାନଙ୍କୁ ଦେଖାଇଲା । ଆଜି ଯେଉଁ ଜାତୀୟ ଭାବ ଉତ୍କଳରେ ଦେଖା ଦେଇଅଛି ସେଥି ନିମନ୍ତେ ଆମ୍ଭେମାନେ ସମ୍ବଲପୁର ଓ ଗଞ୍ଜାମବାସୀ ଭାଇମାନଙ୍କଠାରେ ଅନେକ ପରିମାଣରେ ଋଣୀ।'' ୧୯୦୫ ରେ ଲର୍ଡ଼ କର୍ଜନଙ୍କ ଦୟାରୁ ସମ୍ବଲପୁର ଓଡ଼ିଶାରେ ମିଶିଲା ସତ କିନ୍ତୁ ମାନ୍ଦ୍ରାଜରେ ଗଭର୍ଣ୍ଣର ଲର୍ଡ଼ ଆମ୍ପଥିଲଙ୍କ ଓଡ଼ିଆ ବିରୋଧୀ ମନୋଭାବ ନେଇ ଗଞ୍ଜାମ ଓ ଦକ୍ଷିଣରେ ଓଡ଼ିଆ ଅଞ୍ଚଳ ମାନ୍ଦ୍ରାଜ ସହିତ ସଂଶ୍ଳିଷ୍ଟ ହୋଇ ରହିଲା ।

୧୯୧୨ରେ ବ୍ରହ୍ମପୁରଠାରେ ଗୋଟିଏ ଦେଶ ମିଶ୍ରଣ ସଭା ଟିକିରାଜାଙ୍କ ସଭାପତିତ୍ୱରେ ହୋଇ ଥିଲା । ଏଥିରେ ସାତ ଶହରୁ ଅଧିକ ଲୋକ ଯୋଗ ଦେଇଥିଲେ । ସଭାର ନିଷ୍ପତ୍ତି କ୍ରମେ ''ଉତ୍କଳ ମିଳନ ସଙ୍ଘ'' ନାମରେ ଗୋଟିଏ ନୂଆ ସମିତି ଗଠନ କରାଗଲା । ସେହିବର୍ଷ ଉତ୍କଳ ସମ୍ମିଳନୀ ବ୍ରହ୍ମପୁରଠାରେ ବସି ଗଞ୍ଜାମକୁ ଜାତୀୟ ଆନ୍ଦୋଳନର ଅଙ୍ଗ କରିବାକୁ ନିଷ୍ପତ୍ତି ନେଲା । ଅନ୍ୟ ଏକ ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ''ଭୂଇଁଆଁ ବଢ଼ ଏକାଦଶୀ'' ଦିନ ସମସ୍ତ ଓଡ଼ିଆ ଉପବାସ କରିବା ଓ ସଭାସମିତି କରି ଦେଶ ମିଶ୍ରଣ ପାଇଁ ଜାତୀୟ ଶପଥ ନେବା କଥା ସ୍ଥିର ହେଲା ।

୧୯୧୩ ମସିହାରେ ମାନ୍ଦ୍ରାସ ଗଭର୍ଣ୍ଣର ଲର୍ଡ଼ ପେଣ୍ଟ ଲ୍ୟାଣ୍ଡ ଗଞ୍ଜାମ ପରିଦର୍ଶନରେ ଆସିଲା ବେଳେ ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ଗଞ୍ଜାମର ''ଲାଣ୍ଡ ହୋଲଡ଼ରସ୍ ଆସୋସିଏସନ୍'' ଓ ''ଓଡ଼ିଆ ସମାଜ'' ତରଫରୁ ମାନପତ୍ର ବ୍ରହ୍ମପୁରଠାରେ ଓ ପାରଳାଖେମୁଣ୍ଡିଠାରେ ଦିଆଯାଇଥିଲା ।

୧୯୧୪ ମସିହାରେ ଧରାକୋଟ ରାଜା ସାହେବ ମଦନ ମୋହନ ସିଂହଦେଓ ଦେଶ ମିଶ୍ରଣ ପ୍ରଶ୍ନ ମାନ୍ଦ୍ରାଜ ଲେଜିସଲେଟିଭ ଆସେମ୍ବ୍ଲିରେ ଉତ୍‌ଥାପନ କରିଥିଲେ । ୧୯୧୫ ମସିହାରେ ଦ୍ୱିତୀୟ ଥର ପାଇଁ ମଧ୍ୟ ସେ ଅନୁରୂପ ପ୍ରସ୍ତାବ ଆଗତ କରି ନିରାଶ ହୋଇଥିଲେ ।

ସେହି ସମୟରେ ଗଞ୍ଜାମର ଅନ୍ୟ ଯେଉଁ ବ୍ୟକ୍ତିମାନେ ଦେଶମିଶ୍ରଣ ପାଇଁ ଲାଗିଥିଲେ, ସେମାନଙ୍କ ମଧ୍ୟରେ ନିରଞ୍ଜନ ପଟ୍ଟନାୟକ, ଚକ୍ରପାଣି ପ୍ରଧାନ, ହରିହର ପଣ୍ଡା, ଶଶୀ ଭୂଷଣ ରଥ, ଶ୍ରୀବତ୍ସ ପଣ୍ଡା, ବିଶ୍ୱନାଥ ଦାସ ପ୍ରଭୃତି ନାମ ଉଲ୍ଲେଖଯୋଗ୍ୟ । ନିରଞ୍ଜନ ପଟ୍ଟନାୟକ ଓ ଚକ୍ରପାଣି ପ୍ରଧାନ ଉଭୟେ ମିଶି ''ଓଡ଼ିଆ ମୁଭମେଣ୍ଟ'' ନାମରେ ଗୋଟିଏ ଉପାଦେୟ ବହି ଲେଖି ପ୍ରକାଶ କରିଥିଲେ ।

୧୯୧୭ ରେ ମଣ୍ଟେଗୁ ଚେମ୍ସ୍‌ଫୋର୍ଡ଼ କମିଶନଙ୍କୁ ଗଞ୍ଜାମ ବାସୀମାନେ ନିଜର ଦୁଃଖ ଜଣାଇ ଥିଲେ । ୧୯୧୯ମସିହାରେ ଯେଉଁ ଆଇନ ହେଲା ସେଥିରେ ଓଡ଼ିଆଙ୍କ ଦାବୀକୁ ଉପେକ୍ଷା କରାଗଲା । ଫଳରେ ୧୯୨୦ ମସିହା ଓଡ଼ିଆ ଆସୋସିଏସନ୍‌ର ସଭା ପାରଳାଖେମୁଣ୍ଡି ମହାରାଜାଙ୍କ ସଭାପତିତ୍ୱରେ ବସି ଓଡ଼ିଆଭାଷୀ ଅଞ୍ଚଳରେ ମିଶ୍ରଣ ପାଇଁ ଦାବୀ କରାଯାଇଥିଲା । ସେହିବର୍ଷ ଆସ୍କାଠାରେ ''ଆସ୍କା ଓଡ଼ିଆ ସମାଜ'' ଓ ପାରଳାଖେମଣ୍ଡିରେ ''ଉତ୍କଳ ହିତୈଷିଣୀ''ସମାଜର ସଭାମାନହୋଇ ଗଞ୍ଜାମକୁ ଓଡ଼ିଶା ସଙ୍ଗେ ମିଶିବା ପାଇଁ ଦାବୀ କରାଯାଇଥିଲା ।

୧୯୨୧ରେ ଶଶୀଭୂଷଣ ରଥ ମାନ୍ଦ୍ରାଜ ଲେଜିସ୍‌ଲେଟିଭ ଆସେମ୍ବ୍ଲିରେ ଦେଶ ମିଶ୍ରଣ ପ୍ରଶ୍ନ ଉତ୍‌ଥାପନ କଲେ ମଧ୍ୟ ମାନ୍ଦ୍ରାଜ ଗଭର୍ଣ୍ଣର ତାକୁ ଅନୁମୋଦନ କଲେ ନାହିଁ ।

୧୯୨୨ରେ ଗଞ୍ଜାମର ଏକ ପ୍ରତିନିଧି ଦଳ ମାନ୍ଦ୍ରାଜ ଗଭର୍ଣ୍ଣରଙ୍କଠାରେ ଉପରୋକ୍ତ ଦାବୀ ଉପସ୍ଥାପିତ କରିଥିଲେ ।

ଦେଶ ମିଶ୍ରଣ ଆନ୍ଦୋଳନ ଗଞ୍ଜାମରେ ଏତେ ପ୍ରବଳ ହେଲା ଯେ କେନ୍ଦ୍ର ସରକାର ଗଞ୍ଜାମ ଲୋକଙ୍କ ମତାମତ ଜାଣିବା ପାଇଁ ୧୯୨୪ ମସିହାରେ ଫିଲିପ୍‌ଡ଼ଫ୍ କମିଶନ ବସାଇଲେ । ଏହି ସମୟରେ ଗଞ୍ଜାମର ଚାରିଆଡ଼େ ସଭା, ସମିତିମାନ କରାଯାଇ ରାସ୍ତାଘାଟରେ ଦେଶ ମିଶ୍ରଣ ସପକ୍ଷରେ ପୋଷ୍ଟର ଓ ପ୍ରଚାରପତ୍ର ବିଛାଇ ଦିଆଯାଇଥିଲା । ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଗୋଟିଏ ଦେଶ ମିଶ୍ରଣ କମିଟି ଗଢ଼ାଯାଇ ଗଞ୍ଜାମକୁ ଓଡ଼ିଶାରେ ମିଶାଇବା ପାଇଁ ପ୍ରବଳ ଜନମତ ସୃଷ୍ଟି କରାଯାଇଥିଲା । ଫିଲିପ୍‌ଡ଼ଫ୍ କମିଶନ ଗଞ୍ଜାମବାସୀଙ୍କର ଓଡ଼ିଶା ସହିତ ମିଶିବା ପାଇଁ ପ୍ରବଳ ଆଗ୍ରହ ଦେଖି ଗଞ୍ଜାମ ଜିଲ୍ଲା ଓଡ଼ିଶାରେ ମିଶିବା ଉଚିତ ବୋଲି ତାଙ୍କ ରିପୋର୍ଟରେ ସ୍ପଷ୍ଟ ମତ ଦେଇ ଲେଖିଥିଲେ । କିନ୍ତୁ ଏତିକିରେ ସରକାର ସନ୍ତୁଷ୍ଟ ନହୋଇ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ମିଶ୍ରଣ କେତେ ଦୂର ଯଥାର୍ଥ, ତାହା ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଫଳରେ ବିହାର-ଓଡ଼ିଶା ସରକାର ୟୁ.ଏମ୍. ସେନଙ୍କୁ ଗଞ୍ଜାମର ଆର୍ଥିକ ଅବସ୍ଥା ଅନୁଧ୍ୟାନ କରିବାକୁ ପଠାଇଥିଲେ । ରାୟ ସାହେବ ସେନ ଗଞ୍ଜାମ ଏକ ନିଅଣ୍ଟିଆ ଜିଲ୍ଲା ବୋଲି ରିପୋର୍ଟ ଦେବାରୁ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ସହିତ ମିଶାଇବା ପାଇଁ ବିହାର ସରକାର ବିରୋଧ କଲେ । ଗଞ୍ଜାମ ବାସୀମାନେ ବିହାର ସରକାରଙ୍କର ଏତାଦୃଶ୍ୟ ନିଷ୍ପତ୍ତିର ବିରୋଧ କଲେ । ଶ୍ରୀ ବିଶ୍ୱନାଥ ଦାଶ ଏକ ଗବେଷଣାମୂଳକ ଲେଖା ପ୍ରକାଶ କରି ଗଞ୍ଜାମ ଏକ ବଳକା ଜିଲ୍ଲା ବୋଲି ପ୍ରମାଣ କରିଥିଲେ ।

୧୯୨୮ ମସିହାରେ ସାଇମନ କମିସନ ଭାରତକୁ ଆସିଥିଲେ । ''ମାନ୍ଦ୍ରାଜ ପ୍ରେସିଡେନ୍ସି ଓଡ଼ିଆ ଆସୋସିଏସନ୍'' ତରଫରୁ ଏକ ମାନପତ୍ର କମିସନଙ୍କୁ ଦିଆଯାଇଥିଲା ଏବଂ ଏକ ପ୍ରତିନିଧି ଦଳ କମିସନଙ୍କୁ ସାକ୍ଷାତକରି ଗଞ୍ଜାମ ଓଡ଼ିଶାରେ ମିଶିବା ପାଇଁ ଦାବୀ କରିଥିଲେ । ସାଇମନ୍ କମିସନ୍ ଗଞ୍ଜାମର ଦାବୀକୁ ଗ୍ରହଣକରି ଓଡ଼ିଶା ସହିତ ମିଶିବା ପାଇଁ ଅନୁମୋଦନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦାନ ଅତୁଳନୀୟ । ବିହାର-ଓଡ଼ିଶା କାଉନ୍ସିଲ ଦ୍ୱାରା ନିର୍ବାଚିତ ହୋଇ ସେ ବିଲାତ ଯାଇ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ ।

୧୯୩୧ ମସିହା ଗୋଲଟେବୁଲ ବୈଠକରେ ସେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଦାବୀ କରି ଏକ ଦୃଢ଼ ଭାଷଣ ଦେଇଥିଲେ । ତାଙ୍କର ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଓଡ଼ନେଲ କମିଟିର ସହକାରୀ ସଭ୍ୟରୂପେ ଓଡ଼ିଶାର ଦାବୀକୁ ସେ ଦକ୍ଷତାର ସହିତ ପ୍ରତିପାଦନ କରିଥିଲେ । ଫଳରେ ପାରଳାଖେମଣ୍ଡି ସହିତ ବହୁତ ଓଡ଼ିଆ ଅଞ୍ଚଳ ଓଡ଼ିଶା ସହିତ ମିଶିବା ପାଇଁ ଉକ୍ତ କମିସନ ମତ ଦେଇଥିଲେ । କିନ୍ତୁ ଦୁଃଖର ବିଷୟ ଗୋଲଟେବୁଲ ବୈଠକରେ ଯେଉଁ ଶ୍ୱେତପତ୍ର ପ୍ରକାଶ ପାଇଲା ପାରଳା ସମେତ କୋରାପୁଟ ଓ ଜଇରର ମାଳିଆକୁ ଓଡ଼ିଶା ପ୍ରଦେଶରୁ ବାଦ ଦିଆ ଯାଇଥିଲା । ଏଥିରେ ବ୍ୟଥିତ ହୋଇ ଗଞ୍ଜାମର ଚାରିଆଡ଼େ ଅସନ୍ତୋଷ ବହ୍ନି ଜଳି ଉଠିଲା ଓ ସଭାସମିତି ମାଧ୍ୟମରେ ଏହାର ବିରୋଧ କରାଗଲା ।

୧୯୩୩ରେ ''ଉତ୍କଳ ଆଶ୍ରମ ସମିତି''ର ସଭା ବ୍ରହ୍ମପୁରଠାରେ ହୋଇ ଏହାର ବିରୋଧ କରାଗଲା । ଶଶୀଭୂଷଣ ରଥ ଏକ ପ୍ରତିନିଧି ଦଳର ନେତୃତ୍ୱ ନେଇ ଗଞ୍ଜାମ କଲେକ୍ଟରଙ୍କୁ ସାକ୍ଷାତ କରି ଆପତ୍ତି ଜଣାଇଥିଲେ । ତିକିଟି ରାଜାଙ୍କ ସଭାପତିତ୍ୱରେ ''ଏଜେନ୍ସି ଉତ୍କଳ ୟୁନିଅନ୍ କନ୍‌ଫରେନ୍ସ'' ଜୟପୁରଠାରେ ବସି ଦେଶ ମିଶ୍ରଣ ପାଇଁ ଦାବୀ କରିଥିଲେ । ସେହିପରି ଶିଙ୍ଗିଡ଼ି, ଗପୁର ପ୍ରଭୃତି ସ୍ଥାନମାନଙ୍କରେ ସଭାମାନ ହୋଇ ପାରଳାଖେମଣ୍ଡିକୁ ଓଡ଼ିଶା ସହିତ ମିଶାଇବାକୁ ... କରାଯାଇଥିଲା ।

୧୯୩୪ ମସିହାରେ ''ମାଡ୍ରାସ ଜମିଦାର ଆସୋସିଏ... ମାଡ୍ରାସ ଗଭର୍ଣ୍ଣରଙ୍କୁ ଦେଖାକରି ଉକ୍ତ ଦାବୀ ଉପସ୍ଥାପିତ କରିଥ... ''ଗଞ୍ଜାମ ୟୁଥ୍ ଆସୋସିଏସନ୍''ର ସେକ୍ରେଟାରୀ ଶ୍ରୀ ଜଗନ୍ନାଥ ... ଛାତ୍ର ଏବଂ ଯୁବକମାନଙ୍କୁ ଏକତ୍ରିତ କରି ଆନ୍ଦୋଳନରେ ଝାସ ... ପାଇଁ ଆହ୍ୱାନ ଦେଇଥିଲେ । ଚାରିଆଡ଼େ ''ବାଉଣ୍ଡାରୀ ପ୍ରୋଟେଷ୍ଟ... ପାଳନ କରାଯାଇ ଦାବୀ ଉପସ୍ଥାପିତ କରାଗଲା ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୀମାରେଖା ବିଷୟ ଅନୁଶୀ... ପାଇଁ ''ଜଏଣ୍ଟ-ପାର୍ଲ୍ୟାମେଣ୍ଟାରୀ କମିଟି''କୁ ପଠାଗଲା । ଏହି କମି... ପ୍ରଭାବିତ କରିବା ପାଇଁ ପାରଳାଖେମଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜ... ନାରାୟଣ ଦେବ ବିଲାତ ଗଲେ ଏବଂ ଭାରତ ସଚିବଙ୍କୁ ଦେଖାକରି ... ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା ଓଡ଼ିଶା ସହିତ ମିଶିବା ପାଇଁ ଦା... କରିଥିଲେ । ଫଳରେ ପାରଳାଖେମଣ୍ଡି ଓ କୋରାପୁଟ ଅଞ୍ଚଳ ସ୍ୱତନ୍ତ୍ର ଓଡ଼ି... ପ୍ରଦେଶ ସହିତ ମିଶିବା ପାଇଁ ନିଷ୍ପତ୍ତି ହେଲା ।

୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେ... ହେଲା ଓ ଗଞ୍ଜାମର ଦୁଇଜଣ କୃତୀ ସନ୍ତାନ ପାରଳାଖେମଣ୍ଡି ମହାରା... କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓ ବିଶ୍ୱନାଥ ଦାଶ ଯଥାକ୍ରମେ ୧୯... ଓ ୧୯୩୭ ମସିହାରେ ଓଡ଼ିଶାର ପ୍ରଧାନମନ୍ତ୍ରୀ (ସେତେବେ... ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ରୂପେ ଆସନ ଅଳ... କଲେ ।

ସ୍ୱାଧୀନତା ସଂଗ୍ରା...
ଗଞ୍ଜାନଗର (ଗଞ୍ଜା...

ତୋର ଶ୍ରୀଚରଣ ଧୂଳି
ଅଙ୍ଗେ ଅଙ୍ଗେ ହେବି ବୋଳି,
ଅନ୍ତିମେ ତୋ ପଦପ୍ରାନ୍ତେ ଲୋଟାଇବି ମଥା,
ଜୀବ ଯିବ କହୁଁ କହୁଁ ତୋର ଗୁଣ କଥା ।
ତୋର ସେବା ହେବ ମୋର ସ୍ୱର୍ଗର ସରଣୀ,
ତୀର୍ଥମୟୀ ମା' ମୋର ଉତ୍କଳ ଜନନୀ ॥

**କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର**

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ - ଏକ ମୂଲ୍ୟାୟନ

ଡ଼ଃ ଅତୁଲ ଚନ୍ଦ୍ର ପ୍ରଧାନ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ମହାନ୍ ଓ ଚରିତ୍ରବାନ୍ ସୁଶାସକ ଭାବରେ ଓଡ଼ିଶାରେ ସୁପରିଚିତ । ଆଧୁନିକ ଓଡ଼ିଶାର ଇତିହାସରେ ତାଙ୍କର ଭୂମିକା ଓ ତାଙ୍କର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋକପାତ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ । ଔପନିବେଶିକ ଶାସନ ବ୍ୟବସ୍ଥାରେ ସାଧାରଣତଃ ରାଜା ଓ ଜମିଦାରମାନେ ଇଂରେଜ ସରକାରଙ୍କ ହାତବାରିସୀ ଭାବରେ କାର୍ଯ୍ୟ କରୁଥିଲେ ଏବଂ ପ୍ରଜାମାନଙ୍କ ପ୍ରତି କର୍ତ୍ତବ୍ୟବୋଧ ଅନୁଭବ କରିବା ପରିବର୍ତ୍ତେ ସେମାନଙ୍କୁ ନାନା ଭାବରେ ଶୋଷଣ କରୁଥିଲେ । କିନ୍ତୁ କେତେକ ରାଜା ଓ ଜମିଦାର ଏହାର ବ୍ୟତିକ୍ରମ ଥିଲେ ଏବଂ ପ୍ରଜାମାନଙ୍କର ମଙ୍ଗଳ ତଥା ଓଡ଼ିଶାର ଉନ୍ନତି ପାଇଁ ଉଦ୍ୟମ କରିଥିଲେ । ଏହିଭଳି ରାଜା ଓ ଜମିଦାରମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଅଗ୍ରଗଣ୍ୟ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହେଲା ଏବଂ ଜାତୀୟ ଚେତନା ବିକାଶ ଲାଭ କଲା । ଏହି ଉଦ୍ୟମରେ କେତେକ ରାଜା ଓ ଜମିଦାର ଅଂଶ ଗ୍ରହଣ କରିଥିଲେ । ବାରିପଦା ଆଙ୍ଗ୍ଲୋ-ଭର୍ଣ୍ଣାକୁଲାର୍ ସ୍କୁଲରୁ ପାଶ୍ କଲାପରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ କଟକରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ ଓ ରେଭେନ୍‌ସା କଲେଜରେ ଅଧ୍ୟୟନ କରିଥିଲେ । ଏଣୁ ସେ ଛାତ୍ରାବସ୍ଥାରୁ ଆଧୁନିକ ଓଡ଼ିଶାର ବିକାଶ ଧାରା ସମ୍ପର୍କରେ ସଚେତନ ଥିଲେ । ରାଜକାର୍ଯ୍ୟର ଦାୟିତ୍ୱ ବହନ କରିବା ପାଇଁ ସେ ବି.ଏ ପରୀକ୍ଷା ଦେଇ ପାରି ନଥିଲେ ଏବଂ ୧୮୯୦ ମସିହା ମାର୍ଚ୍ଚ ମାସରେ ବାରିପଦା ଫେରି ଆସିଥିଲେ । ୧୮୯୧ ମସିହାରେ ତାଙ୍କରି ପୃଷ୍ଠପୋଷକତାରେ ଉତ୍କଳ ପ୍ରଭା ପତ୍ରିକା ପ୍ରକାଶିତ ହୋଇଥିଲା । ଏହି ପତ୍ରିକା ଉଦୀୟମାନ ଓଡ଼ିଆ ଲେଖକ ଓ କବିମାନଙ୍କର ପ୍ରତିଭା ତଥା ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ୧୯୦୩ ମସିହାରେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଶ୍ରୀରାମଚନ୍ଦ୍ର ସଭାପତି ଆସନ ଅଳଙ୍କୃତ କରିଥିଲେ । ଏହି ସମ୍ମିଳନୀରେ ପ୍ରଦତ୍ତ ତାଙ୍କର ଅଭିଭାଷଣକୁ ଅନୁଧ୍ୟାନ କଲେ ତାଙ୍କର ଦୂରଦର୍ଶିତା ତଥା ପ୍ରଗତିଶୀଳ ଚିନ୍ତାଧାରାର ସମ୍ୟକ୍ ପରିଚୟ ମିଳେ । ସେ ତାଙ୍କର ଭାଷଣରେ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ, ଓଡ଼ିଶାରେ ଶିକ୍ଷା, ଶିଳ୍ପ ଓ କୃଷିର ବିକାଶ, ନାରୀ ଶିକ୍ଷାର ପ୍ରସାର, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି, ସମାଜ ସଂସ୍କାର ଆଦି ବିଭିନ୍ନ ବିଷୟ ଉଲ୍ଲେଖ କରିଥିଲେ । ଦୈବ ଉପରେ ନିର୍ଭର ନକରି ଓଡ଼ିଆଲୋକେ ଆତ୍ମନିର୍ଭରଶୀଳ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଶିକ୍ଷା ମାଧ୍ୟମରେ ଚରିତ୍ର ଗଠନ ଓ ଆତ୍ମନିର୍ଭରଶୀଳତାର ବିକାଶ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସମ୍ବନ୍ଧରେ ସେ କହିଥିଲେ, ''ଶିକ୍ଷା ଲାଭ କରି ମନୁଷ୍ୟ କେବଳ ନିଜର ବିଷୟ ଆଲୋଚନା କରି ପାରିଲେ ଅଥବା ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗଭର୍ଣ୍ଣମେଣ୍ଟରେ ଚାକିରି କଲେ ଯେ ତାହାର କର୍ତ୍ତବ୍ୟ କର୍ମ ସାଧିତ ହେଲା ତାହା ନୁହେଁ ।.... ମନୁଷ୍ୟ ପଣ ଯାହାକୁ କହନ୍ତି ଶିକ୍ଷା ତାହା କରାଏ ।'' ତାଙ୍କ ସମୟରେ ଇଂରାଜୀ ଶିକ୍ଷାପ୍ରାପ୍ତ ଲୋକଙ୍କୁ ମୁଖ୍ୟତଃ ଚାରିଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା— ଅମଲା, ଶିକ୍ଷକ, ଓକିଲ ଓ ଡ଼ାକ୍ତର । ସେତେବେଳେ କୃଷି, ଶିଳ୍ପ ଓ ବିଜ୍ଞାନ ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ କରିଥିବା ଲୋକ ଓଡ଼ିଶାରେ ବିରଳ ଥିଲେ । ଅଳ୍ପ ସଂଖ୍ୟକ ବ୍ୟକ୍ତି ଇଂରେଜୀ ଶିକ୍ଷା ପାଇଲେ ମଧ୍ୟ ସେମାନଙ୍କ ପାଇଁ ଅମଲାତନ୍ତ୍ରରେ ନିଯୁକ୍ତିର ସୁଯୋଗ ସୀମିତ ଥିଲା । ଫଳରେ ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ବେକାରୀ ସମସ୍ୟା ଦେଖା ଦେଇଥିଲା । ଏହିଭଳି ପରିସ୍ଥିତିରେ କୃଷି ଓ ଶିଳ୍ପ (ଲାକ୍ଷା, ଟସର ଆଦି) ର ବିକାଶ ଓ ଖଣିଜ ସମ୍ପଦର ବିନିଯୋଗର ଗୁରୁତ୍ୱ ସମ୍ବନ୍ଧରେ ଶ୍ରୀରାମଚନ୍ଦ୍ର ଅବଗତ ଥିଲେ ।

ସମାଜର କଲ୍ୟାଣ ପାଇଁ ରାଜା ଓ ଜମିଦାରମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ମହାରାଜା ଶ୍ରୀରାମଚନ୍ଦ୍ର ତାଙ୍କ ଭାଷଣରେ ସୂଚନା ଦେଇଥିଲେ । ସେମାନେ ସୁଶିକ୍ଷିତ ନହେଲେ ସମାଜ ପ୍ରତି କର୍ତ୍ତବ୍ୟ ସମ୍ପାଦନ କରିପାରିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ କହିଥିଲେ, ''ସ୍ୱଭାବତଃ ସେମାନେ (ରାଜା ଓ ଜମିଦାରମାନେ) ସମାଜର ନେତା ଅଟନ୍ତି । ସେମାନଙ୍କ ସ୍କନ୍ଧରେ ବିଶେଷ ଦାୟିତ୍ୱ ଅଛି, ସେମାନେ ଇଚ୍ଛା କଲେ ଅନେକ ଲୋକଙ୍କର ଉପକାର କରିପାରନ୍ତି ଓ ଅପକାର ମଧ୍ୟ କରିପାରନ୍ତି । ଅତଏବ ସେମାନଙ୍କୁ ଏପରି ଶିକ୍ଷା ଦେବା ବିଧେୟ, ଯହିଁରେ ସେମାନେ ନିଜ ନିଜ ରାଜ୍ୟର ଓ ନିଜ ନିଜ ପ୍ରଜାବର୍ଗର ମଙ୍ଗଳ ସାଧନ କରି ପାରିବେ ଓ. ଆପଣା ଉପରେ ଯେଉଁ ସବୁ ବିଷୟର ଦାୟିତ୍ୱ ଅଛି ତାହା ଉତ୍ତମ ରୂପେ ସମାଧାନ କରିପାରିବେ ।''

ଶାସକ ଭାବରେ ପ୍ରଗତିଶୀଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀରାମଚନ୍ଦ୍ର ସବୁ ପ୍ରକାର ଉଦ୍ୟମ କରିଥିଲେ । ଉଦାର ହୃଦୟବତ୍ତା ଓ ପ୍ରଗତିଶୀଳ କାର୍ଯ୍ୟପନ୍ଥାର ଅପୂର୍ବ ସମନ୍ୱୟ ତାଙ୍କଠାରେ

ଦେଖିବାକୁ ମିଳିଥିଲା । ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପରିଚାଳନା କରିବା ପାଇଁ ସେ ମୟୂରଭଞ୍ଜରେ ରାଜ୍ୟପରିଷଦ (State Council) ସ୍ଥାପନ କରିଥିଲେ । ରାଜାଙ୍କ ଆଦେଶ ବିରୋଧରେ ଆବେଦନ କରିବା ପାଇଁ ଏହି ପରିଷଦକୁ କ୍ଷମତା ଦିଆଯାଇଥିଲା । ଭୂରାଜସ୍ୱ ପ୍ରଥାର ସଂସ୍କାର କରାଇ ସେ ପ୍ରଜାମାନଙ୍କୁ ଜମିଉପରେ ଦଖଲ ସ୍ୱତ୍ୱ (Occupancy right) ପ୍ରଦାନ କରିଥିଲେ ଏବଂ ଆଦିବାସୀ ପ୍ରଜାମାନଙ୍କୁ ବିଶେଷ ସୁରକ୍ଷା ପ୍ରଦାନ କରିଥିଲେ । ସେ ବାରିପଦାରେ ଗୋଟିଏ ହାଇସ୍କୁଲ, ଚିକିତ୍ସାଳୟ, ସାଧାରଣ ପାଠାଗାର ଓ ସାଧାରଣ କ୍ରୀଡ଼ା ଉଦ୍ୟାନ (Park) ସ୍ଥାପନ କରିଥିଲେ । ସେ ବାରିପଦା ସହିତ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ତାର ଯୋଗାଯୋଗ ସ୍ଥାପନ କରିଥିଲେ । ବାରିପଦାଠାରୁ ରୂପସା ପର୍ଯ୍ୟନ୍ତ ସେ ଲଘୁ ରେଳପଥ ନିର୍ମାଣ କରି B.N.R. Railway ସହିତ ସଂଯୋଗ ସ୍ଥାପନ କରିଥିଲେ ।

ମୟୂରଭଞ୍ଜର ଖଣିଜ ସମ୍ପଦ (ଲୁହାପଥର)ର ଉପଯୋଗ ପାଇଁ ସେ ପ୍ରଥମେ ପଦକ୍ଷେପ ଗ୍ରହଣ କରିଥିଲେ । ତାଙ୍କର ଶାସନ କାଳରେ ଭୂତତ୍ତ୍ୱବିତ୍ ପି.ଏନ୍. ବୋଷ ମୟୂରଭଞ୍ଜର ଖଣିଜ ସମ୍ପଦର ସର୍ବେକ୍ଷଣ କରିଥିଲେ । ଫଳରେ ଏଠାର ଲୁହାପଥରକୁ ଭିତ୍ତି କରି ଜାମସେଦଜୀ ଟାଟା ଜାମସେଦପୁରରେ ଲୁହା କାରଖାନା ସ୍ଥାପନ କରିଥିଲେ ।

ଶ୍ରୀରାମଚନ୍ଦ୍ର ତାଙ୍କର ପ୍ରଶାସନରେ ତିନିଟି ନୂତନ ଗୁରୁତ୍ୱପୂର୍ଣ୍ଣ ବିଭାଗ ସୃଷ୍ଟି କରିଥିଲେ । ଯଥା—କୃଷି, ଜଙ୍ଗଲ, ଅବକାରୀ (Excise) ।

ଅର୍ଥନୈତିକ ପ୍ରଗତି ସଙ୍ଗେ ସଙ୍ଗେ ସାଂସ୍କୃତିକ ବିକାଶର ଗୁରୁତ୍ୱ ସମ୍ବନ୍ଧରେ ମହାରାଜା ଶ୍ରୀରାମଚନ୍ଦ୍ର ସଚେତନ ଥିଲେ । ପ୍ରତ୍ନତାତ୍ତ୍ୱିକ ବସ୍ତୁଗୁଡ଼ିକର ସଂରକ୍ଷଣ ପାଇଁ ସେ ୧୯୦୪ ମସିହାରେ ବାରିପଦାଠାରେ ଏକ ସଂଗ୍ରହାଳୟ (Museum) ସ୍ଥାପନ କରିଥିଲେ । ଏହା ଓଡ଼ିଶାର ପ୍ରଥମ ସଂଗ୍ରହାଳୟ । ୧୯୦୪ ମସିହାରେ ସେ ବାରିପଦାରେ ସଚ୍ଚୋଜନ ପ୍ରେସ୍ ସ୍ଥାପନ କରିଥିଲେ । କଟକର ରେଭେନ୍ସା କଲେଜରେ ସେ ପଦାର୍ଥ ବିଜ୍ଞାନ ଲେବରେଟରୀ ସ୍ଥାପନ କରିଥିଲେ । ଜ୍ଞାନୀଲୋକମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିବା ସେ ଏକ ରାଜକୀୟ କର୍ତ୍ତବ୍ୟଭାବରେ ଗ୍ରହଣ କରିନେଇଥିଲେ । ମୟୂରଭଞ୍ଜର ଛଉନୃତ୍ୟକୁ ବିଶ୍ୱଦରବାରରେ ମାନ୍ୟତା ଦେବା ପାଇଁ ସେ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୧୧ ମସିହା ଡିସେମ୍ବର ୧୨ ତାରିଖରେ କଲିକତାରେ ଇଂରେଜ ସମ୍ରାଟ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀ ମେରୀଙ୍କ ସମ୍ମୁଖରେ ସେ ଛଉନୃତ୍ୟ ପ୍ରଦର୍ଶନ କରାଇଥିଲେ । ଏଉ ନୃତ୍ୟକୁ ଉପସ୍ଥିତ ଦର୍ଶକମାନେ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଏହି ସମୟରେ କଲିକତାର ବିଖ୍ୟାତ ଇଂରେଜୀ ସମ୍ବାଦପତ୍ର Statesman ଏହି ନୃତ୍ୟ ସମ୍ବନ୍ଧରେ ଲେଖିଥିଲେ, "The dance drew universal appreciation. The Oriya Paik dance was a great spectacle."

ସାମ୍ରାଜ୍ୟବାଦୀ ଇଂରେଜ ସରକାରଙ୍କ ଛତ୍ରଛାୟାରେ ଆଶ୍ରିତ ହେଲେ ମଧ ଶ୍ରୀରାମଚନ୍ଦ୍ର ସଂକୀର୍ଣ୍ଣ ରାଜକୀୟ ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠିପାରିଥିଲେ ଏବଂ ପ୍ରଜାମାନଙ୍କର କଲ୍ୟାଣରେ ନିଜକୁ ନିୟୋଜିତ କରିଥିଲେ । ମୟୂରଭଞ୍ଜରେ ସୁଶାସନ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ସମଗ୍ର ଓଡ଼ିଶାର ବିକାଶଧାରା, ଓଡ଼ିଆ ଆନ୍ଦୋଳନ, ଓଡ଼ିଶାରେ ଶିକ୍ଷାର ବିକାଶ ଓ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ସହିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଓତପ୍ରୋତ ଭାବରେ ଜଡ଼ିତ ଥିଲେ । ତାଙ୍କର ଦୃଷ୍ଟିକୋଣ ଓ ଚିନ୍ତାଧାରା ଉଦାର ଓ ବ୍ୟାପକ ଥିଲା । ତାଙ୍କ ସମୟରେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅଭିଜ୍ଞତା ଲାଭ କରିବା ଉଦ୍ଦେଶ୍ୟରେ ସେ ୧୯୧୦ ମସିହାରେ ଚୀନ, ଜାପାନ, ଇଂଲଣ୍ଡ ଓ ଆମେରିକା ପରିଦର୍ଶନ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଉଦାରବାଦୀ ଓ ପ୍ରଗତିଶୀଳ ଶାସକଙ୍କର ମାତ୍ର ୪୩ ବର୍ଷ ବୟସରେ (୧୯୧୩ ମସିହା ଫେବୃଆରୀ ୧୨ ତାରିଖ) ଦୁଃଖଦାୟକ ଦୁର୍ଘଟଣା ଜନିତ ଜୀବନାବସାନ ମୟୂରଭଞ୍ଜ ତଥା ଓଡ଼ିଶା ପାଇଁ ଏକ ଦୁର୍ଭାଗ୍ୟ ଥିଲା ।

ଅଧ୍ୟାପକ, ଇତିହାସ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ପାହିଲାଣି ଏବେ ନିରାଶା-ଶର୍ବରୀ
ଡାକୁଛନ୍ତି ମାତା କେତେ ଆଶା କରି ।
ଜାଗହେ ସରବେ ଉତ୍କଳ ସନ୍ତାନେ
ଏକତାର ମନ୍ତ୍ର ଜପି ପ୍ରାଣେ ପ୍ରାଣେ ।

**ଉତ୍କଳଗୌରବ ମଧୁସୂଦନ ରାଓ**

# ଓଡ଼ିଆ ଭାଷା ସୁରକ୍ଷା ଯୁଦ୍ଧର ସେନାପତି

ଡକ୍ଟର ଶୁଭେନ୍ଦ୍ର ମୋହନ
ଶ୍ରୀଚନ୍ଦନ ସିଂହ

ଓଡ଼ିଆ ଭାଷାର ସୁରକ୍ଷା କଥା ପଡ଼ିଲେ ସବୁଠୁ ଆଗେ ଆସନ୍ତି ଗୌରୀଶଙ୍କର । ଊନବିଂଶ ଶତକରେ ଗୌରୀଶଙ୍କର ଓଡ଼ିଶା ପାଇଁ ଇତିହାସର ଶ୍ରେଷ୍ଠ ବରଦାନ । ଓଡ଼ିଶାରେ ନବଜାଗରଣର ପ୍ରତିଷ୍ଠା, ଶ୍ରେଷ୍ଠ ଓଡ଼ିଶୀୟ ଦେଶ ପ୍ରେମର ଉଦ୍‌ଗୀରଣ, ଓଡ଼ିଶାରେ ସଂବାଦ ସାହିତ୍ୟର ପ୍ରବର୍ତ୍ତନ ଓ ବିବିଧ ସାମାଜିକ ସଂସ୍କାର ଭିତରେ ତାଙ୍କ ଉଜ୍ଜ୍ୱଳ ପ୍ରତିଭା ହୀର ହାର ପିଟି ଦିଶେ । ତାଙ୍କ କାଳରେ ଓଡ଼ିଶାର ଗୌରବକୁ ପରିବର୍ଦ୍ଧିତ କରିବା ପାଇଁ ରାଜନୀତି, ସାହିତ୍ୟ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ବହୁ ପ୍ରତିଭାଧରଙ୍କ ଆବିର୍ଭାବ ଘଟିଥିଲା । ମାତ୍ର ଏ ସମସ୍ତଙ୍କର ଆଦ୍ୟ ମାଂତ୍ରିକ ଭାବରେ ଗୌରୀଶଙ୍କର ଚିରବନ୍ଦ୍ୟ । ସେ ଉତ୍କଳର ଦୀପପୁରୁଷ ।

ଓଡ଼ିଶା ମାଟିରୁ ଦୀର୍ଘ ତିନି ଶତକର ଅନ୍ଧକାର ଯୁଗକୁ ପ୍ରତିହତ କରି ସେ ଜାଳିଲେ ଆଲୋକବର୍ତ୍ତିକା । ଉତ୍କଳ ଦୀପିକା ଏ ଜାତିର ପ୍ରଥମ ଜାତୀୟ ସଂବାଦ ପତ୍ର-ଯାହାର ତୁଳନା କେବଳ ସେ ନିଜେ । ଇଂରେଜ ପ୍ରଶାସନକୁ ନିଷ୍ଠୁରଭାବେ ସମାଲୋଚନା କରି ଓଡ଼ିଆ ପ୍ରାଣରେ ସ୍ୱାଭିମାନ ଓ ଦେଶ ପ୍ରୀତିର ଉଦ୍ଦୀପନା ଭରି ଦେବାରେ ଏହାଙ୍କ ଭୂମିକା ଅନବଦ୍ୟ । ଖଣ୍ଡ ବିଖଣ୍ଡିତ ଓଡ଼ିଶା ମାଟିର କରୁଣ କାହାଣୀକୁ ନିର୍ଭୀକ ଓ ମାର୍ମିକ ଭାବରେ ସେ ଦୀପିକାରେ ଯେମିତି ଦୃଢ଼ତାର ସହ ଉଚ୍ଚାରଣ କରିଥିଲେ, ଓଡ଼ିଆ ଭାଷା ଯୁଦ୍ଧରେ ସେଇପରି ସେନାପତିର ଆସନ ନେଇଥିଲେ ।

ଇତିହାସ କହେ ଓଡ଼ିଶାର ସାର୍ବଭୌମ ସରକାରର ପତନ ପରେ ଓଡ଼ିଶାର ଦୁର୍ଯୋଗ ମାଡ଼ିଆସିଲା । ଫଳରେ ପଠାଣ, ମୁଗଲ, ମରାଠା ଶାସନ ବାଟ ଦେଇ ଏହା ପଡ଼ିଲା ଇଂରେଜମାନଙ୍କ ହାତରେ । ଥରେ ଷ୍ଟର୍ଲିଂ କହିଥିଲେ ... Is the fact that in all ages under all governments since the downfall of Orissa Monarchy, the principal official employment throughout the province has been engrossed by the foreigners, the Bengalis north and Telingas south. ପଶ୍ଚିମରେ ହିନ୍ଦୀଭାଷୀଏ ବି ସବୁ ଆସନ ମାଡ଼ି ବସିଥିଲେ ।

୧୮୦୫ ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଘୋଷଣା କରିଥିଲେ ଯେ ବ୍ରିଟିଶ ଇଣ୍ଡିଆରେ ସର୍ବତ୍ର ସ୍ଥାନୀୟ ଭାଷାରେ ଶାସନ ଚାଲିବ (ଟୟନବୀଙ୍କ ଇତିହାସ) । ମାତ୍ର ସରକାରଙ୍କ ଘୋଷଣାକୁ କାମରେ ଲଗାଉଥିବା କର୍ମଚାରୀମାନେ ଏହାକୁ ବିକୃତ କରି ଦେବାକୁ ନାନା ଉପାୟ ଖଞ୍ଜିଥିଲେ ।

କଟକ କମିଶନର ଏକ ନିର୍ଦ୍ଦେଶରେ ୧୮୩୮ ଜାନୁଆରୀ ୨୨ ରେ ଜଣାଇଥିଲେ ଯେ ଯେଉଁ ଡେପୁଟୀମାନେ ଏ ଦେଶର ଭାଷା ଜାଣନ୍ତି ନାହିଁ, ସେମାନଙ୍କର ଏକ ତାଲିକା ପ୍ରସ୍ତୁତ ହବ ଏବଂ ଆସନ୍ତା ଅଗଷ୍ଟ ୧ ତାରିଖ ଆଗରୁ ସେମାନେ ଓଡ଼ିଆଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପ୍ରୟୋଜନ । ସେଇପରି କମିଶନର ଗୋଲଡ଼ବରୀ ଓ ଶିକ୍ଷା ଇନ୍‌ସପେକ୍ଟର ଉରୋର ପ୍ରଭୃତି ବିଶିଷ୍ଟ ଇଂରେଜୀ ପ୍ରଶାସକମାନେ ଓଡ଼ିଆ ସଂସ୍କୃତର ଏକ ବଳିଷ୍ଠ ଉପଭାଷା ଏବଂ ବଙ୍ଗଳା ଠାରୁ ପ୍ରାଚୀନ ଓ ସ୍ୱତନ୍ତ୍ର ବୋଲି କହିଥିବା କଥା କମିଶନରଙ୍କ ରିପୋର୍ଟରେ ଉଲ୍ଲେଖ ଥିଲା (Report of the Council of Education, 1848-49) ¡

ଏହି ସବୁ ସତ୍ତ୍ୱେ କଟକ କଲେକ୍ଟର ବାଉରିଂ ଓଡ଼ିଶାରେ ବଙ୍ଗଳା, କମିସନର ମିଲସ, ରିକେଟ୍ ଓ ଉଡ୍‌ବର୍ଣ୍ଣ ହିନ୍ଦୁସ୍ଥାନୀ (ପଶ୍ଚିମ ଓଡ଼ିଶା ସମେତ ସାରା ଓଡ଼ିଶାରେ) ଏବଂ ପାଓ୍ୱେଲ ଦକ୍ଷିଣ ଓଡ଼ିଶାରେ ତେଲଗୁ ପ୍ରଚଳନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ତିନି ଥେଣିଆ କାକୁଡ଼ିବାଡ଼ି ହୋଇ ରହିଥିବା ଓଡ଼ିଶାରେ ଯେଉଁ କର୍ମଚାରୀମାନେ ଥିଲେ, ସେମାନେ ଏଇ ବାଉରିଂ ପ୍ରମୁଖଙ୍କ ପ୍ରସ୍ତାବକୁ ଆୟୁଧ ମଣିଲେ । ନିଜେ ତ ଓଡ଼ିଆ ଜାଣନ୍ତି ନି । ଓଡ଼ିଆ ଭାଷାକୁ ମୂଳୁ ମାରିଲେ ଯିବ ସରି ନ୍ୟାୟରେ ଚକ୍ରାନ୍ତର ଜାଲ ଖଞ୍ଜିଲେ । ସେମାନେ ପରାମର୍ଶ ଦେଲେ ଯେ ଉପକୂଳ ଓଡ଼ିଶାରେ ବଙ୍ଗଳା ଚଳୁ । ଗୌରୀଶଙ୍କର ପ୍ରତିବାଦ କଲେ : ଶିକ୍ଷାଦେବା ନିମିତ୍ତ ନିଯୁକ୍ତ ଥିବା ବ୍ୟକ୍ତିମାନେ ବିପରୀତ ଆଚରଣ କରି କି ରୂପେ ବେତନ ଜୀର୍ଣ୍ଣ କରୁଅଛନ୍ତି ଏହିମାତ୍ର ଚମତ୍କାର ବୋଧ ହେଉଅଛି । ବଙ୍ଗ ଦେଶରେ ଯେତେବେଳେ ବିଦ୍ୟାଳୟ ଆରମ୍ଭ ହେଲା ସେଠାରେ ତ ଅନ୍ୟଭାଷା ଶିକ୍ଷାର କେହି ପ୍ରସ୍ତାବ ଦେଲେ ନାହିଁ । ସେମାନେ ଖଣ୍ଡନ ବିଷୟରେ ଅକ୍ଷମ ଥିବାରୁ ଆପଣା ଅନ୍ନରକ୍ଷା ନିମିତ୍ତ ସୁବିଧା କରୁଅଛନ୍ତି । (ଉ.ଦୀ. ୪.୧.୧୮୬୮)

ସେ ସମୟର ବିଖ୍ୟାତ ପଣ୍ଡିତ ରାଜେନ୍ଦ୍ର ଲାଲ ମିତ୍ର ଓଡ଼ିଶାରେ ବଙ୍ଗଳା ଚଳାଇବା ଉତ୍କଳ ହିତୈଷୀର କାମ ବୋଲି ଯୁକ୍ତି କରିଥିଲେ । ଗୌରୀଶଙ୍କର ତାଙ୍କୁ ପ୍ରଚଣ୍ଡ ଆକ୍ରମଣ ଚଳେଇ ତାଙ୍କର କାଣ୍ଡଜ୍ଞାନ ଶୂନ୍ୟତା ଓ ଅଜ୍ଞତା ପ୍ରମାଣ କରିଥିଲେ । ଏଇ ପ୍ରସଙ୍ଗରେ କହିଥିଲେ, "ଏହାର ରକ୍ଷକ ତିନି ଗବର୍ଣ୍ଣମେଣ୍ଟ ହୋଇ ଅଛନ୍ତି । ଏହାର ସର୍ବାଙ୍ଗ ସମାନରୂପେ ଗଠନ ହେଉ ନାହିଁ । ଏରୂପ ଅବସ୍ଥା ଅତି ଶୋଚନୀୟ ଓ ଆମ୍ଭମାନଙ୍କ ମତରେ ଶୀଘ୍ର ଏହାର ପ୍ରତିକାର କରିବାର ଉଚିତ୍" (୨୧.୧୧.୧୮୬୮

ଦୀପିକା) । କହି ରଖେ, ଓଡ଼ିଶାର ବିଖଂଡ଼ିତ ରୂପର ଏହାର ଦୁର୍ଦ୍ଦଶାର କାରଣ କହି ଗୌରୀଶଙ୍କର ଏହାର ଏକୀକରଣ ପାଇଁ ଆହ୍ୱାନ ଦେଇଥିଲେ । ଏହା ହିଁ ସ୍ୱତଂତ୍ର ଉତ୍କଳ ଗଠନର ଆଦ୍ୟ ମନ୍ତ୍ରଥିଲା ।

ସେହିପରି ଉମା ଚରଣ ହାଲଦାର ମହାଶୟଙ୍କ ଓଡ଼ିଆଭାଷାକୁ ବଙ୍ଗଳିପିରେ ଲେଖିବାର ପ୍ରସ୍ତାବରେ କ୍ଷୁବ୍ଧ ଗୌରୀଶଂକର ବ୍ୟଂଗୋକ୍ତିର ତୀକ୍ଷ୍ଣ ଅସ୍ତ୍ର ପ୍ରୟୋଗ କରି ''ଯାହାପୁଅ ତାହାକୁ ସୁନ୍ଦର'' ବୋଲି କହିଥିଲେ ।

ଏକ ଦିଗରେ ଅନେକ ସରକାରୀ କର୍ମଚାରୀ ଅନ୍ୟ ଦିଗରେ ଗୌରୀଶଙ୍କର । ବହୁ ବ୍ୟଙ୍ଗ, ବିଦ୍ରୁପ, ସମାଲୋଚନା ଓ ନିର୍ଯ୍ୟାତନା ସହି ସେ ଓଡ଼ିଆ ଭାଷା ସୁରକ୍ଷା ଯୁଦ୍ଧ ଚଳେଇଥିଲେ । ଏପରି ବ୍ୟବସ୍ଥାରେ ରାଜକୃଷ୍ଣ ମୁଖୋପାଧ୍ୟାୟ ନାମକ ଜଣେ ଭଦ୍ରଲୋକ ତାଙ୍କ ବିରୋଧରେ ମୋକଦ୍ଦମା ଖଞ୍ଜିଲେ । ମାଜିଷ୍ଟ୍ରେଟ ଥିଲେ ମି କର୍ଣ୍ଣୁଡ଼ । ଏହି ମାଜିଷ୍ଟ୍ରେଟଙ୍କ ବିରୋଧରେ ଗୌରୀଶଙ୍କର ଲେଖିଥିଲେ, ''ପିଟନ୍ତି କର୍ଣ୍ଣୁଟ ନାହିଁତ ଆକଟ/ ପାନ୍ତି ଯାକୁ ଯେଉଁଠାରେ....'' ଇତ୍ୟାଦି । ମାତ୍ର କର୍ଣ୍ଣୁଡ ସାହେବ ଭାଷା ଆନ୍ଦୋଳନ ଯୋଗୁଁ ପ୍ରତିପକ୍ଷ ଗୌରୀଶଙ୍କରଙ୍କୁ ହାନସ୍ତା କରୁଥିବା ବୁଝି ପାରି ମୁକ୍ତ କରିଦେଲେ । ପ୍ରତିପକ୍ଷଙ୍କ ମୁହଁ ପୋଡ଼ିଗଲା ।

ପ୍ରକାଶ ଥାଉକି, ୧୮୬୯ ନଭେମ୍ବର ୮ ରେ ସରକାର ଘୋଷଣା କଲେ ଯେ ଉପକୂଳ ଓଡ଼ିଶାରେ ଓଡ଼ିଆ ହିଁ ଚଳିବ । ଭାଷା ବିରୋଧୀମାନଙ୍କ ଦୁର୍ଗ ଭାଙ୍ଗିଗଲା । କିନ୍ତୁ ସେମାନେ ସହଜରେ ହାର ମାନିବାକୁ ପ୍ରସ୍ତୁତ ନଥିଲେ । ଏତିକିବେଳେ ଓଡ଼ିଆ ଭାଷା ବିରୋଧରେ କାନ୍ତିଲାଲ ଭଟ୍ଟାଚାର୍ଯ୍ୟଙ୍କ ଆବିର୍ଭାବ ହୁଏ । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଖଂଡେ ବହିବହି ଲେଖି ସେ ବାହାସ୍ଫୋଟ ମାରିଲେ ।

ଅଗ୍ନିମୁଖା ଗୌରୀଶଙ୍କର ସମାଲୋଚନାର ପରୀକ୍ଷାଗାରରେ ପଣ୍ଡିତଙ୍କ ମୂର୍ଖପଣିଆ ପ୍ରମାଣ କରିଦେଲେ ।'ଓଡ଼ିଆ ଯେବେ ଅଣୁମାତ୍ର ଜାଣିଥାନ୍ତେ' ଆଦି ବ୍ୟଙ୍ଗ ଭିତରେ ତାଙ୍କୁ କ୍ଷତାକ୍ତ କରି ପକେଇଲେ । ସେ ପୃଷ୍ଠଭଙ୍ଗ ଦେଲେ ।

କଥା ଏତିକିରେ ସରିନାହିଁ । ଚକ୍ରାଂତକାରୀମାନେ ଓଡ଼ିଶାରୁ ଜାଲ ସ୍ୱାକ୍ଷର ସଂଗ୍ରହ କରି ସରକାରଙ୍କୁ ଭୁଆଁ ବୁଲେଇବାର ଚେଷ୍ଟା କଲେ । ଗୌରୀଶଙ୍କର ସେସବୁର ମୁଖା ଖୋଲିଦେଲେ ଓ ଷଡ଼ଯନ୍ତ୍ରକୁ ପଦାରେ ପକେଇଦେଲେ ।

ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଠିକ୍ ଏଇ ଗତିରେ ଓଡ଼ିଆ ଭାଷାକୁ ବିଲୋପ କରିବାର ସୁଚିନ୍ତିତ ଚକ୍ରାନ୍ତ ଚାଲିଥିଲା । ୧୮୯୫ ରେ ସମ୍ବଲପୁରରେ ହିନ୍ଦୀ ଚଳିଲା । ଗଞ୍ଜାମ, ପାରଳା ଇତ୍ୟାଦିରେ ତେଲଗୁ ରହିଲେ । ମାତ୍ର ଦୀପିକା ମାଧ୍ୟମରେ ଗୌରୀଶଙ୍କର ସବୁଠି ଲଢ଼େଇ ଚାଲୁ ରଖିଲେ । ଓଡ଼ିଆ ଭାଷାର ସ୍ୱାର୍ଥ ରକ୍ଷା ପାଇଁ ତାଙ୍କର ପ୍ରତିଷ୍ଠିତ ଉତ୍କଳ ଭାଷୋଦ୍ଦୀପିନୀ ସଭା (୧୮୬୭) ତଥା ଉତ୍କଳ ଉଲ୍ଲାସିନୀ ସଭା (୧୮୬୯) ଓ ଉତ୍କଳ ସଭା (୧୮୭୦) ଏଥିପାଇଁ ରାଜନୀତିକ ପ୍ରତିବାଦ ଚଳେଇଲେ । ଉତ୍କଳ ସଭା କହିଥିଲା Denial to the people of the use of their mothertongue is the worst form of gagging and is yet unknown even in the most despotic form of government.

ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ପ୍ରମାଣ କ୍ଷେତ୍ରରେ TJ Maltby ଙ୍କ A Practical Hand Book of Oriya Language, (1873) John Beams ଙ୍କର Comparative Grammar of IndoAryan Languages (1872) ପ୍ରଭୃତି ଗ୍ରନ୍ଥଗୁଡ଼ିକ ବିଶେଷ ସହାୟକ ହୋଇଥିଲା । ସ୍ମରଣ ଯୋଗ୍ୟ ଯେ ଜନ୍ ବୀମସଙ୍କୁ ଗୌରୀଶଙ୍କର ଓ ତାଙ୍କର ପରମ ହିତୈଷୀ ଓ ସାଥୀ ବିଚିତ୍ରାନନ୍ଦ ଦାସ ବହୁ ଓଡ଼ିଆ ପୋଥି ପତ୍ର ଓ ତଥ୍ୟ ଯୋଗାଇ ଦେଇ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରମାଣରେ ସହାୟକ ହୋଇଥିଲେ ।

ଓଡ଼ିଆ ଭାଷା ସୁରକ୍ଷା ଯୁଦ୍ଧରେ ଗଂଜାମ ନିୟୁଜ, ପ୍ରଜାବନ୍ଧୁ, ସମ୍ବଲପୁର ହିତୈଷିଣୀ, ସମ୍ବାଦ ବାହିକା ପ୍ରଭୃତି ପତ୍ର ପତ୍ରିକା ଏବଂ ଗୋବିନ୍ଦ ରଥ, ମୃନ୍ମୟୀ ଶାସ୍ତ୍ରୀ, ନୀଳମଣି ବିଦ୍ୟାରତ୍ନ, ବୈକୁଣ୍ଠ ନାଥ ପୂଜାରୀ, (ରଙ୍ଗଲାଲ ବନ୍ଦୋପାଧ୍ୟାୟ, ପ୍ୟାରୀମୋହନ ସେନ, ଦୀନନାଥ ସରକାର, ପ୍ୟାରୀମୋହନ ବନ୍ଦୋପାଧ୍ୟାୟ, ଦ୍ୱାରୀକାନାଥ ଚକ୍ରବର୍ତ୍ତୀ, ଚନ୍ଦ୍ରଶେଖର ବାନାର୍ଜ୍ଜୀ, ଜନାର୍ଦ୍ଦନ ସେନ, ବଳରାମବୋଷ, ରାଜକୃଷ୍ଣ ବାନାର୍ଜ୍ଜୀ, କୈଳାସ ଚନ୍ଦ୍ର ଯାଜିତ, ହାରାଧନ ଘୋଷଙ୍କ ସମେତ କେତେକ ବଙ୍ଗୀୟ ବିଦ୍ୱାନ କର୍ମଚାରୀ (ରଙ୍ଗଲାଲ ତ ବଙ୍ଗଳାରେ କାଞ୍ଚିକାବେରୀ କାବ୍ୟ ଲେଖି ଓଡ଼ିଆ ଭାଷାର ଗୌରବ ପ୍ରଖ୍ୟାପିତ କରିଛନ୍ତି) ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ଜଗମୋହନ ଲାଲ, ଫକୀର ମୋହନ ସେନାପତି ପ୍ରମୁଖ ବହୁ ପ୍ରତିଭା ଅଂଶ ଗ୍ରହଣ କରିଥିଲେ । ମାତ୍ର ଏ ଭାଷା ଯୁଦ୍ଧର ମହାନ୍ ସେନାପତି ଥିଲେ ଉତ୍କଳପ୍ରାଣ ଗୌରୀଶଙ୍କର ରାୟ ! ତେଣୁ ସମ୍ବଲପୁର ହିତୈଷିଣୀ ଲେଖିଥିଲେ : ''ଯୁଦ୍ଧ ଜୟୀ ବୀର ଗୌରୀଶଙ୍କର ପାରିବକି ଜିଣି କରି, ବଙ୍ଗଳା ଯୁଦ୍ଧରେ ଜାଣିଚି ତୁମକୁ ଥିଲ ତୁମେ ଶସ୍ତ୍ରଧାରୀ ।'' ପ୍ରଖ୍ୟାତ ଐତିହାସିକ ହରେକୃଷ୍ଣ ମହତାବ ତେଣୁ ଯଥାର୍ଥରେ ଥରେ କହିଥିଲେ ଯେ ଗୌରୀଶଙ୍କର ନଥିଲେ ବୋଧହୁଏ ଓଡ଼ିଶାରେ ଓଡ଼ିଆଭାଷା ରହି ନଥାନ୍ତା । ଓଡ଼ିଆ ଭାଷାର ମାନକତା ପ୍ରଚଳନ, ସମଗ୍ର ଓଡ଼ିଶାରେ ମାନକ ଲିପି ପ୍ରଚଳନ, କଥିତ ଭାଷାକୁ ସାହିତ୍ୟିକ ଆଭିଜାତ୍ୟ ପ୍ରଦାନ , ଓଡ଼ିଆ ସମାଲୋଚନା ଓ ସମୀକ୍ଷା ସାହିତ୍ୟ ପ୍ରଦର୍ଶନ ଇତ୍ୟାଦି ବହୁ ଦିଗରେ ନୂଆବାଟ ଦେଖେଇଥିବା ଗୌରୀଶଙ୍କର ଯେ ଯଥାର୍ଥରେ ଓଡ଼ିଆ ଭାଷା ଯୁଦ୍ଧର ଅପ୍ରତିଦ୍ୱନ୍ଦ୍ୱୀ ସେନାପତି ଓ ଓଡ଼ିଆଭାଷାର ସଂରକ୍ଷକ, ଏଥିରେ ଦ୍ୱିମତ ନାହିଁ । ଓଡ଼ିଆ ଭାଷା ସୁରକ୍ଷା ଯୁଦ୍ଧର ଏଇ ମହାନ୍ ବିଜୟୀ ସେନାପତିଙ୍କୁ ତେଣୁ ଜାତି ଚିରଦିନ କୃତଜ୍ଞତାରେ ନମ୍ର ପ୍ରଣାମ ଜଣାଉଚି ।

ସାମଂତସାହି,
କଟକ- ୭୫୩ ୦୦୫

# ଓଡ଼ିଆର ସ୍ୱଦେଶ ଗୌରବ

*ଶ୍ରୀ ଗିରିଜାଶଙ୍କର ତରାସିଆ*

ତରବାରୀର ଜୟ, ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ । ସମଗ୍ର ବିଶ୍ୱରେ ମୈତ୍ରୀର ଏହି ମହାମନ୍ତ୍ର ପ୍ରଚାର କରିବା ଅନ୍ତରାଳରେ ସମ୍ରାଟ ଅଶୋକଙ୍କ ହୃଦୟରେ କଳିଙ୍ଗ ବୀରଙ୍କ ବୀରତ୍ୱ କାହାଣୀ ଯେଉଁ ପ୍ରେରଣାର ଉତ୍ସ ସୃଷ୍ଟି କରିଥିଲା, ତାହାହିଁ ଓଡ଼ିଆ ଜାତିର ଗୌରବାବହ ପରମ୍ପରାର ସ୍ମୃତିସ୍ୱାକ୍ଷର ବହନ କରେ । ଖ୍ରୀ. ପୂ. ୨୬୧ରେ ସଂଘଟିତ ଐତିହାସିକ କଳିଙ୍ଗ ଯୁଦ୍ଧରେ ସମଗ୍ର ଭାରତର ଅର୍ଦ୍ଧାଧିକ ସାମରିକ ଶକ୍ତି ସମଗ୍ର ଓଡ଼ିଆଜାତି ବିରୁଦ୍ଧରେ ନିୟୋଜିତ ହୋଇଥିଲା । କଳିଙ୍ଗବୀର ଯୁଦ୍ଧରେ ପରାଜୟ ସ୍ୱୀକାର କରି ସମ୍ରାଟ ଅଶୋକଙ୍କ ନିକଟରେ ଆତ୍ମସମର୍ପଣ କରିନଥିଲା । ଏହି ଯୁଦ୍ଧର ଲୋମହର୍ଷଣକାରୀ ଦୃଶ୍ୟ ସମ୍ରାଟ ଅଶୋକଙ୍କ ହୃଦୟକୁ ହିଁ ବିଗଳିତ କରିଦେଇଥିଲା ।

କଳିଙ୍ଗ ଯୁଦ୍ଧର ପ୍ରାୟ ଏକ ଶତାବ୍ଦୀ ପରେ ମହାମେଘବାହନ ଐର ଖାରବେଳ ଓଡ଼ିଆ ପୁଅ ହୃଦୟରେ ବୀରତ୍ୱର ସଂଜୀବନୀ ପୁନଃ ସଞ୍ଚାର କରି ଜାତୀୟ ଗୌରବର ଜୈତ୍ର ଉଡ଼ାଇବାରେ ସକ୍ଷମ ହୋଇଥିଲେ । କିନ୍ତୁ ୧୫୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ନୃପତି ମୁକୁନ୍ଦଦେବଙ୍କ ପତନପରେ ଓଡ଼ିଶାର ସ୍ୱାଧୀନତା ଲୁପ୍ତ ହୋଇ ମୋଗଲ ଶାସନ ଅଧୀନରେ ରହିବାକୁ ଲାଗିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡ଼ିଶାକୁ କବ୍ଜାୟତ କରିବାକୁ ଉଦ୍ୟମ କଲେ । କିନ୍ତୁ ବୀର ଓଡ଼ିଆ ପାଇକ ଅତି ସହଜରେ ମାତୃଭୂମିର ସ୍ୱାଧୀନତାକୁ ବିଦେଶୀ ହାତରେ ଅର୍ପଣ କରିବାର ସୁଯୋଗ ଦେଇନଥିଲେ । ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ଏବଂ ସମ୍ବଲପୁରର ବୀରସୁରେନ୍ଦ୍ର ସାଏ ଆଦି ମହାନ୍ ଦେଶପ୍ରେମୀ ମାନଙ୍କ ବୀରତ୍ୱର ପରାକାଷ୍ଠା ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ ଚକିତ କରି ଦେଇଥିଲା ।

ଓଡ଼ିଶାର କୀର୍ତ୍ତିମାନ ନରପତି ଅନଙ୍ଗଭୀମଦେବ, ନରସିଂହଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବଙ୍କ ପରି ରଣ ନିପୁଣ ରାଜାମାନଙ୍କର ବୀରତ୍ୱ ତଥା ଦିଗ୍‌ବିଜୟ କାହାଣୀମାନ ଓଡ଼ିଆ ଜାତିର ମନରେ ପରେ ଆଜି ବି କିମ୍ବଦନ୍ତୀ ରୂପେ ଉଦ୍‌ଭାସିତ । ସେହିପରି ଓଡ଼ିଆ ସାଧବ ପୁଅର ନୌବାଣିଜ୍ୟ କାହାଣୀ ଅବିସ୍ମରଣୀୟ ହୋଇରହିଛି ।

କେବଳ ଏକ ବଳିଷ୍ଠ ଯୋଦ୍ଧା ଜାତିଭାବେ ଓଡ଼ିଆ ଜାତିର ଖ୍ୟାତି ନୁହେଁ; ଓଡ଼ିଶାର ଭାସ୍କର୍ଯ୍ୟ, ଶିଳ୍ପ ସମୃଦ୍ଧି, ବାଣିଜ୍ୟ, ସାହିତ୍ୟ, ସଂସ୍କୃତି ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲା । ମନ୍ଦିର ମାଳିନୀ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରି ତଥା କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିରର ଶିଳ୍ପ, ସାହିତ୍ୟରେ ଶ୍ରୀହର୍ଷଙ୍କ ନୈଷଧ ଏବଂ ଭଟ୍ଟନାରାୟଣଙ୍କର ବେଣୀ ସଂହାର, ବିଶ୍ୱନାଥ କବିରାଜଙ୍କର ଅଳଙ୍କାର ଶାସ୍ତ୍ର, ମାଧବ କରଙ୍କର ଆୟୁର୍ବେଦ ଶାସ୍ତ୍ର, ଶ୍ରୀଧର ସ୍ୱାମୀ ଏବଂ ବଳଦେବ ଭୂଷଣଙ୍କର ଟୀକା ନିପୁଣତା, ମାର୍କଣ୍ଡେୟଙ୍କର ବ୍ୟାକରଣ ଓଡ଼ିଶାର ବଳିଷ୍ଠ ସାଂସ୍କୃତିକ ଜାଗରଣର ଆଲେଖ୍ୟ ବହନ କରେ । ନାନା ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଆ ଜାତି ଗତି କରିଥିଲେ ମଧ୍ୟ ଏହାର ଇତିହାସ ଥିଲା ଅତ୍ୟନ୍ତ ଗୌରବମଣ୍ଡିତ । ସମନ୍ୱୟର ପ୍ରତୀକ ଓଡ଼ିଶାର ଇଷ୍ଟଦେବତା ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ଭ୍ରାତୃତ୍ୱର ଭାବ ସଞ୍ଚାର କରି ଓଡ଼ିଶାର ମହାନ୍ ପରମ୍ପରାକୁ ବିଶ୍ୱ ଦରବାରରେ ପ୍ରକଟିତ କରିପାରିଛି । ଓଡ଼ିଆ ଜାତିର ସୃଷ୍ଟି ତିନି ଜାତିର ମହାମିଳନ ବା ତ୍ରିବେଣୀ ସଙ୍ଗମରେ । ଏହି ତିନି ଜାତି ହେଲା ଆଦିବାସୀ ବା ନିଷାଦ, ଦ୍ରାବିଡ଼ ବା ଦ୍ରମିଡ଼ ଏବଂ ଆର୍ଯ୍ୟ । ପ୍ରସିଦ୍ଧ ଐତିହାସିକ ଆର୍ଣ୍ଣଲଡ୍ ଟୟନବିଙ୍କ ମତରେ ଭୌଗଳିକ ଅବସ୍ଥାନ ଏବଂ ଆୟତନ ଦୃଷ୍ଟିରୁ ଗୋଟିଏ ଜାତିର ଇତିହାସ ବା ବୈଶିଷ୍ଟ୍ୟ ଆଲୋଚିତ ନହୋଇ ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ଆଲୋଚିତ ହେବା ଦରକାର ।

ମୋଗଲ, ମରହଟ୍ଟା ଏବଂ ବ୍ରିଟିଶ ଶାସନର କବଳିତ ହୋଇ ମଧ୍ୟ ଅତୀତରେ ଓଡ଼ିଆ ଜାତି ଜଗନ୍ନାଥ ସଂସ୍କୃତି ମାଧ୍ୟମରେ ତା'ର ଅତୀତ ଗୌରବକୁ ଯୁଗ ଯୁଗଧରି ଅକ୍ଷୁଣ୍ଣ ରଖି ପାରିଥିଲା । ମହାପରାକ୍ରମୀ ବ୍ରିଟିଶ ଶାସକ ଓଡ଼ିଶାକୁ ଦଖଲ କରିବା ପରେ ଓଡ଼ିଶାର ଭୌଗଳିକ ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଓଡ଼ିଆ ଭାଷା ଅତ୍ୟନ୍ତ ସଂକଟଜନକ ଅବସ୍ଥାଦେଇ ଗତି କରୁଥିଲା । ପ୍ରାଚୀନ ଓଡ଼ିଶାର ଅବୟବମାନ ବିଖଣ୍ଡିତ ହୋଇ ଇତଃସ୍ତତ ପଡ଼ି ରହିଥିଲା । କେତେକ ଅଣ ଓଡ଼ିଆ କୁଚକ୍ରୀ ଗୋଷ୍ଠୀ ଓଡ଼ିଆ ଭାଷାର ବିଲୋପ ସାଧନ ପାଇଁ ଷଡ଼ଯନ୍ତ୍ର ଚଳାଇଥିଲେ । ସମ୍ବଲପୁର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଠାଇ ଦେବା ପାଇଁ ଅଣଓଡ଼ିଆ ପ୍ରଭାବଶାଳୀ ସରକାରୀ କର୍ମଚାରୀମାନେ ଚିଫ୍ କମିଶନର ସାର୍ ଆଣ୍ଡ୍ରୁଫ୍ରେଜରଙ୍କୁ ପ୍ରଭାବିତ କରାଇବାରେ ସକ୍ଷମ ହୋଇ ପାରିଥିଲେ । ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠିତ ହେବାରେ ରାଜନୈତିକ ନେତାମାନଙ୍କର ଭୂମିକାଠାରୁ ସାହିତ୍ୟିକ ଏବଂ ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଆଭାଷା ଓ ସାହିତ୍ୟ ସରା ବିଲୁପ୍ତ ହେବାକୁ ବସିଥିବାବେଳେ ଫକୀରମୋହନ, କବିବର ରାଧାନାଥ, ମଧୁସୂଦନ ରାଓ, ଗଙ୍ଗାଧର ମେହେର ପ୍ରମୁଖ ସାହିତ୍ୟିକ, ଗୌରୀଶଙ୍କର ଓ ନୀଳମଣି ବିଦ୍ୟାରତ୍ନଙ୍କ ପରି ସାମ୍ବାଦିକମାନେ ଶାଣିତ ଲେଖନୀ ଧାରଣ କରି ଭାଷା ସୁରକ୍ଷା ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ ।

୧୮୬୬ ମସିହାରେ ହୃଦୟ ବିଦାରକ ନଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟକୁ କର୍ମବୀର ଗୌରୀଶଙ୍କର ଉତ୍କଳଦୀପିକାରେ ଅଙ୍କିତ କରାଇ ସମଗ୍ର ଜଗତକୁ ତତ୍‌କାଳୀନ ଶାସନର ଉଦାସୀନତା ଏବଂ ଉପେକ୍ଷା ବିଷୟରେ ଅବଗତ କରାଇଥିଲେ । ଏହି ଘଟଣା ପ୍ରକାଶ ପାଇବା ପରେ ୧୮୬୮ ମସିହାରେ ତତ୍‌କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ଷ୍ଟାଫୋର୍ଡ଼ ନର୍ଥକୋର୍ଟ ଓଡ଼ିଶା ଭାରତର ତତ୍‌କାଳୀନ ରାଜଧାନୀ କଲିକତାଠାରୁ ଦୂରାନ୍ତରେ ଏକ ଉପାନ୍ତ ବିସ୍ମୃତ ଅଞ୍ଚଳ ରୂପେ ପଡ଼ି ରହିଥିବାରୁ ଦଶଲକ୍ଷ ମହାପ୍ରାଣୀଙ୍କର ଜୀବନରକ୍ଷା କରାଯାଇ ପାରିଲା ନାହିଁ ବୋଲି ସ୍ୱୀକାର କରିଥିଲେ ।

୧୮୬୮ ମସିହାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଉଦ୍ୟମକ୍ରମେ ବାଲେଶ୍ୱରରୁ ପ୍ରକାଶ ଲାଭ କରିଥିବା ''ବାଲେଶ୍ୱର ସମ୍ବାଦବାହିକା'' ଓ 'ବୋଧଦାୟିନୀ' ତଥା ୧୮୮୯ ମସିହାରେ ବାମଣ୍ଡାରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ଓଡ଼ିଶାର ଅଭାବ ଅସୁବିଧାମାନ ପ୍ରକାଶ କରିବା ସହିତ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାରେ ସହାୟକ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ନିମନ୍ତେ ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ ଓ ବିଚିତ୍ରାନନ୍ଦ ପଟ୍ଟନାୟକ ବଙ୍ଗଳାର ତତ୍‌କାଳୀନ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଜାତୀୟ କଂଗ୍ରେସ ଗଠିତ ହେବା ପୂର୍ବରୁ ଓଡ଼ିଶାରେ ଗଢ଼ି ଉଠିଥିବା ପ୍ରଥମ ରାଜନୈତିକ ସଂଗଠନ 'ଉତ୍କଳସଭା'ର ପ୍ରଥମ ଅଧିବେଶନ ୧୮୯୨ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀ କୋଠାରେ ଅନୁଷ୍ଠିତ ହୋଇଥିଲା । ୧୮୮୮ ମସିହା ନଭେମ୍ବର ମାସରେ ବଙ୍ଗଳାର ତତ୍‌କାଳୀନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ସାର୍ ଷ୍ଟୁଆର୍ଟ କଲଭିନ୍‌ବେଲି ଓଡ଼ିଶା ପରିଦର୍ଶନରେ ଆସିଥିବାବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ପାଇଁ 'ଉତ୍କଳସଭା' ପକ୍ଷରୁ ଏକ ସ୍ମାରକପତ୍ର ଅର୍ପଣ କରାଯାଇଥିଲା ।

ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଶା - ବିହାର ଲେଜିସ୍‌ଲେଟିଭ କାଉନସିଲ ସଭ୍ୟଥିବାବେଳେ ଭାରତର ଭାଇସ୍‌ରାୟ ଲର୍ଡ଼ କର୍ଜନଙ୍କୁ ବିଚ୍ଛିନ୍ନ ଓଡ଼ିଶାର ଦୁର୍ଗତି ବିଷୟରେ ଅବଗତ କରାଇଥିଲେ । ସମ୍ବଲପୁର କୋର୍ଟ କଚେରୀରୁ ଓଡ଼ିଆ ଭାଷା ଉଠିବାପରେ ୧୯୦୩ ଜାନୁଆରୀ ପହିଲାଦିନ ପୁନର୍ବାର ଓଡ଼ିଆ ଭାଷା ପ୍ରଚଳନ କରାଯାଇଥିଲା । ସେହିବର୍ଷ ଡିସେମ୍ବର ମାସ ୩ ତାରିଖ ଦିନ ଭାରତ ସରକାରଙ୍କ ହୋମ ସେକ୍ରେଟାରୀ ମିଷ୍ଟର ରିସେଲ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ନିମନ୍ତେ ଏକ ସର୍କୁଲାର ଜାରୀ କଲେ । ଏହି ନିଷ୍ପତ୍ତି ଅନୁଯାୟୀ ୧୯୦୫ ମସିହା ଜୁଲାଇ ୧୯ ତାରିଖ ଦିନ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ କରି ଅନ୍ୟ ଓଡ଼ିଶା ଡିଭିଜନ ସହିତ ବଙ୍ଗଳା ପ୍ରେସିଡେନ୍‌ସୀ ଅଧୀନରେ ଅନୁଶାସିତ କରାଯାଇଥିଲା । ଭାରତର ସ୍ୱାଧୀନତା ଆନ୍ଦୋଳନର ଏକ ଚରମ ମୁହୂର୍ତ୍ତରେ ଅର୍ଥାତ୍ ୧୯୨୭ ମସିହା ନଭେମ୍ବର ମାସ ୮ ତାରିଖ ଦିନ ସାତଜଣ ବ୍ରିଟିଶ ଏମ୍. ପି.ଙ୍କୁ ନେଇ ଗଠିତ ସାଇମନ କମିଶନଙ୍କୁ ଜାତୀୟ କଂଗ୍ରେସର ନେତୃମଣ୍ଡଳୀ ବିରୋଧ କରୁଥିଲେ ମଧ୍ୟ ଓଡ଼ିଶାର ଏକତ୍ରୀକରଣ ପାଇଁ ଓଡ଼ିଶାର କେତେଜଣ ଦୂରଦ୍ରଷ୍ଟା ନେତା ସାଇମନ କମିଶନଙ୍କୁ ସାକ୍ଷାତ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ, ବ୍ରଜସୁନ୍ଦର ଦାସ, ଦେବାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଏବଂ କନିକାରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓ ପ୍ରମୁଖ ନେତୃମଣ୍ଡଳ କମିଶନଙ୍କୁ ସ୍ୱାଗତ ଜଣାଇ ଓଡ଼ିଶାର ଉପେକ୍ଷିତ ଦାବି ଅତି ବଳିଷ୍ଠ ଭାବେ ଉପସ୍ଥାପିତ କରିଥିଲେ ।

ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ଉଦାରତା ପୋଷଣ କରି ସାଇମନ କମିଶନ୍ ମେଜର ଅଟ୍‌ଲିଙ୍କ ନେତୃତ୍ୱରେ ଏକ ସବ୍-କମିଟି ଗଠନ କଲେ । ଏହି ସବ୍-କମିଟିରେ ମେଜର ଅଟ୍‌ଲିଙ୍କ ବ୍ୟତୀତ ଡକ୍ଟର ସୁହ୍ରାୱର୍ଦ୍ଦି, କନିକାରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓ ଏବଂ ଦେବାନ୍ ବାହାଦୁର ଲକ୍ଷ୍ମୀଧର ମହାନ୍ତି ଅନ୍ୟତମ ସଭ୍ୟଭାବେ ନିଯୁକ୍ତି ପାଇଥିଲେ । ସୀମା ସରହଦ ନିରୂପଣ ପାଇଁ ସାମୁଏଲ ଓଡନେଲଙ୍କ ନେତୃତ୍ୱରେ ୧୯୩୧ ମସିହାରେ ଏକ କମିଟି ଗଠନ କରାଗଲା । କମିଟିର ପ୍ରଥମ ବୈଠକ ୧୯୩୧ ମସିହା ନଭେମ୍ବର ୭ ତାରିଖ ଦିନ ଆହୂତ ହୋଇଥିଲା । ପାରଳାମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁଁ ଗୋଲଟେବୁଲ ବୈଠକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନିଷ୍ପତ୍ତି ସମ୍ଭବ ହୋଇ ପାରିଥିଲା । ୧୯୩୬ ମସିହା ଜାନୁଆରୀ ୨୧ ତାରିଖ ଦିନ କନଷ୍ଟିଚ୍ୟୁସନ୍ ଅଫ ଓଡ଼ିଶା ଅର୍ଡ଼ର ୧୯୩୬ ପ୍ରକାଶ ପାଇଲା ଏବଂ ୧୯୩୬ ମସିହା ଏପ୍ରିଲ ପହିଲାଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଆତ୍ମପ୍ରକାଶ କଲା ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବାର ମୌଳିକ ଲକ୍ଷ୍ୟ ପୂର୍ଣ୍ଣ ହେବାତ ଦୂରର କଥା; ତଥାକଥିତ ରାଜନୈତିକ ନେତୃମଣ୍ଡଳୀ ବ୍ୟକ୍ତି ସ୍ୱାର୍ଥରେ ମଜ୍ଜିରହି ପୂର୍ବସୂରୀମାନଙ୍କର ମହାନ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସାମାନ୍ୟତମ ପ୍ରଚେଷ୍ଟା ନକରିବା ଅତ୍ୟନ୍ତ ଦୁଃଖର ବିଷୟ । ଏପରିକି ନବ୍ୟଶିକ୍ଷିତ ଓଡ଼ିଆ ଯୁବକ ନିଜର ମାତୃଭାଷା ପ୍ରତି ନାସିକାକୁଞ୍ଚନ କରି ଅଶୁଦ୍ଧ ବନାନ ପଛେ ହେଉ, ବିଦେଶୀ ଭାଷା ଉଚ୍ଚାରଣ କରି ଆତ୍ମସନ୍ତୋଷ ଲାଭ କରିବା ପରିଲକ୍ଷିତ ହେଉଛି । କୌଣସି ଜାତିର ଉନ୍ନତି ଭାଷାକୁ ଆଧାର କରି ହୋଇଥାଏ । ସେଥିପାଇଁ ବ୍ୟାସକବି ଗାଇଛନ୍ତି;

'ଭାଷାହିଁ ଜୀବନୀ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର'

ଆଜିର ଏହି ପୁଣ୍ୟତିଥିରେ କର୍ମବୀର ଗୌରୀଶଙ୍କର ୧୮୮୬ ମସିହାରେ ଗାଇ ଉଠିଥିବା ଉଦ୍‌ବୋଧନୀ ଗୀତିକା ଓଡ଼ିଆ ପ୍ରାଣର ପ୍ରେରଣାର ଆଲୋକବର୍ତ୍ତିକା ହେଉ ।

'ସ୍ୱଜାତି ଉନ୍ନତି ଚିନ୍ତି ଦିନରାତି
ସାଧନେ ହୁଅ ତତ୍ପର
ସ୍ୱଦେଶ ଗୌରବ କରି ଅନୁଭବ
ଜନମ ସାର୍ଥକ କର ।''

ସା/ପୋ : ଖଣ୍ଡପଡ଼ାଗଡ଼
ଜି. ନୟାଗଡ଼, ପିନ୍ - ୭୫୨୦୭୭



# ଆଦର୍ଶ ମହିଳା ମାଳତୀଦେବୀ

*ଶ୍ରୀ ବଳରାମ ମହାନ୍ତି*

ଓଡ଼ିଶାର ସ୍ୱନାମଧନ୍ୟା ନାରୀ ନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଶ୍ରୀମତୀ ମାଳତୀ ଚୌଧୁରୀ ଗତ ୧୯୯୮ ମାର୍ଚ୍ଚ ୧୫ ତାରିଖରେ ପରଲୋକ ହୋଇଯାଇଛି । ଏହି ମହୀୟସୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ପିତା-କୁମୁଦନାଥ ସେନ ପ୍ରଥମେ ଢାକା ହାଇକୋର୍ଟରେ ଓ ପରେ କଲିକତା ହାଇକୋର୍ଟରେ ବାରିଷ୍ଟର ଥିଲେ ଓ ପିତାମହ ବିହାରୀ ଲାଲ ଗୁପ୍ତ କଟକ ଜିଲାର ଜିଲା ଓ ସେସନସ ଜଜ ଥିଲେ । ତାଙ୍କ ମୂଳ ଘର ବର୍ତ୍ତମାନର ବାଂଲାଦେଶରେ । ପିଲାଦିନେ ତାଙ୍କ ଡାକନାମ ଥିଲା ମିନୁ । ତାଙ୍କ ପିଲାମାନେ ତାଙ୍କୁ ଡାକୁଥିଲେ 'ନୁମା' । ସେ ପ୍ରତିଷ୍ଠା କରିଥିବା ବାଜିରାଉତ ଛାତ୍ରାବାସର ଛାତ୍ରଛାତ୍ରୀ ତଥା ତାଙ୍କର ବହୁ ସହକର୍ମୀ ତାଙ୍କୁ ସେହି ନୁମା ବୋଲି ଡାକିଥାନ୍ତି । ସାଧାରଣ କର୍ମୀ ଓ ଲୋକଙ୍କ ଭିତରେ ସେ ମାଳତୀ ଦେବୀ ନାମରେ ସୁପରିଚିତା ।

ତାଙ୍କୁ ତିନିବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କର ବିୟୋଗ ଘଟିଥିଲା । ମା ସ୍ନେହଲତା ସେନ ଦାର୍ଜିଲିଙ୍ଗ ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଥାଇ ମାଳତୀ ଦେବୀଙ୍କୁ କଡା ଶାସନରେ ରଖି ବେଥୁନ ହାଇସ୍କୁଲରେ ପଢ଼ାଇଥିଲେ । ସେ ମାଟ୍ରିକୁଲେସନ ପରୀକ୍ଷା ଦେଲା ବେଳକୁ ସମଗ୍ର କଲିକତା ସହର ରାଜନୈତିକ ଘଟଣା ଯୋଗୁ ସରଗରମ ହୋଇ ଉଠିଥିଲା । ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ପରେ ସମଗ୍ର ଭାରତରେ ତାର ପ୍ରତିବାଦ କରାଯାଇ ଅସହଯୋଗ ଆନ୍ଦୋଳନ ବ୍ରିଟିଶ ଶାସନ ବିରୁଦ୍ଧରେ ଆରମ୍ଭ କରିବା ପାଇଁ ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ପ୍ରସ୍ତୁତ କରୁଥାନ୍ତି । ଏଥିରେ ମାଳତୀ ଦେବୀଙ୍କ ମନ ପଢ଼ାରେ ଲାଗୁନଥାଏ । ତେଣୁ ସେ ପରୀକ୍ଷା ନଦେଇ ତାଙ୍କର ଜଣେ ଆତ୍ମୀୟଙ୍କ ଘରକୁ ଚାଲିଗଲେ । ତାଙ୍କ ମା ତାଙ୍କୁ ସେଠାରୁ ଆଣି ପରୀକ୍ଷା ଦିଆଇଲେ ଏବଂ ସେ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ କଲେ ମାତ୍ର ବିଦେଶୀଙ୍କ ଦ୍ୱାରା ପରିଚାଳିତ ବେଥୁନ କଲେଜରେ ନାମ ଲେଖାଇବାକୁ ରାଜିହେଲେ ନାହିଁ । ସେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନରେ ଅଧ୍ୟୟନ କଲେ । ସେତେବେଳକୁ ଅବସର ଗ୍ରହଣ କରିଥିବା ତାଙ୍କ ମା ସ୍ନେହଲତା ସେନ୍ ଶାନ୍ତିନିକେତନର ଛାତ୍ରୀ ନିବାସର ତତ୍ତ୍ୱାବଧାରକ ହେଲେ । ଛାତ୍ରାବାସରେ ସେ ଅତ୍ୟନ୍ତ ନିର୍ଭୀକ ଓ ସ୍ୱାଧୀନ ଚେତାଥିଲେ ଏବଂ ସଙ୍ଗୀତ ଓ କଳାପ୍ରେମୀ ଥିଲେ । ଶାନ୍ତିନିକେତନରେ ଅଧ୍ୟୟନ କଲାବେଳେ ମାଳତୀ ଦେବୀ ରବୀନ୍ଦ୍ରନାଥଙ୍କ ଆତ୍ମୀୟ ଦୀନେନ୍ଦ୍ର ନାଥ ଠାକୁରଙ୍କଠାରୁ ରବୀନ୍ଦ୍ର ସଂଗୀତ ଶିଖିଥିଲେ ଏବଂ ଆଚାର୍ଯ୍ୟ ଭୀମରାଓ ଶାସ୍ତ୍ରୀଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଓ ସଙ୍ଗମେଶ୍ୱର ଶାସ୍ତ୍ରୀଙ୍କ ଠାରୁ ବୀଣା ବାଦନ ଶିକ୍ଷା କରିଥିଲେ । ଶାନ୍ତିନିକେତନର ବିଭିନ୍ନ ଅଭିନୟରେ ତାଙ୍କର ଅଭିନୟ ଦର୍ଶକମାନଙ୍କୁ ମୁଗ୍ଧ

## ଭାରତୀୟ ଜନନୀଙ୍କର ଉଜ୍ଜ୍ୱଳ ପ୍ରଦୀପ ନିର୍ବାପିତ

ସ୍ୱନାମଧନ୍ୟ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର ନେତ୍ରୀ, ସମାଜସେବୀ, ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରିୟ ଶିଷ୍ୟା, ମହାତ୍ମା ଗାନ୍ଧୀଙ୍କ ସହଯାତ୍ରୀ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀଙ୍କ ସମ୍ପର୍କରେ ସେ ଆସିଥିଲେ ଓ ପରେ ତାଙ୍କୁ ବିବାହ କରି ଓଡ଼ିଶାରେ ତାଙ୍କର ଜୀବନ କଟାଇଥିଲେ । ଲବଣ ସତ୍ୟାଗ୍ରହ, ୧୯୪୦ ମସିହା ବ୍ୟକ୍ତିଗତ ସତ୍ୟାଗ୍ରହ, ୧୯୪୨ ମସିହା ଅଗଷ୍ଟ ବିପ୍ଳବ, ଗଡ଼ଜାତ ପ୍ରଜା ଆନ୍ଦୋଳନ ଆଦି ସମସ୍ତ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ସେ ବାରମ୍ବାର କାରାବରଣ କରିଥିଲେ । ଭାରତ ବିଭାଜନ ପୂର୍ବରୁ ସ୍ୱାଧୀନତାର ପ୍ରାକ୍କାଳରେ ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ନୁଆଖାଲି ଯାତ୍ରାବେଳେ ତାଙ୍କର ସହଯାତ୍ରୀମାନଙ୍କ ମଧ୍ୟରୁ ସେ ଅନ୍ୟତମ ଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସେ ସଭାନେତ୍ରୀ ଥିଲେ । ଓଡ଼ିଶାର ପ୍ରଗତିଶୀଳ ସମାଜସେବୀ ପରିବାର ତାଙ୍କୁ ମା (ନୁମା) ବୋଲି ଗ୍ରହଣ କରି ନେଇଥିଲେ । ସେ ଥିଲେ ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାର, କୁସଂସ୍କାର ବିରୋଧୀ । ଏ ସମ୍ପର୍କରେ ଯେ କୌଣସି ଆନ୍ଦୋଳନରେ ସେ ଆଗଭର ହୋଇ ବାହାରି ପଡୁଥିଲେ । ନବ ଜୀବନ ମଣ୍ଡଳ ଗଠନ କରି ଓଡ଼ିଶାରେ ଆଦିବାସୀ ଲୋକଙ୍କର ସେବାପାଇଁ ନିଜକୁ ସମର୍ପିତ କରିଥିଲେ । ଉତ୍କଳ ତାନଗୁଡ ସମିତିର ଅଧ୍ୟକ୍ଷାରୂପେ ବହୁକାଳ ଧରି କାର୍ଯ୍ୟ କରିଥିଲେ । ଅନୁଗୁଳରେ ଆଶ୍ରମ ସ୍ଥାପନ କରି ମୌଳିକ ଶିକ୍ଷା କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ସେ କାର୍ଯ୍ୟ କରିଥିଲେ ଏବଂ ଦେଶ ଓ ଜାତି ପାଇଁ ତାଙ୍କର ମହାନ ସେବା ନିମନ୍ତେ ତାଙ୍କୁ ଯମୁନାଲାଲ ବଜାଜ ପୁରସ୍କାର, ବିଶ୍ୱଭାରତୀ ପକ୍ଷରୁ ଦେଶିକୋତ୍ତମ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଉତ୍କଳରତ୍ନ ସମ୍ମାନ ଦିଆଯାଇଥିଲା । ତାଙ୍କର ବିୟୋଗରେ ଭାରତୀୟ ଜନଜୀବନର ଏକ ଉଜ୍ଜ୍ୱଳ ପ୍ରଦୀପ ଅନ୍ତର୍ହିତ ହୋଇଗଲା । ଦୀର୍ଘ ୫୦ ବର୍ଷ ଧରି ମୁଁ ତାଙ୍କ ସମ୍ପର୍କରେ ଆସିଥିଲି ଓ ତାଙ୍କର ଅଯାଚିତ ସ୍ନେହ, ଶ୍ରଦ୍ଧା ଲାଭ କରିଥିଲି । ଆଜି ତାଙ୍କର ବିୟୋଗରେ ଶୋକାକୁଳ ତାଙ୍କର ଅଗଣିତ ବନ୍ଧୁମାନଙ୍କ ମଧ୍ୟରେ ଜଣେ ଭାବରେ ମୁଁ ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ଓ ତାଙ୍କର ଶୋକସନ୍ତପ୍ତ ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ମାନଙ୍କୁ ମୋର ଶୋକପୂର୍ଣ୍ଣ ସମବେଦନା ଜ୍ଞାପନ କରୁଛି ।

**ଜାନକୀବଲ୍ଲଭ ପଟ୍ଟନାୟକ**
**ମୁଖ୍ୟମନ୍ତ୍ରୀ**

କରୁଥିଲା । ଏହିପରି ମାଳତୀଦେବୀଙ୍କ ଛାତ୍ରୀ ଜୀବନ ଶାନ୍ତି ନିକେତନରେ ପାଠ୍ୟପୁସ୍ତକ ଅଧ୍ୟୟନ ସହିତ କଳା ଓ ସାଂସ୍କୃତିକ ପରିବେଶ ଭିତରେ ଅତିବାହିତ ହୋଇଥିଲା । ସେ ଶାନ୍ତିନିକେତନରେ ଅଧ୍ୟୟନ କରୁଥିବା ବେଳେ ତାଙ୍କର ଭାବୀ ସ୍ୱାମୀ ଓଡ଼ିଶାର ସ୍ୱନାମଧନ୍ୟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ସହିତ ସାକ୍ଷାତ ହୋଇଥିଲା । ସେ ୧୯୨୩ ରେ ଶାନ୍ତିନିକେତନରେ ଜଣେ ବିଶ୍ୱବିଖ୍ୟାତ ବିଦ୍ୱାନ୍‌ଙ୍କ ବକ୍ତୃତା ସେଠାରେ ଶୁଣିବାକୁ ପାଇଥିଲେ । ସେଠାରେ ସେ ଛମାସ ପର୍ଯ୍ୟନ୍ତ ରହିଥିଲେ । ତାପରେ ଏକାଧିକ ଥର ମାଳତୀ ଦେବୀଙ୍କ ସହିତ ତାଙ୍କର ସାକ୍ଷାତ ହୋଇ ଆତ୍ମୀୟତା ବୃଦ୍ଧି ପାଇଥିଲା । ଶେଷରେ ୧୯୨୭ ମସିହାରେ ଉଭୟେ ବିବାହ ସୂତ୍ରରେ ଆବଦ୍ଧ ହେଲେ । ମାଳତୀଦେବୀ ଥିଲେ ବଙ୍ଗୀୟ ବୈଦ୍ୟ ତେଣୁ କରଣ ସାଥୀରେ ନବକୃଷ୍ଣ ଚୌଧୁରୀଙ୍କ ସହିତ ତାଙ୍କର ବିବାହକୁ ନବବାବୁଙ୍କ ମାଙ୍କ ସମେତ ତାଙ୍କ ଆତ୍ମୀୟମାନେ ତୀବ୍ର ବିରୋଧ କରିଥିଲେ । ମାତ୍ର ନବକୃଷ୍ଣ ଚୌଧୁରୀ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଅନୁସରଣରେ କୁସଂସ୍କାରର ଉର୍ଦ୍ଧ୍ୱକୁ ଉଠି ମାଳତୀ ଦେବୀଙ୍କୁ କେବଳ ତାଙ୍କର ପତ୍ନୀ ରୂପେ ନୁହେଁ, ତାଙ୍କୁ ତାଙ୍କର ସହକର୍ମୀ ଓ ଜୀବନର ସାଥୀ ରୂପେ ବାଛିଥିଲେ । ତେଣୁ ସେମାନେ ଆଦର୍ଶ ପତିପତ୍ନୀ ରୂପେ ସୁପରିଚିତ ହେଲେ ।

୧୯୨୭ ରେ ବିବାହ ପରେ ଶ୍ରୀମତୀ ମାଳତୀ ଦେବୀଙ୍କ ସହ ନବକୃଷ୍ଣ ଚୌଧୁରୀ ତାଙ୍କ ପୈତୃକ ଗ୍ରାମ ନିକଟବର୍ତ୍ତୀ ଖେରସ ଗ୍ରାମରେ ଆଗରୁ ତିଆରି କରିଥିବା କୃଷି ଫାର୍ମରେ ଆସି ରହିଥିଲେ । ସେଠାରେ ନବବାବୁ ଜଣେ କୃଷକ ପରି ଓ ମାଳତୀ ଦେବୀ ଜଣେ କୃଷକ ଘରଣୀ ଭଳି ଚଳିଥିଲେ । ସେମାନେ ଏହି କୃଷି ଫାର୍ମରେ ଉନ୍ନତ ଧରଣ ଧାନ ଓ ପନିପରିବା ଚାଷ କରି ଆଖପାଖ ଗାଁର ଲୋକଙ୍କୁ ଶିଖାଉଥିଲେ । ସେମାନେ ସେହି ଅଞ୍ଚଳରେ ଗାଁମାନଙ୍କୁ ଯାଇ ଖଦି ବିକ୍ରି କରୁଥିଲେ ଓ କଂଗ୍ରେସର ବାର୍ତ୍ତା ପ୍ରଚାର କରୁଥିଲେ । କଂଗ୍ରେସ କାର୍ଯ୍ୟ ପାଇଁ ଚାନ୍ଦା ଆଦାୟ କରିବାର ଦାୟିତ୍ୱ ସବୁବେଳେ ତାଙ୍କ ଉପରେ ନ୍ୟସ୍ତ କରାଯାଉଥିଲା । ସେତେବେଳେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପୀଠ ନିକଟବର୍ତ୍ତୀ ବାଗଲପୁରର ବଡ଼ ଜମିଦାରିକ ଓ ମହାଜନମାନେ ଗାଁ ହରିଜନ ବାଉରୀମାନଙ୍କ ଘର ପୋଡ଼ି ଦେଲା ବେଳେ ମାଳତୀ ଦେବୀ ଚାନ୍ଦା କରି ତାଙ୍କ ଘର ତୋଳାଇ ଦେଇଥିଲେ ଓ ତାଙ୍କ ପିଲାଙ୍କୁ ନିୟମିତ ଭାବରେ ପାଠ ପଢ଼ାଉଥିଲେ ।

୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା ଲବଣ ସତ୍ୟାଗ୍ରହ ଆକାରରେ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଚାଲିଲା । ନବବାବୁଙ୍କ ସହ ମାଳତୀ ଦେବୀ ଲବଣ ସତ୍ୟାଗ୍ରହରେ ଯୋଗ ଦେଲେ । ମାଳତୀ ଦେବୀ, ଶ୍ରୀମତୀ ରମାଦେବୀ, ଜାହ୍ନବୀ ଦେବୀ ଓ କିରଣ ବାଳା ସେନ ସେଠାରେ ଯାଇ ଲୁଣ ମାରିଲେ ମାତ୍ର କେହି ଗିରଫ ହେଲେ ନାହିଁ । ତାପରେ ସେମାନେ ସମୁଦ୍ର କୂଳବର୍ତ୍ତୀ କୁଜଙ୍ଗ ଓ ନିକଟବର୍ତ୍ତୀ ଗାଁମାନଙ୍କରେ ବୁଲି ଲବଣ ସତ୍ୟାଗ୍ରହର ବାର୍ତ୍ତା ପ୍ରଚାର କରିଥିଲେ । ଶ୍ରୀମତୀ ମାଳତୀ ଦେବୀଙ୍କ ଆହ୍ୱାନରେ ବହୁ ଝିଅ ବୋହୂ ବାହାରି ଆସି ଲୁଣ ମାରିଥିଲେ । ଏହି ସମୟରେ ଶ୍ରୀଜଙ୍ଗରେ ଗ୍ରାମାଞ୍ଚଳ ପୋଲିସ ଅତ୍ୟାଚାରର ଅନୁସନ୍ଧାନ କରିବାକୁ ସେ ଯାଇ ଗାଁରେ ବୁଲିଲା ବେଳେ ବହୁ ଅସୁବିଧା ଓ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ । ପୋଲିସ ଭୟରେ ଲୋକେ ତାଙ୍କୁ ଘରେ ପ୍ରବେଶ ଦେଉ ନଥିଲେ । ମାତ୍ର ସେ ସେଥିରେ ଦବି ନଯାଇ ଅଧିକ ଉତ୍ସାହର ସହିତ ପ୍ରଚାର କରେଉ ଥିଲେ ।

ଏହି ସମୟରେ ମଦ ଦୋକାନ ଓ ବିଲାତି ଲୁଣ ଦୋକାନ ଆଗରେ ପିକେଟିଙ୍ଗ ଛଡ଼ା ସ୍କୁଲ ଆଗରେ ମଧ୍ୟ ପିକେଟିଙ୍ଗ । ଏହିସବୁ ଆଇନ ଅମାନ୍ୟ କାର୍ଯ୍ୟରେ ଯୋଗଦେବା ପାଇଁ ମାଳତୀ ଦେବୀ ଯେଉଁ ଓଜସ୍ୱିନୀ ଭାଷଣ ଦେଉଥିଲେ ତାହା, ବହୁକାଳ ପର୍ଯ୍ୟନ୍ତ ଲୋକେ ମନେ ରଖିଥିଲେ । ସେହି ସମୟରେ ମାଳତୀ ଦେବୀ ଗିରଫ ହୋଇ କଟକ ଜେଲରେ ଛମାସ ପର୍ଯ୍ୟନ୍ତ ରହିଥିଲେ । ୧୯୩୨ କଂଗ୍ରେସ ଅଧିବେଶନ ପୁରୀଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା । ସେହି ଅଧିବେଶନ ପାଇଁ ସ୍ୱେଚ୍ଛାସେବକମାନଙ୍କୁ ତାଲିମ ଦେବାର ଦାୟିତ୍ୱରେ ନବବାବୁ ଓ ମାଳତୀ ଦେବୀ ଥିଲେ ମଧ୍ୟ ୧୯୩୨ରେ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଲା । ଇଂରେଜ ସରକାର କଂଗ୍ରେସକୁ ବେଆଇନ ଘୋଷଣା କଲେ । ମାଳତୀ ଦେବୀଙ୍କ ଆହ୍ୱାନରେ ସେତେବେଳେ ବହୁ ନାରୀକର୍ମୀ ବାହାରି ଆପନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ । ମାଳତୀ ଦେବୀ ନିଜେ ଗିରଫ ହୋଇ କାରାବରଣ କଲେ ।

୧୯୩୩ ମସିହାରେ ଅନ୍ୟ ରାଜବନ୍ଦୀଙ୍କ ସହିତ ମାଳତୀ ଦେବୀ ଖଲାସ ହେଲେ । ଜେଲ ଭିତରେ ଜନନାୟକ ନବକୃଷ୍ଣ ଚୌଧୁରୀ ମାର୍କ୍ସବାଦୀ ଚିନ୍ତାଧାରା ଅଧ୍ୟୟନ କଲା ପରେ ଅନୁଭବ କରିଥିଲେ ଯେ କଂଗ୍ରେସ ଅନୁଷ୍ଠାନ ଭିତରେ ସମାଜବାଦ ଚିନ୍ତାଧାରା ପ୍ରବର୍ତ୍ତନ କରାଯିବା ଆବଶ୍ୟକ ଏବଂ କଂଗ୍ରେସ ଭିତରକୁ ଦେଶର ସର୍ବାପେକ୍ଷା ଦରିଦ୍ର ଓ ଅବହେଳିତ କୃଷକଙ୍କୁ ଆଣିବା ଦରକାର । ସେହି ଉଦ୍ଦେଶ୍ୟରେ କେତେକ ପ୍ରଗତିବାଦୀ କଂଗ୍ରେସ କର୍ମୀଙ୍କୁ ଡାକି ଆଲୋଚନା କରିଥିଲେ । ଆଲୋଚନା ପରେ ତାଙ୍କ ନେତୃତ୍ୱରେ ଶ୍ରୀମତୀ ମାଳତୀଦେବୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ପ୍ରାଣନାଥ ପଟ୍ଟନାୟକ, ଗୌରଚନ୍ଦ୍ର ଦାସ ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖଙ୍କୁ ନେଇ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ ଗଠିତ ହୋଇଥିଲା । ଏହି କର୍ମୀ ସଂଘ ସିଦ୍ଧାନ୍ତ କଲେ ଯେ ସାମ୍ୟବାଦୀ କର୍ମୀ ସଂଘର କୌଣସି ବ୍ୟକ୍ତିଗତ ସଂପତ୍ତି ରହିବ ନାହିଁ କିମ୍ବା କାହାରି ଦୟା କି ଦାନ ଉପରେ ସେମାନେ ନିର୍ଭର କରିବେ ନାହିଁ । ଏହି ନିଷ୍ପତ୍ତି ଅନୁସାରେ ମାଳତୀଦେବୀ ତାଙ୍କର ସମସ୍ତ ଗହଣା କର୍ମୀସଂଘକୁ ଦେଇ ଦେଲେ । ସେହି ଗହଣାର ମୂଲ୍ୟ ବର୍ତ୍ତମାନ ମୂଲ୍ୟରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ହେବ । ସେହି ଅର୍ଥରେ ସଂଘର ମୁଖପତ୍ର ରୂପେ ''ସାରଥି'' ନାମକ ପତ୍ରିକା ପ୍ରକାଶ ପାଇଲା । ନବକୃଷ୍ଣ ଚୌଧୁରୀ ହେଲେ ତାର ସଂପାଦକ । କଂଗ୍ରେସ ସାମ୍ୟବାଦୀ କର୍ମୀସଂଘର ପ୍ରଥମ କାମ ହେଲା କୃଷକ ଆନ୍ଦୋଳନ । ଅନ୍ୟ ସାମ୍ୟବାଦୀ କର୍ମୀଙ୍କ ସହଯୋଗରେ ସେତେବେଳେ ଯେଉଁ କୃଷକ ସଂଘ ଗଢ଼ାଗଲା ଶ୍ରୀମତୀ ମାଳତୀ ଦେବୀ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଥିଲେ ତାର ଯୁଗ୍ମ ସଂପାଦକ । କଟକଠାରେ ଏକ ବିରାଟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେଲା ଏବଂ ସମଗ୍ର ଓଡ଼ିଶାରେ ବ୍ୟାପକ ଭାବରେ କୃଷକମାନଙ୍କୁ ସଂଗଠିତ କରାଯାଇ ସେମାନଙ୍କର ସର୍ବନିମ୍ନ ଦାବୀ ହାସଲ ପାଇଁ ଆନ୍ଦୋଳନ ଚାଲିଲା । ଶ୍ରୀମତୀ ମାଳତୀ ଦେବୀ ଓ ନବବାବୁ ଅନ୍ୟାନ୍ୟ କର୍ମୀଙ୍କ ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯାଇ କୃଷକ ସଭା କରିଥିଲେ । ୧୯୩୭ ମସିହାରେ ଓଡ଼ିଶାରେ ଯେଉଁ ପ୍ରଥମ ପ୍ରତିନିଧିମୂଳକ ମନ୍ତ୍ରିମଣ୍ଡଳ ଗଢ଼ାହେଲା ସେମାନେ କୃଷକମାନଙ୍କର ସର୍ବନିମ୍ନ ଦାବୀଗୁଡ଼ିକୁ ମାନି ନେଇଥିଲେ ।

ଓଡ଼ିଶାରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେବାପରେ ବହୁକାଳ ରାଜାମାନଙ୍କ ଦ୍ୱାରା ଶୋଷିତ ଓ ଅତ୍ୟାଚାରିତ ହେଉଥିବା ପୂର୍ବତନ ଗଡ଼ଜାତଗୁଡ଼ିକର ପ୍ରଜାମାନଙ୍କ ଭିତରେ ଏହାର ପ୍ରତିକାର ପାଇଁ ଜାଗରଣ

ଦେଖା ଦେଇଥିଲା । ବିଶେଷଭାବରେ ଢେଙ୍କାନାଳ, ତାଳଚେର, ନୀଳଗିରି ଓ ରଣପୁର ପ୍ରଭୃତି ଗଡ଼ଜାତରେ ପ୍ରଜାଙ୍କ ଭିତରେ ଜାଗରଣ ତୀବ୍ର ଆକାର ଧାରଣ କରିଥିଲା । ଏହି ଜାଗରଣର ଆଦ୍ୟ ଭାବଗରେ ଶ୍ରୀମତୀ ମାଳତୀ ଦେବୀ ଓ ନବବାବୁଙ୍କଠାରୁ ପ୍ରଜାମଣ୍ଡଳର କର୍ମୀମାନେ ପ୍ରେରଣା ପାଇଥିଲେ । ୧୯୩୯ ମସିହା ବେଳକୁ ତାଳଚେରର ୩୦ ହଜାରରୁ ଅଧିକ ପ୍ରଜା ରାଜାଙ୍କ ଅତ୍ୟାଚାରରେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇ ଅନୁଗୁଳ ସୀମାନ୍ତବର୍ତ୍ତୀ ଗ୍ରାମକୁ ପଳାଇ ଆସିଥିଲେ । ସେମାନଙ୍କୁ ଥଇଥାନ କରିବା ଓ ସାହାଯ୍ୟ କରିବାରେ ଶ୍ରୀମତୀ ମାଳତୀ ଦେବୀଙ୍କ ଅକ୍ଳାନ୍ତ ପରିଶ୍ରମ ଥିଲା ଅଭୂତପୂର୍ବ । ସମଗ୍ର ପୂର୍ବତନ ଗଡ଼ଜାତର ପ୍ରଜା ତାଙ୍କର ସେହି କାର୍ଯ୍ୟକୁ ଏବେ ମଧ ମନେ ରଖିଛନ୍ତି ।

ଦ୍ୱିତୀୟ ମହାଯୁଦ୍ଧ ବେଳେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ମହାତ୍ମାଗାନ୍ଧୀ ବମ୍ବେଠାରେ ଶେଷ ସ୍ୱାଧୀନତା ସଂଗ୍ରାମ ପାଇଁ ଯେଉଁ ଆହ୍ୱାନ ଦେଲେ, ସେହି ବିରାଟ ସଭାରେ ଶ୍ରୀମତୀ ମାଳତୀ ଦେବୀ ଉପସ୍ଥିତ ଥିଲେ । ସେ ସେଠାରୁ ଫେରି ଆସି କଟକଠାରେ ଗିରଫ ହୋଇ ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ରାଜବନ୍ଦୀ ହୋଇ ରହିଥିଲେ । ୧୯୪୫ ମସିହାରେ ଖଲାସ ହେଲାପରେ ମାଳତୀ ଦେବୀଙ୍କୁ ଭାରତ ଶାସନ ବିଧାୟକ ସଭାର ସଭ୍ୟ ରୂପେ ମନୋନୀତ କରାଯାଇଥିଲା ମାତ୍ର ଦେଶର ବିଶିଷ୍ଟ ସମାଜସେବୀ ଠକ୍କର ବାପାଙ୍କ ପରାମର୍ଶକ୍ରମେ ଆଦିବାସୀଙ୍କ ସେବାକୁ ଜୀବନର ବ୍ରତ କରିବା ପାଇଁ ସେ ଶାସନ ବିଧାୟକ ସଭାରୁ ଇସ୍ତଫା ଦେଇଥିଲେ । ୧୯୪୬ ରେ ଓଡ଼ିଶାରେ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କଲେ । ନବକୃଷ୍ଣ ଚୌଧୁରୀ ଏହି ମନ୍ତ୍ରିମଣ୍ଡଳରେ ରାଜସ୍ୱ ମନ୍ତ୍ରୀ ରୂପେ ରହିଲେ । ଓଡ଼ିଶା ବିଧାନ ସଭାର ସଭ୍ୟ ହେବା ପାଇଁ ତଥା ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ତାଙ୍କର ସମସ୍ତ ଯୋଗ୍ୟତା ଥାଇ ମଧ ଶ୍ରୀମତୀ ମାଳତୀ ଦେବୀ କ୍ଷମତା ରାଜନୀତିରୁ ସଂପୂର୍ଣ୍ଣ ରୂପେ ଦୂରରେ ରହିଲେ । ଦରିଦ୍ର ଓ ଅବହେଳିତ ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାମାନଙ୍କୁ ଶିକ୍ଷାଦେବା ଓ ସୁନାଗରିକ କରି ଗଢ଼ିବା ପାଇଁ ସେ ଅନୁଗୁଳ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ବାଜିରାଉତ ଛାତ୍ରାବାସ ନିର୍ମାଣ କଲେ । ସେଠାରେ ପଢୁଥିବା ଆଦିବାସୀ ଓ ହରିଜନ ତଥା ଦରିଦ୍ର ଶ୍ରେଣୀର ପିଲାମାନେ ସୂତାକାଟିବା, ଲୁଗାବୁଣିବା, ତେଲ ପେଢ଼ିବା, ବଗିଚାକାମ ଓ ଗୋପାଳନ ଆଦି ଗଠନାତ୍ମକ କାମ ଶିକ୍ଷା କରୁଥିଲେ । ଏକ ସାଂସ୍କୃତିକ ବାତାବରଣ ଭିତରେ ବୃକ୍ଷ ପରିବେଷ୍ଟିତ ସ୍ଥାନରେ ଏହି ଛାତ୍ରାବାସ ଚାଲିଥିଲା । ପରେ ଉତ୍କଳ ନବଜୀବନମଣ୍ଡଳ ଆନୁକୂଲ୍ୟରେ ଏଠାରେ ଏକ କନ୍ୟାଶ୍ରମ ତାଲିମ କେନ୍ଦ୍ର ପ୍ରତିଷ୍ଠିତ ହେଲା । ଶ୍ରୀମତୀ ମାଳତୀ ଦେବୀଙ୍କ ତତ୍ତ୍ୱାବଧାନ ଓ ପରିଚାଳନାରେ ଏହି କନ୍ୟାଶ୍ରମରୁ ତାଲିମ ପାଇଥିବା ନାରୀ କର୍ମୀମାନେ ଗଞ୍ଜାମ, କୋରାପୁଟ, ଢେଙ୍କାନାଳ ଓ ରାଉରକେଲା ଅଞ୍ଚଳରେ ରହି ଗ୍ରାମବାସୀଙ୍କୁ ଶିକ୍ଷାଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ କୁଅଭ୍ୟାସ ଓ କୁସଂସ୍କାରରୁ ମୁକ୍ତ କରୁଛନ୍ତି ତଥା ଗୋତି ଓ ମୁଠାଦାରୀ ଭଳି ଅତ୍ୟାଚାରମୂଳକ ପ୍ରଥା ବିରୁଦ୍ଧରେ ସେହି କର୍ମୀମାନେ ସଂଗ୍ରାମୀ ଚଳେଇଛନ୍ତି । ପ୍ରଥମାବସ୍ଥାରେ ଅତି ଅଗମ୍ୟ ସ୍ଥାନମାନଙ୍କୁ ନିଜେ ମାଳତୀ ଦେବୀ ଯାଇ ସେମାନଙ୍କୁ ଦିଗଦର୍ଶନ ଦେଇଥିଲେ ।

୧୯୪୭ ମସିହାରେ ଶ୍ରୀମତୀ ମାଳତୀ ଦେବୀ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାନେତ୍ରୀ ନିର୍ବାଚିତ ହୋଇଥିଲେ ଏବଂ ସେହି ସମୟରେ ଅଧିକାଂଶ ସମୟ ସେ ନୋଆଖାଲିରେ ମହାତ୍ମାଗାନ୍ଧୀଙ୍କ ସହିତ ରହି ହିନ୍ଦୁ-ମୁସଲମାନ ଏକତା ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରିଥିଲେ । ୧୯୬୪ ମସିହାରେ ରାଉରକେଲାଠାରେ ଯେଉଁ ସାଂପ୍ରଦାୟିକ ଦଙ୍ଗା ହେଲା, ସେତେବେଳେ ଶାନ୍ତି ସ୍ଥାପନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସେଠାରେ ସେ ରହିଥିଲେ । ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବେଳେ ସେ ପ୍ରକାଶ୍ୟଭାବରେ ଅନୁଗୁଳଠାରେ ତା ବିରୁଦ୍ଧରେ ପ୍ରଚାରପତ୍ର ବାଣ୍ଟି ଓ ଭାଷଣ ଦେଇ ଗିରଫ ହୋଇଥିଲେ । ୧୯୭୭ ମସିହା ନିର୍ବାଚନରେ ଜରୁରୀ କାଳୀନ ଶାସନବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ଜନତା ଦଳର ପ୍ରାର୍ଥୀରୂପେ ମନୋନୀତ କରାଯାଇ ଥିବାରୁ ତାର ପ୍ରତିବାଦରେ ମାଳତୀ ଦେବୀ ଢେଙ୍କାନାଳରୁ ପ୍ରାର୍ଥୀ ହୋଇଥିଲେ । ସେ ପରାଜିତ ହେଲେ । ବିଧାନ ସଭା ପଦ ପାଇଁ ସେ ଲାଳାୟିତ ନଥିଲେ । ନୀତି ଦୃଷ୍ଟିରୁ ପ୍ରତିବାଦ ଜଣାଇବା ହିଁ ଥିଲା ତାଙ୍କର ଉଦ୍ଦେଶ୍ୟ ।

ଏହି ସମୟ ଭିତରେ ମହୀୟସୀ ମହିଳା ନେତ୍ରୀ ଶ୍ରୀମତୀ ମାଳତୀ ଦେବୀ ତାଙ୍କର କେତେକ ଅତି ଆତ୍ମୀୟଙ୍କ ଅକାଳ ବିୟୋଗର ଗୁରୁଯନ୍ତ୍ରଣାକୁ ବହନ କରି ସମାଜ ସେବା କାର୍ଯ୍ୟରେ ଆଗେଇ ଚାଲିଥିଲେ ।୧୯୪୮ ମସିହାରେ ତାଙ୍କର ପ୍ରିୟତମ ପୁତ୍ର ବିନାୟକର ଅକାଳ ମୃତ୍ୟୁ, ୧୯୮୩ରେ କନିଷ୍ଠା କନ୍ୟା କୃଷ୍ଣାର ଜ୍ୟେଷ୍ଠପୁତ୍ର ଅସୀମର ରାସ୍ତାଦୁର୍ଘଟଣାରେ ଶୋଚନୀୟ ମୃତ୍ୟୁ, ସେହିବର୍ଷ ପୁତୁରା ମନମୋହନଙ୍କ ଏକମାତ୍ର ପୁତ୍ର କବିରର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଯନ୍ତ୍ରଣାକୁ ବହନ କରି ସେ ରହିଥିଲେ । ଓଡ଼ିଶାର ଅଗଣିତ ଦୀନ, ଦରିଦ୍ର, ଶୋଷିତ ଓ ଅତ୍ୟାଚାରୀ ଓ ଯାହାଙ୍କ ସେବାରେ ସେ ୬୦ ବର୍ଷରୁ ଉର୍ଦ୍ଧ୍ୱକାଳ ବିତାଇଛନ୍ତି ସେମାନଙ୍କ ଦୁଃଖ ଯନ୍ତ୍ରଣାକୁ ମଧ ବହନ କରି ରହିଥିଲେ । ସେମାନଙ୍କୁ ସେ ନିଜର ଆତ୍ମୀୟ ଭଳି ଭଲ ପାଉଥିଲେ । ଶେଷରେ ୧୯୮୪ ରେ ୮୩ ବର୍ଷ ବୟସରେ ପ୍ରିୟତମ ପତି ଓ ସାରା ଜୀବନର ସହଯୋଗୀ ଓ ସାଥୀ ନବକୃଷ୍ଣ ଚୌଧୁରୀଙ୍କ ବିୟୋଗ ଯନ୍ତ୍ରଣା ମଧ ତାଙ୍କୁ ବହନ କରିବାକୁ ପଡ଼ିଥିଲା ।

୧୯୫୦ ମସିହାରେ ମାଳତୀ ଦେବୀ ରାଜ୍ୟ ସରକାରଙ୍କ ମହିଳା ମଙ୍ଗଳ ବୋର୍ଡ଼ର ଅଧକ୍ଷା ଦାୟିତ୍ୱରେ ଥିଲେ । ୧୯୮୮ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଶିଶୁ କଲ୍ୟାଣ ପୁରସ୍କାର ଲାଭ କରିଥିଲେ । ୧୯୯୮ରେ ବିଶ୍ୱଭାରତୀ ଶାନ୍ତି ନିକେତନ ପକ୍ଷରୁ ପ୍ରଦତ୍ତ 'ଦେଶିକୋତ୍ତମ' ପୁରସ୍କାର ଗ୍ରହଣ କରିଥିଲେ ।

୧୯୮୭ ମସିହାରେ ତାଙ୍କ ଜନ୍ମ ଦିବସରେ ନବଜୀବନ ମଣ୍ଡଳର ବାର୍ଷିକ ସମ୍ମିଳନୀରେ ଭୁବନେଶ୍ୱରଠାରେ ତାଙ୍କୁ ଏକ ଲକ୍ଷ ଟଙ୍କାର ଥଳି ଭେଟି ଦିଆଯାଇଥିଲା । ସେହିବର୍ଷ ନାରୀ ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଭାରତ ସରକାର ତାଙ୍କୁ ପୁରସ୍କୃତ କରିଥିଲେ । ଏ ସମସ୍ତ ଅର୍ଥ ନବଜୀବନ ମଣ୍ଡଳର କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ସେ ବିନିଯୋଗ କରୁଥିଲେ । ୧୯୮୮ ମସିହାରେ ସମାଜ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ହେତୁ ତାଙ୍କୁ ପ୍ରଦାନ କରାଯାଇଥିବା ବଜାଜ ପୁରସ୍କାର ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ । ବାଲିଆପାଳ ଠାରେ ଭାରତ ସରକାର କ୍ଷେପଣାସ୍ତ୍ର ଘାଟି ସ୍ଥାପନ କରୁଥିବାରୁ ତାର ପ୍ରତିବାଦ ସ୍ୱରୂପ ସେ ଏହା କରିଥିଲେ । ଶ୍ରୀମତୀ ମାଳତୀ ଦେବୀ ଦେଶପ୍ରେମ, ତ୍ୟାଗ, ନିଷ୍ଠା, ଦେଶର ଦୀନ ଦରିଦ୍ରଙ୍କ ସେବାର ପ୍ରତୀକ ରୂପେ ସ୍ମରଣୀୟ ହୋଇ ରହିବେ ।

୧୧୧ ବାପୁଜୀ ନଗର,
ଭୁବନେଶ୍ୱର

# 'କଳିଙ୍ଗରୁ କବନ୍ଧ'

କ୍ୟାପଟେନ ମାନସରଂଜନ ସ୍ୱାଇଁ

ସୃଷ୍ଟିରୁ ସମାପ୍ତି, ସମାପ୍ତିରୁ ସୃଷ୍ଟି,
ଆଜିକି କିଛିଦିନ ପୂର୍ବେ ମୁଁ ସୃଷ୍ଟି ହୋଇଥିଲି
ଗୋଦାବରୀର କୋଳିରେ କାବେରୀର କୂଳରେ,
ଏ ପର୍ଯ୍ୟନ୍ତ ଭୁଲିନାହିଁ ନୀଳସାଗରର ବୟାଳିଆ ଝଡ଼କୁ
ବାଳର ଲୁଚକାଳି ଖେଳି ଛଡ଼ାଇ ନେଇଛି ଛିନ୍ନବସ୍ତ୍ର ସବୁ—
ପିକା ପିକା ମନେ ପଡ଼େ ଜାଭା ସୁମାତ୍ରାର ପ୍ରେୟସୀମାନଙ୍କୁ
ହେ ବାଲିଦ୍ୱୀପ ବିପ୍ରଲବ୍ଧା !
ନେବନାହିଁ ତାରକସୀ କର୍ଣ୍ଣିକା, ଦେବ ନାହିଁ ଆଉ ପ୍ରୀତିଭରା ଚିଠି ?
ଏ ଯେ ପ୍ରୀତି ଦିଆନିଆ କଥା;
ଭଲପାଏ ଲବଙ୍ଗ, ଡାଲଚିନି ବୋଲି
ଭରିଦିଏ ଫେରନ୍ତା ବୋଇତ,
ଏଠି ଏବେ ଗାଧୋଇବି ଅସ୍ତ ସବୁଦିନ ପାଇଁ
କୁଳବଧୂ ନବଢେଇ ମତେ
ହଜିଯାନ୍ତି କେଉଁ ଶ୍ୱେତାଙ୍ଗ ସାଥିରେ,
ଦର୍ଶମାନେ ଚିହ୍ନିକଲି ତମରି ରକ୍ତକୁ
ଚିହ୍ନି ପାରିଲନି ତମରି ମାକୁ
ଉଦନ୍ତ କଳାପାହାଡ଼ଟା କଣାଇଛ କଲା ବଡ଼ସିଂହାରକୁ
କିଛି କହିଲିନି,
କିନ୍ତୁ କହି ଆସୁଥିବି କେହି ଯଦି କହେ
'ଓଡ଼ିଆ ଏକ୍ ଭାଷା ନଏ;
ଧଉଳିଗିରିର ଶ୍ୱେତ ଚିତବଳୟର ପରିଧି ସେପଟୁ
କୋଣାର୍କର କାମ ମୂର୍ତ୍ତିଟିଏ ଏବେବି ଆଲିଙ୍ଗନ କରେ
ଅସ୍ତବ୍ୟସ୍ତ ହୋଇଯାଏ
ମୁଁ ଯେ ବୀର୍ଯ୍ୟହୀନ ?

ଫେରିଯାଅ ଫେରିଯାଅ
ମୋ ମନର ଦନାହାଣ୍ଡି ଭିତରେ
ଭୋକ ଦୁର୍ଭିକ୍ଷରେ କେତେଜଣ ହଜିଯାଉଛନ୍ତି
ସତେ ଯେପରି ଜଣେଜଣେ ବଳିପଡୁଛନ୍ତି
ଦଶାଶ୍ୱମେଧ ଘାଟରେ ଅଶ୍ୱମେଧ ଯଜ୍ଞପରି;
ଧର୍ଯ୍ୟଧରି ଶୁଣ, ମୋ ମହାନ ଭବିଷ୍ୟତ
କେହି ଏଠି ପରନୁହଁ, ବରଂ ଏକ ପରିବାର
ଖାରବେଳଠାରୁ ମଧୁସୂଦନ
ଉପେନ୍ଦ୍ର ଭଞ୍ଜଠୁ ଫକୀର ମୋହନ,
ମୁଁ ସର୍ବତ୍ର ବ୍ୟାପିଛି;
ସମୟ ଦ୍ୱାହିଦେଉ
ଏବେ ସମାପ୍ତି ଆସିଛି ନିମନ୍ତ୍ରଣ କରି
କିଂକର୍ତ୍ତବ୍ୟବିମୂଢ଼ ମୁଁ ତମ କଥା ଭାବି
ସ୍ଥିର ହୋଇଯିବ ସବୁ, ନଷ୍ଟ ହୋଇଯିବ
ମୁଣ୍ଡଚ୍ଛେଦ ପଡ଼ିଯିବ, କବନ୍ଧ ଗଡ଼ିବ,
ସେ ହେବ ଶୌର୍ଯ୍ୟବୀର୍ଯ୍ୟହୀନ
ଦ୍ୱିତୀୟ କଳିଙ୍ଗ,
ବିଦେଶୀ କହିବେ କଳିଙ୍ଗ ରହୁଛି ଛିନ୍ନମସ୍ତ ହୋଇ,
ଲଜ୍ଜା ଅପମାନ ସହିପାରିବିନି
ପୁଣ୍ୟତୋୟା ବୈତରଣୀ ବକ୍ଷରେ
କାଠଯୋଡ଼ି କୂଳର ବାଲିମୁଣ୍ଡି ପରି
ଲୁପ୍ତ ହୋଇଯିବ...

୪୬, ବୁଦ୍ଧେଶ୍ୱରୀ, ପି.ଏ. ରୋଡ଼,
ଭୁବନେଶ୍ୱର-୭୫୧ ୦୦୬

# କୃଷି ଓ କୃଷକ ସମାଜର ଉନ୍ନତି ଦିଗରେ ପାରଳା ଗଜପତିଙ୍କ ଭୂମିକା

ଡକ୍ଟର ସୀମାଞ୍ଚଳ ପ୍ରଧାନ

କୃଷିର ଉନ୍ନତି ଦିଗରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅନେକ । ସେ ହୃଦୟଙ୍ଗମ କରିଥିଲେ, କୃଷିର ଉନ୍ନତିରେ ଦେଶର ଉନ୍ନତି ନିର୍ଭରଶୀଳ । କୃଷିବିନା ଦେଶର ଅର୍ଥନୈତିକ ମାନଦଣ୍ଡ ସୁଧୁରିପାରିବ ନାହିଁ । ତେଣୁ ସେ କହୁଥିଲେ "Masters foot is the best manoure." ପ୍ରତିଦିନ କୃଷକ ଯଦି ତା କୃଷି କ୍ଷେତ୍ରରେ ଅନ୍ତତଃ ଥରେ ପାଦ ପକାଏ ତେବେ ସେହି ଜମିର ଫସଲ ଉତ୍ପାଦନ ପାଇଁ ତା ଉପସ୍ଥିତି ଖତ ଠାରୁ ଅଧିକ ଫଳ ଦିଏ । କୃଷ୍ଣଚନ୍ଦ୍ର ଗଜପତିଙ୍କର ଏହି କୃଷି ଦର୍ଶନ କୃଷକମାନଙ୍କ ଉପରେ ବେଶ୍ ପ୍ରଭାବ ପକାଇ ପାରିଥିଲା ।

କୃଷ୍ଣଚନ୍ଦ୍ର ଗଜପତିଙ୍କ କୃଷି ଦର୍ଶନ ପରି ତାଙ୍କ ପୂର୍ବସୁରୀମାନେ ମଧ୍ୟ ପାରଳା ଓ ତା'ର ଆଖପାଖ ଅଞ୍ଚଳରେ କୃଷି ଓ ଜଳସେଚନ ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରିଆସୁଥିଲେ । ଅଷ୍ଟାଦଶ ଶତାବ୍ଦୀର ରାଜା ବୀର ଚନ୍ଦ୍ରଧର ନାରାୟଣ ଦେବ, ପ୍ରତାପରୁଦ୍ର ନାରାୟଣ ଦେବ ପାରଳାଖେମୁଣ୍ଡିରେ ରାମସାଗର, ସୀତାସାଗର, ଲକ୍ଷ୍ମଣସାଗର, ଗଜପତି ସାଗର, ରାଧା ସାଗର ପ୍ରଭୃତି ବିଭିନ୍ନ ଜଳ ପ୍ରକଳ୍ପ ନିର୍ମାଣ କରି କୃଷିର ଉନ୍ନତି ଦିଗରେ ଯତ୍ନ ପରୋନାସ୍ତି ଚେଷ୍ଟା କରିଥିଲେ । ପରବର୍ତ୍ତୀ ସମୟରେ ଗଜପତି ନାରାୟଣ ଦେବ ଓ ଜଗନ୍ନାଥ ନାରାୟଣ ଦେବ (ତୃତୀୟ) ଯଥାକ୍ରମେ ଚୈତନ୍ୟ ସାଗର, ବୃନ୍ଦାବନ ସାଗର, କୃଷ୍ଣ ସାଗର, ଧର୍ମ ସାଗର ଓ ପଦ୍ମ ସାଗର ନିର୍ମାଣ କରି ହଜାର ହଜାର ଏକର ଜମିକୁ ଶସ୍ୟ ଶ୍ୟାମଳାରେ ପରିଣତ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡି ରାଜ୍ୟର ଜମିଦାରୀ ଦାୟିତ୍ୱ ଗ୍ରହଣ କରି ସାରିବା ପରେ ଏହି ସାଗରଗୁଡ଼ିକର ପଙ୍କୋଦ୍ଧାର କାର୍ଯ୍ୟ ହାତକୁ ନେଇ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିଥିଲେ । ଏତଦ୍‌ବ୍ୟତୀତ ସେ ପାରଳାଖେମୁଣ୍ଡି ଅନ୍ତର୍ଗତ କାଶୀନଗର ଠାରେ 'ନଳିନୀ କୃଷ୍ଣ ସାଗର' ଓ ଶ୍ରୀକାକୁଲମ (ଆନ୍ଧ୍ର) ଜିଲ୍ଲାରେ 'ବାଗା ସାଗର' ନିର୍ମାଣ କରାଇଥିଲେ । ଏହି ସାଗରଗୁଡ଼ିକର ନିର୍ମାଣ ପାଇଁ ସେ ଇଂଜିନିୟର ମୁଲାର୍ ସାହେବଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । ସେହି ସମୟରେ ଏହି ଦୁଇଟି ସାଗରର ନିର୍ମାଣାର୍ଥେ ଦୁଇ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ ହୋଇଥିଲା ।

କୃଷ୍ଣଚନ୍ଦ୍ର ଗଜପତି ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ସହ ପାରଳାଖେମୁଣ୍ଡି ଠାରୁ ସାତ କିଲୋମିଟର ଦୂରରେ ଗୋଟିଏ କୃଷି କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହି କୃଷି କ୍ଷେତ୍ରରେ ସେ ଦେଶ ବିଦେଶରୁ ଉନ୍ନତ କିସମର ବିହନ ଆଣି ଚାଷ କରିଥିଲେ । ଧାନ, ମୁଗ, ବିରି, ଆଖୁ, ପନିପରିବା ସମେତ ବିଭିନ୍ନ ପ୍ରକାର ଫଳଗଛରେ କୃଷି କ୍ଷେତ୍ରଟି ଭରପୂର ହୋଇଥିଲା । ଏହି କୃଷି କ୍ଷେତ୍ରଟି ସମଗ୍ର ଭାରତ-ବର୍ଷର ଯେ ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ରୂପେ ପରିଗଣିତ ହୋଇ ଥିଲା କହିବା ଅନାବଶ୍ୟକ ।

କୃଷ୍ଣଚନ୍ଦ୍ର ଗଜପତି ନିଜେ ପ୍ରତ୍ୟୁଷରୁ ଉଠି ନିଜର ନିତ୍ୟକର୍ମ ସମାପନ କରି ମଟର ଗାଡ଼ିରେ କୃଷି କ୍ଷେତ୍ରକୁ ଯାଉଥିଲେ । ସେ ଥିଲେ ସମୟାନୁବର୍ତ୍ତିତାର ଏକ ଜ୍ୱଳନ୍ତ ପ୍ରତୀକ । ଗଜପତିଙ୍କର ଗାଡ଼ି ଶବ୍ଦ ଶୁଣି ଲୋକେ ଛଅଘଣ୍ଟା ହୋଇଥିବା ଜାଣି ପାରୁଥିଲେ ।

କୃଷି ଫାର୍ମରେ କୃଷି କାର୍ଯ୍ୟ ବ୍ୟତୀତ ସେ ଉନ୍ନତ ଧରଣର ବଳଦ ଓ ଗାଈ ରଖିଥିଲେ । ଏହି ଗାଈ ଗୋରୁ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଜଣେ ପଶୁ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା ।

ଗଜପତିଙ୍କର ଆଦର୍ଶ କୃଷି ଫାର୍ମ ଓ କୃଷି ନୀତି ଦେଖି ମାନ୍ଦ୍ରାଜ ଓ କେନ୍ଦ୍ର ସରକାର ଆନନ୍ଦିତ ହୋଇଥିଲେ । ତେଣୁ ଲର୍ଡ଼ ଲିନ୍‌ଲିଥଗୋଙ୍କ ଅଧ୍ୟକ୍ଷତାରେ ୧୯୨୭ ମସିହାରେ ଗଠିତ ରାଜକୀୟ କୃଷି ଆୟୋଗରେ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସଭ୍ୟରୂପେ ମନୋନୀତ କରିଥିଲେ । କୃଷି କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଆୟୋଗର ଶ୍ରୀବୃଦ୍ଧି ସାଧନ କରିବାରେ ସେ ଥିଲେ ଅଗ୍ରଗଣ୍ୟ ।

କୃଷି ଆୟୋଗର ସଭ୍ୟ ହିସାବରେ କୃଷ୍ଣଚନ୍ଦ୍ର ଗଜପତି ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ । ଯେଉଁଠି ସେ ଉନ୍ନତ ବିହନ ଦେଖୁଥିଲେ ତାକୁ ଆଣି ନିଜ ଫାର୍ମରେ ଚାଷ କରୁଥିଲେ । ୧୯୨୭ ମସିହାରେ ତାଙ୍କ ବର୍ମାଗସ୍ତ କାଳରେ ସେ ଯେଉଁ ଆଖୁ ବିହନ ଆଣିଥିଲେ, ତାହା ତାଙ୍କ ହୋମ୍ ଫାର୍ମରେ ଚାଷ କରି ସର୍ବସାଧାରଣଙ୍କୁ ଦେଖାଇଥିଲେ । ଏହି ଆଖୁ ଚାଷ ଲାଭଜନକ ହୋଇଥିବାରୁ ଏହା ସମଗ୍ର ଗଞ୍ଜାମ ଜିଲ୍ଲାକୁ ବ୍ୟାପିଯାଇଥିଲା । ବର୍ତ୍ତମାନ ଗଞ୍ଜାମ ଓ ତା'ର ଆଖପାଖ ଅଞ୍ଚଳରେ ଯେଉଁ ଆଖୁଚାଷ କରାଯାଉଛି, ତାହା ଗଜପତିଙ୍କର ଅବଦାନ ବୋଲି କହିବାକୁ ହେବ ।

କୃଷି କ୍ଷେତ୍ରରେ ରୋଗ ପୋକର ନିୟନ୍ତ୍ରଣ ଲାଗି ବିଭିନ୍ନ ଔଷଧ ଓ ରୋଗନିବାରଣ ବ୍ୟବସ୍ଥାକୁ ସେ ଗ୍ରହଣ କରିନେଇଥିଲେ । ଏହାଛଡ଼ା ମାଟି ପରୀକ୍ଷା କରି ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବାକୁ ସେ ବିଶେଷ ଆଗ୍ରହୀ ଥିଲେ । ଆମ ଓଡ଼ିଶାର ବିଦ୍ୟାଧରପୁର ଠାରେ ଯେଉଁ 'କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ' ଅଛି ତାହା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ । ଏହାର ଆଉ ଦୁଇଟି ଶାଖା ବର୍ତ୍ତମାନ ବିହାରର ହଜାରିବାଗ ଓ ପଶ୍ଚିମ ବଙ୍ଗର ଖଡ଼ଗପୁର ଠାରେ କାର୍ଯ୍ୟ କରୁଛି । ସମଗ୍ର ଏସିଆ ମହାଦେଶର ବୃହତ୍ତମ କୃଷି ଗବେଷଣା କେନ୍ଦ୍ରରୂପେ 'କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ' ସୁପରିଚିତ ।

ଭାରତୀୟ କୃଷି ଆୟୋଗର ସକ୍ରିୟ ସଭ୍ୟଭାବେ କୃଷ୍ଣଚନ୍ଦ୍ର ଗଜପତି ବ୍ରିଟିଶ ସରକାର କର୍ତ୍ତୃପକ୍ଷଙ୍କୁ ସୁ ପରାମର୍ଶ ପ୍ରଦାନ କରିଥିଲେ । ତାଙ୍କର କାର୍ଯ୍ୟଦକ୍ଷତା ଓ ଆଗ୍ରହ ଲକ୍ଷ୍ୟ କରି ବ୍ରିଟିଶ୍ ସରକାର କୋଇମ୍ବାଟୁର ସରକାରୀ କୃଷି ମହାବିଦ୍ୟାଳୟର ଉପଦେଷ୍ଟା ଓ ନୂଆଦିଲ୍ଲୀସ୍ଥିତ ଭାରତୀୟ ଗବେଷଣା ପରିଷଦର ପ୍ରଶାସକ ମଣ୍ଡଳୀର ସଭ୍ୟ ଓ ଅନୁଷ୍ଠାନର ଉପଦେଷ୍ଟାରୂପେ ମନୋନୀତ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଆଦର୍ଶ ପ୍ରଜାପାଳକ ରୂପେ ଯେଉଁଭଳି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ, ସେହିଭଳି କୃଷି କାର୍ଯ୍ୟରେ ମଧ ଦେଶ ବିଦେଶରେ ସେ ସମସ୍ତଙ୍କର ଆଦରଣୀୟ ହୋଇପାରିଥିଲେ । ବୃକ୍ଷ ରୋପଣ ପ୍ରତି ଗଜପତିଙ୍କର କିଭଳି ଶ୍ରଦ୍ଧା ଥିଲା ତାହା ତାଙ୍କ ପ୍ୟାଲେସ୍ ପରିସରର କୋଠା ପଛପଟେ ଥିବା ଦୁଇଟି ବିଶାଳ ବୃକ୍ଷକୁ ଦେଖିଲେ ସ୍ପଷ୍ଟ ଜାଣିହେବ । କୃଷ୍ଣଚନ୍ଦ୍ର ଗଜପତି ଏହି ଗଛର ଚାରାକୁ ଆଫ୍ରିକାରୁ ଆଣିଥିଲେ । ବର୍ତ୍ତମାନ ଭାରତ ମାଟିରେ ଏଭଳି ଗଛ ବିରଳ ଥିବା ଉଦ୍ଭିଦ ବିଜ୍ଞାନୀମାନେ ମତପ୍ରକାଶ କରନ୍ତି ।

ଉପର୍ଯ୍ୟୁକ୍ତ ଆଲୋଚନାରୁ କୃଷ୍ଣଚନ୍ଦ୍ର ଗଜପତି କୃଷିର ଉନ୍ନତି ଦିଗରେ କିଭଳି ଦୃଢ଼ ପଦକ୍ଷେପମାନ ଗ୍ରହଣ କରିଥିଲେ, ତାହା ଅନୁଧ୍ୟାନ କରିବା କଥା । ଗଜପତିଙ୍କର କୃଷିର ଉନ୍ନତି ଦିଗରେ ଦୂରଦୃଷ୍ଟି ଥିବାରୁ ବର୍ତ୍ତମାନ ମଧ ଗଞ୍ଜାମ ଓଡ଼ିଶାର ଶସ୍ୟଶ୍ୟାମଳା ଅଞ୍ଚଳରେ ପରିଣତ ହୋଇପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଭାଗୀୟ ମୁଖ୍ୟ
ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ
ମା ମାର୍କମା ମହାବିଦ୍ୟାଳୟ
ବିଶମ କଟକ (ରାୟଗଡ଼ା)-୭୬୫ ୦୧୧

## ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ

ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।


ଗତ ମାର୍ଚ୍ଚ ୧୬ ତାରିଖରେ ସଚିବାଳୟଠାରେ ନବଗଠିତ ଶିଳ୍ପ ପରାମର୍ଶଦାତା କମିଟିର ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଲେ ଯେ, ୧୯୯୧ ମସିହାରେ ଉଦାରୀକରଣ ଅର୍ଥନୀତିର ସୁଯୋଗ ନେଇ ରାଜ୍ୟରେ ଶିଳ୍ପାୟନର ଏକ ନୂତନ ବାତାବରଣ ସୃଷ୍ଟି ହୋଇଛି । ଏକ ଲକ୍ଷ ତିରିଶ ହଜାର କୋଟି ଟଙ୍କାର ନୂତନ ପୁଞ୍ଜି ନିବେଶ ପାଇଁ ନିର୍ଭର ପ୍ରତିଶ୍ରୁତି ମିଳିଥିବାରୁ ଓଡ଼ିଶା ବର୍ତ୍ତମାନ ମହାରାଷ୍ଟ୍ର ଓ ଗୁଜରାଟକୁ ପଛରେ ପକାଇ ଦେଇ ପୁଞ୍ଜିନିବେଶ କ୍ଷେତ୍ରରେ ସର୍ବଶ୍ରେଷ୍ଠ ରାଜ୍ୟର ମର୍ଯ୍ୟାଦା ହାସଲ କରିସାରିଛି । ପାରାଦ୍ୱୀପ ବନ୍ଦର ସଂପ୍ରସାରଣ ସାଙ୍ଗକୁ ଗୋପାଳପୁର ଓ ଧାମରାରେ ବଡ଼ ଧରଣର ବନ୍ଦର ପ୍ରତିଷ୍ଠା, ତାଳଚେର-ସମ୍ବଲପୁର ଓ ଦୈତାରୀ-ବାଂଶପାଣି ରେଳପଥ ନିର୍ମାଣ ଉପରେ ରାଜ୍ୟ ସରକାର ବର୍ତ୍ତମାନ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ଧାମରା ବନ୍ଦର ପ୍ରତିଷ୍ଠା ପାଇଁ ଖୁବ୍ ଶୀଘ୍ର ଚୁକ୍ତି ସଂପାଦିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।

ବୈଠକରେ ଉପସ୍ଥିତ ଶିଳ୍ପପତି ଡକ୍ଟର କେ.କେ. ଭରାଲୀ, ଡକ୍ଟର ଏସ୍.ଏନ୍. ଚୋହାରୀ, ଶ୍ରୀ ଏମ୍. ମାଣିକ୍ୟମ୍, ଡକ୍ଟର ବି.କେ. ମହାନ୍ତି, ଶ୍ରୀ ମୁଥୁରମନ୍ ପ୍ରମୁଖ ରାଜ୍ୟରେ ନୂତନ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟରେ ଉଚ୍ଚସ୍ତରରେ ରହିଥିବା ପ୍ରଶାସକମାନେ ଶିଳ୍ପୋଦ୍ୟୋଗୀମାନଙ୍କୁ ଅନୁକୂଳ ମନୋଭାବ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସହଯୋଗ କରୁଥିବାରୁ ସେମାନେ ପ୍ରଶଂସା କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଆଲୋଚନାର ଉତ୍ତର ଦେଇ କହିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ରାଉରକେଲା, ଚୌଦ୍ୱାର ଓ ଦୁବୁରୀ ଆଦି ସ୍ଥାନରେ ଜମି ଯୋଗାଇବା ପାଇଁ ରାଜ୍ୟ ସରକାର ପୂର୍ବରୁ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ ଗୋପାଳପୁର, କୋରାପୁଟ, ରାୟଗଡ଼ା, ପାରାଦ୍ୱୀପ ଆଦି ସ୍ଥାନମାନଙ୍କରେ ନୂତନ ଶିଳ୍ପ ଗଢ଼ି ଉଠୁଥିବାରୁ ନୂତନ ଭାବେ ଜମି ଅଧିଗ୍ରହଣ କରାଯାଉଛି । ରାଜ୍ୟର ଶିଳ୍ପାଞ୍ଚଳମାନଙ୍କରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବରେ ଠିକ୍ ରହିଥିଲେ ମଧ କେତେକ ଅଞ୍ଚଳରେ ଥିବା ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି । ଶିଳ୍ପର ବିକାଶ ପାଇଁ ଏକାଧିକ ପ୍ରକଳ୍ପ ଦାୟିତ୍ୱରେ ଜଣେ ପଦସ୍ଥ ସରକାରୀ ଅଫିସରଙ୍କୁ ରଖାଯାଇଛି । ରେଳୱେ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ପାଇଁ ଘରୋଇ ଉଦ୍ୟୋଗକାରୀ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଶିଳ୍ପମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓଡ଼ିଶାରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ଉପଯୁକ୍ତ ରାଜନୈତିକ ଇଚ୍ଛାଶକ୍ତି ରହିଛି ବୋଲି ପ୍ରକାଶ କରିଥିଲେ ।

ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ଉନ୍ନୟନ କମିଶନର ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ କୈଳାସ ବିହାରୀ ବର୍ମା, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସନ୍ତୋଷ କୌଟିଲ୍ୟାଲ ଓ ବହୁ ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ।



ଓଡ଼ିଶା ବିଧାନସଭାର ଦ୍ୱାଦଶ ଅଧିବେଶନରେ ଉଦ୍‌ଘାଟନୀ ଭାଷଣ ଦେବା ପାଇଁ ମାନ୍ୟବର ରାଜ୍ୟପାଳ ଶ୍ରୀ କେ.ଭି. ରଘୁନାଥ ରେଡ୍ଡୀ ବିଧାନସଭା ଗୃହରେ ପ୍ରବେଶ କରୁଛନ୍ତି



ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ୧୯୯୮-୯୯ ଆର୍ଥିକ ବର୍ଷର କାମଚଳା ବଜେଟ୍‌ର ପ୍ରତିଲିପି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ବିଧାନସଭା ପ୍ରକୋଷ୍ଠରେ ପ୍ରଦାନ କରୁଛନ୍ତି



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ନିବେଦନ କରୁଛନ୍ତି



ସଚିବାଳୟଠାରେ ଆୟୋଜିତ ରାଜ୍ୟ ଶିକ୍ଷା ପରାମର୍ଶଦାତା କମିଟିର ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି



ଖିଚିଂ ମନ୍ଦିର



କୋଣାର୍କର ନର୍ତ୍ତକୀ



ନୃସିଂହନାଥ ମନ୍ଦିର



ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆ



ଚପ୍ରପାଣି

# ଓଡ଼ିଶା କଂଗ୍ରେସର କର୍ଣ୍ଣଧାର ଭାଗୀରଥି ମହାପାତ୍ର

*ଶ୍ରୀ କୃଷ୍ଣଚନ୍ଦ୍ର ସୁଆର*

ଆଜିକୁ ପଚାଶ ବର୍ଷ ପୂର୍ବେ ଆମ ଦେଶରେ ଇଂରେଜ ଶାସନ ଥିଲା । ଚତୁର ଇଂରେଜ ଜାତି ପ୍ରଥମେ ଆମ ଦେଶକୁ ବଣିଜ କରିବାକୁ ଆସିଥିଲେ । କ୍ରମେ ସେମାନେ ସରଳତାର ସୁଯୋଗ ନେଇ ଭାରତବାସୀଙ୍କୁ ଅଧିକାର କରି ନେଇଥିଲେ । ଇଂରେଜ ଶାସନ ବିରୁଦ୍ଧରେ ଗାନ୍ଧିଜୀ ଦୃଢ଼ ଭାବେ ଆନ୍ଦୋଳନ କରିଥିଲେ । ତାଙ୍କ ନେତୃତ୍ୱରେ ଉତ୍କଳ ସ୍ୱରାଜ୍ୟ ସଂଗ୍ରାମରେ ଆଗୁଆ ହୋଇ ବାହାରି ଥିଲେ ଭାଗୀରଥି । ସେ ଥିଲେ ଉତ୍କଳମଣି ଗୋପବନ୍ଧୁଙ୍କର ସାଥୀ ଓ ସହଚର । ଜଗତସିଂହପୁରର ଅଳକା ଆଶ୍ରମ ସେ ପ୍ରତିଷ୍ଠା କରିଥିଲେ । ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସର୍ବପ୍ରଥମ ସଂପାଦକ ସେ ହୋଇଥିଲେ । ସେ ଥିଲେ ଗୋପବନ୍ଧୁଙ୍କ ସର୍ବପ୍ରଥମ ଜେଲ ସାଥୀ । ସ୍ୱାଧୀନତା ସଂଗ୍ରାମୀ ନେତା ସ୍ୱର୍ଗତ ଭାଗୀରଥି ମହାପାତ୍ର ଥିଲେ ଚିରଉତ୍ସର୍ଗୀ ମଣିଷ । ଓଡ଼ିଶାର ସର୍ବତ୍ର ଭାଗୁବାବୁ ନାମରେ ସେ ପରିଚିତ ଥିଲେ ।

ଏହି ପ୍ରତିଭା ସଂପନ୍ନ ବ୍ୟକ୍ତି ୧୮୯୩ ମସିହାରେ ଜଗତସିଂହପୁର ଉପକଣ୍ଠ ଚାଟରା ଗାଁରେ ଜନ୍ମ ଗ୍ରହଣ କରିଥିଲେ । ଅଳକା ଆଶ୍ରମ ନିକଟରେ ତାଙ୍କ ଘରଟି ଅବସ୍ଥିତ ହେତୁ ସମସ୍ତଙ୍କର ପରିଚିତ ଥିଲା । ତାଙ୍କ ପିତାଙ୍କ ନାମ ଦୁର୍ଗାଚରଣ ମହାପାତ୍ର । ମାତାଙ୍କ ନାମ କ୍ଷେତ୍ରମଣି ।

ଦୁର୍ଗାଚରଣ ମହାପାତ୍ର ଥିଲେ ସେତେବେଳର ବିଶିଷ୍ଟ ଜମିଦାର । ତାଙ୍କର ଅଚଳାଚଳ ସଂପତ୍ତି ଓ ଜମିବାଡ଼ି ଥିଲା । ତେଣୁ ଅତି ଆଦରରେ ବଢ଼ିବାରେ କୌଣସି ପ୍ରତିବନ୍ଧକ ନଥିଲେ ମଧ୍ୟ 'ଭାଗୁ' ଥିଲେ ସରଳ ଓ ନିରାଡ଼ମ୍ବର ପ୍ରକୃତିର । କିନ୍ତୁ ବିଧିର ବିଧାନ ଥିଲା ବଡ଼ ବିଚିତ୍ର । ଅତି ଅଳ୍ପ ବୟସରେ ତାଙ୍କର ମାଆଙ୍କ ତିରୋଧାନ ହୋଇ ଯାଇଥିଲା । ପିତା ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ ମଧ୍ୟ ପିଉସୀଙ୍କ କୋଳରେ ସେ ପାଳିତ ପାଳିତ ହୋଇଥିଲେ । କାରଣ ବାଲ୍ୟ କାଳରୁ ସେ ନିକଟସ୍ଥ ନିଃସନ୍ତାନ ପିଉସୀଙ୍କ ଘରକୁ ପୋଷ୍ୟ ପୁତ୍ର ହୋଇ ଯାଇଥିଲେ । କିନ୍ତୁ ତାଙ୍କର ବଡ଼ ଭାଇ ହରେକୃଷ୍ଣ ମହାପାତ୍ରଙ୍କ ମୃତ୍ୟୁ ଏବଂ ସେ ବି.ଏ. ପାଶ କରିବା ପରେ ପରେ ପିଉସୀଙ୍କ ଘରୁ ଫେରି ଆସିଥିଲେ ।

ଏବର ଶ୍ରୀକୃଷ୍ଣ ଏକାଡେମୀ ସ୍ଥାନରେ ସେତେବେଳେ ମାଇନର ସ୍କୁଲଟିଏ ଥିଲା । ସେହି ମାଇନର ସ୍କୁଲରେ ସେ ପ୍ରାଥମିକ ଶିକ୍ଷା ସମାପ୍ତ କରି କଟକ କଲିଜିଏଟ ସ୍କୁଲରେ ପଢ଼ିଥିଲେ । ଏହି ମାଇନର ସ୍କୁଲରେ ପଢ଼ିଲାବେଳେ ଡକ୍ଟର ପ୍ରାଣକୃଷ୍ଣ ପରିଜା ତାଙ୍କର ସହପାଠୀ ଥିଲେ । ଉଭୟ ଶ୍ରୀ ପରିଜା ଓ ଭାଗୀରଥି ଶ୍ରେଣୀରେ କୃତୀ ଛାତ୍ର ଥିବାରୁ ମାଇନର ବୃତ୍ତି ପାଇଥିଲେ ।

ପରେ ସେ ରେଭେନସା କଲେଜରେ ବି.ଏ. ଏବଂ କଲିକତାର ପ୍ରେସିଡେଣ୍ଟ କଲେଜରୁ ଉଭୟ ଇତିହାସ ଓ ଦର୍ଶନଶାସ୍ତ୍ରରେ ଏମ୍.ଏ.ବି.ଏଲ୍. ପାଶ କଲାପରେ କଟକରେ ଓକିଲାତି ଆରମ୍ଭ କରିଥିଲେ । ତାଙ୍କର ଛାତ୍ର ଜୀବନର ପ୍ରତିଭା ଏବଂ ସାହସିକତା ସେତେବେଳେ କଟକର ଯୁବ ସମାଜରେ ତାଙ୍କୁ ବିଶେଷ ଭାବରେ ପରିଚିତ କରାଇଥିଲା । ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସହକାରୀ ଭାବରେ କଟକରେ ଓକିଲାତି ଆରମ୍ଭ କରିଥିଲେ । ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ମିଷ୍ଟର ଦାସଙ୍କ ସହିତ ମଧ୍ୟ ସେ ଯୋଗ ଦେଇଥିଲେ ।

### ମଣିକାଂଚନ

୧୯୧୬ ମସିହାରେ ସେ ମାତ୍ର ତେର ବର୍ଷ ବୟସର ଝିଅ ସରଳାଙ୍କୁ ବିବାହ କରିଥିଲେ । କାରଣ ସେତେବେଳେ ଆମ ଦେଶରେ ବାଲ୍ୟ ବିବାହ ପ୍ରଥାର ପ୍ରଚଳନ ଥିଲା । ସରଳାଙ୍କର ପାଳିତ ପିତା ସ୍ୱର୍ଗୀୟ ବାଳମୁକୁନ୍ଦ କାନୁନଗୋ ସେ ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ମ୍ୟାନେଜର ଥିଲେ । କଟକ ଜିଲ୍ଲା ଜଗତସିଂହପୁର ଅଞ୍ଚଳର ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ହେଉଛି ସରଳାଙ୍କର ଗାଁ । କିନ୍ତୁ ପିଲାଟି ବେଳୁ ସେ ଦାଦାଙ୍କ ଘର ବାଙ୍କୀରେ ରହି ଲାଳିତ ପାଳିତ ହୋଇଥିଲେ । ସେଠାରେ ସେ ପାଠ ପଢୁଥିବା ବେଳେ ବାଙ୍କୀରାଣୀ ଶୁକଦେଈଙ୍କ ଆତ୍ମତ୍ୟାଗ, ଜନ୍ମଭୂମି ପ୍ରୀତି ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ତେଣୁ ସେ ଜାତୀୟତା ଆନ୍ଦୋଳନରେ ଯୋଗ ଦେଇଥିଲେ । କିନ୍ତୁ ଓଡ଼ିଆ ଘରର ଝିଅ ବୋହୂ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିବା ଯୋଗୁଁ ଅଧିକ ମର୍ମାହତ ହୋଇଥିଲେ । ସ୍ୱାଧୀନଚେତା, ଅସୀମ ସାହସୀ ଓ ଧୈର୍ଯ୍ୟ ଶାଳିନୀ ସରଳା ସମାଜର କୁସଂସ୍କାରରେ ଓଢ଼ଣା ଦେଇ ଘର କୋଣରେ ରହୁଥିବା ଉତ୍କଳୀୟ ନାରୀର ଦୁଃଖ ଦୁର୍ଦ୍ଦଶା ଓ ଜାତୀୟ ସ୍ୱାର୍ଥ ପାଇଁ ଅଣ୍ଟାଭିଡ଼ି ବାହାରି ଥିଲେ । ଭାଗୀରଥିଙ୍କର ମହାନତା ଓ ପୂର୍ଣ୍ଣ ସହଯୋଗ ଦେଶ ପାଇଁ କିଛି କରିବା ଲାଗି ତାଙ୍କୁ ଢ଼େର ଖୋରାକ ଯୋଗାଇ ଥିଲା । ଫଳରେ ତାଙ୍କ ଜୀବନର ସାଥୀ ମୁକ୍ତି ସଂଗ୍ରାମରେ ସାଥୀ ହେବା ସଙ୍ଗେ ତାଙ୍କ ପୁତ୍ର ଅମିତାଭ ମଧ୍ୟ ସେଥିରେ ଝାସ ଦେଇଥିଲେ ।

## ଭକ୍ତକୋଟୀର ବୈଷ୍ଣବ

ଭାଗୀରଥି ବାଲ୍ୟକାଳରୁ ଉତ୍ତମ ସ୍ୱଭାବ ସମେତ ଗୁରୁ ଓ ରାଧାକୃଷ୍ଣ ଭକ୍ତ ଥିଲେ । ପାଠ ପଢୁଥିବା ବେଳେ ତାଙ୍କ ମନରେ ଏହି ଭକ୍ତି ଭାବନା ଗଭୀର ପ୍ରଭାବ ବିସ୍ତାର କରିଥିଲା । ସେ ରାଧାରସ ବିହାରୀ ମଠର ପ୍ରେମ ଦାସ ବାବାଜୀଙ୍କ ସହ ସଂପର୍କ ସ୍ଥାପନ କରିଥିଲେ । ଚୈତନ୍ୟ ମହାପ୍ରଭୁଙ୍କ ବିଷୟରେ ଅଧିକ ଜାଣିବାକୁ ତାଙ୍କ ମନ ବଳାଇ ଥିଲା । ତାଙ୍କର ସୁଲଳିତ କଣ୍ଠସ୍ୱର ଥିଲା । ଅଧିକ ଭକ୍ତି ଭାବନା ସହ ଭାବ ବିହ୍ୱଳ ହୋଇ ସେ ଚୈତନ୍ୟ ନିତ୍ୟାନନ୍ଦ ମହାପ୍ରଭୁଙ୍କର ଅଷ୍ଟକ ପାଠ କରି ଅଗଣିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲେ ।

ଏତଦ୍‌ବ୍ୟତୀତ ବିଭିନ୍ନ ତାଳ, ସ୍ୱର ଲୟରେ ଖୋଳ ବଜାଇବାରେ ସେ ଥିଲେ ପାରଙ୍ଗମ । ଏକଦା ସେ ବୈଷ୍ଣବ ହୋଇ ଯିବାକୁ ମନସ୍ଥ କରି ରାଧାରସ ବିହାରୀ ମଠରେ ସାମୟିକ ରହୁଥିଲେ । ପରବର୍ତ୍ତୀ ସମୟରେ ସେ ଦୁଇଥର କଲେଜ ପାଠପଢ଼ା ଛାଡ଼ି ନବଦ୍ୱୀପ ଚାଲି ଯାଇଥିଲେ । କିନ୍ତୁ ଏଥିରୁ ନିବୃତ୍ତ ହେବାକୁ ତାଙ୍କ ପିତା ବହୁ ଚେଷ୍ଟା କରିଥିଲେ ହେଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଏକ ପରମ ବୈଷ୍ଣବ ଭାବେ ଜୀବନ କଟାଇଥିଲେ ।

## ଆଦର୍ଶ ମନୋଭାବ ଓ ସ୍ୱାଧୀନଚେତା ଦୃଷ୍ଟିଭଙ୍ଗୀ

ପିତାଙ୍କୁ ଜମିଦାରୀ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସେ ବେଳେ ବେଳେ ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ । ଫଳରେ ଗାଁ ଗଣ୍ଡାର ଶିକ୍ଷିତ, ଅଶିକ୍ଷିତ, ଧନୀ, ଦରିଦ୍ର ଜାତିବର୍ଣ୍ଣ ନିର୍ବିଶେଷରେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଥିଲେ । ଗରିବ ଲୋକଟିଏ ଦେଖିଲେ ତା ସହିତ ସମଦୁଃଖୀ ହେବା ସଙ୍ଗେ ସଙ୍ଗେ ଯଥାସାଧ୍ୟ ସାହାଯ୍ୟ କରୁଥିଲେ ।

ପ୍ରଜାମାନଙ୍କ ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ବୋଲି ସେ ନିଜକୁ ମନେ କରିବା ସଙ୍ଗେ ଆଦ୍ୟଜୀବନରୁ ସେମାନଙ୍କ ଉନ୍ନତି ନିମିତ୍ତ କିଛି ଯୋଜନା ପ୍ରସ୍ତୁତି କରିବା ପାଇଁ ମନ ବଳାଇ ଥିଲେ । ଯାହାର ପ୍ରମାଣ ସ୍ୱରୂପ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ପୁନିଆଁ ଓ ଦଶହରାରେ ପ୍ରଚଳିତ ଥିବା ଭେଟି ଓ ବେଠି ପ୍ରଥାକୁ ସର୍ବ ପ୍ରଥମେ ସେ ତାଙ୍କ ଜମିଦାରୀରେ ଉଠାଇ ଦେଇଥିଲେ । ତାଙ୍କର ଏହି ସଂସ୍କାରମୂଳକ ତଥା ସ୍ୱାଧୀନଚେତା ମନୋଭାବ ହିଁ ତାଙ୍କୁ ଟାଣି ନେଇଥିଲା ଜାତିପ୍ରାଣ, ଜନନେତା ମହାତ୍ମା ଗାନ୍ଧୀଙ୍କ ନିକଟକୁ । ତାଙ୍କରି ଆହ୍ୱାନରେ ତାଙ୍କର ସପରିବାର ଝାସ ଦେଇଥିଲେ ସ୍ୱାଧୀନତା ଆନ୍ଦୋଳନରେ ।

## ଭାରତୀ ମନ୍ଦିର

ଓଡ଼ିଶାର ସ୍ୱାଧୀନତା ସଂଗ୍ରାମକୁ ଆଖିରେ ରଖି ୧୯୧୯ ମସିହାରେ କଟକର ବାଖରାବାଦଠାରେ 'ଭାରତୀ ମନ୍ଦିର' ପ୍ରତିଷ୍ଠା ହୋଇଥିଲା । ଏହା ଏକ ସୁନ୍ଦର ପାଠାଗାର । ଆଲୋଚନାର ମିଳନସ୍ଥଳୀ ଭାବେ ମଧ୍ୟ ଏହା କାର୍ଯ୍ୟ କରୁଥିଲା । ଛାତ୍ର, ଯୁବକ, ଓକିଲ, ସାଧାରଣ କାର୍ଯ୍ୟରେ ଆଗ୍ରହ ଥିବା ବହୁ ଗୁଣୀ ଲୋକ ଏଠି ଆସି ଭେଟ ହେଉଥିଲେ । ବିଭିନ୍ନ ପ୍ରଦେଶର ଖବର ଆଲୋଚନା କରି ଭାରତୀୟ ଚିନ୍ତାଧାରା ବିସ୍ତାରରେ ଭାରତୀ ମନ୍ଦିର ବହୁ ସାହାଯ୍ୟ କରିଥିଲା । ଏଥିରେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନଗୋ ଓ ଭାଗୀରଥି ମହାପାତ୍ର ପ୍ରମୁଖ ଥିଲେ । ସମଭାବାପନ୍ନ ଲୋକଙ୍କୁ ଏକାଠି କରାଇବାରେ ଭାଗୀରଥି ବହୁ ଉଦ୍ୟମ କରିଥିଲେ । ବିଭିନ୍ନ ପ୍ରଦେଶରୁ ଖବର କାଗଜ ଓ ବହି ସଂଗ୍ରହ କରାଇବାରେ ସେ ଅନେକ କଷ୍ଟ ସ୍ୱୀକାର କରିଥିଲେ ।

## ୧୯୨୦ ଅସହଯୋଗ ଆନ୍ଦୋଳନ

ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଅଧିବେଶନରେ ବ୍ରିଟିଶ ସରକାର ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନର ନିଷ୍ପତ୍ତି ନିଆଯାଇଥିଲା । ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ କଂଗ୍ରେସ କମିଟି ଗଠିବା ପାଇଁ ମଧ୍ୟ ନିଷ୍ପତ୍ତି ହେଲା । ନାଗପୁର ସମ୍ମିଳନୀ ଏକ ଐତିହାସିକ ସମ୍ମିଳନୀ ଥିଲା । ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ ଓ ଭାଗୀରଥି ମହାପାତ୍ର ସମେତ ବହୁ ସ୍ୱାଧୀନଚେତା କଂଗ୍ରେସ କର୍ମୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଉଦ୍‌ବୁଦ୍ଧ ହୋଇ ଯୋଗ ଦେଇଥିଲେ ।

ସେଠାରୁ ଫେରିବା ପରେ ତା ୨୪.୧.୧୯୨୧ ରେ କାଠଯୋଡ଼ି କୂଳରେ ଗୋପବନ୍ଧୁ ଏକ ଆଲୋଚନା ସଭା କରିଥିଲେ । ସେଥିରେ ଅସହଯୋଗ ଆନ୍ଦୋଳନର କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ଭାଗୀରଥିଙ୍କ ଭୂମିକା ଥିଲା ଏଠାରେ ବହୁତ ବେଶୀ । ମାର୍ଚ୍ଚ ୧୯୨୧ ରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ନାମରେ ଏକ ସଂଗଠନ କଟକ ସଦର ମହକୁମାରେ ପ୍ରତିଷ୍ଠା କରାଗଲା । ଉତ୍କଳମଣି ଗୋପବନ୍ଧୁ ହୋଇଥିଲେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ସଭାପତି ଏବଂ ଭାଗୀରଥି ପ୍ରଥମ ସାଧାରଣ ସଂପାଦକ ।

ଏହାର ପରିଚାଳନା ତଥା ରକ୍ଷଣାବେକ୍ଷଣର ସମସ୍ତ ଦାୟିତ୍ୱ ତାଙ୍କରିଉପରେ ନ୍ୟସ୍ତଥିଲା । ସେ ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ଭାବେ କଟକରେ ରହୁଥିଲେ । ସବୁ ଜିଲ୍ଲା ତଥା ଗ୍ରାମମାନଙ୍କରେ ଅନୁଷ୍ଠାନର ଶାଖା ସ୍ଥାପନ କରିବା କାର୍ଯ୍ୟ ତାଙ୍କରି ଉପରେ ଥିଲା । ଉତ୍କଳମଣି ଗୋପବନ୍ଧୁ କମିଟିର ସଭାପତି ଥିବାରୁ ତାଙ୍କୁ ଅଧିକାଂଶ ସମୟ ବିଭିନ୍ନ ଅଞ୍ଚଳ ଗସ୍ତ କରିବାକୁ ପଡୁଥିଲା । ତେଣୁ କେନ୍ଦ୍ର କାର୍ଯ୍ୟାଳୟର ସମସ୍ତ ଦାୟିତ୍ୱ ସେ ସୁଚାରୁ ରୂପେ ଚଳାଉ ଥିଲେ । ତାଙ୍କ ଉତ୍ସାହ ଓ ଉଦ୍ଦୀପନା ଯୋଗୁଁ ଓଡ଼ିଶାର ବହୁ ଲୋକ କଂଗ୍ରେସରେ ଯୋଗ ଦେଇଥିଲେ ।

ମହାତ୍ମାଗାନ୍ଧୀ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସି ସ୍ୱରାଜ୍ୟ ଆଶ୍ରମରେ ରହିଥିଲାବେଳେ ତାଙ୍କ କାର୍ଯ୍ୟ ପରିଚାଳନାର ଭୂରି ପ୍ରଶଂସା କରିଥିଲେ ।

ଜବାହରଲାଲ ନେହେରୁ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ଥିଲା । ନେତାଜୀ

ପ୍ରତିପୁର୍ଣ୍ଣ ଦୁର୍ଗ ଗଡ଼ିବାକୁ କଟକ ଆସିଲାବେଳେ ଭାଗୀରଥି ସୁବାଷକର ବିପୁଳ ସମ୍ବର୍ଦ୍ଧନାର ବ୍ୟବସ୍ଥା କରିଥିଲେ ।

ଉତ୍କଳ ପ୍ରଦେଶ କଂଗ୍ରେସ ୧୨ ଜଣ ସଭ୍ୟଙ୍କୁ ମନୋନୀତ କରିଥିଲା । ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ହେବେ ଓ ଓଡ଼ିଶା ତରଫରୁ ସେମାନେ ପ୍ରତିନିଧିତ୍ୱ କରିବେ । ୧୨ ଜଣ ସଭ୍ୟଙ୍କ ମଧ୍ୟରୁ ଗୋପବନ୍ଧୁ ଦାସ, ଜଗବନ୍ଧୁ ସିଂହ, ଗୋପବନ୍ଧୁ ଚୌଧୁରୀ, ହରେକୃଷ୍ଣ ମହତାବ, ନୀଳକଣ୍ଠ ଦାସ, ଭାଗୀରଥି ମହାପାତ୍ର, ଜଗବନ୍ଧୁ ପଣ୍ଡା ଓ ଅଟଳ ବିହାରୀ ଆଚାର୍ଯ୍ୟ ପ୍ରଧାନ ଥିଲେ । ୧୯୨୦ ରେ ଓଡ଼ିଶାରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥିଲା । ଏହି ଦୁର୍ଭିକ୍ଷକୁ ଦେଖିବାଲାଗି ଗାନ୍ଧିଜୀ ୨୩.୩.୧୯୨୧ ରେ ଓଡ଼ିଶାକୁ ଆସିଥିଲେ । ପୁରୀ ଏକସପ୍ରେସରେ ଆସି ପହଞ୍ଚିବା ପରେ ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ସହ ଭାଗୀରଥି ମଧ୍ୟ ତାଙ୍କୁ ଉତ୍ସୁସିତ ସମ୍ବର୍ଦ୍ଧନା ଜଣାଇଥିଲେ ।

ମହାତ୍ମାଗାନ୍ଧୀ ଆସିବେ ବୋଲି ପୂର୍ବରୁ କଟକ, ପୁରୀ, ଗଞ୍ଜାମ, ବାଲେଶ୍ୱର ଚାରିଆଡ଼େ ପ୍ରଚାର ହୋଇଥିଲା । ସେଥିପାଇଁ ଏକ ସଭା ୧୯୨୧ ଫେବୃୟାରୀ ୯ ତାରିଖରେ କଟକର ମାରୱାଡ଼ିପଟି ସତ୍ୟନାରାୟଣ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଗୋପବନ୍ଧୁ, ଭାଗୀରଥିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏଠାରେ ଉପସ୍ଥିତ ଥିଲେ । କିନ୍ତୁ ପ୍ରବଳ ବର୍ଷା ହେବାରୁ ସଭା ବନ୍ଦ ରହିଲା ।

ତା ପରଦିନ ବକ୍ସିବଜାର ଅମରେଶ୍ୱର ମନ୍ଦିରରେ ବିରାଟ ଜନସଭା ହୋଇଥିଲା । ଭାଗୀରଥି ଅସହଯୋଗ ନୀତି ଓ ସ୍ୱରାଜ୍ୟ ବିଷୟରେ ବକ୍ତୃତା ଦେଇଥିଲେ । ବ୍ରଜବନ୍ଧୁ ଦାସ, ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ମଧ୍ୟ ସଭା ସ୍ଥଳରେ ବକ୍ତୃତା ଦେଇଥିଲେ । ପରେ ୧୩ ତାରିଖ ଦିନ ହାମଦସ୍କୁଲଠାରେ ମୁସଲମାନ ଭାଇମାନଙ୍କୁ ବକ୍ତୃତା ଦେଇ ଅସହଯୋଗର ନୀତି, ଆଦର୍ଶ ଓ କଲିକତା ଖିଲାଫତ ସଂପର୍କରେ ବୁଝାଇଥିଲେ ।

ତା' ପରେ ପରେ କଟକରେ ପ୍ରାୟ ପ୍ରତିଦିନ ସଭା ହେଉଥିଲା ଓ ଭାଗୀରଥି ସେସବୁ ସଭାର ନେତୃତ୍ୱ ନେଉଥିଲେ । ଗୋପବନ୍ଧୁ, ମୋହନ ପଟ୍ଟନାୟକଙ୍କ ସହିତ କଟକ କାମ ସାରି ଗଞ୍ଜାମ ଜିଲ୍ଲାକୁ ଯାଇଥିଲେ । ଏ ସ୍ୱରାଜ୍ୟ ଆନ୍ଦୋଳନରେ ସେତେବେଳେ ଯେଉଁମାନେ ଯୋଗ ଦେଇଥିଲେ ସେମାନଙ୍କ ଭିତରୁ ଶ୍ରୀରାଜକୃଷ୍ଣ ବୋଷ, ସରଳା ଦେବୀ ପ୍ରମୁଖ ଅନେକ ବନ୍ଦୀ ହୋଇଥିଲେ । କିନ୍ତୁ ଗୋପବନ୍ଧୁ ଓ ଭାଗୀରଥିଙ୍କ ଗିରଫଦାରି ଏକ ଐତିହାସିକ ଘଟଣା ।

୧୯୨୨ ମସିହାରେ ପ୍ରାଦେଶିକ ସଂଗଠନ କାର୍ଯ୍ୟରେ ବାଲେଶ୍ୱରରୁ ଫେରି ଅଳକାଶ୍ରମରେ ଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା । ଠିକ୍ ସେଦିନ ପୁରୀଠାରେ ମଧ୍ୟ ଫୌଜଦାରୀ ଆଇନର ୧୭ ଦଫା ଅନୁସାରେ ପ୍ରାଦେଶିକ କଂଗ୍ରେସ କମିଟି ସଭାପତି ଗୋପବନ୍ଧୁଙ୍କୁ ଗିରଫ କରି କଟକ ଅଣାଯାଇଥିଲା । ପୁନଶ୍ଚ ନିଖିଳ ଭାରତ କଂଗ୍ରେସ କମିଟି ଲକ୍ଷ୍ନୌ ବୈଠକରେ ଯୋଗ ଦେବା ପାଇଁ ଜଗତସିଂହପୁରରୁ କଟକ ବାହାରୁଥିବା ବେଳେ ପୋଲିସ୍ ତାଙ୍କୁ ଗିରଫ କରିଥିଲେ ।

ଜଗତସିଂହପୁରଠାରେ ଗୋପବନ୍ଧୁ ଓ ଭାଗୀରଥି ଉଭୟ ୧୪୪ ଧାରା ଭଙ୍ଗ କରିଥିବା ଅପରାଧରେ ଉଭୟଙ୍କ ନାମରେ ୧୮୮ ଦଫାରେ ମକଦ୍ଦମା ରୁଜୁ ହୋଇଥିଲା । ସେଥିପାଇଁ ଏକ ପ୍ରକାର ୱାରଣ୍ଟ ଜାରି ହୋଇ ସେମାନଙ୍କୁ ଗିରଫ କରାଯାଇଥିଲା । କଟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ସେହି ୧୭ ଧାରାରେ ଅନ୍ୟ ଏକ ୱାରଣ୍ଟ ମଧ୍ୟ ତାଙ୍କ ଉପରେ ଜାରି କରାଯାଇଥିଲା । ସେ ସେତିକିବେଳେ ଅସୁସ୍ଥ ଥିବାରୁ ତାଙ୍କ ଗାଁରୁ ତାଙ୍କୁ ଗୋଟିଏ ଶଗଡ଼ ଗାଡ଼ିରେ କଟକ ଅଣାଯାଇଥିଲା । ସେ ଆସୁଥିବା ବେଳେ ଶହ ଶହ ଲୋକ ତାଙ୍କୁ ବାଟରେ ଭେଟୁଥିଲେ । ସ୍ତ୍ରୀ ଲୋକମାନେ ହୁଳ ହୁଳି ଦେଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ପରଦିନ ଭାଗୀରଥିଙ୍କୁ କଟକ ଜେଲକୁ ଆଣି ପଣ୍ଡିତ ଗୋପବନ୍ଧୁଙ୍କ ସହିତ ଏକା ଜେଲରେ ରଖାଗଲା । ତା'ପରେ ପରେ ଓଡ଼ିଶାର ଚାରିଆଡ଼େ ଖାନତଲାସ କରି ବହୁ କର୍ମୀଙ୍କୁ ଗିରଫ କରାଯାଇଥିଲା ।

୧୯୨୨ ଜୁନ ୨୬ ତାରିଖରେ ଗୋପବନ୍ଧୁ, ଭାଗୀରଥି ଓ ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟଙ୍କ ବିରୁଦ୍ଧରେ ଫୌଜଦାରୀ ଆଇନର ୧୭ ଦଫା ଅନୁସାରେ ଯେଉଁ ମକଦ୍ଦମା ଚାଲିଥିଲା, ସେଥିରେ ଗୋପବନ୍ଧୁ ଓ ଭାଗୀରଥିଙ୍କୁ ୨ ବର୍ଷ ଲେଖାଏଁ ଓ ଅଟଳବିହାରୀଙ୍କୁ ଏକବର୍ଷ ଏପରି ଜେଲଦଣ୍ଡ ହୋଇଥିଲା ।

୧୯୨୮ ସାଲରେ ବ୍ରିଟିଶ ସରକାରଙ୍କ ତରଫରୁ ସାଇମନ କମିଶନ ଭାରତକୁ ଆସିଥିଲେ । ସେଥିରେ ୭ ଜଣ ସଭ୍ୟ ଥିଲେ । ସେଇ ସାତଜଣ ହେଉଛନ୍ତି ବ୍ରିଟିଶ ଲୋକ । ଜନ ସାଇମନ ସେଇ କମିଶନର ଚେୟାରମେନ ଥିଲେ । ସେଥିରେ କେହି ଭାରତୀୟ ନଥିବାରୁ ଭାରତୀୟ ଜାତୀୟ କଂଗ୍ରେସ, ମୁସଲିମଲିଗ, ଅନ୍ୟାନ୍ୟ ରାଜନୈତିକ ଦଳ ବିରୋଧ କରିଥିଲେ । ବିରୋଧ ଶୋଭାଯାତ୍ରାମାନ ମଧ୍ୟ ବାହାରି ଥିଲା ।

ଗୋପବନ୍ଧୁ ସାଇମନ କମିଶନଙ୍କୁ 'ସାଇମନ ସାତଭାଇ' ବିଦ୍ରୂପ କରି କହୁଥିଲେ । ତାଙ୍କୁ କଳାପତକା ଦେଖାଇ ସାଇମନ ଫେରିଯାଅ ଧ୍ୱନି ଦେଉଥିଲେ । ଲାଲାଲାଜପତରାୟ ଲାହୋରରେ ବିରୋଧ କରୁଥିବା ସମୟରେ ପୋଲିସ ଲାଠିମାଡ଼ ଖାଇ ମରିଯାଇଥିଲେ ।

ଠିକ୍ ସେତିକିବେଳେ ଓଡ଼ିଶାରେ ଏହି ସାଇମନ କମିଶନଙ୍କୁ ବିରୋଧ ନ କରି ସମ୍ବର୍ଦ୍ଧନା ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କାରଣ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ସାଇମନଙ୍କ ନିକଟରେ ଦାବୀ ଉପସ୍ଥାପନ କରାଯିବ । କଟକରେ ଏକ ମିଳିତ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଗୋଟିଏ କମିଟି ଗଠନ କରାଯାଇଥିଲା । କେତେକେ ଆଲୋଚନା ପାଇଁ ପାଟଣା ଯାଇଥିଲେ । କମିଶନ ବି ଏକଥା ଶୁଣି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ଲାଗି ମଂଜୁର କରିଥିଲେ ।

ଜବାହରଲାଲ ନେହେରୁ କଲିକତା ଜାତୀୟ କଂଗ୍ରେସ ଅଧିବେଶନରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଏହି ନିଷ୍ପତ୍ତିକୁ ଘୋର

ନିନ୍ଦା କରିଥିଲେ । କିନ୍ତୁ ଓଡ଼ିଶା ନେତାଙ୍କ ଏହି ନିଷ୍ପତ୍ତି ଫଳରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା । ଏହାରି ମୂଳରେ ଥିଲେ ଉତ୍କଳପ୍ରାଣ ଗୋପବନ୍ଧୁ ଓ ନିସ୍ୱାର୍ଥପର କର୍ମୀ ଭାଗୀରଥି ମହାପାତ୍ର ।

ଏହିଭଳି କଂଗ୍ରେସ କମିଟିର କାର୍ଯ୍ୟ ଲୋକପ୍ରିୟ ହୋଇଥିଲା । ସେତେବେଳେ ବିଦେଶୀ ବସ୍ତ୍ର ବର୍ଜନ କରି ସ୍ୱଦେଶୀ ବସ୍ତ୍ର ପରିଧାନ କରିବା ପାଇଁ ଖଦୀ ଆନ୍ଦୋଳନ ହୋଇଥିଲା । ଭାଗୀରଥି ଏଥିରେ ମୁଖ୍ୟ ପୁରୋଧା ଥିଲେ । ଗୋପବନ୍ଧୁ ଦାସ, ଭାଗୀରଥି ମହାପାତ୍ରଙ୍କ ଯୋଗୁଁ ଅସହଯୋଗ ଆନ୍ଦୋଳନ ଚହଳ ପକାଇଥିଲା ।

## କନିକା ବିଦ୍ରୋହ

୧୯୨୧ ମସିହାରେ କଟକର କନିକାରେ କୃଷକ ଆନ୍ଦୋଳନ ହୋଇଥିଲା । ରାଜେନ୍ଦ୍ର ନାରାୟଣ ଭଂଜଦେଓ ସେତେବେଳେ କନିକାର ପଞ୍ଚଦଶ ଜମିଦାର ଥିଲେ । ତାଙ୍କ ଅମଳରେ ସବୁଠାରୁ ଭୟାବହ ପ୍ରଜା ବିଦ୍ରୋହ ହୋଇଥିଲା । ସେ ଇଂରେଜମାନଙ୍କ ଅତିଶୟ ପ୍ରିୟପାତ୍ର ଥିଲେ । ''ଉତ୍କଳ ସମ୍ମିଳନୀର'ର ଜଣେ ନେତା ରୂପେ ଓ ଓଡ଼ିଶାର ଜମିଦାରମାନଙ୍କର ପ୍ରତିନିଧି ରୂପେ ସେ ଖୁବ୍ ପ୍ରଭାବଶାଳୀ ଥିଲେ । ସେହି ପ୍ରଭାବ ବଳରେ ସେ ବେଙ୍ଗଲ କାଉନସିଲ ଓ ବିହାର ଓଡ଼ିଶା ଲେଜିସଲେଟିଭ୍ କାଉନସିଲ ପ୍ରଭୃତିରେ ବହୁବାର ସଭ୍ୟ ମନୋନୀତ ହୋଇଥିଲେ । ଏପରିକି ସେ ଏକଦା ବିହାର-ଓଡ଼ିଶା ଏକଜିକ୍ୟୁଟିଭ୍ କାଉନସିଲର ସଭ୍ୟ ମଧ୍ୟ ହୋଇ ପାରିଥିଲେ ।

କନିକା ଗୋଟିଏ ସାମାନ୍ୟ ଜମିଦାରୀ ହୋଇଥିଲେ ସୁଦ୍ଧା ସେ ଏହାକୁ ଏକ ଗଡ଼ଜାତ ରାଜ୍ୟ ଭଳି ଶାସନ କରୁଥିଲେ । ବ୍ରିଟିଶ ଶାସକମାନଙ୍କ ଉପରେ ତାଙ୍କର ଅସାଧାରଣ ପ୍ରଭାବ ଥିବାରୁ ସେ କନିକାରେ ସ୍ୱେଚ୍ଛାଚାରୀ ଶାସନ ଚଳାଉଥିଲେ । ପ୍ରଜାମାନଙ୍କର ଜମି ଉପରେ କୌଣସି ସ୍ୱତ୍ୱ ନଥିଲା । ସେହିପରି ସେ ପ୍ରଜାମାନଙ୍କଠାରୁ ଚଉଷଠି ପ୍ରକାର କର ଆଦାୟ କରୁଥିଲେ । ୧୯୧୬ ମସିହାରେ ଓଡ଼ିଶାରେ ଚାରିଆଡ଼େ ସରକାରୀ ବନ୍ଦୋବସ୍ତ ହୋଇଥିଲା । କିନ୍ତୁ କନିକାରେ ସରକାରୀ ବନ୍ଦୋବସ୍ତ କରାଇ ନ ଦେଇ ଏକ ଘରୋଇ ବନ୍ଦୋବସ୍ତ ଦ୍ୱାରା ଜମିର ଖଜଣା ବହୁ ଗୁଣ ବଢ଼ାଇ ଦେଇଥିଲେ । ଫଳରେ ପ୍ରଜା ଅଶାନ୍ତି ବଢ଼ିଥିଲା ।

ସେତେବେଳେ କୃଷକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଥିଲା । ତାଙ୍କ ଅତ୍ୟାଚାର ସହି ନପାରି ଲୋକେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ଅଧିକ ଖଜଣା ବିରୁଦ୍ଧରେ କିଛି କଂଗ୍ରେସ ଲୋକଙ୍କ ଯୋଗୁଁ ଏ ଆନ୍ଦୋଳନ ତେଜିଥିଲା । ସେଥି ମଧ୍ୟରେ ଭାଗୀରଥି ଥିଲେ ଅନ୍ୟତମ ।

ଜମିଦାର ଭଂଜଦେଓ ବ୍ରିଟିଶ ସରକାରଙ୍କୁ କୃଷକ ଆନ୍ଦୋଳନ ଅସହଯୋଗ ଆନ୍ଦୋଳନର ଏକ ପର୍ଯ୍ୟାୟ ବୋଲି ବୁଝାଇ ଦେଇଥିଲେ । କିନ୍ତୁ ଏହି ଆନ୍ଦୋଳନ ଅତ୍ୟଧିକ କର ଧାର୍ଯ୍ୟ ବିରୁଦ୍ଧରେ ଗଢ଼ି ଉଠିଥିଲା । ବ୍ରିଟିଶ ସରକାରର ଭଲ ନଜରରେ ରହିବା ପାଇଁ ଜମିଦାର ସହଯୋଗ ଦେଉଥିଲେ । ତେଣୁ ବ୍ରିଟିଶ ସରକାର ଏ ଆନ୍ଦୋଳନକୁ ଅତ୍ୟଧିକ ଦମନ କରିବାକୁ ପୋଲିସ ଶକ୍ତି ପ୍ରୟୋଗ କରୁଥିଲେ । ଯାହା ଫଳରେ ବହୁ କୃଷକ ପୋଲିସର ଲାଠି ପ୍ରହାରରେ କ୍ଷତ ବିକ୍ଷତ ହୋଇଥିଲେ । ଦୁଇଜଣ କୃଷକ ମୃତ୍ୟୁ ବରଣ କରିଥିଲେ । ଅନେକ ଲୋକ ଗିରଫ ହୋଇଥିଲେ ।

କନିକା ଆନ୍ଦୋଳନକୁ ଚପାଇ ଦେବା ପାଇଁ ବ୍ରିଟିଶ ସରକାର କନିକାକୁ ଆଉ କୌଣସି କଂଗ୍ରେସ ନେତାଙ୍କୁ ଛାଡୁନଥିଲେ । ଅନେକ ଗୁଡ଼ିଏ ନିଷେଧାଦେଶ ମଧ୍ୟ ଜାରି କରିଥିଲେ । କିନ୍ତୁ ସେ ନିଷେଧାଦେଶକୁ ନମାନି ଗୋପବନ୍ଧୁ ଓ ଭାଗୀରଥି କନିକା ଯାଉଥିଲେ । ଫଳରେ ବ୍ରିଟିଶ ସରକାର ତାଙ୍କୁ ଗିରଫ କରି ଜେଲଦଣ୍ଡରେ ଦଣ୍ଡିତ କରିଥିଲେ ।

ଗୋପବନ୍ଧୁ ଦାସ ଓ ଭାଗୀରଥି ମହାପାତ୍ରଙ୍କ ଗିରଫକୁ ବିହାର ଓଡ଼ିଶା ବିଧାନ ପରିଷଦରେ ନିନ୍ଦା କରାଯାଇଥିଲା । କନିକା ଘଟଣାର ବେସରକାରୀ ଅନୁସନ୍ଧାନ କରିବାକୁ ସେ ସମୟରେ ଦାବୀ ଉପସ୍ଥାପନ କରାଯାଇଥିଲା । କିନ୍ତୁ ବ୍ରିଟିଶ ସରକାର ଏହାକୁ ଏକ ସାମାନ୍ୟ ଘଟଣା ମନେ କରି ଏହା ଉପରେ କୌଣସି ଅନୁସନ୍ଧାନ କଲେ ନାହିଁ । ବ୍ରିଟିଶ ସରକାର ପୋଲିସ ଲଗାଇ ଦମନ କରିଥିଲେ ।୧୯୨୨ରେ ଅନେକ କଂଗ୍ରେସ କର୍ମୀଙ୍କୁ ପୁଣି ଗିରଫ କରି ନେଇଥିଲେ ।

ଓଡ଼ିଶାର ବହୁ କଂଗ୍ରେସ ନେତା ଏହି କନିକା ପ୍ରଜା ବିଦ୍ରୋହ ସହ ଭଣା ଅଧିକେ ଜଡ଼ିତ ଥିଲେ । ତତକାଳୀନ ପ୍ରାଦେଶିକ କଂଗ୍ରେସ ସଭାପତି ଓ ସଂପାଦକଙ୍କ ବ୍ୟତୀତ ବିଶିଷ୍ଟ କଂଗ୍ରେସ ନେତା ଏକରାମରସୁଲ, ଅଚ୍ୟୁତବିହାରୀ ଆଚାର୍ଯ୍ୟ, ରାମଦାସ ବାବାଜୀ, ହରେକୃଷ୍ଣ ମହତାବ, ଯଦୁମଣି ମଂଗରାଜ ଓ ସରଳା ଦେବୀ ପ୍ରଭୃତି ସେମାନଙ୍କର ରାଜନୀତିକ ଜୀବନର ପ୍ରଥମ କାରାଦଣ୍ଡ ଭୋଗ କରିଥିଲେ । କନିକା ପ୍ରଜା ବିଦ୍ରୋହରେ ସେମାନଙ୍କର ସମ୍ବନ୍ଧ ଯୋଗୁଁ ଏହାକୁ ଲକ୍ଷ୍ୟ କରି ବନ୍ଦୀର ଆତ୍ମକଥାରେ ଗୋପବନ୍ଧୁ ଯଥାର୍ଥରେ ଲେଖିଥିଲେ -

''ଏଠା ବାହାଦୂର ବଡ଼ ପରଚଣ୍ଡ
ତାଙ୍କ ଦୟାରେ ମୋ ଆଦ୍ୟ କାରାଦଣ୍ଡ ।''

ବସ୍ତୁତଃ ସେତେବେଳେ ସରକାର ଯାହାକୁ ଗିରଫ କରିବାକୁ ଚାହୁଁଥିଲେ ସେ କନିକା ପ୍ରଜା ଆନ୍ଦୋଳନର ସମର୍ଥକ ବୋଲି ପ୍ରମାଣିତ କରିଦେଲେ ଯଥେଷ୍ଟ ହେଉଥିଲା ।

## ୧୯୪୨ ଭାରତ ଛାଡ଼ ଆନ୍ଦୋଳନ

ମହାତ୍ମାଗାନ୍ଧୀ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଲେ । ଭାରତୀୟ ଜାତୀୟ କଂଗ୍ରେସ ବମ୍ବେର ୱାର୍ଦ୍ଧା ଅଧିବେଶନରେ ତା ୧୪.୪.୧୯୪୨ ରେ ଭାରତ ଛାଡ଼ ଆନ୍ଦୋଳନ ନିଷ୍ପତ୍ତି ନିଆଗଲା ।

ସେତେବେଳେ କଟକରୁ ତା ୮.୪.୧୯୪୨ ରେ ବମ୍ବେକୁ ଚାରିଜଣ ପ୍ରତିନିଧି ଗଲେ । ଏହି ନିଷ୍ପତ୍ତିପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୯.୮.୧୯୪୨ ସକାଳେ ଭାରତୀୟ ଜାତୀୟ କଂଗ୍ରେସର ମୁଖ୍ୟ ନେତାମାନେ ଗିରଫ ହେଲେ । ମହତାବ ଅହମଦନଗର କିଲ୍ଲା ଜେଲ ଗଲେ । ସେ ଦିନ ୧୨ ଟା ବେଳେ ଓଡ଼ିଶାର ଯେଉଁ ମୁଖ୍ୟ ନେତାମାନେ ଗିରଫ ହେଲେ ସେଥିରେ ଭାଗୀରଥି ମହାପାତ୍ର ଥିଲେ ଅନ୍ୟତମ ।

ସେତେବେଳେ ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ସୁରେନ୍ଦ୍ରନାଥ ପଟ୍ଟନାୟକ, ପ୍ରାଣକୃଷ୍ଣ ପଡ଼ିଆରୀ, ମନମୋହନ ଚୌଧୁରୀ, ରାଧାନାଥ ରଥ, ଆଚାର୍ଯ୍ୟ ହରିହର ଦାସ ପ୍ରଭୃତି ଏକାଠି ଗୋଟିଏ ଜେଲରେ ଥିଲେ ।

ଏକଦା ବିପ୍ଳବ କରି ସେ ପଣ୍ଡିତ ଗୋପବନ୍ଧୁଙ୍କ ସହ କାଠଯୋଡ଼ି ତେତା ବାଲିରେ ହାତରେ ହାତକଡ଼ି ଗୋଡ଼ରେ ବେଡ଼ି ଭରି ବ୍ରିଟିଶ ପୋଲିସଙ୍କଠାରୁ ଚାବୁକମାଡ଼ ଖାଇ ଚାଲି ଚାଲି ଜେଲ ଅଭିମୁଖେ ଯାଇଥିଲେ । ଉଭୟ ଗୋପବନ୍ଧୁ ଦାସ ଓ ଭାଗୀରଥି ମହାପାତ୍ର ପୋଲିସ ଚାବୁକ ମାଡ଼ରେ ଲହୁ ଲୁହାଣ ହୋଇଥିଲେ । ଏହି ଅମାନୁଷିକ ଦୃଶ୍ୟକୁ ବର୍ଣ୍ଣନା କରିବାକୁ ଯାଇ କାବ୍ୟଭାରତୀ ସୁନ୍ଦରମଣି ପଟ୍ଟନାୟକ କହନ୍ତି -

"ରଥୀ ଭାଗୀରଥି ସ୍ୱାଧୀନ ସଂଗ୍ରାମୀ
ବନ୍ଧୁ ଗୋପବନ୍ଧୁ ସହ ଅନୁଗାମୀ
ଉତ୍ତପ୍ତ ବାଲୁକା, କାଠଯୋଡ଼ି ନଦୀ
ପଦବ୍ରଜେ ଚାଲି, କଣ୍ଟା, ଖୁଂଟ ଭେଦି !
ପାଦଧାରେ ବେଡ଼ି, ହାତକଡ଼ି ହାତେ
ଚଳୁଥିଲେ ପଥେ ଚାବୁକ ଆଘାତେ
ଝୁରି ପଡୁଥିଲା ରକ୍ତର ପ୍ରବାହ
ବିଦେଶୀ ପୋଲିସ ମହା ଭୟାବହ ।"

ପରାଧୀନ ଭାରତରେ ସେ ଉତ୍କଳମଣି ଗୋପବନ୍ଧୁଙ୍କ ସହ ତତ୍କାଳୀନ ଇଂରେଜ ସରକାରଙ୍କ ଦ୍ୱାରା ବହୁବାର କାରାରୁଦ୍ଧ ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନ ପାଇଁ ତାଙ୍କୁ କଲିକତା, ହଜାରିବାଗ, କଟକ ଓ ବ୍ରହ୍ମପୁର ପ୍ରଭୃତି ଜେଲରେ ମୋଟ ଆଠ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

**ଦୃଢ଼ମନା**

କଂଗ୍ରେସରେ ଯୋଗଦେବା ସମୟରେ ସେ କଟକରେ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ । ଅଦାଲତର ମାମଲାରୁ ନିଜର ପରିବାର ପୋଷଣ କରୁଥିଲେ ମଧ୍ୟ କଚେରୀ ଛାଡ଼ି ଦେଇଥିଲେ । ବ୍ୟକ୍ତିଗତ ଓ ଆତ୍ମୀୟ ସ୍ୱଜନଙ୍କ ସ୍ୱାର୍ଥଠାରୁ ଦେଶର ସ୍ୱାର୍ଥ ଥିଲା ତାଙ୍କ ନିକଟରେ ବଡ଼ । ସେମାନଙ୍କ ଭିତରୁ କାଳକ୍ରମେ ଅନେକେ ପୁଣି ତାଙ୍କ ବ୍ୟବସାୟକୁ ଫେରି ଆସିଥିଲେ । କିନ୍ତୁ ଦୃଢ଼ମନା ଭାଗୀରଥି ଅର୍ଥ ଉପାର୍ଜନ ପାଇଁ ଚେଷ୍ଟା କରି ନଥିଲେ କି ଜୀବନରେ ଓକିଲାତି ବ୍ୟବସାୟକୁ ଆଉ ଫେରିନଥିଲେ । ଏଭଳି ନଜିର ସମଗ୍ର ଓଡ଼ିଶାରେ ବିରଳ ।

ଅତୀତ ଓଡ଼ିଶାରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ସେ କଂଗ୍ରେସକୁ ବହୁ ସଫଳତା ଆଣି ଦେଇଥିଲେ । ନିର୍ବାଚନ ସେ ଚଳାଇ ସୁଦ୍ଧା ନିଜେ ନିର୍ବାଚନରେ କେବେ ଲଢ଼ି ନଥିଲେ । କାରଣ ତାଙ୍କର କ୍ଷମତା ଓ ପଦମର୍ଯ୍ୟାଦା ପାଇଁ କୌଣସି ଲାଳସା ନଥିଲା । କେବେ ବି କୌଣସି ପ୍ରଲୋଭନରେ ତାଙ୍କ ମତ ମଧ୍ୟ ପରିବର୍ତ୍ତନ କରି ନଥିଲେ । ସେହି ଆଦର୍ଶ ନିଷ୍ଠାରେ ସାରା ଜୀବନ କଟାଇ ଦେଲେ । ତାଙ୍କର ବଡ଼ ଗୁଣ ଥିଲା ନିଜ ବିଚାର ଉପରେ ଦୃଢ଼ ରହିବା । ଏହି ଗୁଣ ଯୋଗୁଁ ସେ ସମସ୍ତଙ୍କ ନିକଟରେ ଆଦର ଲାଭ କରିଥିଲେ ।

କଟକ ମ୍ୟୁନିସିପାଲିଟି ଓଡ଼ିଶାର ସର୍ବ ପ୍ରାଚୀନ । ପ୍ରଥମ ଥର ପାଇଁ ଭାଗୀରଥିଙ୍କର ସଂଗଠନ ପଟୁତା ଦ୍ୱାରା ଏହି ମ୍ୟୁନିସିପାଲିଟିରେ କଂଗ୍ରେସ ଶାସନ ପ୍ରତିଷ୍ଠିତ ହୋଇଥିଲା । ସେ ହୋଇଥିଲେ ଏହାର ପ୍ରଥମ କଂଗ୍ରେସ ଚେୟାରମ୍ୟାନ । ସେ ୧୯୩୭ ରୁ ୪୦ ମସିହା ପର୍ଯ୍ୟନ୍ତ ଚେୟାରମ୍ୟାନ ଥିଲେ ।

୧୯୪୫ ରେ ବ୍ରହ୍ମପୁର ଜେଲରୁ କାରାମୁକ୍ତ ହେବାପରେ ୧୯୪୭ ମସିହା ପର୍ଯ୍ୟନ୍ତ ସେଣ୍ଟ୍ରାଲ ଆସେମ୍ବ୍ଲିର ସଦସ୍ୟ ରହିଥିଲେ । ୧୯୫୬ ରୁ ୧୯୬୨ ପର୍ଯ୍ୟନ୍ତ ସେ ଓଡ଼ିଶାରୁ କେନ୍ଦ୍ର ରାଜ୍ୟସଭାକୁ ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ । ତାହାପରେ ରାଜନୀତି ପ୍ରତି ତାଙ୍କର ଆଗ୍ରହ ତୁଟି ଯାଇଥିଲା । କିନ୍ତୁ ସେ ତାଙ୍କର ଅସହଯୋଗ ବ୍ରତରେ ବରାବର ଦୃଢ଼ ହୋଇ ରହୁଥିଲେ । ଶେଷ ଜୀବନରେ ଧର୍ମାଚରଣ ପ୍ରତି ସେ ଅଧିକ ଆକୃଷ୍ଟ ହୋଇଥିଲେ ଏବଂ ଧାର୍ମିକ ଜୀବନଯାପନ କରୁଥିଲେ । ବିଧିର ବିଧାନ ଅନୁଯାୟୀ ୮୨ ବର୍ଷ ବୟସରେ ତା୨.୮.୧୯୭୫ ରେ ତାଙ୍କର ତିରୋଧାନ ହୋଇଥିଲା ।

ଆମରି ଗହଣରୁ ସେ ଆଜି ଚାଲିଯାଇଛନ୍ତି ସତ, ହେଲେ ରଖିଦେଇ ଯାଇଛନ୍ତି ଚିରନ୍ତନ ସ୍ମୃତି । ଭାଗୀରଥି ଗଙ୍ଗାକୁ ବୋହି ଆଣିଲା ପରି ସ୍ୱାଧୀନତା ସଂଗ୍ରାମର ଗଙ୍ଗା ସ୍ରୋତକୁ ଉତ୍କଳ ଭୂଇଁକୁ ବୋହି ଆଣିବାରେ ତାଙ୍କର ଉଦ୍ୟମ ବାସ୍ତବରେ ଅବିସ୍ମରଣୀୟ । ତାଙ୍କ ଭଳି ଜଣେ ଶକ୍ତିଶାଳୀ ସଂଗଠକ, ଅଦମ୍ୟ ସଂଗ୍ରାମୀ ଓ ସାର୍ଥକନାମା ପୁରୁଷ ଏ ମାଟିରେ ବିରଳ । ଆଗାମୀ ପିଢ଼ି ପାଇଁ ବାସ୍ତବରେ ସେ ଉଦାହରଣ ହୋଇ ରହିବେ ।

---

ଏମ.ଆଇ.ଜି. (ଫ୍ଲାଟ) ୪୨/୧,
ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର - ୧୬

# ଆମର ଓଡ଼ିଶା

ଶିକ୍ଷୀ ପୂର୍ଣ୍ଣଚନ୍ଦ୍ର ଶୂରଦେଓ

ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି, ବିଶ୍ୱନାଥ କର, ଅଭିରାମ ଭଞ୍ଜ, ନନ୍ଦକିଶୋର ବଳ, ମଧୁସୂଦନ ଦାସ ଓ ଗୋପାଳ ଚନ୍ଦ୍ର ପ୍ରହରାଜ ପାରଳା ମହାରାଜାଙ୍କ ଆମନ୍ତ୍ରଣ କ୍ରମେ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜୟପୁରର ମହାରାଜା ବିକ୍ରମ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ପ୍ରଥମ ଥର ପାଇଁ ଯୁବରାଜ ଭାଗନେଇ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ ହେଲେ । ୧୯୧୪ ମସିହାରେ ଜଣେ ପୃଷ୍ଠପୋଷକ ଭାବରେ ସମ୍ମିଳନୀର ବ୍ୟୟଭାର ବହନ କରିଥିବା ପାରଳା ଯୁବରାଜ ୧୯୩୧ ମସିହାରେ ଲଣ୍ଡନରେ ଅନୁଷ୍ଠିତ ଗୋଲଟେବୁଲ ବୈଠକର ପ୍ରଥମ ଅଧିବେଶନରେ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ପ୍ରତିନିଧିତ୍ୱ କରି ଏପରି ଶକ୍ତିଶାଳୀ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ସେଥିରେ ଇଂରେଜ ଶାସକ ସମ୍ମୋହିତ ହୋଇ ଯାଇଥିଲେ । ୧୯୩୧ ମସିହାରେ ଗୋଲ ଟେବୁଲର ଦ୍ୱିତୀୟ ବୈଠକରେ ଦକ୍ଷିଣ ଭାରତ ଜମିଦାରମାନଙ୍କ ପ୍ରତିନିଧିରୂପେ ଯୋଗ ଦେଇ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀ କରି ଯୁକ୍ତି ବାଢ଼ି ଥିଲେ ।

ଉତ୍କଳ ଜନନୀର ବରପୁତ୍ର ମାନଙ୍କ ଯୁକ୍ତିଯୁକ୍ତ ଦାବୀ ଉପସ୍ଥାପନ ଦ୍ୱାରା ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାମୁଏଲ ହୋର ଘୋଷଣା କଲେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ । ଶେଷରେ ଏହି ଖଣ୍ଡିତ ସ୍ୱତନ୍ତ୍ର ଉତ୍କଳ ୧୯୩୬ ମସିହାରେ ସଂପୂର୍ଣ୍ଣ ଉତ୍କଳ ରୂପେ ଗଠିତ ହେଲା । ପାରଳାମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ନାରାୟଣ ଦେବ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହେଲେ ।

୧୯୦୨-୧୯୦୩ ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରାଯାଇ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଦାବୀ କରାଯାଇଥିଲା । ସର୍ବପ୍ରଥମେ ଚିଲିକାସ୍ଥିତ ରାଜ ପ୍ରାସାଦରେ ଖଲିକୋଟ ରାଜା ହରିହର ମର୍ଦ୍ଦରାଜ, ସ୍ୱନାମଧନ୍ୟ ସାମ୍ବାଦିକ ଓ ସଂପାଦକ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ନେତୃତ୍ୱରେ ଗଞ୍ଜାମ ଜାତୀୟ ସମିତି ୧୯୦୧-୧୯୦୨ ମସିହାରେ ଆରମ୍ଭ ହୋଇଥିଲା । ଏହି ଜାତୀୟ ସମିତିରେ ଉତ୍କଳ ଗୌରବ ମଧୁସୂଦନ ଆକୃଷ୍ଟ ହୋଇ ୧୯୦୩ ମସିହାରେ କଟକରେ ଉତ୍କଳ ସମ୍ମିଳନୀ ଆହ୍ୱାନ କରିଥିଲେ । ଏହି ସମ୍ମିଳନୀରେ ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ସଭାପତିତ୍ୱ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ, ବ୍ୟାସକବି ଫକୀର ମୋହନ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, ଉତ୍କଳ ଦୀପିକାର ସଂପାଦକ ଗୌରୀଶଙ୍କର ଏବଂ ବହୁ ଜନନାୟକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

୧୯୩୫ ମସିହାରେ ଭାରତ ଶାସନ ଆଇନ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ସେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନକୁ ବ୍ୟାପକ କରାଇବା ପାଇଁ ଶଶିଭୂଷଣ ରଥ, ବ୍ରହ୍ମପୁର ସହରେ 'ନିଉ ଓଡ଼ିଶା' ଓ ଦୈନିକ 'ଆଶା' ନାମକ ଦୁଇଟି ଦୈନିକ ପତ୍ରିକା ପ୍ରକାଶ କରିଥିଲେ ।

୧୯୩୬ ମସିହା ଅପ୍ରେଲ ପହିଲା ଦିନ ନୂତନ ଓଡ଼ିଶା ପ୍ରଦେଶ ଜନ୍ମଲାଭ କଲା । ଏବେ ଓଡ଼ିଶା ବାଷଠିରେ ପହଞ୍ଚିଲା । ତଥାପି ଓଡ଼ିଶା ଗୁରୁଣ୍ଡୁଛି । ଠିଆ ଠିଆ ମଧ ହୋଇପାରିନାହିଁ । ଚାଲିବାତ ଦୂରର କଥା । ଆମ ସାତ ପଛରେ ଆନ୍ଧ୍ରପ୍ରଦେଶ ଗଠିତ ହେଲା । ଏବେ ତେଲୁଗୁ ପିଲେ ଆମକୁ ସବୁଥିରେ ବଳେଇ ଗଲେଣି ।

ପଞ୍ଜାବ, ହରିଆନା, ଗୁଜୁରାଟ, କର୍ଣ୍ଣାଟକ, ମହାରାଷ୍ଟ୍ରକୁ ଦେଖିଲେ ମଥା ନତ କରିବାକୁ ପଡ଼େ । ହୀରାକୁଦ, ପାରାଦ୍ୱୀପ, ରାଉରକେଲା, କୋଣାର୍କ, ଶ୍ରୀକ୍ଷେତ୍ର ଆଦିକୁ ନେଇ ଯେତେ ଗର୍ବ କଲେ ମଧ ଓଡ଼ିଶାର ଲୋକେ ସାରା ଦେଶରେ ଗରିବ ଲୋକ ହିସାବରେ ନାଁ କରିଛନ୍ତି । ଆମ ଓଡ଼ିଶାରେ ଖଣି, ଜଙ୍ଗଲ ଇତ୍ୟାଦି ଅସୁମାରି ସଂପଦ ଭରି ରହିଛି । ତଥାପି ଆମେ ଗରିବ । ଯେଉଁମାନେ ଓଡ଼ିଶାକୁ ଆସୁଛନ୍ତି, ସେମାନେ ଓଡ଼ିଶାର ଦାରିଦ୍ର୍ୟ ଦେଖି ଆହା କରୁଛନ୍ତି ।

ଓଡ଼ିଶା ଯେ ଭାରତର ଏକ ପଛୁଆ ଅନଗ୍ରସର ରାଜ୍ୟ, ଏଥି ନିଃସନ୍ଦେହ । ଓଡ଼ିଶା ଭାରତର ଏକ ପ୍ରଥମ ଶ୍ରେଣୀର ରାଜ୍ୟ ହୋଇ ମଧ ଅନ୍ୟାନ୍ୟ ରାଜ୍ୟ ସବୁ ଯେପରି ସବୁ କ୍ଷେତ୍ରରେ ଉନ୍ନତି କରୁଛନ୍ତି ସେପରି ଓଡ଼ିଶା କରିପାରି ନଥିବା କ୍ଷୋଭର ବିଷୟ ।

ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଗୌରବ ହରେଇ ବସିଥିବା ଓଡ଼ିଆ ଜାତି ତାର ମୁକ୍ତି ପରେ ଆତ୍ମସମ୍ମାନ ଉପଲବ୍ଧି କରିପାରିଲା ନାହିଁ । ଶତାବ୍ଦୀ ବ୍ୟାପୀ ଅବହେଳିତ ଅବସ୍ଥାରେ ଥିବା ଉତ୍କଳର ଉପାନ୍ତ ଅଞ୍ଚଳ ଆଜି ମଧ ଅନ୍ୟର ଚରାଭୂଇଁ ।

ଓଡ଼ିଆ ଜାତି ସମଗ୍ର ଦେଶକୁ ମୁକ୍ତ କରିବା ପାଇଁ ବିଦ୍ରୋହ କରିଥିଲା । ତା'ର ଜ୍ୱଳନ୍ତ ପ୍ରତୀକ ବୀର ସୁରେନ୍ଦ୍ର ସାଏ । ଏଯାଏ ଏପରି ଉଜ୍ଜ୍ୱଳ ପୁରୁଷ ଲୋକ ଲୋଚନକୁ ଆସି ନାହାନ୍ତି ।

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆଙ୍କୁ ସୁଖ ସୁବିଧାରୁ ବଞ୍ଚିତ କରାଯାଉଛି । ଏପରିକି ଓଡ଼ିଶାର ସୀମା ସଂଲଗ୍ନ ଅନ୍ତର୍ବର୍ତ୍ତୀ ଅଞ୍ଚଳକୁ ମଧ ପଡ଼ୋଶୀବାସୀ ନିଜର ବୋଲି ଦାବୀ କରୁଛନ୍ତି ।

ଏ କ୍ଷେତ୍ରରେ ଓଡ଼ିଶାବାସୀ ଯଦି ନୀରବ ରହିବେ, ତେବେ ଅପମାନ କାହାର ? ଓଡ଼ିଆମାନଙ୍କ ମଧ୍ୟରେ ଯେଉଁ ନିଶ୍ଚେଷ୍ଟତା ଦେଖାଯାଉଥିଲା ତାହା ଏବେବି ଦୂର ହୋଇନାହିଁ ।

ସୁରଶିକ୍ଷା ଭବନ
ଓଲ୍ଡ଼ ଟାଉନ୍, ନୟାଗଡ଼ - ୨

# ଓଡ଼ିଶାର ପ୍ରଥମ ରାଜବନ୍ଦୀ ରାଜକୃଷ୍ଣ ବୋଷ

ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

ଗୌରବର୍ଣ୍ଣ, ସୁଗଠିତ ଶରୀର, ତେଜୀୟାନ ଯୁବକ ରାଜକୃଷ୍ଣ ବୋଷ ଥିଲେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ । ବିଶେଷ କରି ତାଙ୍କର ଜଳଦ ଗମ୍ଭୀର ସ୍ୱରରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀରେ ପ୍ରଦତ୍ତ ଭାଷଣ ହଜାର ହଜାର ହଜାର ନରନାରୀଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରି ସ୍ୱାଧୀନତା ସଂଗ୍ରାମରେ ଭାଗ ନେବା ପାଇଁ ଅନୁପ୍ରାଣିତ କରୁଥିଲା ।

ଓଡ଼ିଶାର ପ୍ରଥମ ରାଜବନ୍ଦୀ ଥିଲେ ସେ । ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରି କଟକ ଜେଲଖାନାରେ ବନ୍ଦୀ ହୋଇଥିଲେ । ଅଦାଲତକୁ ବିଚାର ପାଇଁ ପୋଲିସ ତାଙ୍କୁ ହାତକଡ଼ି ପକାଇ ରାସ୍ତାରେ ଚଲାଇ ଚଲାଇ ନେବାବେଳେ ଜେଲଖାନାଠାରୁ କଚେରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ତାହାଙ୍କ ବିଜୟ କାମନାରେ ଶଙ୍ଖଧ୍ୱନି ହୁଳହୁଳି ସହିତ ପୁଷ୍ପବୃଷ୍ଟି ହେଉଥିଲା । ଅଦାଲତରେ ହାକିମ ବୋଷଙ୍କ ହାତରେ କଡ଼ି ପଡ଼ିବା ଦେଖି ବିରକ୍ତି ପ୍ରକାଶ କରି 'ପୋଲିସ୍ ମାନୁଆଲରେ ରାଜବନ୍ଦୀଙ୍କ ହାତରେ କଡ଼ି ପକାଇବା ପାଇଁ କେଉଁଠି ଲେଖାଯାଇଛି ?'' ପଚାରିବାରେ ପୋଲିସ୍ ବିବ୍ରତ ହୋଇ ରାଜକୃଷ୍ଣଙ୍କୁ ସମ୍ମାନର ସହିତ ଅଦାଲତକୁ ନେବା ଆଣିବା କଲେ ।

ଅବିଭକ୍ତ କଟକ ଜିଲ୍ଲାର କିଶନନଗର (କେଶନଗର) ଥାନାନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ୧୮୯୮ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୭ ତାରିଖରେ ତାଙ୍କର ଜନ୍ମ । ପିତା ଲକ୍ଷ୍ମୀ ନାରାୟଣ ବୋଷ, ମାତା ଭବାନୀ ଦେବୀ । ଲକ୍ଷ୍ମୀନାରାୟଣ ବାବୁ ଥିଲେ ବ୍ରିଟିଶ ସରକାରଙ୍କର ଏକ ବିଶ୍ୱସ୍ତ କର୍ମଚାରୀ । ପୋଲିସ୍ ଅଫିସରେ ସୁପରିଣ୍ଟେଣ୍ଡେଣ୍ଟ । ସେ କିନ୍ତୁ 'କଞ୍ଜୁସ୍ ବୋଷ ବାବୁ' ଭାବରେ ଲୋକଙ୍କ ଭିତରେ ପରିଚିତ ଥିଲେ । ସେଇ କଞ୍ଜୁସ ଲୋକଟି ଯେ ଅଭାବଗ୍ରସ୍ତ ପିଲାଙ୍କୁ ସାହାଯ୍ୟ କରିପାରେ, ଏହା କାହାପାଇଁ ବିଶ୍ୱାସଯୋଗ୍ୟ ନଥିଲା । 'ସମାଜ'ର ସଂପାଦକଙ୍କୁ ଅଧ୍ୟୟନ କାଳରେ ସେ ମାସିକ କୋଡ଼ିଏ ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ଗୋପନରେ ଦେଉଥିଲେ । ଲକ୍ଷ୍ମୀନାରାୟଣ ବାବୁ ଟଙ୍କା ସଞ୍ଚୟ କରିବାରେ କଞ୍ଜୁସ ନୀତି ଗ୍ରହଣ କରିଥିଲେ ହେଁ ଗୋପନରେ ଦାନ କରିବାରେ ମଧ୍ୟ ତତପର । ସେହିପରି ଜଣେ ପିତାଙ୍କର ପୁତ୍ର ଥିଲେ ରାଜକୃଷ୍ଣ ।

ପିଲାଟି ଦିନରୁ ରାଜକୃଷ୍ଣ ଥିଲେ ନିର୍ଭୀକ । ନବାବ ପୁଅକୁ ଜବାବ ଦେଉଥାନ୍ତି । ଅତି ସାହାସୀ ଓ ବେପରୁଆ । ତାଙ୍କ ଗ୍ରାମ ନିକଟରେ ଓଡ଼ିଶାର ବଡ଼ ନଦୀ ମହାନଦୀ ପ୍ରବାହିତ । ସେ ନଈର ଗଣ୍ଡମାନଙ୍କରେ ବହୁତ କୁମ୍ଭୀର ରହୁଥିଲେ । ଥରେ ସାଙ୍ଗ ପିଲାଙ୍କ ସଙ୍ଗେ ବାଜି ପକାଇ ରାଜକୃଷ୍ଣ ନଈ ଭିତରେ ବୁଡ଼ି ବୁଡ଼ି କୁମ୍ଭୀର ପେଟତଳ ଦେଇ ଆରପାଖେ ବାହାରିଲେ । ତାଙ୍କର ସେହି ଦୁଃସାହସିକ ପଣ ଜୀବନ ସାରା ରହିଥିଲା ଓ ସ୍ୱାଧୀନତା ସଂଗ୍ରାମରେ ରଥୀ ଭାବରେ ଲଢ଼ିବା ପାଇଁ ସାହସ ଯୋଗାଇଥିଲା ।

ଗାନ୍ଧିଜୀଙ୍କ 'କରୋ ୟା ମରୋ'' ଡାକରାରେ ଯୋଗ ଦେଇ ସେ ଜେଲ ଗଲେ । ଆହତ ବ୍ୟାଘ୍ର ପରି ଜେଲ ଭିତରେ ସେ ଗର୍ଜୁଥାନ୍ତି । ଗୋଟିଏ ଜେଲରୁ ଆଉ ଗୋଟିଏ ଜେଲକୁ ବଦଳି ହେବା ପାଇଁ ଆସିଲା ସରକାରୀ ଆଦେଶନାମା । ସେ ଆଦେଶକୁ ପ୍ରତ୍ୟାଖ୍ୟାନ କଲେ ଅସୁସ୍ଥ ବନ୍ଦୀ ଶ୍ରୀଯୁକ୍ତ ବୋଷ । ଜେଲ ଭିତରେ 'କରୋ ୟା ମରୋ' ପ୍ରତୀକ ବିଦ୍ରୋହ କଲେ । ଗୋରାସାହେବ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଆଦେଶ ଦେଲେ ଫୌଜମାନଙ୍କୁ, ଟେକି ନେଇ ତାଙ୍କୁ ଜେଲ ବାହାରେ ଗାଡ଼ିରେ ପୁରାଇବାକୁ । ସେମାନେ ମାଡ଼ି ବସି ଘୋଷାଡ଼ି ପୋଷାଡ଼ି ନେଇ ଗାଡ଼ିରେ ପୁରାଇଲେ । ସୁପରିଣ୍ଟେଣ୍ଡେଣ୍ଟ ହିକ୍ସ ସାହେବର ଅବଜ୍ଞାଭରା କଥାର ଉତ୍ତରରେ ରାଜକୃଷ୍ଣ କହିଲେ, ବେଳ ଆସୁଚି, ଆମେ ତୁମ ମାଂସ ଚୋବାଇ, ରକ୍ତ ପିଇ ଭୋଜି ଭାତ କରିବୁ ।''

ଏହି ଉତ୍ତର ଶ୍ରବଣରେ ଗୋରା ସାହେବ ରକ୍ତ ଚାଉଳ ଚୋବାଇ ହେଲେ ବି ଆଉ କିଛି କହିବାକୁ ନଥିଲା । ମାତ୍ର ବୋଷଙ୍କର ସାହେବ ପ୍ରତି ଏ ବାକ୍ୟବାଣ ସହବନ୍ଦୀମାନଙ୍କ ମଧ୍ୟରେ ଭରି ଦେଇଥିଲା ଅସୀମ ସାହସ ଓ ଅଫୁରନ୍ତ ଉତ୍ସାହ ।

ରାଜକୃଷ୍ଣଙ୍କ ବୀରତ୍ୱବ୍ୟଞ୍ଜକ ଭାଷାର ଏପରି ଅନେକ ଦୃଷ୍ଟାନ୍ତ ରହିଛି । ମ୍ୟାକ୍‌ଡୋନାଲ ନାମକ ଏକ ଦୁର୍ଦ୍ଦାନ୍ତ ଆଇ.ସି.ଏସ. ଅଫିସର ବନ୍ଦୀମାନଙ୍କ ମନରେ ଆତଙ୍କ ସୃଷ୍ଟିପାଇଁ ଫୌଜମାନଙ୍କୁ ଜେଲ ପ୍ରାଚୀରକୁ ଗୁଳି ମାରିବାକୁ ଆଦେଶ ଦିଏ । ଏହିପରି ଆତଙ୍କ ସୃଷ୍ଟିକାରୀ ଅଫିସରଟି ଆସି ଅସୁସ୍ଥ ବୋଷଙ୍କୁ ଦୃପ୍ତ କଣ୍ଠରେ ପଚାରିଲା, ମିଷ୍ଟର ବୋଷ, ମୁଁ ତୁମପାଇଁ-କଣ କରିପାରେ ? ବନ୍ଧୁକ ନଳୀରୁ ବୁଲେଟ୍ ବାହାରିଲା ପରି ବୋଷଙ୍କ ମୁଖରୁ ଉତ୍ତର ବାହାରିଲା- ତୁମର ଅନିଷ୍ଟ କରିବା ପାଇଁ ଯେତେ କ୍ଷମତା ଅଛି । ସେ ସମସ୍ତ ପ୍ରୟୋଗ କରିପାର ।

ଯେତେ ଅସହାୟ ଅବସ୍ଥାରେ ପଡୁ ପଛକେ, ଶତ୍ରୁଠାରୁ କୌଣସି ପ୍ରକାର ସାହାଯ୍ୟ ବା ସହାନୁଭୂତି ଆମର କାମ୍ୟ ନୁହେଁ। ଏହିପରି ଆତ୍ମାଭିମାନ ଓ ଦାମ୍ଭିକତା ସହବନ୍ଦୀମାନଙ୍କ ମନରେ ଭରି ଦେଉଥିଲେ ଶ୍ରୀଯୁକ୍ତ ବୋଷ।

ଜେଲଖାନାରେ ବନ୍ଦୀମାନଙ୍କ ପାଇଁ ଦିଆଯାଉଥିଲା ଗଣ୍ଡିଆ ବଗଡ଼ା ଗୋଡ଼ି ଓ ଗେଣ୍ଡା ମିଶା ଚାଉଳରେ ରନ୍ଧା ଭାତ। ପୁଳାଏ ଶାଗ ସେ ପୁଣି ଅଧୁଆ। ଡାଲଆ ପରି ଗୋଟିଏ ଅପରିଷ୍କାର ଲୁହା ବାସନ। ସେଇଥିରେ ଶୌଚକ୍ରିୟା ବି କରାଯାଏ। ବନ୍ଦୀମାନଙ୍କ ତରଫରୁ ପ୍ରତିବାଦ କରି ଆମରଣ ଅନଶନ କଲେ ରାଜକୃଷ୍ଣ ବାବୁ । ଜେଲ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଗଲେ। ତୁଙ୍ଗ ଅଧିକାରୀ ଗୋରା ସାହେବ ବୋଷଙ୍କୁ ବୁଝାଇବାକୁ ଆସିଲେ। କହିଲେ, ''ଏତ ଭାରୀ ଭଲ ଖାଦ୍ୟ। ଭିଟାମିନରେ ଭରପୁର। କ୍ଷତିଟା କଣ ?'' ବୋଷ ଉତ୍ତରରେ କହିଲେ, ''ଦେଖନ୍ତୁ ମୁଁ ଆପଣଙ୍କ କୁଣିଆ ଆଉ ଆପଣ ଘରବାଲା। ଦୟାକରି ମୋ ସହିତ ବସି ଭୋଜନ କରନ୍ତୁ।'' ଏ କଥାର ଉତ୍ତର ଦେଇ ନ ପାରି ଫେରିଗଲେ ବଡ଼ ସାହେବ।

ଏହିପରି ଥିଲେ ନିର୍ଭୀକ ଓ ଏକ୍‌ଜିଦିଆ। ରାଜକୃଷ୍ଣ ପ୍ୟାରୀମୋହନ ଏକାଡେମୀରୁ ମାଟ୍ରିକ ପାଶ୍ କରି ମେଡ଼ିକାଲ୍ ସ୍କୁଲରେ ପଢୁଥିଲେ। ତା'ପରେ ଉଚ୍ଚଶିକ୍ଷା ନିମନ୍ତେ ରେଭେନ୍ସା କଲେଜରେ ପଢ଼ିଲେ। ପଢ଼ା ବେଳର ସାଥୀ ଥିଲେ ନବକୃଷ୍ଣ ଚୌଧୁରୀ ଓ ଯଦୁମଣି ମଙ୍ଗରାଜଙ୍କ ପରି ତେଜୀୟାନ୍ ଦେଶପ୍ରେମୀ ଯୁବବୃନ୍ଦ। ଏମାନେ ଥିଲେ ଉଗ୍ରବାଦୀ, ବହୁପାଠୀ ଓ ବାଗ୍ମୀ।

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଦେଶବାସୀଙ୍କୁ ଜାଗ୍ରତ କଲା। ଗାନ୍ଧିଜୀ ଦେଶବ୍ୟାପୀ ପଦଯାତ୍ରା କରି ଓଡ଼ିଶା ଆସିଥିଲେ। ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଗାଉଁଲୀ ଓଡ଼ିଆ ଭାଷାରେ ଅନୁବାଦ କରି ଜନସାଧାରଣଙ୍କ ମନ ଛୁଇଁଲା ଭଳି କହିବାରେ ଧୂରନ୍ଧର ଥିଲେ ରାଜକୃଷ୍ଣ। କୌଣସି କାର୍ଯ୍ୟବଶତଃ ସେ ଅନୁପସ୍ଥିତ ଥିଲେ ଗାନ୍ଧିଜୀ ଖୋଜି ପକାନ୍ତି, ''କୁଆଡ଼େ ଗଲେ ସେ ଗାଉଁଲୀ ତର୍ଜମାକାରୀ ?'' ୧୯୨୦ରେ ମହାତ୍ମାଜୀ କାଠଯୋଡ଼ି ବାଲିରେ ଯେଉଁ ସଭା କରିଥିଲେ, ତହିଁରେ ସେ ଅନୁବାଦକ କାର୍ଯ୍ୟ କରିଥିଲେ। ୧୯୨୧ ରେ କଟକ ଜେଲ୍‌ରେ ବନ୍ଦୀ ହେଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଇଂରେଜମାନଙ୍କ ବିଜୟ ଯୋଗୁଁ ରାଜବନ୍ଦୀମାନେ ମୁକ୍ତି ପାଇଲେ। ନିଜ ନିଜ ଘରକୁ ଯିବାପରେ ସାଂସାରିକ ଜଞ୍ଜାଳରେ ଲିପ୍ତ ରହିବାରୁ ଗାନ୍ଧିଜୀଙ୍କ ଆହ୍ୱାନ 'କରବା ମର' ଭାବନା କର୍ମୀଙ୍କ ମନରୁ ଶିଥିଳ ହୋଇଗଲା। ରାଜକୃଷ୍ଣ ବାବୁ ନିଜ ପରିବାରର କଥା ଭୁଲି ମୁକ୍ତ ବନ୍ଦୀମାନଙ୍କୁ ଘରେ ଘରେ ସନ୍ଧୋଳିବାକୁ ପହଞ୍ଚିଲେ। ଏ ବନ୍ଧୁ ସନ୍ଧୋଳା ମାମୁଲି ଧରଣର ନ ଥିଲା। ବରଂ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମ ସାଙ୍ଗକୁ ଆସନ୍ନ ପୂର୍ଣ୍ଣ ସ୍ୱାଧୀନତା ନିମନ୍ତେ ଦେଶବାସୀଙ୍କୁ ପ୍ରସ୍ତୁତ କରିବାର ପ୍ରୟାସ।

ଜଣେ ସହବନ୍ଦୀ ବିରଜା ପ୍ରସାଦ ରାୟ ଆପଣାର ଅନୁଭୂତି ବିଷୟରେହ କହନ୍ତି, ''ଦିନେ ଚନ୍ଦ୍ରଭଦିଆ ରୂପ ନେଇ ରାଜକୃଷ୍ଣ ବାବୁ ହଠାତ୍ ମୋ ଦୁଆରେ ଉଭା ହେଲେ। ମୋ ସ୍ତ୍ରୀ ପାଦ ଧୋଇ ପଣତ କାନିରେ ଗୋଡ଼ ପୋଛିଲା ବେଳକୁ ସେ ହସି ହସି କହିଲେ, 'ତୁ ସେ କନାରେ ଗୋଡ଼ ପୋଛି ଦେଲୁ ସହିଲି, କିନ୍ତୁ ତାକୁ ପିନ୍ଧି ଭାତ ରାନ୍ଧି ଦେଲେ ଖାଇବି ନାହିଁ। ତୁ ମୋ ଝିଅ। ସଂଗ୍ରାମୀ ବିରଜାର ସ୍ତ୍ରୀ।'' ବିରଜା ବାବୁଙ୍କ ପତ୍ନୀ ଲାଜରେ ଚଟପଟ ଯାଇ ଖଦଡ଼ ଧୋତି ଓ ଚାଦରରେ ଘୋଡ଼େଇ ହୋଇ ରୋଷେଇ ବସାଇଲେ । ଉପସ୍ଥିତ ଅନ୍ୟ କଂଗ୍ରେସ କର୍ମୀମାନେ ମୁରୁକିହସା ଦେଉଥାଆନ୍ତି। ସେ ଯା' ହେଉ ସ୍ୱାମୀ ବିରଜା ରାୟଙ୍କୁ ସେ ଆପଣା ଓଜସ୍ୱିନୀ ଭାଷଣରେ ଶିଷ୍ୟ କରିଥିଲେ। ଏଥର ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଦେଶପ୍ରେମରେ ଦୀକ୍ଷିତ କରି ଖଦଡ଼ ଭୂଷଣା କରିଦେଲେ।

୧୯୪୨ର ଭାରତ ଛାଡ଼ ଆନ୍ଦୋଳନ। ଓଡ଼ିଶାର ସହର ବଜାର ଠାରୁ ଆରମ୍ଭ କରି ପୁରପଲ୍ଲୀର କୋଣେ କୋଣେ ଗସ୍ତ କରି ଖୋଲାଇ ଦେଲେ ଏ ବାର୍ତ୍ତା। ସେ ନେତା ଭାବରେ ନୁହେଁ, ବରଂ ଜଣେ ସଚ୍ଚା କଂଗ୍ରେସ କର୍ମୀ ଭାବରେ ଆପଣାକୁ ପରିଚିତ କରାଉଥିଲେ। ପୂଜ୍ୟ ଗୋପବାବୁ (ଗୋପବନ୍ଧୁ ଚୌଧୁରୀ) ଓ ମା' ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗ୍ରାମ୍ୟ ଜୀବନ ଆଦରି ନେଇଥିଲେ। ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ଓଡ଼ିଶାର ଘରେ ଘରେ ପହଞ୍ଚାଇଦେବା ଥିଲା ତାଙ୍କର ବ୍ରତ। ଗ୍ରାମବାସୀଙ୍କର ଦୁଃଖ ଦୂରକରିବା ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତିବିଧାନ ନିମନ୍ତେ ସେ ଥିଲେ ସର୍ବଦା ଚିନ୍ତିତ। ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଉନ୍ନତି ତଥା ନିରାପତ୍ତା ପାଇଁ ସତତ ସଚେତନ ଥିଲେ ସେ। ସେହି ୧୯୪୨ ମସିହାରେ ଘରେ ଘରେ ବ୍ୟାପିଲା ମେଲେରିଆ ଜ୍ୱର। ପୁଣି ମଝିରେ ମଝିରେ ହଇଜା ମହାମାରୀ। ରାଜକୃଷ୍ଣବାବୁ ସପରିବାର ପାଦରେ ଚାଲି ଚାଲି ଲୋକଙ୍କ ଦୁଆରେ ସେବା କରିବାକୁ ଉପସ୍ଥିତ ହୁଅନ୍ତି।

ସେ ସମୟରେ କିଶନ୍‌ନଗର ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ଦେଖାଦେଲା। ମାଙ୍କଡ଼ଙ୍କ ଉତ୍ପାତରେ ପିଲାଛୁଆ, ଝିଅବୋହୂ ପଦାକୁ ଗୋଡ଼ କାଢ଼ି ପାରିଲେ ନାହିଁ। କ୍ଷେତରେ ଫସଲ ରଖାଇ ଦେଲେ ନାହିଁ। ଏପରିକି ବାଡ଼ିରେ ସବଜା ଗଛଟିଏ ସୁଦ୍ଧା ଦେଖିବାକୁ ମିଳିଲା ନାହିଁ। ରାଜକୃଷ୍ଣ ବାବୁ ନିଜ ହାତରୁ ଅର୍ଥ ବ୍ୟୟ କରି ଶିକାରୀମାନଙ୍କୁ ବର୍ଷ ବର୍ଷ ଧରି ଆପଣା ଗୃହରେ ରଖି ହଜାର ହଜାର ମାଙ୍କଡ଼ ମରାଇ ଫସଲ ରକ୍ଷା କରିଥିଲେ। ଏଥିରେ ତାଙ୍କୁ କେହି ସାହାଯ୍ୟ କଲେ ନାହିଁ, ବରଂ ସମାଲୋଚନା କଲେ।

ବାରବା ଓ କେଣ୍ଡ୍ରାନଗର ମଝିରେ କାରଜଙ୍ଗର ଜଙ୍ଗଲ। ଚିତା ବାଘ ଉତ୍ପାତରେ ଲୋକେ ରହିପାରିଲେ ନାହିଁ। ସରକାରୀ ଜନ ଓ ଅନ୍ୟାନ୍ୟ ଚେଷ୍ଟା ବିଫଳ ହେଲା। ସ୍କୁଲ ପଢୁଆ ପୁଅ 'ବୁଲୁ' (ବଟ୍ୟଘାଟୀ ବୋଷ)କୁ ବନ୍ଧୁକଚାଳନା ତାଲିମ ଦେଇ ତାକୁ ଏ ଚିତାବାଘ ଶିକାର ପାଇଁ ହୁକୁମ୍ ଦେଲେ। ପ୍ରାୟ ପାଞ୍ଚ ବର୍ଷକାଳ ଅକ୍ଳାନ୍ତ ପରିଶ୍ରମ କରି ଜଙ୍ଗଲରେ ଚାଲି ଚାଲି, ନିଜ ଜୀବନକୁ ବିପନ୍ନ କରି ପୁତ୍ର ତାଙ୍କର କୃତକାର୍ଯ୍ୟ ହେଲା।

ଯେ ଜଙ୍ଗଲରୁ ବାଘର ଭୟ ଲୋପ ପାଇଲା ଓ ଆଖପାଖର ଗ୍ରାମବାସୀମାନେ ନିରାପଦରେ କାଳ କାଟିଲେ ।

ଏଇ ଜଙ୍ଗଲକୁ କେନ୍ଦ୍ରକରି ଚାଲିଲା ପ୍ରଜା ଆନ୍ଦୋଳନ ରାଜକୃଷ୍ଣ ବାବୁଙ୍କ ନେତୃତ୍ୱରେ । ଏହାର ମାଲିକ ଥିଲେ କଟକ ବକ୍ସିବଜାର ନିବାସୀ ଜମିଦାର ବଳରାମ ଭଗତ । ପ୍ରଜାଆନ୍ଦୋଳନରେ ଅତିଷ୍ଠ ହୋଇ ଜମିଦାର ଜଙ୍ଗଲଟିକୁ ରାଜକୃଷ୍ଣ ବାବୁଙ୍କ ହସ୍ତରେ ଅର୍ପଣ କଲେ । ରାଜକୃଷ୍ଣ ବାବୁ ସେଥିମଧ୍ୟରୁ ଗୋଟିଏ ଭାଗ ଜଙ୍ଗଲ ବିଭାଗକୁ ଓ ଅନ୍ୟ ଭାଗଟି ପଶୁପାଳନ ବିଭାଗକୁ ହସ୍ତାନ୍ତର କଲେ । ଜଙ୍ଗଲ ବିଭାଗ ଦ୍ୱାରା ଏବେ ସାମାଜିକ ଜଙ୍ଗଲୀକରଣ କାର୍ଯ୍ୟ ହେଉଅଛି । ପଶୁପାଳନ ବିଭାଗ ଜଙ୍ଗଲ ସଫାକରି ଘାସ ଚାଷ କରି ଚାଷୀମାନଙ୍କୁ ମାଗଣାରେ ଘାସ ଯୋଗାଇଲେ, କେତେକ ଜମି ଆବାଦ କରି ଚାଷବାସ ମଧ୍ୟ କରାହେଲା ।

ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ବିଶିଷ୍ଟ ନେତା ପବିତ୍ର ମୋହନ ପ୍ରଧାନଙ୍କ ସହିତ ଶ୍ରୀଯୁକ୍ତ ବୋଷ ଯାଉଥିଲେ କଳାହାଣ୍ଡି । ଭବାନୀପାଟଣାରେ ବ୍ରିଟିଶ ଓ ରାଜତନ୍ତ୍ର ବିରୁଦ୍ଧରେ ବଜ୍ର ଗମ୍ଭୀର ଧ୍ୱନିରେ ପ୍ରଚାର କରିବାକୁ ଲାଗିଲେ । ରାଜକୃଷ୍ଣଙ୍କ ଜ୍ୱାଳାମୟୀ ଭାଷଣରେ ମୁଗ୍ଧ ହୋଇ କଳାହାଣ୍ଡି ରାଜାଙ୍କ ଡ଼ାକ୍ତର ହାରାଚାନ୍ଦ ଦାସ ଆପଣାର କନ୍ୟା ମୃଣାଳିନୀଙ୍କୁ ତାଙ୍କ ହସ୍ତରେ ଅର୍ପଣ କରିବାକୁ ସ୍ଥିର କଲେ । ଗୋଟିଏ ଲଙ୍ଗୋଟାପିନ୍ଧା କଂଗ୍ରେସିଆ ଟୋକାର ବା ଭବିଷ୍ୟତ କଣ ? - ଏଇ କଥା କହି ଡ଼ାକ୍ତରଙ୍କ ଆତ୍ମୀୟ ସ୍ୱଜନ ଏ ବିବାହର ବିରୋଧ କଲେ । ମାତ୍ର ଡ଼ାକ୍ତର ଥିଲେ ଦୃଢ଼ପ୍ରତିଜ୍ଞ । ସେ କହିଲେ, ''ଦେଖ ଦେଶବାସୀଙ୍କର କେତେ ସ୍ନେହ ଆଦର ପାଇଛି ସେ ପିଲା । କେତେ ଲୋକଙ୍କର ଫୁଲମାଳ ତା'ଗଳାରେ ପଡୁଛି । ଏପରି ପିଲାଟେ ଆଉ ଅଛି କି ?'' ଆତ୍ମୀୟମାନଙ୍କ ବିରୋଧକୁ ଅମାନ୍ୟ କରି ଡ଼ାକ୍ତର ସ୍ଥିର କଲେ ରାଜକୃଷ୍ଣଙ୍କୁ ଜାମାତା କରିବା ପାଇଁ । କିନ୍ତୁ ତାଙ୍କର ଖିଆଲ ଅଦ୍ଭୁତ । ସେ ବିବାହର ଆଡ଼ମ୍ବରକୁ ପସନ୍ଦ କରୁ ନଥିଲେ କି ପ୍ରଶ୍ରୟ ଦେଉ ନଥିଲେ । ବାହା ହେବା ବୟସ ତାଙ୍କର ଦେଶ ସେବାରେ କଟି ଯାଉଥିଲା । ପରିଣତ ବୟସରେ ପରିଣୀତ ହେବାକୁ ସେ ଇଚ୍ଛୁକ ନଥିଲେ । ବନ୍ଧୁବାନ୍ଧବ ସମସ୍ତେ ବୁଝାଇ ରାଜି କରାଇଲେ । ଆଡ଼ମ୍ବରରେ ବାହାଘର ହେବା ସମସ୍ତଙ୍କ ଇଚ୍ଛା । ପିତାଙ୍କର ଏକମାତ୍ର ସନ୍ତାନ । ଡ଼ାକ୍ତରି ପାଠ, ଉଚ୍ଚ ଶିକ୍ଷା ଛାଡ଼ି ଦେଶର ମୁକ୍ତି, ଜାତିର ସଂସ୍କାର ଓ ଜନସେବାରେ ସେ ଝାସ ଦେଇଛନ୍ତି । ଏଭଳି ବରର ବିବାହ ଉତ୍ସବ ଆଡ଼ମ୍ବରରେ ହେବା ସମସ୍ତଙ୍କଠୁଁ ଶୁଣି ରାଜକୃଷ୍ଣ କହିଲେ, ''ମୁଁ କଣ ଦେଖଣାହାରୀ, କୁଜା ନା କାଳିଆ ଯେ ଠକିବା ଲାଗି ବରବେଶ ସାଜି ଗାଡ଼ି ଘୋଡ଼ାରେ ଯିବି ?''

ତାଙ୍କର ଚେହେରା ଥିଲା ସୁନ୍ଦର । ଶରୀର ବ୍ୟାୟାମ ପୁଷ୍ଟ । ଗୋଟିଏ ଖଦଡ଼ ପିନ୍ଧିବାରୁ ଥିଲା ଅତ୍ୟନ୍ତ ଆକର୍ଷଣୀୟ । ସବୁଦିନିଆ ଖଦଡ ଧୋତି ଓ ଚାଦର ପିନ୍ଧି ପାଦରେ ଚାଲି କେଇଜଣ ବରଯାତ୍ରୀଙ୍କ ମେଳରେ ଯାଇ ପହଞ୍ଚିଲେ କନ୍ୟାଗୃହରେ । ସଙ୍ଗୀମାନଙ୍କ ମଧ୍ୟରୁ ଜଣେ ଢୋଲ ବଜାଇ ଘୋଷଣା କରି ବରଯାତ୍ରୀଙ୍କ ଆଗମନ ଶୋଭାଯାତ୍ରାର ପ୍ରଚାର କରୁଥାନ୍ତି । କଟକ ସହରର କୌତୂହଳୀ ଦର୍ଶକ ମଣ୍ଡଳୀ ଓ ବନ୍ଧୁଗଣ ଏ ଧରଣର ବରଯାତ୍ରୀ ଦେଖିବା ପାଇଁ ସ୍ଥାନେ ସ୍ଥାନେ ରୁଣ୍ଡ ହୋଇଥାନ୍ତି । ଆଦର୍ଶ ବିବାହ ଶେଷ ହେଲା । ଡ଼ାକ୍ତରଙ୍କ ସୁନ୍ଦରୀ କନ୍ୟା ମୃଣାଳିନୀ ଶ୍ୱଶୁର ଘରକୁ ଆସିଲେ ବୋହୂ ହୋଇ । ଆସିବାମାତ୍ରେ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁରୁସେବା, ଗୋରୁସେବା, ଅତିଥି ସେବା ଓ ସୂତାକଟା କର୍ମୀମାନଙ୍କ ପାଇଁ ରୋଷେଇ କାର୍ଯ୍ୟରେ ଲାଗି ପଡ଼ିଲେ । ଓଡ଼ିଶା ସାରା କର୍ମୀ ଓ ଭାରତର ବିଖ୍ୟାତ ନେତାମାନେ ଆସନ୍ତି ବଙ୍ଗାଳିସାହି ସ୍ଥିତ ରାଜକୃଷ୍ଣ ବୋଷଙ୍କ ବାସଭବନକୁ । ସମସ୍ତଙ୍କୁ ରାନ୍ଧିବାଢ଼ି ଖୁଆଇବାରେ ମୃଣାଳିନୀଙ୍କର ଆନନ୍ଦ । ରୋଗୀଠାରୁ ଖବର ପାଇଲେ ହୋମିପାଥି ଔଷଧ ଧରି ହାଜର ହୁଅନ୍ତି ମୃଣାଳିନୀ । କାହାରି ପ୍ରସବ ଯନ୍ତ୍ରଣା ଶୁଣିଲାମାତ୍ରେ ସେଠାରେ ଉପସ୍ଥିତ ହୋଇ ସେବା କାର୍ଯ୍ୟରେ ଲାଗିଯାନ୍ତି । ରାଜକୃଷ୍ଣ ବାବୁ ଜେଲଯିବା କାଳରେ କଂଗ୍ରେସର କର୍ମଧାରାକୁ ବଞ୍ଚାଇ ରଖନ୍ତି ତାଙ୍କର ଅର୍ଦ୍ଧାଙ୍ଗିନୀ ।

ଲୋକମାନଙ୍କର ପ୍ରତିନିଧିଙ୍କ ସମ୍ମତି ବିନା ଭାରତକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ କରିବା ପାଇଁ ବ୍ରିଟିଶ୍ ସରକାରର ନିଷ୍ପତ୍ତି ବିରୁଦ୍ଧରେ କଂଗ୍ରେସ ପ୍ରତିବାଦ କରିବାରୁ ମହାତ୍ମାଗାନ୍ଧୀ ସରକାର ସହ ଅସହଯୋଗ କଲେ । କଂଗ୍ରେସ ନେତାମାନେ ମନ୍ତ୍ରୀତ୍ୱ ତ୍ୟାଗ କଲେ । ମହାତ୍ମାଜୀଙ୍କ ଠାରୁ ଆରମ୍ଭ କରି କର୍ମୀମାନଙ୍କୁ ସୁଦ୍ଧା ଗିରଫ କରାଗଲା । ସେତେବେଳେ ରାଜକୃଷ୍ଣ ବାବୁ ଖୁବ୍ ପୀଡ଼ିତ ଓ ଶଯ୍ୟାଶାୟୀ । ଦେହ ଓ ପରିବାରର ମୋହ ଠାରୁ ଦେଶପ୍ରେମର ଆହ୍ୱାନ ତାଙ୍କୁ ବନ୍ଦୀଶାଳାକୁ ଘେନିଗଲା । ଏହି ସମୟରେ ନୂଆ ମନ୍ତ୍ରୀମଣ୍ଡଳରେ ରାଜକୃଷ୍ଣ ବାବୁ ଓ ତାଙ୍କୁ ଯୋଗ ଦେବାପାଇଁ ଶାସକ ଗୋଷ୍ଠୀ ପକ୍ଷରୁ ମୃଣାଳିନୀ ଦେବୀଙ୍କ ଉପରେ ଚାପ ପକାଯାଇଥିଲା । ଅସହାୟ ଓ ଅଭାବଗ୍ରସ୍ତା ହେଲେ ବି ମୃଣାଳିନୀ ଦେବୀ ଅର୍ଥ ଓ କ୍ଷମତାର ଲୋଭକୁ ପ୍ରତ୍ୟାଖ୍ୟାନ କରି କହିଥିଲେ - ''ରାଜକୃଷ୍ଣ ବାବୁ ଜେଲରେ ମଲେ ମୁଁ ଶହୀଦର ବିଧବା ହେବି । କିନ୍ତୁ ଗୋଠଖଣ୍ଡିଆ, ଧର୍ମଛଡ଼ା, ବ୍ରିଟିଶ୍ ପାଦଚଟାର ଭାର୍ଯ୍ୟା ହେବ ନାହିଁ । ବରଂ ଆତ୍ମହତ୍ୟା କରିବି ।'' ପରିଣାମରେ ଶାସକ ଗୋଷ୍ଠୀର ପ୍ରତିହିଂସାର ଶିକାର ହେଲେ ମୃଣାଳିନୀ ।

ମହାତ୍ମାଜୀ ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ପିଲାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଗାନ୍ଧୀବାଦୀ ରାଜକୃଷ୍ଣ ଓଡ଼ିଶାରେ ମୌଳିକ ଶିକ୍ଷା ପ୍ରସାର ପାଇଁ ଆଗରେ ହୋଇଥିଲେ । ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ସନ୍ତାନ ମୌଳିକ ଶିକ୍ଷା ପାଇବା ଆବଶ୍ୟକ ବୋଲି ଗାନ୍ଧିଜୀଙ୍କର ସନ୍ଦେଶ ଥିବାରୁ ରାଜକୃଷ୍ଣ ବାବୁ ଆପଣାର ପୁତ୍ରକନ୍ୟା ସବ୍ୟସାଚୀ, ସଂଘମିତ୍ରା, ଅତିଶା ଓ ଶିବକୃପାଙ୍କୁ ମୌଳିକ ଶିକ୍ଷା ପାଇବା ପାଇଁ ବରୀ-ରାମଚନ୍ଦ୍ରପୁର ଆଶ୍ରମରେ ଗୋପବାବୁ, ରମାଦେବୀ, ଆଚାର୍ଯ୍ୟ (ହରିହର) ମହାଶୟ ଓ ଶରତ ମହାରଣାଙ୍କ ପାଖରେ ଛାଡ଼ିଲେ । ସେଠାରେ ଆଶ୍ରମଜୀବନ ଥିଲା ସ୍ୱାବଲମ୍ବୀ ହେବାପାଇଁ ସବୁ ପ୍ରକାର ପ୍ରଚେଷ୍ଟାର ମାର୍ଗ । ପିଲାମାନଙ୍କୁ ପାଇଖାନା ସଫେଇଠି, ବଗିଚା କାମ, ମହୁଚାଷ, ସାକ୍ଷରତା ପାଇଁ ଶିକ୍ଷା ଦେବା କୌଶଳ, ହରିଜନ ବସ୍ତି ସଫେଇ, ସୂତାକଟା, ଗୋସେବା ଆଦି ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ନୈତାଲିମର ୧୮ ଦଫା (ପରେ ୨୪ ଦଫା) କାର୍ଯ୍ୟକ୍ରମ ଶିକ୍ଷା

ଦିଆଯାଉଥିଲା । ପିଲାମାନଙ୍କୁ ଫସଲ କରିବା ନିମନ୍ତେ ଖଣ୍ଡିଏ ଖଣ୍ଡିଏ ଜମି ବାଣ୍ଟିଦେଇ ବଗିଚା କରିବା ଦାୟିତ୍ୱ ଦିଆଯାଉଥିଲା । ତହିଁରୁ ଉତ୍ପନ୍ନ ପନିପରିବା ଆଶ୍ରମରେ ରନ୍ଧନରେ ଲାଗେ । ଆଶ୍ରମରେ ବସଡ଼ା ଚାଉଳ ଭାତ, ସିଝାପରିବା ଓ ଡାଲି ଖାଇବାକୁ ଦିଆଯାଏ । ଭାରତର ବଡ଼ ବଡ଼ ନେତାମାନେ ଆସି ଏଠାରେ ଆପଣା ଆପଣାର ଅଭିଜ୍ଞତା ବର୍ଣ୍ଣନା କରି ପିଲାମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରନ୍ତି । ପିଲାମାନେ ମଧ୍ୟ ଏହି ବିଶିଷ୍ଟ ଅତିଥିମାନଙ୍କ ସଂପର୍କରେ ଆସନ୍ତି ଓ ସେମାନଙ୍କ ଠାରୁ ସେବା କରିବାର ଅଭିଜ୍ଞତା ଅର୍ଜନ କରନ୍ତି ।

ରାଜକୃଷ୍ଣଙ୍କ ଉପରେ ଗାନ୍ଧୀ ଓ ସୁଭାଷ ବୋଷଙ୍କ ଆଦର୍ଶର ପ୍ରଭାବ ପଡ଼ିଥିଲା । ଦେଶ ସ୍ୱାଧୀନ ହେଲା ସତ, ମାତ୍ର ପରାଜୟକ୍ଳିଷ୍ଟ ନେତୃମଣ୍ଡଳୀ ମାନିନେଲେ ଦେଶର ବିଭାଜନକୁ । ଅଖଣ୍ଡ ଭାରତ ନମିଳିବାରୁ ତାଙ୍କ ମନରେ ଗ୍ଳାନି ରହିଗଲା ।

ଦିଲ୍ଲୀରେ ନୂତନ ସମ୍ବିଧାନ ପ୍ରଣୟନ ପାଇଁ ସମ୍ବିଧାନ ପ୍ରଣୟନ ସଭା ଗଢ଼ାଗଲା । ଶାସନ ବିଧାୟକ ସଭାରେ ସଭ୍ୟ ହେଲେ ରାଜକୃଷ୍ଣ ବାବୁ । ପଣ୍ଡିତ ନୀଳକଣ୍ଠ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦି ବିଶିଷ୍ଟ ନେତାମାନେ କଂଗ୍ରେସର ମୁଖ୍ୟ ସ୍ରୋତରୁ ଅଲଗା ହୋଇଗଲେ । ପୁରାତନ କର୍ମୀମାନଙ୍କ ମଧ୍ୟରୁ ଭାଗିରଥୀ ମହାପାତ୍ର, ରାଜକୃଷ୍ଣ ବୋଷ ଓ ଲୋକନାଥ ମିଶ୍ର ଆଦି କଂଗ୍ରେସ ଆଦର୍ଶରେ ମାତି ରହିଲେ । ଏହାପରେ ପ୍ରାଦେଶିକ ସରକାର ନାମ ପରିବର୍ତ୍ତିତ ହୋଇ ରାଜ୍ୟ ସରକାର ଗଢ଼ାଗଲା । ୧୯୫୧-୫୨ ପ୍ରଥମ ସାଧାରଣ ନିର୍ବାଚନରେ ବିଧାନସଭାକୁ ନିର୍ବାଚିତ ହୋଇ ପୂର୍ତ୍ତବିଭାଗର ମନ୍ତ୍ରୀ ହେଲେ ରାଜକୃଷ୍ଣ । ଗାନ୍ଧୀ, ଗୋପବନ୍ଧୁ ଓ ରମାଦେବୀଙ୍କ ଆଦର୍ଶକୁ ଆଗରେ ରଖି କର୍ମ କ୍ଷେତ୍ରରେ ଆଗେଇ ଯାଆନ୍ତି ସେ । ମନ୍ତ୍ରୀତ୍ୱ କାଳରେ ସେ କେବେହେଲେ କର୍ତ୍ତବ୍ୟ ପାଳନରେ ତ୍ରୁଟି କରିନାହାନ୍ତି । ପୁତ୍ରର ଚିକିତ୍ସାବେଳେ ମେଡ଼ିକାଲରେ ଦଉଡ଼ି ପକାଇ ସରକାରୀ କାର୍ଯ୍ୟ ତୁଲାଇଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା, ସେ ପୂର୍ତ୍ତମନ୍ତ୍ରୀ ଥାଇ ଆପଣା ଘରର ଛାତଟି ସୁଦ୍ଧା ପକାଇ ପାରିନାହାନ୍ତି । କଂଗ୍ରେସ କର୍ମୀମାନଙ୍କର ଏକଦା କେନ୍ଦ୍ରସ୍ଥଳ ଓ ଭାରତର ବିଶିଷ୍ଟ ଜନନାୟକମାନଙ୍କ ଆଗମନର ସ୍ମୃତି ବହନ କରିଥିବା ସେ ଗୃହଟି ଏବେ ଭୁଷୁଡ଼ି ପଡ଼ିବା ଉପରେ ।

ରାଜକୃଷ୍ଣ ବାବୁ ପାର୍ଲାମେଣ୍ଟାରୀ ସେକ୍ରେଟାରୀ, ବିଧାନସଭା ସାଂସଦ. ଏଷ୍ଟିମେଟ୍ କମିଟି ସଭ୍ୟ, ମନ୍ତ୍ରୀ ଓ ପ୍ରଦେଶ କଂଗ୍ରେସର ସଭାପତି ହୋଇଥିଲେ । ତାଙ୍କର ଗାନ୍ଧୀବାଦୀ ଆଦର୍ଶ, ଖଦୀ ପ୍ରଚାର ଓ ନିଶା ନିବାରଣ କାର୍ଯ୍ୟ ନୂତନ ପୀଢ଼ିର କଂଗ୍ରେସ ଶାସକଙ୍କୁ ସୁହାଇଲା ନାହିଁ । ତାଙ୍କୁ ଖଦୀ ବୋର୍ଡ଼ର ସଭାପତି କରାଯାଇଥିଲା । ପରେ ପରିବର୍ତ୍ତନ କରାଗଲା । ହେଲେ ସମାଜ କଲ୍ୟାଣ ଯାହାର ବ୍ରତ, ସେ ତାକୁ ଛାଡ଼ିବେ ବା କିପରି ? ତେଣୁ ସଂସାର ବିମୁଖୀ ମନ ନେଇ ସମାଜ ସେବାରେ ମଜ୍ଜି ରହିଲେ ।

ତାଙ୍କର ଶିକ୍ଷାଗତ ଅଭ୍ୟାସ ଅନୁସାରେ ବାଟରେ ପଡ଼ିଥିବା କଣ୍ଟା ସଫା କରି ସାରି ଆଗକୁ ଯାଆନ୍ତି । ଥରେ ରାତିରେ ଏକ ଜରୁରୀ କାର୍ଯ୍ୟରେ ଯାଉ ଯାଉ ଦେଖନ୍ତି ରାସ୍ତା ସାରା ଅଳିଆ ଓ ଭଙ୍ଗା କାଚ ଖେଳେଇ ହୋଇ ପଡ଼ିଛି । ଭଙ୍ଗା କାଚଗୁଡ଼ିକ ରାସ୍ତାର ଆଲୁଅରେ ଚେକ୍ ଚକ୍ ଦିଶୁଥାଏ । ବାଟରେ ଚାଲିବା ଲୋକେ ଖଣ୍ଡିଆ ହେବେ- ଏ ଚିନ୍ତା ତାଙ୍କ ମନକୁ ଘାରିଲା । ସାଙ୍ଗରେ ଥିବା କର୍ମୀ ବିରଜା ରାୟଙ୍କ ସାହାଯ୍ୟରେ ମଇଳା ଅଳିଆ ଓ କାଚ ଖଣ୍ଡ ଗୁଡ଼ିକୁ ସେ ଡ଼ଷ୍ଟବିନ୍‌ରେ ରଖି, ବାଟ ସଫା କରିସାରି ପୁଣି ଆପଣା କାର୍ଯ୍ୟରେ ଚାଲିଲେ । ଏପରି ଆଦର୍ଶ କଥା କେବଳ କଥାରେ କହୁ ନଥିଲେ, ବରଂ କାମରେ କରି ଦେଖାଇ ଦେଉଥିଲେ ।

ଜନକଲ୍ୟାଣ ନିମନ୍ତେ ସମାଜର ବିଭିନ୍ନ ଲୋକଙ୍କ ସଙ୍ଗେ ମିଶିବା ଓ ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଚେଷ୍ଟା କରିବାରେ ସେ ଥିଲେ ଅଗ୍ରଣୀ ।

ପିଲାଦିନୁ ବ୍ୟାୟାମ କରିବା ତାଙ୍କର ଅଭ୍ୟାସ ଥିଲା । କଂଗ୍ରେସ ହେଉ ବା ଯେ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ ହୁଅନ୍ତୁ ନା କାହିଁକି ସେବାବ୍ରତୀ ହେବାକୁ ହେଲେ ସ୍ୱେଚ୍ଛାସେବକ ନିଜେ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେବା ଉଚିତ । ତା' ନହେଲେ ବନ୍ୟା, ଦୁର୍ଭିକ୍ଷ, ମଡ଼କ ମହାମାରୀରେ ରିଲିଫ୍ ଜିନିଷ ନେଇ ଦୁଃସ୍ଥ, ଆର୍ତ୍ତ ଜନତା ପାଖରେ ପହଞ୍ଚିବେ କେମିତି ? ଆଜିକାଲି ରାସ୍ତାଘାଟର ଉନ୍ନତି ଘଟି ଗାଁକୁ ଗାଁ ବାଟ ଖୋଲିଲାଣି । ହେଲେ ବନ୍ୟା ବେଳେ ତ ବାଟଘାଟ କେଉଁଠି ବିଛି ନଥାଏ । ଚୂଡ଼ା ଚାଉଳ ଆଦି ରିଲିଫ୍ ନିଜ ମୁଣ୍ଡରେ ମୁଣ୍ଡେଇ ସେ ରିଲିଫ୍ ବାଣ୍ଟିବା ପାଇଁ ଲୋକଙ୍କ ପାଖରେ ପହଞ୍ଚି ଯାଉଥିଲେ ।

ଇଂରେଜ ଶାସକର ଅତ୍ୟାଚାରୀ ଶାସନ ଯନ୍ତ୍ର ଓ ଅସାମାଜିକ ଗୁଣ୍ଡା ତନ୍ତ୍ର ଉଭୟଙ୍କୁ ମୁକାବିଲା କରିବାକୁ ଶରୀରରେ ବଳଥିବା ଆବଶ୍ୟକ । ସେ ସମୟରେ ଗୁଣ୍ଡାମାନେ ତିନିପତିଆ ତାସ ଓ ଜୁଆ ଖେଳି ଗାଁ ଗହଳିରୁ ସହରକୁ ଆସୁଥିବା ଲୋକମାନଙ୍କୁ ସର୍ବସ୍ୱାନ୍ତ କରି ଛାଡୁଥିଲେ । ମଦଖାଇବା ପାଇଁ ଗୁଣ୍ଡାମାନେ ସରଳ ନାଗରୀକଙ୍କ ଉପରେ ଜୋର ଜବରଦସ୍ତି କରିବା ଆଜିକାଲି ପରି ଅତି ସାଧାରଣ ଥିଲା । ରାଜକୃଷ୍ଣ ବୋଷ ଚାଲି ଚାଲି ବାଟରେ ଯାଉଥିବା ବେଳେ କିମ୍ବା ଯାନିଯାତ୍ରାଦିରେ ସବୁଆଡ଼କୁ ତୀକ୍ଷ୍ଣ ଦୃଷ୍ଟି ଦେଉଥିଲେ ଓ ସେହି ଅସାମାଜିକ ଲୋକଙ୍କୁ ଉଚିତ ଦଣ୍ଡ ନଦେଇ ଛାଡୁ ନଥିଲେ । ସେ ଆସୁଥିବା କଥା ଜାଣିଲାମାତ୍ରେ ତାଙ୍କ ଭୟରେ ଅସାମାଜିକ ଓ ଗୁଣ୍ଡାଲୋକେ ସ୍ଥାନ ଛାଡ଼ି ପଳାଇ ଯାଉଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ ବଜ୍ର ମୁଷ୍ଟି ପ୍ରତି ସେମାନଙ୍କର ଭୟ ଥିଲା । ବାଟଘାଟରେ ଦୌରାତ୍ମ୍ୟ ଓ ଗୁଣ୍ଡାଙ୍କ ଜୁଲମ୍ ବେଳେ ପାଠୁଆ ବାବୁମାନେ ମଧ୍ୟ ରାଜକୃଷ୍ଣ ବାବୁଙ୍କୁ ମନେ ପକାଉଥିଲେ ଓ ତାଙ୍କର ସାହାଯ୍ୟ ପ୍ରାର୍ଥୀ ହୋଇ ପାଖରେ ପହଞ୍ଚୁଥିଲେ । ଥାନାର ପୁଲିସ ଅଫିସର ତାଙ୍କ ନାମ ଶୁଣି କାର୍ଯ୍ୟରେ ସେତେ ହେଉଥିଲେ । କହୁଥିଲେ, ''କଥାଯାଇ ରାଜକୃଷ୍ଣ ବୋଷଙ୍କ ଯାଏ ଗଲାଣି । ଏ ବାବଦରେ ଶୀଘ୍ର କିଛି ଗୋଟାଏ ନକଲେ ଚଳିବ ନାହିଁ ।'' ତାଙ୍କର ସେନା ପରି ତାଙ୍କର ଅନୁଚରମାନେ ମଧ୍ୟ ତାଙ୍କୁ ଏ ବିଷୟରେ ଅନୁସରଣ କରୁଥିଲେ ।

ଗୁଣ୍ଡାମାନଙ୍କ ପ୍ରତି ଯେତିକି ଟାଣ, ରୋଗୀଙ୍କ ପାଇଁ ସେ ସେତିକି କୋମଳ । କୁଷ୍ଠ ରୋଗୀଙ୍କ ସେବାପାଇଁ ସେତେବେଳକାର ପ୍ରସିଦ୍ଧ କୁଷ୍ଠରୋଗ ବିଶେଷଜ୍ଞ ଓ ହାତୀବାଡ଼ି କୁଷ୍ଠାଶ୍ରମର ପ୍ରତିଷ୍ଠାତା ଡାକ୍ତର

ଅଙ୍କୋଲ୍ ସାହେବଙ୍କ ପାଖେ ତାଲିମ ନେଇଥିଲେ । ଡ଼ାକ୍ତରୀ ଛାତ୍ର ଭାବରେ ସେ ସହପାଠୀ ଥିଲେ ରାଜକୃଷ୍ଣବାବୁଙ୍କଠାରୁ ସିନିଅର୍ । କୁଷ୍ଠ ରୋଗୀଙ୍କ ଚିକିତ୍ସା ଓ ସେବା କାଳରେ ସେମାନଙ୍କୁ ସ୍ନେହ ଦୃଷ୍ଟିରେ ଦେଖୁଥିଲେ । ସେମାନଙ୍କ ଘା' ହାତରେ ଧରି ପରୀକ୍ଷା କରିବା ବା ଔଷଧ ଲଗାଇବାପରେ ସେମାନଙ୍କ ମନରେ ଆଘାତ ହେବ ବୋଲି ନିଜ ହାତ ମଧ୍ୟ ଧୋଉ ନଥିଲେ । ହିନ୍ଦ୍ କୁଷ୍ଠ ନିବାରଣ ସଂଘର ସଦସ୍ୟଭାବରେ ବହୁ କୁଷ୍ଠରୋଗୀଙ୍କ ସେବା ଓ ଥଇଥାନ ବ୍ୟବସ୍ଥା କରାଇଥିଲେ ।

ଜେଲ୍ ସଂସ୍କାର କମିଟି, ଜମି ଜମା ସଂସ୍କାର କମିଟି, ରେଲୱେ ଉପଦେଷ୍ଟା ବୋର୍ଡ଼, ପଶୁପାଳନ ସମିତି, ହରିଜନ ସେବାସଂଘ, ନିଶା ନିବାରଣ କମିଟି ଆଦିରେ ସଭ୍ୟ ଥାଇ ସେ ଲୋକକଲ୍ୟାଣରେ ବ୍ରତୀ ଥିଲେ । ଆସାମରେ ଅଫିମ ନିଶାର ପ୍ରଚଳନ ବେଶୀ ହେଉଥିବା ଓ ଓଡ଼ିଆମାନେ ସେଠାରେ ବହୁସଂଖ୍ୟାରେ ଚା'ବଗିଚାମାନଙ୍କରେ କାମ କରୁଥିବାରୁ ସେମାନଙ୍କୁ ତହିଁରୁ ନିବୃତ୍ତ କରିବା ନିମନ୍ତେ ଗାନ୍ଧିଜୀଙ୍କ ଉପଦେଶରେ ଆସାମ ଯାଉଥିଲେ ।

ପୁରୀ କେନାଲ ଓ ତାର ଶାଖା କେନାଲ ସବୁ ଖୋଳାଇବା ନିମନ୍ତେ ଡ଼େଲ୍ଟା ପ୍ରୋଜେକ୍ଟ ପରିକଳ୍ପନା ତାଙ୍କର ମାନସ ସନ୍ତାନ । ପୁରୀ ଓ ଭୁବନେଶ୍ୱର ଜିଲ୍ଲାର ବହୁଅଞ୍ଚଳ ଜଳସେଚନ କରାଯାଇ ପାରୁଛି । କନିକା ରାଜା ଓ ମନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ କହୁଥିଲେ, ଓଡ଼ିଶାରେ ହରେକୃଷ୍ଣ ବାବୁ, ଶ' (ତତ୍କାଳୀନ ମୁଖ୍ୟମନ୍ତ୍ରୀ) ଓ ସେ ନିଜେ ଜଳସେଚନ ବିଷୟରେ ବିଶେଷ ଜ୍ଞାନ ଲାଭକରିଥିଲେ । କଟକ ନିକଟବର୍ତ୍ତୀ ବୟାଳିଶ୍ ମୌଜାରେ ଉଠାଜଳସେଚନ ପ୍ରଦର୍ଶନ ଓ ଆଳୁଚାଷୀଙ୍କ ଆଳୁସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନିର୍ମାଣ ତାଙ୍କ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଥିଲା ।

ସ୍ୱାଧୀନତା ପ୍ରାପ୍ତି ପରେ ସଂଗ୍ରାମୀମାନଙ୍କ ପରିବାରର କଲ୍ୟାଣ ଓ ଥଇଥାନ କରିବା ଦିଗରେ ସେ ଯଥେଷ୍ଟ କାର୍ଯ୍ୟ କରିଥିଲେ । ସେ କହିଥିଲେ ତାଙ୍କରି ଭାଷଣରେ ଉଦ୍‌ବୁଦ୍ଧ ହୋଇ ଯେଉଁ କର୍ମୀମାନେ ନିଜ ନିଜର ଭବିଷ୍ୟତ ପ୍ରତି ଭ୍ରୂକ୍ଷେପ ନକରି ଦେଶପାଇଁ ପ୍ରାଣ ଉତ୍ସର୍ଗ କଲେ, ସେମାନଙ୍କ ପରିବାରର ଭବିଷ୍ୟତ ଅନ୍ଧକାର । ସେମାନଙ୍କ ଚଳିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍‌ର ବ୍ୟବସ୍ଥା କରିଥିଲେ । କିନ୍ତୁ ସେ ନିଜେ ପେନ୍‌ସନ୍ ପାଇଁ କେବେ ଦରଖାସ୍ତ କରିନଥିଲେ । ଜୀବନର ଶେଷ ଅବସ୍ଥାରେ ସ୍ୱଳ୍ପ ଆୟକାରୀ ପ୍ୟାରୀମୋହନ ଏକାଡ଼େମୀରେ ଶିକ୍ଷକତା କରୁଥିବା ବଡ଼ପୁଅ ସବ୍ୟସାଚୀର ଅନୁରୋଧରେ ବ୍ୟୟସାପେକ୍ଷ ଔଷଧପତ୍ର ନିମନ୍ତେ ପେନ୍‌ସନ୍ ଗ୍ରହଣ କଲେ । ବନ୍ୟାଗ୍ରସ୍ତଙ୍କ ସାହାଯ୍ୟ ପାଇଁ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସଭ୍ୟ, କୁଷ୍ଠରୋଗୀମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ କୁଷ୍ଠାଶ୍ରମ ଗାନ୍ଧୀପଲ୍ଲୀ ଓନେହେରୁ ପଲ୍ଲୀ (କଟକ ଚୌଦ୍ୱାର ନିକଟରେ) ପ୍ରତିଷ୍ଠା କଲେ ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟବସ୍ଥା କରିଥିଲେ ।

ଛାତ୍ର ଜୀବନରୁ ହଇଜା ରୋଗୀଙ୍କ ସେବା କରି ନିର୍ବିକାର ଭାବେ ସେମାନଙ୍କର ପୋଷ ପୋଷ ଝାଡ଼ା ଉଠାଇ ପକାଉଥିଲେ । ଥରେ ଗୋଟିଏ କଲେରା ରୋଗୀ ଶେଷ ଅବସ୍ଥାରେ ତାଙ୍କୁ ଜାବୁଡ଼ି ଧରି ମରିଗଲା । ତାଙ୍କୁ ତାଙ୍କଠାରୁ ଅନ୍ୟମାନେ ଚେଷ୍ଟା କରି ଛଡ଼ାଇଲେ ।

ଜୀବଜନ୍ତୁଙ୍କ ପ୍ରତି ତାଙ୍କର ଯଥେଷ୍ଟ ସ୍ନେହ ଥିଲା । ଘରେ ପାରା, କୁକୁର, ଗାଈ ରଖିବାରେ ଥିଲା ତାଙ୍କର ଆନନ୍ଦ । ଓଡ଼ିଶାରେ ଗୋରୁମାନଙ୍କ ଉନ୍ନତି ପାଇଁ ଉତ୍କଳ ଗୋମଙ୍ଗଳ ସମିତି ପ୍ରତିଷ୍ଠା ହୋଇଥିଲା । ସେ ତାର ସଭାପତି ଥିଲେ ।

'ଜୀବେ ଦୟା' ଥିଲା ତାଙ୍କର ଅସ୍ଥିମଜ୍ଜାଗତ । ମନ୍ତ୍ରୀ ଥିବାବେଳେ ମୋଟରରେ ଗାଁକୁ ଫେରିବା ବାଟରେ ଦେଖିଲେ ଦଳେ ଲୋକ ଗୋଟିଏ ବିରାଟ କଇଁଛ (ପ୍ରାୟ ଏକ କୁଇଣ୍ଟାଲ୍ ହେବ) ମହାନଦୀ ବାଲିରେ ଅଣ୍ଡା ଦେବାକୁ ଆସିଥିବାବେଳେ ଧରି କାନ୍ଧରେ ଭାରଭଳି ବୋହି ନେଉଛନ୍ତି । କଇଁଛଟିକୁ ବଞ୍ଚାଇ ପୁଣି ନଈରେ ଛାଡ଼ିବାକୁ ତାଙ୍କର ମନ ହେଲା । ସେମାନଙ୍କଠାରୁ କିଣିନେବାକୁ ବିଚାରି ଶହେ ଟଙ୍କା ମୂଲ୍ୟ ନିର୍ଦ୍ଧାରଣ କଲେ । ପାଖରେ ଥିବା ପଚାଶ ଟଙ୍କାରେ ସେମାନେ ଦେବାକୁ ରାଜି ନ ହେବାରୁ ଘରକୁ ଫେରି ଖିଆପିଆ ଛାଡ଼ିଦେଇ ଦୁଃଖ ପ୍ରକାଶ କଲେ । ତାଙ୍କଠାରୁ ଏ ଘଟଣା ଶୁଣିବାପରେ ତାଙ୍କର ଗୋଟିଏ ପୁଅ ଆମିଷ ଭକ୍ଷଣ ତ୍ୟାଗକଲା ।

ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ସାରା ଦେଶରେ ଯେତେବେଳେ କୌଣସି କାର୍ଯ୍ୟ ହୋଇ ନଥିଲା, କି ଏ ବିଷୟରେ କାହାରି ଧାରଣା ନଥିଲା, ସେତେବେଳେ ସେ ବହୁକଷ୍ଟରେ ଶିମିଳିପାଳ ଅଭୟାରଣ୍ୟ ଯୋଜନା ଆରମ୍ଭ କରିଥିଲେ ।

କଳାହାଣ୍ଡିର ମରୁଡ଼ି ଦୁର୍ଗତଙ୍କ ପାଖରେ ସେ ରିଲିଫ୍ ପହଞ୍ଚାଇଥିଲେ । ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ନେତୃତ୍ୱରେ ଅନାଥ ଶିଶୁ ଓ ପତି ପରିତ୍ୟକ୍ତା ମହିଳାଙ୍କ ଥଇଥାନ ପାଇଁ କଟକର ଅଲିଶା ବଜାରରେ ପ୍ରତିଷ୍ଠିତ ଅନାଥାଶ୍ରମର ସେ ସକ୍ରିୟ ସଭ୍ୟ ଥିଲେ ।

ଗାନ୍ଧିଜୀଙ୍କ ଗଠନାତ୍ମକ କାର୍ଯ୍ୟରେ ରାଷ୍ଟ୍ରଭାଷାର ପ୍ରଚାର ଓ ପ୍ରସାର ଅନ୍ତର୍ଭୁକ୍ତ ଥିବାରୁ ସେ ଓଡ଼ିଶାରେ ରାଷ୍ଟ୍ରଭାଷା ପ୍ରଚାର ନିମନ୍ତେ ଲାଗିପଡ଼ିଲେ । ରାଷ୍ଟ୍ରଭାଷା ପ୍ରଚାରକ ପଣ୍ଡିତ ଅନୁସୂୟା ପ୍ରସାଦ ପାଠକଙ୍କୁ ପ୍ରତିବେଶୀ ରାଧାମୋହନ ମହାପାତ୍ର ଘରେ ଓ ପରେ ଆପଣା ଗୃହରେ ରଖାଇଥିଲେ । ପରିଚାଳନା ସମିତିର ସେ ସଂପାଦକ ଥିଲେ । ରାଷ୍ଟ୍ରଭାଷା ପ୍ରଚାର ସଭାର ବିରାଟ ଗୃହ ଓ ଛାପାଖାନା ହେଲା । ରଜତ ଜୟନ୍ତୀ ଉତ୍ସବ ପାଳନ ବେଳେ ସେ ଉପଦେଷ୍ଟା ମଣ୍ଡଳୀରେ ଥିଲେ । ଏଥିପାଇଁ ତାଙ୍କର ଗୁରୁ ପ୍ରଫେସର ଅର୍ତ୍ତବଲ୍ଲଭ ମହାନ୍ତି ତାଙ୍କୁ ପ୍ରେରଣା ଯୋଗାଉଥିଲେ ।

ମହୁଚାଷ ଖାଦୀବୋର୍ଡ଼ର କାର୍ଯ୍ୟକ୍ରମ ପରିସରଭୁକ୍ତ ଥିଲା । ସେ ଚେୟାରମାନ ଥିବାବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ । ଅନେକ ଲୋକ ମହୁବାକ୍ସ ରଖି ମହୁଚାଷ କରି କିଛି କିଛି ରୋଜଗାର କରୁଛନ୍ତି ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ସେ ପ୍ରିୟ ଥିଲେ । ତାଙ୍କୁ ଜେଲ୍‌ରେ ଦେଖି ପଣ୍ଡିତ ଗୋପବନ୍ଧୁ କହିଲେ, ''ଏଇ ବନ୍ଦୀଶାଳାରେ

ଶ୍ରୀକୃଷ୍ଣ କଂସକୁ ମାରିଥିଲେ । ତୁମେ ସେପରି ଏଇଠୁ ଯାଇ ବ୍ରିଟିଶ କଂସକୁ ଗାଦିରୁ ହଟାଇବ ।'' ଉତ୍କଳମଣିଙ୍କର ସେ ଆକାଂକ୍ଷା ପୂର୍ଣ୍ଣ ହେଲା । ଦେଶ ସ୍ୱାଧୀନ ହେଲା । ରାଜକୃଷ୍ଣଙ୍କ ମନର ଆଶା ସଫଳ ହେଲା ।

ବ୍ୟାୟାମପୁଷ୍ଟ ରାଜକୃଷ୍ଣଙ୍କ ଶରୀର ବେଳକୁ ବେଳ କ୍ଷୟ ହେଲା । ରୋଗ ବ୍ୟାଧିର ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଲା । ଜେଲ୍‌ରେ ଖାଇବା ପିଇବାରେ ଅବହେଳା ଯୋଗୁଁ ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହିବା ହେତୁ ଯକୃତରେ ବାରମ୍ବାର ଯନ୍ତ୍ରଣା ଭୋଗିଲେ । ଥର ଥର କରି ତିନିଥର କାମଳ ରୋଗାକ୍ରାନ୍ତ ହୋଇଥିଲେ । ସ୍ନାୟବିକ ରୋଗଗ୍ରସ୍ତ ହେବାରୁ ଗୋଟିଏ ଆଖିରେ ଦେଖି ପାରିଲେ ନାହିଁ । କଟକ ମେଡ଼ିକାଲ କଲେଜର ପ୍ରଫେସର ବଂଶୀ ଦାସ ଆଖିରେ ଇଞ୍ଜେକ୍‌ସନ୍ ଦେଲେ । ଯେତେ କଷ୍ଟ ହେଲେ ବି ସେ ସବୁ ସହ୍ୟ କରିନେଉଥିଲେ । ତାଙ୍କଠାରେ କେବେ ନିଶ୍ଚେତକ ବ୍ୟବହାର କରାଯାଇ ନଥିଲା ।

ହୃଦରୋଗରେ ଆକ୍ରାନ୍ତ ହେବାରୁ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଯଦୁନାଥ ପ୍ରସାଦ ଦାସ ଓ ପ୍ରଫେସର ଚମ୍ପେ ଚିକିତ୍ସା କଲେ । ହୃଦରୋଗ ବିଭାଗରେ ଓ୍ୱାର୍ଡ଼ରେ ରହି ଚିକିତ୍ସିତ ହେଉଥିଲେ । ଡାକ୍ତରମାନେ ପରାମର୍ଶ ଦେଲେ କଥାବାର୍ତ୍ତା ନକରି ଶୋଇରହିବାକୁ । ଯୋଗାସନରେ ଅଭ୍ୟସ୍ତ ରାଜକୃଷ୍ଣ ଦିନ ପରେ ଦିନ ଶବାସନରେ ଶୋଇ ରହିଲେ । ହୃଦରୋଗରେ ସେ ତିନିଥର ଆକ୍ରାନ୍ତ ହୋଇ ବି ବଞ୍ଚି ରହିଥିବା ଆଶ୍ଚର୍ଯ୍ୟ କଥା ।

ପୁଣି ସ୍ନାୟବିକ ରୋଗରେ ଆକ୍ରାନ୍ତ ହେଲେ । ଡାକ୍ତର ଗୋପାଳ ଚନ୍ଦ୍ର ମିଶ୍ରଙ୍କ ଚିକିତ୍ସାରେ ରହିଲେ । ଡାକ୍ତର ମତ ଦେଲେ ବିନା ମାଇକ୍‌ରେ ବଡ଼ ବଡ଼ ସଭାମାନଙ୍କରେ ଗର୍ଜି ଗର୍ଜି କହିବା ଯୋଗୁଁ ଏପରି ଗତି ହୋଇଛି । ଚିକିତ୍ସା ଫଳରେ ସେଥିରେ ବି ଉନ୍ନତି ଘଟିଲା । ମାତ୍ର ଏଥିପାଇଁ ଦୁଇଟି ବର୍ଷ କଷ୍ଟ ଭୋଗିବାକୁ ପଡ଼ିଲା ।

ଏ ସବୁ ଗୋଟିକ ପରେ ଗୋଟିଏ ରୋଗର ଶିକାର ହେଲେ ସୁଦ୍ଧା ତାଙ୍କର ଅଦମନୀୟ ଇଚ୍ଛା ଶକ୍ତି ଓ ଅପରିସୀମ ଧୈର୍ଯ୍ୟ ଯୋଗୁଁ ଏଥିରୁ ବର୍ତ୍ତି ଯାଉଥିଲେ । ମାତ୍ର ଆଉ ଗୋଟିଏ ରୋଗ ଥିଲା ତାଙ୍କର ଚିର ସହଚର । ସେ ହେଉଛି ନାଳଶୂଳ ଘାଆ (ଆମିବିକ୍ ଡିସେଣ୍ଟ୍ରି) । ସେଇ ନାଳ ରକ୍ତ ଝାଡ଼ା ତାଙ୍କର କାଳ ହେଲା । ୧୯୯୨ ଜାନୁଆରୀ ୯ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ପଛରେ ପଡ଼ି ରହିଲା ତାଙ୍କର ଦେଶ, ବନ୍ଧୁବର୍ଗ ଓ ପରିବାର । ତାଙ୍କର ବିୟୋଗରେ ଅଶ୍ରୁତର୍ପଣ କଲେ ଦେଶବାସୀ । କିଶନ୍‌ନଗର ଅଞ୍ଚଳର ଅଧିବାସୀଗଣ ସତତ ଝୁରି ହେବାରେ ଲାଗିଲେ । କ'ଣ ସେ କରି ନଥିଲେ ତାଙ୍କ ଅଞ୍ଚଳ ପାଇଁ । ଦିଲ୍ଲୀରେ ତାଙ୍କୁ ଯେତେବେଳେ ବଡ଼ ବଡ଼ ନେତାଗଣ ଅଟକାଉଥିଲେ ସେଠାରେ ରହି କାର୍ଯ୍ୟବ୍ୟସ୍ତ ଥିବାରୁ, ସେତେବେଳେ ସେ ଧାଇଁ ଆସିଥିଲେ ତାଙ୍କର ପଲ୍ଲୀ ଅଞ୍ଚଳର ଉନ୍ନୟନ ପାଇଁ । ଡାକଘର ଓ ଡାକ୍ତରଖାନା ବସାଇବା, ରାସ୍ତା ତିଆରି କରିବା, ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଶୁକ୍‌ପାଇକା ନଈରେ ବନ୍ଧ ବନାଇ ନାଳ ଖୋଳିବା, ତାଳଦଣ୍ଡା କେନାଲରୁ ବିଦ୍ୟାଧରପୁରଠାରୁ ରଘୁନାଥ ପୁର ଦେଇ କେନ୍ଦ୍ରାପଡ଼ା ଯାଏ କେନାଲ (ଲୋକ ମୁଖରେ ପ୍ରଚଳିତ ବୋଷକେନାଲ୍) ଖୋଳାଇ ସେ ଅଞ୍ଚଳକୁ ସବୁଜ ଶ୍ୟାମଳା କରିଥିବା ଲୋକଟିକୁ ସେମାନେ ଭୁଲନ୍ତେ ବା କିପରି ? ପ୍ରତିଟି କ୍ଷେତ୍ରରେ ତାଙ୍କରି ସ୍ମୃତି ବିଜଡ଼ିତ ।

ସେମାନେ ଚିତ୍ରରେ ଦେଖିଥିଲେ ଯୋଦ୍ଧାବେଶରେ ସୁଭାଷ ବୋଷଙ୍କୁ । ସେ ଘୋଡ଼ା ପିଠିରେ ବୀର ପରି ଯାଉଥିବା ଶୁଣିଥିଲେ । କିନ୍ତୁ ଆଖି ଆଗରେ ଦେଖିଥିଲେ ସେହିପରି ଜଣେ ଯୋଦ୍ଧାବୀର ତାଙ୍କରି ଅଞ୍ଚଳରେ, ଘୋଡ଼ା ଝପଟେଇ ଯେ ଯାଉଥିଲେ । ବ୍ରିଟିଶ ସରକାର ଓ ତାଙ୍କର ଦୁର୍ଦ୍ଦାନ୍ତ ପୋଲିସ୍ ବାହିନୀକୁ ଯିଏ ବାରମ୍ବାର ବିବ୍ରାନ୍ତ କରୁଥିଲା, ଭାଷଣ ଦେଉଦେଉ ପୋଲିସ ଆଖିରେ ଧୂଳି ଦେଇ ଘୋଡ଼ା ଉପରକୁ ଡେଇଁ କୁଆଡ଼େ ଅଦୃଶ୍ୟ ହୋଇ ଯାଉଥିଲା ଓ ଗୋପନରେ ଯାଇ ଓଡ଼ିଶାର କୋଣେ କୋଣେ ବିପ୍ଳବର ବାର୍ତ୍ତା ଜଣାଇ ଦେଉଥିଲା । ସେହି ଉପକାରୀ ମୁକ୍ତି ଯୋଦ୍ଧାଟିର ବିୟୋଗ ଦୁଃଖ ସେମାନେ ସହୁଛନ୍ତି କିପରି ? ସବୁରି ଘରେ ଘରେ ସେ ଥିଲା ପରିଚିତ - ଅତି ଆପଣାର । ତାଙ୍କର ସ୍ମୃତିରେ ସ୍ମୃତି ସମିତି ଗଢ଼ି ତାଙ୍କର ଗୁଣ ବାଖ୍ୟାନି ହେଉଥିଲେ ।

ସିଂହକୁ ଛାଡ଼ି ସିଂହୀ ଜଣ ଏକାକୀ ରହିପାରେ । ପତ୍ନୀ ମୃଣାଳିନୀ ସ୍ୱାମୀଙ୍କର ଥିଲେ ସୁଖ ଦୁଃଖର ଭାଗୀ । ସେ କହିଲେ, ମୋର ଆଉ ବେଶୀଦିନ ନୁହେଁ । ଖାଇବା ପିଇବା ଛାଡ଼ିଦେଲେ । ବାଧ୍ୟହୋଇ ଦିନରେ ଥରେ ମାତ୍ର ଆହାର । ସ୍ୱାମୀଙ୍କୁ ଛାଡ଼ି ଆଉ ବେଶୀ ଦିନ [illegible] ରହିବାକୁ ହେଲା ନାହିଁ । ସ୍ୱାମୀଙ୍କ ପଥ ଅନୁସରି ସେ ବର୍ଷକ ମଧ୍ୟରେ ହେଲେ ଅମର ପଥର ଯାତ୍ରୀ ।

ବୋଷ ଦମ୍ପତି ଇହଧାମ ତ୍ୟାଗ କରିଥିଲେ ବି ସେମାନଙ୍କ ସତ୍‌କର୍ମ ଓ ସ୍ନେହ ଶ୍ରଦ୍ଧାକୁ ଭାଳି ଝୁରି ହେଉଛନ୍ତି ଅଗଣିତ ଦେଶବାସୀ ।

ନିର୍ମଳ କୁଟୀର, ବକ୍ସିବଜାର
କଟକ -୯

—0—

# ଓଡ଼ିଶାରେ ପଚାଶ ବର୍ଷର ପ୍ରଗତି

ଶ୍ରୀ ରମେଶଚନ୍ଦ୍ର ମହାନ୍ତି

କଳା, ସଂସ୍କୃତି, ସାହିତ୍ୟ ପାଇଁ ଦେଶ ବିଦେଶରେ ପ୍ରତିଷ୍ଠା ଲାଭ କରିଥିବା ଉତ୍କଳର ଗୌରବମୟ ଐତିହ୍ୟ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି । ଉତ୍କଳର କଳା ବିଶ୍ୱ ବିଦିତ । କଳାର ଉତ୍କର୍ଷତା ପାଇଁ ଏ ରାଜ୍ୟ କଳିଙ୍ଗ ନାମରେ ଇତିହାସ ପ୍ରସିଦ୍ଧ । ଏହି କଳିଙ୍ଗର ଲୋକମାନେ ଥିଲେ ସାହସୀ, ବୀର, ନିର୍ଭୀକ ଏବଂ ତ୍ୟାଗୀ । ପ୍ରାଚୀନ କଳିଙ୍ଗର ଦେଶପ୍ରେମୀ ପୁରୁଷଙ୍କ ତ୍ୟାଗ ଓ ସଂକଳ୍ପ ନିକଟରେ ଦିନେ ପ୍ରବଳ ପରାକ୍ରମୀ ଚଣ୍ଡାଶୋକ ଅସ୍ତ୍ର ତ୍ୟାଗ କରି ଧର୍ମାଶୋକରେ ପରିଣତ ହୋଇଥିଲେ । ତେଣୁ କୁହାଯାଏ- "କଳିଙ୍ଗାଃ ସାହସିକାଃ" ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ଓଡ଼ିଶାର ରାଜତନ୍ତ୍ର ଶାସିତ ପ୍ରାଚୀନତମ ଭୂଖଣ୍ଡର ନାମଥିଲା କଳିଙ୍ଗ । ମହାଭାରତରେ ବିଭିନ୍ନ ପ୍ରସଙ୍ଗରେ କଳିଙ୍ଗର ଅସ୍ତିତ୍ୱ ସଂପର୍କରେ ଅବତାରଣା କରାଯାଇଛି । କୁରୁକ୍ଷେତ୍ର ଯୁଦ୍ଧରେ କଳିଙ୍ଗ ସେନା କୌରବଙ୍କ ପକ୍ଷରେ ଥିଲେ । ବୁଦ୍ଧଦେବଙ୍କ ଆବିର୍ଭାବ ପୂର୍ବରୁ ଅର୍ଥାତ ଖ୍ରୀ:ପୂ ୬ଷ୍ଠ ଶତାବ୍ଦୀରେ ବୌଦ୍ଧ ଜାତକମାନଙ୍କରେ କଳିଙ୍ଗର ନାମ ଉଲ୍ଲେଖ କରାଯାଇଛି । ଜୈନ ଧର୍ମ ଗ୍ରନ୍ଥରେ ମଧ୍ୟ କଳିଙ୍ଗର ନାମ ମିଳେ ।

ଆଭ୍ୟନ୍ତରୀଣ ଷଡ଼ଯନ୍ତ୍ର ଯୋଗୁଁ ମୁକୁନ୍ଦଦେବ ମୃତ୍ୟୁ ବରଣ କରିବା ପରେ ସେହି ଗୌରବମୟ କଳିଙ୍ଗ ସାମ୍ରାଜ୍ୟର ସ୍ୱାଧୀନରବି ଅସ୍ତମିତ ହେଲା । ଖ୍ରୀ: ୧୫୬୮ରେ ଓଡ଼ିଶା ବଙ୍ଗର ମୁସଲମାନ ଶାସନ ଅଧୀନସ୍ଥ ହେଲା । ଏହାପରେ ମରହଟ୍ଟା ଶାସନାଧୀନ ହେଲା । ଓଡ଼ିଶାରେ ଇଂରେଜ ଶାସନର ବହୁପୂର୍ବରୁ ଇଂରେଜମାନେ ଏଠାକୁ ବାଣିଜ୍ୟ ବ୍ୟବସାୟପାଇଁ ଆସିଥିଲେ । ଓଡ଼ିଶା ଦଖଲ କରିବା ପରେ ୧୮୦୪ ମସିହା ଜୁନ ମାସରେ ଓଡ଼ିଶାକୁ ଦୁଇ ପ୍ରଶାସନିକ ଭାଗରେ ବିଭକ୍ତ କରାଯାଇଥିଲା । ବାଲେଶ୍ୱର ଉତ୍ତର ଭାଗରେ ମୁଖ୍ୟ କାର୍ଯ୍ୟାଳୟ ଯେତେବେଳେ ପୁରୀ ଦକ୍ଷିଣ ଭାଗର ମୁଖ୍ୟ କାର୍ଯ୍ୟାଳୟ ଥିଲା । ୧୯୧୧ ମସିହା ପର୍ଯ୍ୟନ୍ତ ବାଲେଶ୍ୱର, କଟକ ଏବଂ ପୁରୀ ଜିଲ୍ଲା ବଙ୍ଗ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା ।

ଇଂରେଜ ଶାସନ କାଳରେ ଓଡ଼ିଆମାନଙ୍କୁ ନିର୍ବୋଧ ମନେକରି ସେମାନଙ୍କୁ ଉଚ୍ଚପଦର ସରକାରୀ ଚାକିରୀରେ ସ୍ଥାନ ଦିଆଯାଉ ନଥିଲା । ବଙ୍ଗାଳୀ ଅମଲାମାନେ ଏହାର ଫାଇଦା ଉଠାଇଲେ । ଅଣତିରିଶଟି ଗଡ଼ଜାତ ଏବଂ ଖୋଳଟି ମାହାଲ ପ୍ରତିଷ୍ଠା କରି ଇଂରେଜମାନେ ଓଡ଼ିଶାକୁ ଶାସନ କରିବାରେ ଲାଗିଲେ ।

ବହୁ ଘାତପ୍ରତିଘାତ ଏବଂ ଶାସନର ବେଢ଼ିରେ ଅସ୍ତବ୍ୟସ୍ତ ଓଡ଼ିଆଜାତି ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଆନ୍ଦୋଳନ ପରେ ୧୯୩୬ ମସିହା ଏପ୍ରିଲ ପହିଲାଦିନ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସେତେବେଳେ ଏହି ଓଡ଼ିଶା ପ୍ରଦେଶ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ଏହାର ୧୧ ବର୍ଷ ପରେ ଓଡ଼ିଶା ପ୍ରଦେଶ ସହିତ ପୂର୍ବତନ ଗଡ଼ଜାତଗୁଡ଼ିକର ମିଶ୍ରଣ ହେଲା । ନୂତନ ଓଡ଼ିଶା ଗଠନ ହେବାର ୮ ମାସ ପରେ ୧୯୩୭ ମସିହା ଜାନୁଆରୀ ମାସରେ ନୂତନ ଓଡ଼ିଶା ପ୍ରଦେଶର ବିଧାନ ସଭାପାଇଁ ପ୍ରଥମ ନିର୍ବାଚନ ହେଲା । ସେତେବେଳେ ଓଡ଼ିଶାର ପ୍ରଥମ ବିଧାନସଭା ମୋଟ ୬୦ ପ୍ରତିନିଧିଙ୍କୁ ନେଇ ଗଠିତ ହୋଇଥିଲା । ୫୬ ଜଣ ନିର୍ବାଚିତ ହୋଇଥିଲେ ଏବଂ ୪ଜଣ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ଓଡ଼ିଶାର ପ୍ରଥମ ନିର୍ବାଚନରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ଦଳର ପ୍ରତିନିଧି ସଂଖ୍ୟା ୩୭ରେ ପହଞ୍ଚିଥିଲା ।

୧୯୪୬ ମସିହା ନିର୍ବାଚନରେ ଡ଼ଃ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କଲା । ଏହା ୧୯୫୦ ପର୍ଯ୍ୟନ୍ତ ଚାଲିଲା । ଏହି ମନ୍ତ୍ରୀମଣ୍ଡଳ କାଳରେ ୧୯୪୭ରେ ଭାରତ ସ୍ୱାଧୀନ ହେଲା । ତାର ଠିକ୍ ୪ ମାସ ପରେ ପୂର୍ବତନ ଗଡ଼ଜାତଗୁଡ଼ିକ ମିଶି ବୃହତ ଉତ୍କଳ ଗଠନର ସ୍ୱପ୍ନ ସାର୍ଥକ ହେଲା । ଭୁବନେଶ୍ୱରଠାରେ ନୂତନ ରାଜଧାନୀ ପ୍ରତିଷ୍ଠା, ହୀରାକୁଦ ବନ୍ଧ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ୧୯୫୧ ମସିହା ଶେଷରେ ଭାରତର ଅନ୍ୟାନ୍ୟ ଅଞ୍ଚଳପରି ପୂର୍ବତନ ଗଡ଼ଜାତ ଅଞ୍ଚଳ ସମେତ ସମଗ୍ର ଓଡ଼ିଶାରେ ପ୍ରଥମଥର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ଜଣ ସ୍ୱାଧୀନ ସଦସ୍ୟଙ୍କୁ ନେଇ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ୧୯୫୧ଠାରୁ ୧୯୫୬ ମଧ୍ୟରେ ଅର୍ଥାତ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳ ମଧ୍ୟରେ ପ୍ରଥମ ପଞ୍ଚମ ବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇ ଆଧୁନିକ ଓଡ଼ିଶାର ଭିତ୍ତିସ୍ଥାପନ ହେଲା । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେତେବେଳେ ଓଡ଼ିଶାର ଆର୍ଥିକ କିମ୍ବା ବୈଷୟିକ ସମ୍ବଳ ନଥିଲା । ସେଥିପାଇଁ ଓଡ଼ିଶା ବାହାରୁ ଇଂଜିନିୟର, ଡାକ୍ତର, ନର୍ସଆଣି ଏଠାରେ ଉନ୍ନୟନ କାର୍ଯ୍ୟ କରାଯାଇଥିଲା । ଆଧୁନିକ କୃଷି ପଦ୍ଧତିର ପ୍ରସାର ପାଇଁ ଏଠାରେ ପ୍ରଥମ କୃଷି କଲେଜ, ପଶୁଚିକିତ୍ସା କଲେଜ ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଶିକ୍ଷାର ପ୍ରସାର ପାଇଁ କଟକ ସହର ନିକଟରେ ଏକ ଶିକ୍ଷାନଗରୀ ସ୍ଥାପିତ ହୋଇଥିଲା ।

ଏହି ସମୟରେ ଜମିଦାରୀ ଉଚ୍ଛେଦ ଆଇନକୁ କାର୍ଯ୍ୟକାରୀ କରାଯାଇ ସମସ୍ତ ମଧ୍ୟସତ୍ୱାଧିକାରୀଙ୍କୁ ଉଚ୍ଛେଦ କରାଯାଇଥିଲା । ଭାଗଚାଷୀଆଇନ କାର୍ଯ୍ୟକାରୀ ହେଲା ଏବଂ ଲୋକଙ୍କୁ ଶାସନରେ ଭାଗୀଦାର କରିବା ପାଇଁ ଅଞ୍ଚଳ ଶାସନ ଆଇନ ପ୍ରବର୍ତ୍ତିତ ହୋଇଥିଲା । ସରକାରୀ ସ୍ତରରେ ଓଡ଼ିଆଭାଷା ପ୍ରଚଳନ କରିବା ସକାଶେ ସରକାରୀ ଭାଷା ଆଇନକୁ ସଂଶୋଧନ କରାଯାଇଥିଲା । ଓଡ଼ିଆଭାଷାକୋଷ ପ୍ରଣୟନ କରାଯାଇ ଓଡ଼ିଆଟାଇପରାଇଟରେ କି ବୋର୍ଡ଼ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଏହି ମନ୍ତ୍ରୀମଣ୍ଡଳ ବେଳେ ଓଡ଼ିଶାର ବୃହତ ବହୁମୁଖୀ ଯୋଜନା ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିଲା । ରାଉରକେଲା ଇସ୍ପାତକାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇ ଆସିଥିଲା । ଏହି ଦୁଇଟି ବୃହତ ପ୍ରକଳ୍ପ ଓଡ଼ିଶାର କୃଷି ଏବଂ ଶିଳ୍ପ ପ୍ରସାର ପାଇଁ ଭିତ୍ତିଭୂମି ରୂପେ କାର୍ଯ୍ୟ କରିଥିଲା । ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ ପ୍ରଣୀତ ''ଅଞ୍ଚଳଶାସନ ଆଇନ'' ଅମଲାତନ୍ତ୍ରର ବିରୋଧ ଯୋଗୁଁ କାର୍ଯ୍ୟକାରୀ ହୋଇପାରିନଥିଲା । ନବକୃଷ୍ଣ ଚୌଧୁରୀ ଇସ୍ତଫା ଦେବାପରେ ଡଃ ମହତାବ ବମ୍ବେ ରାଜ୍ୟପାଳପଦବୀରୁ ଇସ୍ତଫା ଦେଇ ପୁଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ୧୯୫୭ ସାଧାରଣ ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନକରିବାରୁ ୨ୟ ଥର ପୁଣି ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ଏହାର ଦାୟିତ୍ୱ ନେଇଥିଲେ ଡଃ ହରେକୃଷ୍ଣ ମହତାବ ।

ସେତେବେଳକୁ ଶ୍ରୀ ବିଜୁପଟ୍ଟନାୟକ ଯୁବକଂଗ୍ରେସର ନେତୃତ୍ୱନେଇ ମନ୍ତ୍ରୀମଣ୍ଡଳର ଇସ୍ତଫା ପାଇଁ ସମଗ୍ରରାଜ୍ୟରେ ସ୍ୱର ଉତ୍ତୋଳନ କଲେ । ମୁଖ୍ୟମନ୍ତ୍ରୀ ଡଃ ମହତାବ ୧୯୬୧ରେ ଇସ୍ତଫା ଦେଲେ । ୧୯୬୧ଯୁବକ ଆନ୍ଦୋଳନର ଶେଷରେ ଓଡ଼ିଶାରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେଲା । ଏହି ନିର୍ବାଚନରେ ଯୁବନେତା ବିଜୁପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କଲା । ଗତ ଦୁଇଟି ସାଧାରଣ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଉପକୂଳ ଏବଂ ପଶ୍ଚିମ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିଲା । ୧୯୬୧ ଜୁନରେ ବିଜୟାନନ୍ଦ ପଟ୍ଟନାୟକ ଓଡ଼ିଶା ଶାସନର ଦାୟିତ୍ୱ ଗ୍ରହଣ କଲେ । ଏହି ମନ୍ତ୍ରୀମଣ୍ଡଳ ସମୟରେ ଓଡ଼ିଶାରେ ଶିଳ୍ପ, କୃଷି ଓ ଶିକ୍ଷାର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା । ବୃହତ ଓ ମଧ୍ୟମ ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ଶିଳ୍ପ ବିକାଶ ନିଗମ ଏବଂ ଗ୍ରାମାଞ୍ଚଳରେ ଶିଳ୍ପ ବିକାଶ ପାଇଁ ଗ୍ରାମପଞ୍ଚାୟତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରାଯାଇଥିଲା । ଶିଳ୍ପ ପ୍ରସାର ପାଇଁ ତାଲିମ ଦେବାସକାଶେ ରାଉରକେଲାଠାରେ ଆଞ୍ଚଳିକ ଇଂଜିନିୟରିଂ ସ୍କୁଲମାନ ପ୍ରତିଷ୍ଠା କରାଯାଇଥିଲା । ଆଞ୍ଚଳିକ ଶିକ୍ଷକ ତାଲିମ କଲେଜ, ସୈନିକ ସ୍କୁଲ ଓ ମହିଳା ଶିକ୍ଷାନୁଷ୍ଠାନମାନ ସ୍ଥାପନ କରାଯାଇଥିଲା । ଏହି ସମୟ ମଧ୍ୟରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକଗୁଡ଼ିକୁ ଜାତୀୟକରଣ କରାଯାଇଥିଲା । ଭାରତର ଅନ୍ୟତମ ବୃହତ ବନ୍ଦର ପାରାଦ୍ୱୀପରେ ପ୍ରତିଷ୍ଠିତ ହେଲା । ୯୫ କି.ମି. ବିଶିଷ୍ଟ ହାଇୱେ ରାସ୍ତା ଓ ଦଇତାରି ଠାରେ ଲୁହାପଥର ଉତ୍ତୋଳନ ପାଇଁ ଯାନ୍ତ୍ରିକ ପଦ୍ଧତି ପ୍ରବର୍ତ୍ତନ କରାଯାଇଥିଲା । ବିଜୁପଟ୍ଟନାୟକ କାମରାଜ ଯୋଜନାରେ ୧୯୬୩ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାପରେ ବୀରେନମିତ୍ର ୧୯୬୫ ଏବଂ ସଦାଶିବ ତ୍ରିପାଠୀ ୧୯୬୭ ମାର୍ଚ୍ଚ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

୧୯୬୭ ରେ ସମଗ୍ର ଦେଶରେ କଂଗ୍ରେସର ବିପର୍ଯ୍ୟୟ ହେବାରୁ ଓଡ଼ିଶାରେ ମଧ୍ୟ ଏହାର ପ୍ରତିଫଳନ ଚତୁର୍ଥ ସାଧାରଣ ନିର୍ବାଚନରେ ଘଟିଲା । ସ୍ୱତନ୍ତ୍ର ଦଳର ନେତା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓ ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ୧୯୭୧ ପର୍ଯ୍ୟନ୍ତ ଏହି ମନ୍ତ୍ରୀମଣ୍ଡଳ ତିଷ୍ଠି ରହିଥିଲା । ରାଜେନ୍ଦ୍ର ନାରାୟଣ ସିଂହଦେଓ ଜଣେ ଅଭିଜ୍ଞ ତଥା ବିଜ୍ଞ ଶାସକ ଭାବେ ପରିଚିତ । ସ୍ୱତନ୍ତ୍ର ଏବଂ ଜନ କଂଗ୍ରେସ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦଯୋଗୁଁ ଏହି ମନ୍ତ୍ରୀମଣ୍ଡଳ କୌଣସି ଉଲ୍ଲେଖନୀୟ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ସକ୍ଷମ ହୋଇ ନଥିଲେ । ଶାସନ ବିଭାଗରୁ ବିଚାର ବିଭାଗ ଏହି ସମୟରେ ସଂପୂର୍ଣ୍ଣ ଅଲଗା ହୋଇଯାଇଥିଲା । ଏହି ସରକାର ଭୂରାଜସ୍ୱ ଉଠାଇ ଦେବା, ଜଳକର ହ୍ରାସ କରିବା ଇତ୍ୟାଦି କାର୍ଯ୍ୟ କରିଥିଲେ । ଜିଲ୍ଲା ପରିଷଦକୁ ଉଠାଇ ଦିଆଯାଇଥିଲା । ଶ୍ରୀ ସିଂହଦେଓ ଇସ୍ତଫା ଦେବାପରେ ୧୯୭୧ ମସିହାରେ ଓଡ଼ିଶା ବିଧାନସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା । ୧୯୬୯ ରେ ଭାରତୀୟ ଜାତୀୟ କଂଗ୍ରେସ ଇନ୍ଦିରାଗାନ୍ଧୀ ଏବଂ ନିଜଲିଙ୍ଗପାଙ୍କ ନେତୃତ୍ୱରେ ଭାଗଭାଗ ହେବାରୁ ରାଜ୍ୟ କଂଗ୍ରେସରେ ମଧ୍ୟ ତାର ଅନୁରୂପ ପ୍ରଭାବ ଦେଖା ଦେଇଥିଲା । ଓଡ଼ିଶାରେ କେତେକ ବ୍ୟକ୍ତି ରାଜ୍ୟ କଂଗ୍ରେସ କମିଟିରୁ ଅଲଗା ହୋଇ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସରେ ଯୋଗ ଦେଲେ ।

ଅନ୍ୟମାନେ ଜାତୀୟ କଂଗ୍ରେସରୁ ଅଲଗା ହୋଇ ୧୯୭୦ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଉତ୍କଳ କଂଗ୍ରେସରେ ଯୋଗଦେଲେ । ୧୯୭୧ରେ ଯେଉଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା ସେଥିରେ କଂଗ୍ରେସ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କଲେ ମଧ୍ୟ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ସକ୍ଷମ ହେଲେ ନାହିଁ । ଫଳରେ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା ।ଏଥିରେ ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡ ଦଳ ଭାଗ ନେଲେ । ଏହି ୧୦ ମାସିଆ ମନ୍ତ୍ରୀମଣ୍ଡଳ କିଛି କାର୍ଯ୍ୟ କରିବା ପରିବର୍ତ୍ତେ ଅଭୂତପୂର୍ବ ବାତ୍ୟା ଓ ବନ୍ୟାଯୋଗୁଁ ବ୍ୟାପକ କ୍ଷତି ଏବଂ ହଜାର ହଜାର ଲୋକଙ୍କ ଜୀବନ ହାନି ଘଟିଥିବାରୁ ପ୍ରଶାସନିକ କର୍ତ୍ତୃପକ୍ଷ ବହୁଦିନଧରି ପ୍ରପୀଡ଼ିତ ଲୋକଙ୍କ ରିଲିଫ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ ।

ଏହି ସମୟ ମଧ୍ୟରେ ଭୂସଂସ୍କାର ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହୋଇଥିଲା । ମିଳିତ ମନ୍ତ୍ରୀମଣ୍ଡଳରୁ ଗଣତନ୍ତ୍ର ପରିଷଦ ଓ ଉତ୍କଳ କଂଗ୍ରେସର ସଭ୍ୟମାନେ ସମର୍ଥନ ପ୍ରତ୍ୟାହାର କରି କଂଗ୍ରେସରେ ଯୋଗଦେବାରୁ ଏହି ମନ୍ତ୍ରୀମଣ୍ଡଳର ପତନ ଘଟିଥିଲା । ସେତେବେଳେ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୨ରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ଦାୟିତ୍ୱ ନେଲେ । ଏହି ମନ୍ତ୍ରୀମଣ୍ଡଳ

୧୯୭୩ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଲା । ଏହି ସମୟରେ କେନ୍ଦୁପତ୍ର ଜାତୀୟକରଣ ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହାଛଡ଼ା ଭୂସଂସ୍କାର ଆଇନରେ କେତେକ ପ୍ରଗତିମୂଳକ ବ୍ୟବସ୍ଥା ଯୋଗ କରାଯାଇଥିଲା । ନନ୍ଦିନୀ ଶତପଥୀ ଙ୍କ ମନ୍ତ୍ରୀମଣ୍ଡଳ ୧୯୭୩ ରେ ଇସ୍ତଫା ଦେବାପରେ ୧୯୭୪ ଫେବୃଆରୀ ପର୍ଯ୍ୟନ୍ତ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ବଳବତ୍ତର ରହିଲା । ଏହି ସମୟ ମଧ୍ୟରେ ରେଙ୍ଗାଲି ବନ୍ଧ ନିର୍ମାଣ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିଲେ ଓ ଓଡ଼ିଶାରେ ଚକବନ୍ଦୀଆଇନ କାର୍ଯ୍ୟକାରୀ ହୋଇଥିଲା । ୧୯୭୪ ଫେବୃଆରୀରେ ପୁଣି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା ଏବଂ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ୧୯୭୫ ଅର୍ଥାତ ଏହି ମନ୍ତ୍ରୀମଣ୍ଡଳ ୧୫ ମାସ କାର୍ଯ୍ୟ କରିବା ପରେ ଦେଶରେ ଜରୁରୀ କାଳିନ ପରିସ୍ଥିତି ଘୋଷଣା ହେଲା । ସେତେବେଳେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ଦଫା କାର୍ଯ୍ୟକ୍ରମ ଘୋଷଣା କଲେ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଓଡ଼ିଶାର ୪ଟି ଜିଲ୍ଲାରେ ଭୂମିହୀନ ଲୋକଙ୍କୁ ଘରଡ଼ିହ ବଣ୍ଟନ କରାଯାଇଥିଲା । ଏକ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଗୋତିଶ୍ରମିକ ପ୍ରଥା ଉଠାଯାଇ ସେମାନଙ୍କୁ ଥଇଥାନ କରାଯାଇଥିଲା । ୨୫ ଟଙ୍କା ବାର୍ଦ୍ଧକ୍ୟ ଭତ୍ତାପ୍ରଦାନ, ମହାଜନୀ ଆଇନର ସଂଶୋଧନ ଓ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଥିଲା । ଏହି ମନ୍ତ୍ରୀମଣ୍ଡଳର ଶେଷ ଭାଗରେ କଂଗ୍ରେସ ଦଳ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦ ଯୋଗୁଁ ନନ୍ଦିନୀ ଶତପଥୀ ଇସ୍ତଫା ଦେଲେ ଏବଂ ବିନାୟକ ଆଚାର୍ଯ୍ୟ ୧୯୭୭ ଜୁନ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ୧୯୭୭ ମସିହା ଜାନୁଆରୀରେ ଜରୁରୀ କାଳୀନ ଅବସ୍ଥା କୋହଳ ହେବା ପରେ ରାଜନୈତିକ ବନ୍ଦୀମାନେ ଖଲାସ ହେଲେ ଓ ଦେଶରେ ଅଣ କମ୍ୟୁନିଷ୍ଟ ଦଳ ମିଶି ଜନତା ଦଳ ଗଠନ କଲେ । ୧୯୭୭ରୁ ୮୦ ପର୍ଯ୍ୟନ୍ତ ଶ୍ରୀ ନୀଳମଣି ରାଉତରାୟଙ୍କ ଅଧକ୍ଷତାରେ ଜନତା ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହି ମନ୍ତ୍ରୀମଣ୍ଡଳ ସମୟରେ ସରକାର କୃଷି, ଶିଳ୍ପ ଏବଂ ପ୍ରାଥମିକ ଶିକ୍ଷାର ଦ୍ରୁତ ବିକାଶ ଉପରେ ବିଶେଷ ଜୋର ଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶ କରିବା, ଉନ୍ନତ ବିହନ ଯୋଗାଇବା ସକାଶେ ବିହନ ନିଗମ ପ୍ରତିଷ୍ଠା ଓ ନିଶା ନିବାରଣ କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ଘଟଣା । ସମବାୟ ବ୍ୟାଙ୍କ ସୁଧ କମ୍ କରି ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଇ ଦିଆଯାଇଥିଲା । ଏହି ମନ୍ତ୍ରୀମଣ୍ଡଳ ଚାଲିଯିବା ପରେ ନିଶା ନିବାରଣ ଯୋଜନା ବନ୍ଦ କରାଯାଇଥିଲା । ଏକ ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠା ଜନତା କେନ୍ଦ୍ରମନ୍ତ୍ରୀମଣ୍ଡଳ ଭାଙ୍ଗିଯିବାରୁ ସମ୍ଭବପର ହୋଇ ପାରିନଥିଲା । କେନ୍ଦ୍ରରେ ଚରଣ ସିଂହଙ୍କ ମନ୍ତ୍ରୀମଣ୍ଡଳ ୧୯୭୯ ରେ ପତନ ଘଟିବା ପୂର୍ବରୁ ଜନତା ଦଳ ତିନି ଭାଗରେ ବିଭକ୍ତ ହୋଇଯାଇଥିଲା । ଏହି ବିଭାଜନର ସୁଯୋଗ ନେଇ ରାଜ୍ୟ କଂଗ୍ରେସ(ଇ) ୧୯୮୦ ଜୁନମାସରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ କରାଗଲା । ୧୯୮୫ ପର୍ଯ୍ୟନ୍ତ ଏହି ମନ୍ତ୍ରୀମଣ୍ଡଳ କାର୍ଯ୍ୟକରିବା ପରେ ପୁଣି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ସରକାର କାର୍ଯ୍ୟ କରିଥିଲା ।

୧୦ ବର୍ଷର ଏହି ସ୍ଥାୟୀ ଶାସନ ମଧ୍ୟରେ ଦୁଇଟି ବୃହତ ଶିଳ୍ପ କେନ୍ଦ୍ର ଆଲୁମିନିୟମ କାରଖାନା ଏବଂ ପାରାଦ୍ୱୀପ ଫସଫେଟ କାରଖାନା ପ୍ରତିଷ୍ଠା ହୋଇପାରିଥିଲା । ଏହି ସମୟରେ ଦ୍ରୁତ ଶିଳ୍ପାୟନ କରାଯାଇ ହଜାରେ ଦିନରେ ହଜାରେ ଶିଳ୍ପର ସଂକଳ୍ପ ନିଆଯାଇଥିଲା । ଗ୍ରାମାଞ୍ଚଳର ଗରିବ ଓ ବେକାର ଲୋକଙ୍କୁ ସହାୟତା ଦେବାପାଇଁ ଆଇ.ଆର.ଡ଼ି.ପି: ଓ ଜବାହର ରୋଜଗାର ଯୋଜନା କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହୋଇଥିଲା । ଶିକ୍ଷିତ ବେକାରମାନଙ୍କୁ କ୍ଷୁଦ୍ର ଶିଳ୍ପ ଏବଂ କୃଷି ଭିତ୍ତିକ ଶିଳ୍ପ ଯୋଗାଇ ଦେବା ପାଇଁ ଏକ ପରିକଳ୍ପନା କାର୍ଯ୍ୟକାରୀ ହୋଇଥିଲା । ୧୯୮୦ ରୁ ୮୩ ପର୍ଯ୍ୟନ୍ତ ବନ୍ୟାବାତ୍ୟା ଯୋଗୁଁ ଓଡ଼ିଶାର ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା । ୧୯୯୦ ମସିହାର ନିର୍ବାଚନ ପୂର୍ବରୁ କଂଗ୍ରେସ ମନ୍ତ୍ରୀମଣ୍ଡଳରେ ଗୋଷ୍ଠୀକନ୍ଦଳ ଦେଖାଦେଇ ଶେଷରେ କିଛିଦିନ ପାଇଁ ନେତୃତ୍ୱ ପରିବର୍ତ୍ତନ ହୋଇଥିଲା ଏବଂ ଶ୍ରୀ ହେମାନନ୍ଦ ବିଶ୍ୱାଳ ମନ୍ତ୍ରୀମଣ୍ଡଳର ଦାୟିତ୍ୱ ନେଇଥିଲେ ।

୧୯୯୦ ମସିହା ଫେବୃଆରୀରେ ଓଡ଼ିଶା ବିଧାନ ସଭାର ନିର୍ବାଚନ ହୋଇ ଜନତା ଦଳ ବିପୁଳ ସଂଖ୍ୟାରେ ବିଜୟ ଲାଭ କରିଥିଲା । ପୁଣି ଶ୍ରୀ ବିଜୁ ପଟ୍ଟନାୟକ ମନ୍ତ୍ରୀମଣ୍ଡଳ ଗଠନ କଲେ । ସେ ସର୍ବନିମ୍ନ ମଜୁରୀ ୨୫ ଟଙ୍କା ବୃଦ୍ଧି, ଦଶହଜାର ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିଥିଲେ । ଆଦିବାସୀ ଅଞ୍ଚଳରେ ଚାଉଳ କିଲୋ ୨ ଟଙ୍କାରେ ଯୋଗାଇବାର ବ୍ୟବସ୍ଥା, ଅସହାୟ, ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବା ଇତ୍ୟାଦି କାର୍ଯ୍ୟ କରିଥିଲେ ।

୧୯୯୨ରେ ସ୍ୱାୟତ୍ତଶାସନ ଅନୁଷ୍ଠାନ ଗୁଡ଼ିକ ପୁନର୍ବାର ନିର୍ବାଚନ କରାଯିବା, ୧୩ ବର୍ଷ ପରେ ପୌରସଂସ୍ଥା ଏବଂ ୯ ବର୍ଷପରେ ଗ୍ରାମପଞ୍ଚାୟତମାନଙ୍କରେ ନିର୍ବାଚନ କରାଯିବା ଫଳରେ ଲୋକେ ଉତ୍ସାହିତ ହୋଇଥିଲେ । ସରକାର ପୌର ଏବଂ ଗ୍ରାମ ପଞ୍ଚାୟତ ଆଇନକୁ ସଂଶୋଧନ କରି ସେଥିରେ ବିଭିନ୍ନ ୱାର୍ଡ଼ରେ ଶତକଡ଼ା ୩୦ ଭାଗ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଥିଲେ । ମହିଳାମାନଙ୍କୁ ଅଧିକତର ପ୍ରୋତ୍ସାହନ ଦେବା ଏବଂ ପ୍ରଶାସନରେ ସାମିଲ କରିବାର ସୁଯୋଗ ସୃଷ୍ଟି କରିଥିଲେ । ପୌରସଂସ୍ଥାଗୁଡ଼ିକରେ ୪୦୦ ମହିଳା ଏବଂ ଗ୍ରାମପଞ୍ଚାୟତମାନଙ୍କରେ ୨୫ ହଜାର ମହିଳା ନିର୍ବାଚିତ ହୋଇଥିଲେ । ତ୍ରିସ୍ତରୀୟ ପଞ୍ଚାୟତ-ରାଜବ୍ୟବସ୍ଥା ପାଇଁ ଆଇନ ହୋଇଥିଲେ ମଧ୍ୟ କେତେକ କାରଣ ଯୋଗୁଁ ଜିଲ୍ଲା ପରିଷଦ ନିର୍ବାଚନ ହୋଇପାରିନଥିଲା ।

ଜନତାଦଳ ନିଜର ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରି ଦୁର୍ନୀତିଗ୍ରସ୍ତ ଅଫିସର ଏବଂ ଲୋକପ୍ରତିନିଧିମାନଙ୍କ ଆୟ ବହିର୍ଭୂତ ସଂପତ୍ତିକୁ ବାଜ୍ୟାପ୍ତ କରିବା ସକାଶେ ଘୋଷଣା କରିଥିଲେ । ଯଖପୁରାଠାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ଏବଂ ଦଇତାରିଠାରେ ଆଉ ଏକ ଇସ୍ପାତ ଚୀନର ଏକ ଶିଳ୍ପସଂସ୍ଥା ସହଯୋଗରେ କରିବା ପାଇଁ ଉଦ୍ୟମ କରାଯାଇଥିଲା । ପରବର୍ତ୍ତୀ କାଳରେ ମେଷ୍ଟୋ ଦଇତାରିଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା କଲେ । ଅନେକ ବିଦେଶୀ ପୁଞ୍ଜିପତି ଏଠାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ

ତାହା କାର୍ଯ୍ୟକାରୀ ହୋଇପାରିନଥିଲା । ପାରାଦ୍ୱୀପଠାରେ ତୈଳ ବିଶୋଧନାଗାର ପ୍ରତିଷ୍ଠା, ଯଖପୁରା-ବାଂଶପାଣି ରେଳପଥ ଓ ପାରାଦ୍ୱୀପ ବନ୍ଦର ବିକାଶ ପାଇଁ ପ୍ରୟାସ ଜାରି ରହିଥିଲା । ପରବର୍ତ୍ତୀ ନିର୍ବାଚନ ୧୯୯୫ରେ ଜନତା ଦଳ ଶାସନର ଅବସାନ ଘଟିଲା । ଏହାପରେ ପୁଣି କଂଗ୍ରେସ ମନ୍ତ୍ରୀମଣ୍ଡଳର ଦାୟିତ୍ୱ ନେଲେ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ । ଏହି ମନ୍ତ୍ରୀମଣ୍ଡଳ କାଳରେ ଗୋପାଳପୁରଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଏବଂ ଦୁବୁରି ଠାରେ ମେଷ୍ଟୋ ଇସ୍ପାତ କାରଖାନା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା, ବିଭିନ୍ନ ବିଦେଶ ଗସ୍ତରେ ଯାଇ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଦେଶୀ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ଏବଂ ରାଜ୍ୟରେ ଆଧୁନିକ କାରଖାନା ଏବଂ ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବାତାବରଣ ସୃଷ୍ଟି କରିବା, କମ୍ପ୍ୟୁଟର ଶିଳ୍ପର ବିକାଶ କରିବା ଆଦି ଉଲ୍ଲେଖନୀୟ ଘଟଣା । କୃଷି, ଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିପୁଳ ବିକାଶ ଘଟାଇ ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଣତ କରିବା ପାଇଁ ସରକାର ନିରବଚ୍ଛିନ୍ନ ଉଦ୍ୟମ ଚଳାଇ ଆସିଛନ୍ତି । ।

ବିଗତ ୫୦ ବର୍ଷର ପ୍ରଗତି ସତ୍ତ୍ୱେ ଓଡ଼ିଶା ଏବେ ବି ଅନୁନ୍ନତ ହୋଇ ରହିଛି । ସମସ୍ତ ପ୍ରାକୃତିକ ସଂପଦ ସତ୍ତ୍ୱେ ଲୋକେ ଦାରିଦ୍ର୍ୟର ତାଡ଼ନାରେ ହନ୍ତସନ୍ତ ହେଉଛନ୍ତି । ବେକାରୀ ବୃଦ୍ଧି ପାଉଛି । ସ୍ୱାଧୀନତାର ୫୦ ବର୍ଷ ପରେ ବି ଲୋକେ ପ୍ରକୃତ ସ୍ୱାଧୀନତାର ସ୍ୱାଦ ଚାଖି ପାରିନାହାନ୍ତି । ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକ ମନ, ଏକ ପ୍ରାଣରେ ଆଗେଇ ଆସନ୍ତୁ, ଏହାହିଁ ଆଜିର ଦିବସରେ କାମନା ।

ସଂପାଦକ
ଘର.ନଂ-ଭି.ଏ, ୪/୧, ୟୁନିଟ -୨
ଭୁବନେଶ୍ୱର - ୯

# ସଂସ୍କୃତି

ଶ୍ରୀ ସନ୍ତୋଷ କୁମାର ଦାସ

ସଂସ୍କୃତିର ଅର୍ଥ ସମ୍ୟକ କୃତି
ଧରି ରଖିଛି ସଂସ୍କୃତି ଓଡ଼ିଶାର
ଅତୀତ ପରମ୍ପରାକୁ
ପୁରୀ କୋଣାର୍କ ଲିଙ୍ଗରାଜ ମନ୍ଦିର
ମୂକସାକ୍ଷୀ ରୂପେ ଦଣ୍ଡାୟମାନ ଆଜି ।
କଳାକାର ମରି ନାହିଁ କଳାର ଶେଷ ନାହିଁ
ପ୍ରସ୍ତର ଗାତ୍ରରେ ଶିଳ୍ପୀର କଳା ସଦା ଜାଜ୍ୱଲ୍ୟମାନ
ଚିର ସୁନ୍ଦର ଶାଶ୍ୱତ-ଉତ୍କଳର ଐତିହ୍ୟ, ସଂସ୍କୃତି-ସଂଗୀତ ।

ଉତ୍କଳର ନବ ବର୍ଷ ତିଥି ଚୈତ୍ର ମାସରେ
ଘରେ ଘରେ ପୂଜା ପାର୍ବଣ
ଚାଉଳ ଚୁଡ଼ା, ଦହି, ପାଚିଲା ଆମ୍ବ
ନବାତ ପଣା ଭୋଗ ଅର୍ପିତ
ବୃନ୍ଦାବତୀ, ଗ୍ରାମ ଦେବତୀ
ମା-ମଙ୍ଗଳା ଓ ଶାରଳା ମନ୍ଦିରେ
ମୁଖରିତ ପୁରପଲ୍ଲୀ ଶୁଭ ଶଙ୍ଖ ହୁଳହୁଳି ସ୍ୱରେ
ଝାମୁ ଯାତ୍ରାରେ ପ୍ରକମ୍ପିତ
କାକଟପୁର ମଙ୍ଗଳା ମନ୍ଦିର ।

ଧର୍ମ ଧରି ରଖିଛି ଓଡ଼ିଶାର ସଂସ୍କୃତିକୁ
ଯୁଗ ଯୁଗ ଧରି
ଧର୍ମ କର୍ମକୁ ବାଦଦେଲେ ସଂସ୍କୃତି ବଞ୍ଚିବ ନାହିଁ
ପରମ୍ପରାକୁ ଧରି ରଖିବାକୁ ହେବ
ଧର୍ମ ଓ କର୍ମରେ
ଭ୍ରାତୃତ୍ୱର ବନ୍ଧନରେ ସ୍ୱାଗତ କରିବା ଆସ
ଭାରତୀୟ ନବ ବର୍ଷକୁ
ଅତୀତର ଐତିହ୍ୟକୁ ଜାବୁଡ଼ି ଧରିବା
ବୌଦ୍ଧିକ ପୂଜା ପାର୍ବଣ ମମତା ବନ୍ଧନେ
ଏ ଜାତି ବଞ୍ଚିବ ଯୁଗ ଯୁଗ ଧରି
ସର୍ବେ ସନ୍ତୁ ନିରାମୟା
ପ୍ରାର୍ଥନା କରେ ମା ମଙ୍ଗଳାଙ୍କ ପୟରେ ।

କବି ନିବାସ, ଏମ୍.ଆଇ.ଜି. ୧-୮/୧୩
ବିଡ଼ିଏ କଲୋନୀ, ଚନ୍ଦ୍ରଶେଖର ପୁର,
ଭୁବନେଶ୍ୱର - ୧୬

—0—

# କଳିଙ୍ଗ ସଂସ୍କୃତିକୁ ଟିକିଟୀର ଅବଦାନ

ଶ୍ରୀ ନରସିଂହ ଦେଓ

କଳିଙ୍ଗ ସଂସ୍କୃତିରେ ଶ୍ୱେତକ ରାଜ୍ୟର ଉଲ୍ଲେଖ ବହୁ ଇତିହାସ-ବିତ୍‌ଙ୍କ ଦ୍ୱାରା ସ୍ୱୀକୃତ । ସେହି ଶ୍ୱେତକ ଶବ୍ଦ କାଳକ୍ରମେ ଚେଟକରେ ପରିଣତ ହେଲା । ଚେଟକର ଅର୍ଥ ଉପରାଜଧାନୀ । ତତ୍‌କାଳୀନ ରାଜ୍ୟ ଶାସନ ପାଇଁ ଚେଟକ ରାଜ୍ୟକୁ ଏକ ଉପରାଜଧାନୀ ରୂପେ ଅଭିହିତ କରାଯାଉଥିଲା । ଏହି ଚେଟକ ଶବ୍ଦର ଅପଭ୍ରଂଶହିଁ ଆଧୁନିକ ଟିକିଟୀ ବୋଲିରେ ଅତ୍ୟୁକ୍ତି ହେବ ନାହିଁ । ଏହି ରାଜ୍ୟ ୮୮୧ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ନୃପତି ଯଯାତି କେଶରୀଙ୍କ ଭାଇ କେଶବ ରାଉତରାୟ ବୀର କର୍ଦ୍ଦମ ସିଂହ ଉପାଧି ଧାରଣ କରି ପ୍ରତିଷ୍ଠା କରିଥିଲେ । ସେହି ଦିନୁ ଏହା ଟିକିଟୀ ନାମରେ ବିଦିତ ।

୮୨୪ ଖ୍ରୀ:ରେ ପୁରୀଠାରେ ସର୍ବପ୍ରଥମେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଲା, ତତ୍‌କାଳୀନ ଆତ୍ରେୟ ଗୋତ୍ରୀ କେଶରୀ ବା ସୋମବଂଶୀ ରାଜା ଯଯାତିଙ୍କ ଦ୍ୱାରା । ସେତେବେଳେ ସେ ଦେଶର ରାଜନୈତିକ ସୁରକ୍ଷା ପାଇଁ ମଧ୍ୟ ଧ୍ୟାନ ଦେଇଥିଲେ । ଏଣୁ ଦକ୍ଷିଣ ଅଞ୍ଚଳରେ ତାହାଙ୍କ ଭାଇ କେଶବ ରାଉତରାୟଙ୍କୁ ବୀର କର୍ଦ୍ଦମ ସିଂହ ଉପାଧି ଦେଇ ଖ୍ରୀ ୮୮୧ ରେ ଟିକିଟୀ ରାଜ୍ୟ ସ୍ଥାପନ କଲେ । ଟିକିଟୀ ରାଜବଂଶ ମଧ୍ୟ ଆତ୍ରେୟ ଗୋତ୍ରୀ ସୋମବଂଶଜ । ବୀର କର୍ଦ୍ଦମ ସିଂହ ପୁତ୍ର ବଳଭଦ୍ରଙ୍କ ରାଜତ୍ୱ ଅର୍ଥାତ ଖ୍ରୀ ୯୬୭ ସୁଦ୍ଧା ଏ ଅଞ୍ଚଳରେ ସାଂଗଠନିକ କାର୍ଯ୍ୟରେ ସମୟ ଅତିବାହିତ ହୋଇଥିଲା । କେଶବ ରାଜା ଇଷ୍ଟଦେବୀ କୁଠାରୀଙ୍କୁ ସ୍ଥାପନ କରି ବୋଦାଗିରିଠାରେ ପ୍ରଥମେ ନିଜର ଦୁର୍ଗ ସ୍ଥାପନ କରିଥିଲେ । ଏହି ବୋଦାଗିରି ତତ୍କାଳୀନ ଗଜପତିଙ୍କ ଏକ ପ୍ରସିଦ୍ଧ ଦୁର୍ଗ ଥିଲା । ଇଷ୍ଟଦେବୀ 'କୁଠାରଧାରିଣୀ' ରୂପେ ଆବିର୍ଭୂତ ହେବାରୁ ଲୋକେ 'କୁଠାରୀ' ବୋଲି କହିଲେ । ଏହି ଦେବୀମନ୍ଦିର ଅଦ୍ୟାପି ଏରାଜ୍ୟର ରାଜଧାନୀରେ ଅବସ୍ଥିତ । ବଳଭଦ୍ରଙ୍କ ପୁଅ ମାଧବ ୯୯୮ରୁ ୧୦୫୯ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ପେଣ୍ଠୁରାଖାଲି ଶାସନ ଦାନ ଓ ମହାଦେବ ପ୍ରତିଷ୍ଠା କରାଇଲେ । ଏତିକି ବେଳେ ପୁରୀ ଗଜପତି ଗଙ୍ଗବଂଶୀ ଅନନ୍ତ ବର୍ମା ଚୋଡଗଙ୍ଗ ଶ୍ରୀମନ୍ଦିର ପୁନ ର୍ନିର୍ମାଣ କଲେ ଓ ତାହାଙ୍କ ପୁତ୍ର ଅନଙ୍ଗଭୀମ ୧୧୯୬ ଖ୍ରୀଷ୍ଟାବ୍ଦରେ ତାହା ଶେଷ କଲେ । ଟିକିଟୀ ରାଜବଂଶ କେଶରୀ ବା ସୋମବଂଶୀ ପୁଣି ଚୋଡଗଙ୍ଗ ଗଙ୍ଗବଂଶୀ । ସୋମବଂଶୀ ରାଜାମାନଙ୍କ ଧ୍ୱଜାରେ ଗଜାରୂଢ଼ କେଶରୀ ଚିତ୍ର ରହେ । ଏଣୁ ଟିକିଟୀର ରାଜଧାନୀରେ ''ସତୀ ଅଶ୍ୱତ୍ଥ'' ନାମରେ ଯେଉଁ ବିରାଟ ବିଶାଳ ଅଶ୍ୱତ୍ଥ ବୃକ୍ଷ ଥିଲା ତାରି ବୃକ୍ଷରେ ଗଜାରୂଢ଼-କେଶରୀ ଧ୍ୱଜା ବା ଶ୍ରୀ ଗୁଣ୍ଡିଚା, ଦଶହରା ଇତ୍ୟାଦି ପର୍ବପର୍ବାଣୀମାନରେ ଉଡ଼ାଇ ଦିଆଯାଏ । ତା'ପରେ ମାଧବଙ୍କ ପୁଅ ଲାଙ୍ଗଳି (୧୦୬୦-୧୦୯୪) ଓ ଲାଙ୍ଗଳିଙ୍କ ପୁଅ ମୋହନୀ (୧୦୯୫-୧୧୪୩) ରାଜତ୍ୱ କାଳରେ ଖଜୁରିଆ ଶାସନ ଦାନ କରି ଈଶାନେଶ୍ୱର ମହାଦେବ ପ୍ରତିଷ୍ଠା କଲେ । ଏହି ଖଜୁରିଆ ଶାସନରେ ସପ୍ତଦଶ ଶତାବ୍ଦୀରେ ମହାମହୋପାଧ୍ୟାୟ ନରହରିପଣ୍ଡାଙ୍କ ଜନ୍ମ । ସେ ନିକଟସ୍ଥ ବାରାହୀ ଠାକୁରାଣୀଙ୍କୁ ଆରାଧନା କରି ସର୍ବଶାସ୍ତ୍ର ଆୟତ୍ତ କରିପାରିଥିଲେ । କୌଶିକ ଗୋତ୍ରୀୟ ନୈଷ୍ଠିକ ବ୍ରାହ୍ମଣ ନରୋତ୍ତମ ପଣ୍ଡାଙ୍କର ସେ ଥିଲେ ଜ୍ୟେଷ୍ଠ ସନ୍ତାନ । ନରୋତ୍ତମ ପଣ୍ଡା ବହୁ ଦିନର ବନ୍ଧ୍ୟାତ୍ୱ ପରେ ଖଜୁରିଆ ଶାସନର ଇଷ୍ଟଦେବତା ଈଶାନେଶ୍ୱରଙ୍କୁ ସେବା କରି ପୁତ୍ର ରତ୍ନ ନରହରିଙ୍କୁ ପାଇଥିଲେ । ନରୋତ୍ତମ ନରହରିଙ୍କୁ ପିଲାକାଳରୁ ଅମରକୋଷର କଣ୍ଠସ୍ଥ କରିବା ପାଇଁ କହନ୍ତି । କିନ୍ତୁ ନରହରି ବାଲ୍ୟ ଚପଳତା ଯୋଗୁଁ ସେଥିରେ ମନଯୋଗ କରନ୍ତି ନାହିଁ । ସେ ଥରେ ବାପାଙ୍କର କଡ଼ା ନିର୍ଦ୍ଦେଶ ଓ ଛାଟ ପ୍ରହାରରେ ପାଗଳ ହୋଇ ନିଶାର୍ଦ୍ଧରେ ନିକଟସ୍ଥ ଶ୍ମଶାନକୁ ଚାଲିଗଲେ ଓ ସଦ୍ୟଶବ ଦହନାବଶେଷ ଅଗ୍ନି ଶିଖା ନିକଟରେ ବସି ଆବୃତ୍ତି କରି ଚାଲିଲେ-

ଉମା କାତ୍ୟାୟିନୀ ଗୌରୀ କାଳୀ ହୈମବତୀଶ୍ୱରୀ
ଶିବା ଭବାନୀ ରୁଦ୍ରାଣୀ ସର୍ବାଣୀ ସର୍ବମଙ୍ଗଳା
ଅପର୍ଣ୍ଣା ପାର୍ବତୀ ମୃଡ଼ାନୀ ଚଣ୍ଡିକାମ୍ବିକା-ଇତ୍ୟାଦି

ଦେବୀ ଆର୍ବିଭୂତା ହୋଇ 'ବାରାହୀ'ଙ୍କ ନିକଟରେ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ନରହରି ଦେବୀଙ୍କ ଆଜ୍ଞାରେ ବାରାହୀଙ୍କୁ ସେବା କରି ଅପୂର୍ବ ପାଣ୍ଡିତ୍ୟ ଲାଭ କଲେ । ଥରେ ନରହରି ମୁକୁନ୍ଦଦେବ ମହାରାଜାଙ୍କ ସମୟରେ ଶ୍ରୀମନ୍ଦିର ଭିତରେ ମହାକବି କାଳିଦାସଙ୍କ ମେଘଦୂତ କାବ୍ୟ ଆବୃତ୍ତି କରି ଶ୍ରୀଜଗନ୍ନାଥଙ୍କର ସ୍ତୁତି କରିବା ଦ୍ୱାରା ସେଠାରେ ପଣ୍ଡା ପଡ଼ିହାରୀ ମେଘଦୂତ ଏକ ଆଦିରସାତ୍ମକ ଶୃଙ୍ଗାର କାବ୍ୟ ଏଣୁ ଶ୍ରୀଜଗନ୍ନାଥଙ୍କ ସ୍ତୁତି ଉପଯୋଗୀ ନୁହେଁ ବୋଲି ନରହରିଙ୍କୁ ତାଗିଦା କଲେ । ଏଥିରେ ମହାଗଣ୍ଡଗୋଳ ହେଲା । ଏହି ଗଣ୍ଡଗୋଳ ଶେଷରେ ଗଜପତି ମୁକୁନ୍ଦଦେବଙ୍କ ନିକଟରେ ପହଞ୍ଚିଲା । 'ମେଘଦୂତ' ଶ୍ରୀ ଜଗନ୍ନାଥଙ୍କର ଏକ ସ୍ତୁତିଗାନମୂଳକ କାବ୍ୟ ବୋଲି ପ୍ରତିପାଦନ କରିବା ପାଇଁ ନରହରିଙ୍କୁ ଡାକରା ହେଲା । ଏହା ଯଦି ସତ୍ୟହୁଏ ତେବେ ଶ୍ରୀଜଗନ୍ନାଥଙ୍କ ମୁଖାରବିନ୍ଦ

ସ୍ୱେଦାକ୍ତ ହୋଇ ଚନ୍ଦନ ଲେପନ ଧୋଇ ହୋଇଯିବ ବୋଲି ନରହରି ରାଜାଙ୍କୁ କହିଲେ । ତଦନୁସାରେ ରାଜାଙ୍କ ଉପସ୍ଥିତିରେ ଶ୍ରୀ ଜଗନ୍ନାଥଙ୍କ କପୋଳରେ ଚନ୍ଦନ ଲେପନ କରାଗଲା ପୁଣି ନରହରି ମେଘଦୂତ ଆବୃତ୍ତି କରି ଦାରୁବ୍ରହ୍ମଙ୍କ ମୁଖକୁ ଚାହିଁ ଅଶ୍ରୁବିଗଳିତ ଥରଥର ଅବୟବରେ ଦଣ୍ଡାୟମାନ ହେଲେ । ସତକୁସତ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମୁଖ ଆସ୍ତେ ଘର୍ମାକ୍ତ ହୋଇ ଚନ୍ଦନ ଲେପନ ଧୋଇହୋଇଗଲା ଓ ନେତ୍ରରୁ ଅଶ୍ରୁ ବିଗଳିତ ହେଲା । ରାଜା ଏହା ଦେଖି ଚକିତ ହେଲେ ଓ ଦାକ୍ଷିଣୀ ପଣ୍ଡିତ ନରହରିଙ୍କୁ ଦାରୁବ୍ରହ୍ମଙ୍କ ସମ୍ମୁଖରେ ''ମହାମହୋପାଧ୍ୟାୟ'' ଉପାଧିରେ ଭୂଷିତ କଲେ । ନରହରିଙ୍କର ଏହି ମେଘଦୂତ ଟୀକା ବ୍ରହ୍ମପ୍ରକାଶନୀ ଟୀକା ରୂପେ ଓଡ଼ିଶା ଏକାଡ଼େମୀ ଦ୍ୱାରା ପ୍ରକାଶିତ ।

ମୋହନୀଙ୍କ ପୁଅ ବଳରାମ (୧୧୪୪-୧୧୯୭) ବହୁ ମହାଦେବ ମନ୍ଦିର, ଆମ୍ବତୋଟା ବିଲାଡ଼ି ଓ କୋଟଲିଂ ଗ୍ରାମରେ ବିରାଟ ବିଶାଳ ପୋଖରି ଖୋଳାଇ କୃଷିର ଉନ୍ନତି କଲେ । ତାହାଙ୍କ ପୁଅ ବିଶ୍ୱନାଥ (୧୧୯୮-୧୨୪୯) ଠିକ୍ ପୁରୀ ଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ପରେ ୧୨୪୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠାକରି ଏକ ମଣ୍ଡପ ନିର୍ମାଣ କଲେ । ଏତିକିବେଳେ ଟିକିଟୀର ରାଜଧାନୀ ମୁଣ୍ଡବେରୀ ଠାରେ ଥିଲା । ଏହା ବ୍ୟତୀତ ସେ ବିଶ୍ୱେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କରିଥିଲେ । ୯ମ ରାଜା ରଘୁନାଥ ଶ୍ରୀଗୋପୀନାଥ ମହାପ୍ରଭୁଙ୍କୁ ପ୍ରତିଷ୍ଠା କରି ବୋରିବାଡ଼ି ଗ୍ରାମ ଦାନ କଲେ ଓ ସଦାବ୍ରତ ନୃସିଂହମଠ ପ୍ରତିଷ୍ଠାକରି ଅନ୍ନଛତ୍ର ଖୋଲିଥିଲେ । ସେତେବେଳକୁ ଖ୍ରୀ ୧୨୭୩-୧୩୧୩ ହୋଇଥିଲା ଓ ମୁସଲମାନମାନେ ଓଡ଼ିଶାର ଯାଜପୁର ଇତ୍ୟାଦି ଅଞ୍ଚଳ ଆକ୍ରମଣ କରିଥିଲେ । ଏଣୁ ଦକ୍ଷିଣ ପ୍ରାନ୍ତରେ ଓଡ଼ିଆ ରାଜାମାନେ ସନାତନ ଧର୍ମର ପ୍ରସାର ପାଇଁ ତତ୍ପର ହୋଇଥିଲେ । ପରେ ୧୦ମ ରାଜା ଦୀନବନ୍ଧୁ (୧୩୧୪-୧୩୬୪) ଓ ୧୧ଶ ରାଜା ଗୋପୀନାଥ (୧୩୬୫-୧୪୧୭) ନିଜ ରାଜତ୍ୱକାଳରେ ବହୁ ଠାକୁରାଣୀ ମନ୍ଦିର କଲେ । କାରଣ ସେ ଦୁହେଁ ନିଷ୍ଠାପର ଶକ୍ତି ଉପାସକ ଥିଲେ । ୧୨ଶ ରାଜା ରାମଚନ୍ଦ୍ର (୧୪୧୮-୧୪୬୪) ରାମଚନ୍ଦ୍ରପୁର ଶାସନ ଦାନ କଲେ । ସେତେବେଳକୁ ଗଜପତି କପିଳେନ୍ଦ୍ର ଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବଢ଼ାଇ 'ଗଜପତି ଗୌଡ଼େଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ । ତା' ପରେ ଗଜପତି ପୁରୁଷୋତ୍ତମ ଦାକ୍ଷିଣାତ୍ୟ ବିଜୟରୁ ଫେରି ବୋଦାଗିରି ବା ବରଙ୍ଗ ଠାରେ ଚେଟକ ରାଜଧାନୀରେ କିଛି ସମୟ ଅବସ୍ଥାନ କରିଥିଲେ । ବରଙ୍ଗଠାରେ ମହାଦେବ ମନ୍ଦିରକୁ ନେଇ ବହୁ ଐତିହାସିକ ତଥ୍ୟ ମିଳେ । ଏଠାରେ ୪୫ ବର୍ଷ ପୂର୍ବେ କେତେକ ତାମ୍ର ଫଳକ ଆବିଷ୍କାର ହୋଇଥିଲା । ତେବେ ଏହି ରାଜା ରାମଚନ୍ଦ୍ର ହିଁ ଘୋଡ଼ାପଡ଼ାରେ ଗଡ଼ କରି ରହିଥିଲେ । ୧୩ଶ ରାଜା ନାରାୟଣ (୧୪୬୫-୧୫୩୦ ରାଜତ୍ୱ କଲେ । ୧୪ଶ ରାଜା ନୃସିଂହ (୧୫୩୧-୧୫୮୩) ପାଇକପଡ଼ା ବା ଆଧୁନିକ ଟିକିଟୀ ଗଡ଼ରେ ରାଜଧାନୀ କଲେ । ପୂର୍ବେ ପାଇକପଡ଼ା 'ଚେଟକ' ରାଜ୍ୟର ମୁଖ୍ୟ ସୈନ୍ୟ ଛାଉଣି ଥିଲା । ଏତିକି ବେଳେ ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ଓଡ଼ିଶାର ପତନ ହେଲା । ୧୫ଶ ରାଜା ଲୋକନାଥ ୧୫୮୪-୧୬୩୩) ଲୋକନାଥପୁର ଶାସନ ପ୍ରତିଷ୍ଠା କଲେ ଓ ସେହିଁ ଟିକିଟୀ ରାଜବଂଶର ପ୍ରଥମ କବି ଲାବଣ୍ୟ ତରଙ୍ଗିଣୀ ରଚୟିତା । ସୁତରାଂ ଐଶ୍ୱର୍ଯ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଜୀବନ ନିର୍ବାହ କରିବା ପାଇଁ ସେତିକିବେଳେ ଉପଯୁକ୍ତ ସମୟ ଆସିଲା କହିବାକୁ ହେବ । ଅଥଚ ସେତିକି ବେଳେ ହିଁ ଓଡ଼ିଶାର ପତନ । ମୁକୁନ୍ଦ ଦେବଙ୍କ ରାଜତ୍ୱ ଓ କଳାପାହାଡ଼ (୧୫୬୦) ର ଆକ୍ରମଣ ହୋଇଥିଲା । ଏହାଙ୍କ ଭଗ୍ନୀ ଓ ମହୁରୀ ରାଣୀ ବିଷ୍ଣୁପ୍ରିୟା ରଘୁନାଥ ମନ୍ଦିର କଲେ ।

ଗଜପତି ରାଜାଙ୍କ ଏପରି ବିପର୍ଯ୍ୟୟ ବେଳେ ସାରା ଉତ୍କଳର ରାଜାମାନଙ୍କ ଭିତରେ ଘୋର ଆଲୋଡ଼ନ ସୃଷ୍ଟି ହେବା ସ୍ୱାଭାବିକ । ସେତେବେଳେ ମରହଟ୍ଟା, ମୁସଲମାନ, ଫରାସୀ ଓ ଇଂରେଜମାନଙ୍କ କ୍ରମାଗତ ଆକ୍ରମଣରେ ଓଡ଼ିଶାର ଜନଜୀବନ ବିପନ୍ନହେଲା । ଥୋଡ଼େ ରାଜା ବିଦ୍ରୋହ କଲେ ଓ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ଫଳରେ ସେମାନଙ୍କ ଅବସ୍ଥା ଶୋଚନୀୟ ହେଲା । କିନ୍ତୁ ଟିକିଟୀ ଭଳି କେତେକ ରାଜା ନିଜ ଘର ସମ୍ଭାଳି କେବଳ ରହିବା ପାଇଁ ଚେଷ୍ଟାକଲେ । ନିଜ ଅକ୍ତିଆରରେ ବହୁ ସୈନ୍ୟ ସାମନ୍ତ ଗୁଡ଼ିଗୁଡ଼ା ରଖି ଆତ୍ମ ସମ୍ବରଣ କରିବା ଉପାୟ କଲେ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଚେଷ୍ଟା କଲେ । କିନ୍ତୁ ମହୁରୀ, ପାରଳା, ଆଠଗଡ଼, ଘୁମୁସର ଇତ୍ୟାଦି ରାଜାମାନଙ୍କ ପରି ଯୁଦ୍ଧ ବିଗ୍ରହରେ ନ ମାତି ନିଜ ରାଜ୍ୟକୁ ସଂରକ୍ଷିତ ଓ ସୁରକ୍ଷିତ କରି ଓଡ଼ିଆତ୍ୱ ବଜାୟ ରଖିଲେ । ଏତିକିବେଳେ ଟିକିଟୀର ୧୬ଶ ରାଜା ଯଦୁମଣି ରାଜେନ୍ଦ୍ର ଗଜପତି ବୀରକୁମାରଠାରୁ 'ରାଜେନ୍ଦ୍ର' ଉପାଧି ପାଇଲେ । ଉପେନ୍ଦ୍ର ଭଞ୍ଜଙ୍କ (୧୬୩୪-୧୬୯୧) କବିତା ରଚନା ଓ ପ୍ରଚାରରେ ସାହିତ୍ୟ ରସିକ ଉତ୍କଳବାସୀ ବିଭୋର ହୋଇ ଯାଇଥିଲେ । ସେ ଏଣେ ବୈଦେଶିକ ଆକ୍ରମଣକୁ ସମ୍ଭାଳି କୌଶଳରେ ରାଜତ୍ୱ କଲେ । କାରଣ 'ଚେଟକ' ରାଜ୍ୟ ଖଣ୍ଡ ବିଖଣ୍ଡ ହେବା ଦ୍ୱାରା ଏହାଙ୍କ ଶକ୍ତି ହ୍ରାସ ପାଇଥିଲା । ସେହିଁ ଓଡ଼ିଆ ସାହିତ୍ୟର ପ୍ରଥମ ଅଳଙ୍କାର ଗ୍ରନ୍ଥ 'କବି-କଳ୍ପଦ୍ରୁମ' ରଚୟିତା । ୧୭ଶ ରାଜା ମଧୁସୂଦନ (୧୬୯୭-୧୭୩୬) ମଧୁସୂଦନପୁର ଶାସନ, କମାଣାସନ, ରାଜଗୁରୁ ବାଳକୃଷ୍ଣ ଆଚାରୀଙ୍କୁ ଯଦୁପୁର ଗ୍ରାମଦାନ କଲେ, ଶ୍ରୀ ବାଲାଜୀ ମହାପ୍ରଭୁଙ୍କ ଦେବାଳୟକରି ସାମନ୍ତିଆପଲ୍ଲି ଗ୍ରାମ ଦାନ କରିଥିଲେ । ୧୭୯୮-୧୮୧୭ ମୁକୁନ୍ଦଦେବ ଗଜପତିଙ୍କ ରାଜତ୍ୱ । ୧୭୩୦ ଖ୍ରୀ:ରେ ଖୋର୍ଦ୍ଧା ରାଜାଙ୍କ ଅଧୀନରେ ଥିବା ଗଞ୍ଜାମର ୮ ଟି ଜମିଦାରୀ ଘୁମୁସର, ଆଠଗଡ଼, ଶେରଗଡ଼, ଖଲ୍ଲିକୋଟ, ମହୁରୀ, ପାଲୁରୁ, ଟିକିଟୀ ଓ ଟିକିଲି ରଘୁନାଥପୁର ହାଇଦରାବାଦ ନିଜାମଙ୍କ ଅଧିକାରଭୁକ୍ତ ହେବାରୁ ଖୋର୍ଦ୍ଧା ରାଜ୍ୟର ପତନ ଆରମ୍ଭ ହେଲା । ଏତିକିବେଳେ ନବାବ ସିରାଜଦୌଲାଙ୍କ ଆଦେଶକୁ ଅମାନ୍ୟ କରି ଇଷ୍ଟଇଣ୍ଡିଆ କମ୍ପାନୀ କଲିକତାରେ ଦୁର୍ଗ ନିର୍ମାଣ କଲେ । ଏଣୁ ସଂଘର୍ଷ ହେଲା । ଫଳରେ ୨୦ ଜୁନ ୧୭୫୬ ଖ୍ରୀ:ରେ କଲିକତାରେ ଅନ୍ଧକୂପହତ୍ୟା ହୋଇଥିଲା । ଠିକ୍ ଏତିକି ବେଳେ ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାର ବୈଭବକରା କବିତା ରାଶି ସାହିତ୍ୟାମୋଦୀ ଜନମାନସକୁ ରସାପ୍ଲୁତ କରିଦେଲା । ଫଳରେ ଚାରୁକଳା ଓ ସାହିତ୍ୟ ପ୍ରତି ଟିକିଟୀର

ସର୍ବସାଧାରଣ ଆକୃଷ୍ଟ ହୋଇଥିଲେ । ଏଣୁ ଦଣ୍ଡି ଆନନ୍ଦାଚାର୍ଯ୍ୟ, ସର୍ବଜ୍ଞାଚାର୍ଯ୍ୟ, ମମଟାଚାର୍ଯ୍ୟ, କୁନ୍ତକ, ଜଗନ୍ନାଥ କବିରାଜ ଓ ବିଶ୍ୱନାଥ କବିରାଜଙ୍କ ଅଳଙ୍କାର ଗ୍ରନ୍ଥସହ ରାଜସାହିତ୍ୟାଲୋଚନା ଏହି ରାଜବଂଶର ପରମ୍ପରାଗତ ସଂସ୍କୃତିରେ ପରିଣତ ହେଲା । ଏହି ରାଜବଂଶରେ ମନ୍ଦିର ମଠ ନିର୍ମାଣ, ବ୍ରାହ୍ମଣ ଶାସନ ପ୍ରତିଷ୍ଠା ଓ ସାହିତ୍ୟାନୁରାଗ ହିଁ ବିଶେଷ ଭାବେ ପରିଲକ୍ଷିତ ହୁଏ । ଟିକିଟୀଗଡ଼ ଓ ଆଖପାଖ ଗ୍ରାମମାନଙ୍କରେ ବହୁବିଧ ସାହିତ୍ୟ ରଚନା ଅଦ୍ୟାପି ଦୃଷ୍ଟିଗୋଚର ହୁଏ ।

୧୮ଶ ରାଜା କୁଳମଣି ରାଜେନ୍ଦ୍ର (୧୭୩୭-୧୭୬୯) କୁଳମଣିପୁର ଶାସନ, କମାକୁଳ ମଣିପୁର, କମା ରାଜେନ୍ଦ୍ରପୁର, କୁଶବାଟୀ ଗୋପୀନାଥପୁର, ପୁରୀରେ ମଠ, ଗିରିସୋଲାରେ ମଦନମୋହନଙ୍କ ନିତି ବଶି ଭୋଗ ପାଇଁ ବଣଡୋଳା ଗ୍ରାମ ଓ ଦେଉଳମାଦିଳି ଗ୍ରାମର ଅନେକ ଭୂମି ଦାନ କଲେ । ରାମଗୁଡ଼ାରେ ଗଡ଼ କଲେ । ଏତିକି ବେଳେ ଗୋଖଗିରି ପାହାଡ଼ରେ ପ୍ରତିଷ୍ଠିତ ବାଳକୁମାରୀଙ୍କ ସେବାର୍ଚ୍ଚନାରେ ଅସୁବିଧା ହେବାରୁ ନିକଟସ୍ଥ ପିଁହାଡ଼ ଉପରେ ଅନ୍ୟ ଏକ ଶିଳାମୂର୍ତ୍ତି ବାଳକୁମାରୀ ନାମରେ ପ୍ରତିଷ୍ଠା କରାଗଲା ଓ ସେହି ଦିନାବଧି ଉକ୍ତ ପାହାଡ଼ର ନାମ ବାଳକୁମାରୀ ପାହାଡ଼ ରଖାଗଲା । ଏହାଙ୍କ ରାଣୀ ପାରଳା ରାଜନନ୍ଦିନୀ ମୁକ୍ତାମଣି ପାଟମହାଦେବୀ ମୁକ୍ତାପୁର ଶାସନ ଦାନ କଲେ ।

୧୯ଶ ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର (୧୭୭୦-୧୭୯୦) "ଅର୍ଦ୍ଧ ରାମାୟଣ'' ଓ 'ରାମଲୀଳା' ରଚୟିତା । ସେ ଟିକିଟୀ ଗଡ଼ରେ ରହିଲେ । ନାରାୟଣ ମଠ କରି ଦେଉଳ ମାଦିଳି ଗ୍ରାମ ଦାନ କଲେ । ରଘୁନାଥ ମଠ କରି ସଉଦାପୁର ଗ୍ରାମଦାନ କଲେ । ନାମଗୁରୁ ଆୟାଙ୍କର ଅଖାଡ଼ାକୁ ହିଞ୍ଜିଳି ଗାଁ ଦାନ କଲେ । କାଞ୍ଚିରୁ ବରଦରାଜ ରାଜମହାପ୍ରଭୁଙ୍କୁ ଆଣି ମନ୍ଦିରରେ ପ୍ରତିଷ୍ଠା କଲେ । ଏହାଙ୍କ ରାଣୀ ପାରଳା ରାଜକନ୍ୟା ରାଜମଣି ପାଟମହାଦେବୀ ରାଜମଣିପୁର ଶାସନ ଦାନକଲେ । ଏହାଙ୍କ ତିନିପୁତ୍ର ପୀତାମ୍ବର, ନୀଳାମ୍ବର, ଆଟଗାଳ ଓ ବଳଭଦ୍ର ଭ୍ରମରବର ଦେଓ । ପିତୃବିୟୋଗ ପରେ ପୀତାମ୍ବର ରାଜା ହେଲେ ପୁଣି ନୀଳାମ୍ବର ଓ ବଳଭଦ୍ର ରାଜ ଭ୍ରାତା ରୂପେ ରହିଲେ । ନୀଳାମ୍ବରଙ୍କ ପୁଅ ବେଙ୍କଟେଶ ଜଣେ ସୁପଣ୍ଡିତ କବି । ସେ ଟିକିଟୀର ମନ୍ତ୍ରୀ ଦାୟିତ୍ୱରେ ରହିଲେ । ବେଙ୍କଟେଶଙ୍କ ପୁତ୍ର- ବୈଷ୍ଣବ ଓ ନବୀନ । ନବୀନ ମହୁରୀ ରାଜାଙ୍କ ଦର ପୁତ୍ର ଥିଲେ । ତାଙ୍କ ନାମାନୁସାରେ 'ନବୀନ' ସାପ୍ତାହିକ ପତ୍ରିକା ପ୍ରକାଶ ପାଉଥିଲା । ବୈଷ୍ଣବଙ୍କ ପୁଅ ବୈଦ୍ୟନାଥ (ବାୟାହାଡ଼ୀ) ମହୁରୀ କିଶୋରଚନ୍ଦ୍ରଙ୍କ ସ୍ନେହାସ୍ପଦ ସେକ୍ରେଟେରୀଥିଲେ । ତାହାଙ୍କ ପୁଅ ଶିବାନୀ ପ୍ରସାଦ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ କର୍ମଚାରୀ । ବଳଭଦ୍ର ୧୭୯୪ଖ୍ରୀ:ରେ ଟିକିଟୀ ଗଡ଼ରେ ରାମସ୍ୱାମୀ ମଠ ପ୍ରତିଷ୍ଠା କରି ସେଥିପାଇଁ ଅନେକ ଭୂମିଦାନ କଲେ । ଆଜିସୁଦ୍ଧା ସେହି ମଠ ହିଁ ବଂଶଧରମାନଙ୍କ ଦ୍ୱାରା ପରିଚାଳିତ ହୋଇ ପ୍ରକୃତ ଦେବସେବାଯୁକ୍ତମଠ ରୂପେ ପରିଚିତ । ବଳଭଦ୍ରଙ୍କ ପୁଅ ପଦ୍ମନାଭ ଓ ପଦ୍ମନାଭଙ୍କ ପୁଅ ଶ୍ରୀବତ୍ସ ଜଣେ ସଂସ୍କୃତଜ୍ଞ ପଣ୍ଡିତ । ଶ୍ରୀବତ୍ସଙ୍କ ପୁଅ ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ହିଁ ମୋର ପୂଜ୍ୟ ପିତା । ତାଙ୍କର ସ୍ମରଣ ଶକ୍ତି ଏତେ ପ୍ରଖର ଥିଲା ଯେ, ସେ ଗୁରୁବାର୍ଦ୍ଧକ୍ୟ ଅବସ୍ଥାରେ ମଧ୍ୟ ମୁହେଁ ମୁହେଁ 'ଚାଣକ୍ୟନୀତି 'ଶତକ' 'ଭର୍ତ୍ତୃହରି ନୀତି ଶତକ', ରାଧାମୋହନ ରାଜେନ୍ଦ୍ରକୃତ 'ପାଣ୍ଡବ ବନବାସ' ଓ 'ଶ୍ରୀ ପ୍ରତାପନାଟକ' ଓ ପାଞ୍ଚାଳି-ପଟ୍ଟାପହରଣ' ନାଟକ ବୋଲିଯାନ୍ତି ।

୨୦ଶ ରାଜା ପୀତାମ୍ବର ରାଜେନ୍ଦ୍ର (୧୭୯୧-୧୮୧୯) ରାଜତ୍ୱ କରିଥିଲେ । ଏହାଙ୍କ ରାଣୀ ପାରଳା ରାଜକନ୍ୟା ରତ୍ନମଣି ପାଟ ମହାଦେବୀ ରତ୍ନ ମଣିପୁର ଶାସନ ଦାନ କଲେ । ଏହାଙ୍କ ସମୟରେ ୧୮୧୫ ଖ୍ରୀ:ରେ ଗଞ୍ଜାମ ମରୁଡ଼ି ଯୋଗୁଁ ଗଞ୍ଜାମ ଜିଲ୍ଲାର ମହକୁମା ଛତ୍ରପୁରକୁ ସ୍ଥାନାନ୍ତର ହେଲା । ଏତିକି ବେଳେ ଦେଶରେ କଉଡ଼ି ଦେଇ ବଜାର ସଉଦା ହୁଏ । ପଣେ କଉଡ଼ିକୁ ପାଞ୍ଚପନ ତେଲ । ଏତିକିବେଳେ ୧୮୧୭ ଖ୍ରୀ:ରେ ଓଡ଼ିଶାରେ ପାଇକ ବିଦ୍ରୋହ ହୋଇଥିଲା । ଏହାଙ୍କ ପୁତ୍ର ଅରିନ୍ଦମ ପାଟଦେଓ ୧୮ ବର୍ଷ ବୟସରେ ବିବାହ କରି ଅକାଳ ମୃତ୍ୟୁ ଲଭିବାରୁ ଏହାଙ୍କ ରାଣୀ ସ୍ୱାମୀଙ୍କ ଚିତାନଳରେ ଝାସଦେଇ ସତୀଦାହ ବ୍ରତ ଅବଲମ୍ବନ କରିଥିଲେ । ପତିପତ୍ନୀଙ୍କ ଶବ ଦାହର ଅବଶେଷ ରୂପେ ରାଣୀଙ୍କର ଇଟଳା ଫୁଲର ଗୁମ୍ଫା ଓ ପିନ୍ଧା ପାଟଶାଢ଼ୀର ପଣତ ଖଣ୍ଡେକୁ ଅଗ୍ନି ସ୍ପର୍ଶ କରି ପାରିନଥିଲା । ତାହା ରାଜଅନ୍ତଃପୁରରେ ମହାଲକ୍ଷ୍ମୀ ଖଟୁଲିରେ ରଖାଯାଇ ପୂଜା ଅର୍ଚ୍ଚନା କରାଯାଉଥିଲା । ତଦ୍‌ବଧି ଟିକିଟୀ ରାଜ ଶ୍ମଶାନ (ବର୍ତ୍ତମାନର ବଜାର ଛକ) ରେ ସେହି ସତୀଦାହର ସ୍ମାରକୀ ଏକ ବୃଦ୍ଧ ଅଶ୍ୱତ୍ଥ ବୃକ୍ଷ ସତୀ ଅଶ୍ୱତ୍ଥ ନାମରେ ୧୨-୧୨-୧୯୮୬ ସୁଦ୍ଧା ଥିଲା ।

୨୧ଶ ରାଜାରୂପେ ପିତାମ୍ବରଙ୍କ ଦ୍ୱିତୀୟ ପୁତ୍ର ଗୋବିନ୍ଦ ଚନ୍ଦ୍ର (୧୮୨୦-୧୮୩୧) ରାଜତ୍ୱ କଲେ ଏବଂ ଏହାଙ୍କ ରାଣୀ ବିରୁଳା ରାଜକନ୍ୟା ମୃତ୍ୟୁ ବରଣ କରିବାରୁ ବଡ଼ଖେମୁଣ୍ଡି ରାଜକନ୍ୟା ଜାନକୀ ପଣି ପାଟମହାଦେବୀଙ୍କୁ ବିବାହ କଲେ । ଏହି ରାଣୀ ଜାନକୀ ମଣିପୁର ଶାସନ ଦାନ କଲେ ଓ ରାଧାମୋହନ ଦେବାଳୟ (ଆଚାରୀ ମଠ) କରି ରାଧାମୋହନପୁର ଦାନ କଲେ । ୨୨ଶ ରାଜା ୨ୟ କୁଳମଣି (୧୮୩୨-୧୮୩୪) ମାତ୍ର ତିନି ବର୍ଷ ରାଜତ୍ୱ କରି ଇହଲୀଳା ସମ୍ବରଣ କଲେ । ଏଣୁ ଏହାଙ୍କ ଦାଦା ବୃନ୍ଦାବନ (୧୮୩୫-୧୮୪୬) ୨୩ଶ ରାଜା ରୂପେ ରାଜତ୍ୱ କଲେ । ଏତିକି ବେଳେ ରାଜାଙ୍କ ପାତ୍ର ପଦବୀରେ ଭୂଷିତ ଦୈତାରି ପାତ୍ର ''ଚୈତନ୍ୟ ମଠ'' ପ୍ରତିଷ୍ଠା କରି ବହୁ ଭୂମି ଦାନ କଲେ । ଅଦ୍ୟାପି ତାହାଙ୍କ ପରିବାର ଏକ ସମ୍ଭ୍ରାନ୍ତ ପରିବାର ରୂପେ ଖ୍ୟାତ ହୋଇ ସେହି ମଠ ଓ ଭୂସମ୍ପତ୍ତିକୁ ଆୟତ୍ତାଧୀନ କରି ଦୀର୍ଘଁକ ସେବାର୍ଚ୍ଚନା କରନ୍ତି ଓ ପରିବାରର ଭରଣ ପୋଷଣ କରନ୍ତି । ଏହି ରାଜା ନିଜର ଯୋଗ୍ୟ ମନ୍ତ୍ରୀ ରୂପେ ବାହିନିପତି ଖାଡ଼ଙ୍ଗାଙ୍କୁ ନିଯୁକ୍ତି କରି ତାହାଙ୍କ ପାଇଁ ବୃନ୍ଦାବନଚନ୍ଦ୍ରପୁର ଓ ରାଜେନ୍ଦ୍ରପୁର ଦାନ କରିଥିଲେ । ଏହା ବ୍ୟତୀତ ଖାଡ଼ଙ୍ଗାଙ୍କ ପାଇଁ ବାରୁଆ ଜମିଦାରୀ କିଣାଇ ଦେଇଥିଲେ । ଏହାଙ୍କ ବିବାହ ପ୍ରଥମେ ବିରୁଳି, ଦ୍ୱିତୀୟରେ ପାରଳା, ତୃତୀୟରେ ସାନଖେମଣ୍ଡି, ଚତୁର୍ଥରେ ପାରଳା ଓ ପଞ୍ଚମରେ ଧରାକୋଟ ରାଜକନ୍ୟାଙ୍କ ସହ ହୋଇଥିଲା । କାରଣ ଦୁର୍ଭାଗ୍ୟ ବଶତଃ ଗୋଟିଏ ପରେ ଗୋଟିଏ ରାଣୀ ମୃତ୍ୟୁମୁଖରେ ପଡ଼ିଥିଲେ । ଏହି ରାଜା ଝଗଡ଼ାରେ ରନ୍ନେଶ୍ୱର ମନ୍ଦିର ଓ ଗୋପୀନାଥ ମନ୍ଦିରରେ ବୃନ୍ଦାବନ ଚନ୍ଦ୍ରବିଗ୍ରହଙ୍କୁ ସ୍ଥାପନ କରିଥିଲେ । ପୁଣି ଟିକିଟୀ

ଗଡ଼ରେ ଶ୍ରୀଜଗନ୍ନାଥ ମନ୍ଦିର ତୋଳାଇଲେ । ଏହି ରାଜାଙ୍କ ଶେଷ ରାଣୀଙ୍କ ଗର୍ଭଜାତ ୨୪ଶ ରାଜା ଜଗନ୍ନାଥ ରାଜେନ୍ଦ୍ର (୧୮୪୭-୧୮୫୫) ମାତ୍ର ୯ ବର୍ଷ ରାଜତ୍ୱ କାଳରେ ଚାନ୍ଦପୁର ଜଗନ୍ନାଥ ସାଗର ଖୋଳାଇଥିଲେ । ୨୫ଶ ରାଜା ବିଶ୍ୱମ୍ଭର (୧୮୫୬-୮୫) ଏହାଙ୍କ ଜ୍ୟେଷ୍ଠ ସନ୍ତାନ । ସେ ଜଣେ କବି ଓ ପଣ୍ଡିତ । ଏହାଙ୍କ ସମୟରେ ୧୮୫୭ ଖ୍ରୀ:ରେ ସିପାହୀ ବିଦ୍ରୋହ ଓ ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ହୋଇଥିଲା । ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ପାଇଁ ରାଜା ବିଶ୍ୱମ୍ଭର ରାଜ୍ୟର ତିନୋଟି ଅମାରର ସହସ୍ରାଧିକ ସଗଡ଼ ଧାନ ବିନା ମୂଲ୍ୟରେ ବିତରଣ କରିଥିଲେ । ୧୮୫୮ ନଭେମ୍ବର ମାସରେ ଇଷ୍ଟଇଣ୍ଡିଆ କମ୍ପାନୀ ରାଜତ୍ୱକାଳ ଶେଷ ହେଲା ଓ ମହାରାଣୀ ଭିକ୍ଟୋରିଆ ରାଣୀ ହେଲେ । ଇଂରେଜ ଶାସନରେ ଏହି ନଅ ଅଙ୍କ ଦୁର୍ଭିକ୍ଷରେ ରାଜା ବିଶ୍ୱମ୍ଭରଙ୍କ ଦାନ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ମହୋପକାର ସାଧନ କରିଥିଲା । ଏତିକି ବେଳେ ହିଁ ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ରଚନା (ଫକୀରମୋହନଙ୍କ ଜନ୍ମ ୧୮୩୪) ସାହିତ୍ୟାମୋଦୀ ରସିକଙ୍କ ଭିତରେ ଏକ ନବୀନ ଚେତନା ଜାଗ୍ରତ କଲା । ଏଣେ ଭଞ୍ଜ, ଅଭିମନ୍ୟୁଙ୍କ ରୀତିଯୁଗୀୟ କାବ୍ୟ କବିତା ଧାରାର ମଧୁର ଲଳିତ ଛନ୍ଦୋବଦ୍ଧ ରାଗରାଗିଣୀ ଜନ ମାନସକୁ ରସାପ୍ଲୁତ କରିଦେଇଥିଲା । ବିଶ୍ୱମ୍ଭରଙ୍କ ଅମୂଲ୍ୟ ରଚନାବଳୀ ମଧ୍ୟରେ 'ଶରତ ରାହାସ', 'ବସନ୍ତ ରାହାସ', 'ବ୍ରଜ ବିହାର', 'ରାଧା ପ୍ରେମଲୀଳା', 'ଉଷାବିଳାସ', 'ରଘୁନାଥ ବିଳାସ', ଅଠଚାଳିଶି ପାଲା ଇତ୍ୟାଦି ଗ୍ରନ୍ଥ ରୂପେ ଦୃଷ୍ଟିଗୋଚର ହୁଏ ଓ ଅନ୍ୟାନ୍ୟ ଅନେକ ଛାନ୍ଦ ଚୌପଦି ଅଦ୍ୟାପି ତାଳପତ୍ର ବହିରେ ଲିପିବଦ୍ଧ ହୋଇ ରହିଛି । ଏ ହେଉଛନ୍ତି ଜଣେ ପରମଧର୍ମ ପରାୟଣ ବୈଷ୍ଣବ ରାଜା । ଏହାଙ୍କ କାବ୍ୟକବିତାର ପଦବିନ୍ୟାସ, ଲାଳିତ୍ୟ ଓ ନବଧା ରସ ଗୋପାଳକୃଷ୍ଣ ସାହିତ୍ୟର ପରିପୂରକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋପାଳକୃଷ୍ଣଙ୍କ ଜନ୍ମ ୧୭୮୪ ଓ ସ୍ୱର୍ଗାରୋହଣ ୧୮୬୨ । ଏହି ରାଜାଙ୍କ ସମୟରେ କବି, ପଣ୍ଡିତ ହେଲେ ଭଞ୍ଜକାବ୍ୟ ବୈଦେହୀଶ ବିଳାସର ପ୍ରଥମ ଟୀକାକାର ଲୋକନାଥ ଦାସ । ଏହାଙ୍କର ଟୀକା ଡ଼କ୍ଟ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରତିଷ୍ଠିତ ପ୍ରାଚୀଗ୍ରନ୍ଥମାଳାରେ ସ୍ଥାନ ପାଇଛି ଓ ମୁଖବନ୍ଧରେ ବି ଲିପିବଦ୍ଧ ହୋଇଛି । ଅନ୍ୟଜଣେ ଟୀକାକାର ନରେନ୍ଦ୍ର ରାୟ, ଅନ୍ୟାନ୍ୟ ବିଖ୍ୟାତ କବିହେଲେ ବେଙ୍କଟେଶ ଦେଓ, ବେଙ୍କଟେଶ ବକ୍ସି, ମୃଦଙ୍ଗ କୁଣ୍ଡିତ୍ରା, ବିଦୁର ଦାସ, କାଶୀନାଥ ରାୟଗୁରୁ, ବଗୁଲିଖୁଣ୍ଟିଆ, ନିତ୍ୟାନନ୍ଦ ଦାସ, ପଦନ ଦାସ, ଗୁରୁଦାସ, ବିଶ୍ୱନାଥ ରାୟଗୁରୁ, କେଶବ ଦାସ, ନାରାୟଣ ଦାସ, ରସାନନ୍ଦ ଦାସ, ପ୍ରହରାଜ ଓ ଗୋପୀନାଥ ଥାଟରାଜ । ରାଜା ବିଶ୍ୱମ୍ଭରଙ୍କ ପ୍ରେରଣାରେ ଏତେ ଗୁଡ଼ିଏ ପଣ୍ଡିତ ଓ କବି ଏ ଅଞ୍ଚଳରେ ଗଢ଼ି ଉଠିଥିଲେ । ସେକାଳର ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଗତ ତେଲୁଗୁ ପ୍ରଭାବିତ ଏହି ଭୂ-ଖଣ୍ଡରେ ଓଡ଼ିଆ ଭାଷାର ବିଲୋପ ପାଇଁ ଯେତେ ପ୍ରକାର ପ୍ରଚେଷ୍ଟା ହୋଇଥିଲା, ତାର ପ୍ରତିରୋଧ ପାଇଁ ରାଜା ବିଶ୍ୱମ୍ଭରଙ୍କ ସାରସ୍ୱତ ଅଭିଯାନ ଏକ ଉଲ୍ଲେଖନୀୟ ସ୍ୱାକ୍ଷର ବହନ କରେ । ଏସବୁ ରଚନା ବ୍ୟତୀତ ସେ ଗ୍ରାମେ ଗ୍ରାମେ ଓଡ଼ିଆ ରାହାସ, ଯାତ୍ରା, ନାଟକ ମଞ୍ଚସ୍ଥ କରାଇ ଓ ନିଜେ ରହି ଓଡ଼ିଆ ଭାଷା ଓ ସାହିତ୍ୟର ଦୀପ ଶିଖାକୁ ଚିର ପ୍ରଜ୍ଜ୍ୱଳିତ କରିଥିଲେ । ତଦ୍ୱାରା ଓଡ଼ିଆ ଭାଷା ଜୀବନ୍ୟାସ ଲାଭ କରିଥିଲା । ଏହାଙ୍କ ସମୟରେ ଶ୍ରୀ ଭାଗବତ ଦାସ ରଘୁନାଥ ମଠ କଲେ ଓ କରଣ ଦାସ ବଂଶର ମାଦନାବରଣ ମାଦନାମଠ କଲେ ।

୨୬ ଶ ରାଜା କିଶୋର ଚନ୍ଦ୍ର (୧୮୮୬-୧୯୦୩) ଶ୍ରୀ ଗୋପୀନାଥ ମନ୍ଦିରରେ ରାମଲକ୍ଷ୍ମଣ ସୀତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଲେ ଓ କିଶୋର ଚନ୍ଦ୍ରପୁର ଶାସନ ଦାନ କରି ଶ୍ରୀ ଚନ୍ଦ୍ରଶେଖର ମନ୍ଦିର ନିର୍ମାଣ କରିଥିଲେ । ପୁଣି ବିଦଗ୍ଧମାଧବ ଗୀତିନାଟ୍ୟ ରଚନା କଲେ । ତାହାଙ୍କର ସୁଯୋଗ୍ୟ ମନ୍ତ୍ରୀ ମାରେଲା ରାମମୂର୍ତ୍ତିଙ୍କୁ ସୁବର୍ଣ୍ଣପୁର ଦାନକଲେ । ଏତିକି ବେଳେ ଦେଶରେ ସୁନା ମୋହର ପ୍ରଚଳନ ଥିଲା । ଏକ ସୁନା ମୋହରର ମୂଲ୍ୟ ଟ. ୧୫ଙ୍କା । ଏତିକିବେଳେ ଲୀଳା, ରାହାସ, ପାଲା ଆଦି ବହୁବିଧ ନୃତ୍ୟଗୀତର ବହୁ ରଙ୍ଗମଞ୍ଚ ସୃଷ୍ଟି ହୋଇଥିଲା । ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ପ୍ରଚଳନ ଓ ପ୍ରଚାର ବି ଏତିକିବେଳେ । ଯଦିଓ ଏହିରାଜାଙ୍କ ପରେ ସ୍ଥାପତ୍ୟ କୀର୍ତ୍ତିସ୍ଥାପନ ଓ ଶାସନ ଦାନ ଇତ୍ୟାଦି ଦେଖାଯାଏ ନାହିଁ ତଥାପି ୨୭ଶ ରାଜା ରାଧାମୋହନ ରାଜେନ୍ଦ୍ର ଏହାଙ୍କର ଯୋଗ୍ୟ ଜ୍ୟେଷ୍ଠ ସନ୍ତାନ ହୋଇ ପୂର୍ବ ପୁରୁଷଙ୍କ ଯଶକୀର୍ତ୍ତି ରାଶିକୁ ଚିରଦିନ ଲାଗି ପ୍ରଜ୍ଜ୍ୱଳିତ କରି ଅଗାଧ ସାହିତ୍ୟ ରଚନା ଦ୍ୱାରା ଏକ ସାରସ୍ୱତ ମନ୍ଦିର ନିର୍ମାଣ କରିଦେଲେ । ମନ୍ଦିର ମାଳିନୀ ଚିକିଟୀ ବକ୍ଷରେ ଏହି ସାରସ୍ୱତ ମନ୍ଦିର ଯଦିଓ ପାର୍ଥିବ ଚକ୍ଷୁରେ ଦେଖାଯାଏ ନାହିଁ ତଥାପି ଏହି ମନ୍ଦିରର ଶୋଭା ଦିଗବିଦିଗ ବିଚ୍ଛୁରିତ । ରାଧାମୋହନଙ୍କ ରଚନା ହେଲା-ପ୍ରଭୁମ ପଦ୍ୟାବଳୀ, ପ୍ରକୃତି ବର୍ଣ୍ଣନ, ପ୍ରେମ ମଞ୍ଜରୀ, ପରିମଳା ସହଗମନ, ପ୍ରେମ ତରଙ୍ଗ, ପାଞ୍ଚାଳୀପଞ୍ଚାପହରଣ, ଶ୍ରୀ ପ୍ରତାପ ନାଟକ, ପାଣ୍ଡବ ବନବାସ, ପ୍ରକୃତି ରହସ୍ୟ, ପ୍ରକୃତ ପ୍ରଣୟ, ଭର୍ତ୍ତୃହରି ସୁଭାଷିତ (ଅନୁବାଦ) ପ୍ରକାଶିତ ଗ୍ରନ୍ଥ ସମୂହ ଓ ପଶ୍ଚିମଜୀବନରେ ରଚିତ 'ପରମାର୍ଥ ପୟୋଧି' ଓ 'ଯୋଗବାଶିଷ୍ଟ ରାମାୟଣ' (ପଦ୍ୟାନୁବାଦ) ଅପ୍ରକାଶିତ । ଏହାଙ୍କର ସଭାପଣ୍ଡିତ ଥିଲେ ସ୍ୱର୍ଗୀୟ ଗଦାଧର ବିଦ୍ୟାଭୂଷଣ, ସ୍ୱର୍ଗୀୟ ସଦାଶିବ ବିଦ୍ୟାଭୂଷଣ, ସ୍ୱର୍ଗୀୟ ପଣ୍ଡିତ ରାଧାମୋହନ ବକ୍ସି ଓ ପଣ୍ଡିତ ବନମାଳି ସାହିତ୍ୟ ଭୂଷଣ । ଗଦାଧର ଜଣେ ସିଦ୍ଧ ତାନ୍ତ୍ରିକ, ସଦାଶିବ ନ୍ୟାୟବ୍ୟାକରଣ ସାଂଖ୍ୟ ଅଭିଜ୍ଞ ପଣ୍ଡିତ ଓ ରାଧାମୋହନ ବକ୍ସି ଜଣେ ମହାନପଣ୍ଡିତ । ସେ ସଂସ୍କୃତ, ଧନୁର୍ବେଗ୍ର କାବ୍ୟ ନାଟକ ରଚନା କରି ଥିଲେ ଓ 'ଭାରତ ଚିନ୍ତାମଣି' ନାମକ ଏ ବିଶାଳ ବିରାଟ ଏନସାଇକ୍ଲୋ ପିଡ଼ିଆ ରଚନା କରିଥିଲେ । ତାଙ୍କର ଦୁଇପୁଅ ଶିକ୍ଷାବିତ୍ ଥାଇ ମଧ ତାଙ୍କ ମୃତ୍ୟୁପରେ ସେସବୁ ରଚନା କେଉଁଆଡ଼େ ଉଭେଇଗଲା । ବନମାଳି ସାହିତ୍ୟଭୂଷଣ ରାଜାଙ୍କ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ତାଙ୍କ ନିକଟରେ ରହିଥିଲେ ଓ ରାଜା ଏହାଙ୍କୁ ସ୍ୱର୍ଣ୍ଣ କୁଣ୍ଡଳ, ସ୍ୱର୍ଣ୍ଣ ଖଡ଼ିକି ଓ ପଟ୍ଟବସ୍ତ୍ର ଦେଇ ସମ୍ମାନିତ କରିଥିଲେ । ରାଧାମୋହନଙ୍କ ଦ୍ୱାରା ପ୍ରତିଷ୍ଠିତ 'ରସାଳ ସଂସଦ'ର ସଭ୍ୟମାନେ ନିଜ ନିଜର ପୋଷାକରେ ରୌପ୍ୟ ରସାଳ ଚକ୍ତି ଧାରଣ କରିଥିଲେ । ଏହି ସଂସଦର ସମସ୍ତେ ଜଣେ ଜଣେ ଗୁଣଜ୍ଞ, ପଣ୍ଡିତ, ଦାର୍ଶନିକ ଓ ଶାସକ । ରାଜକବି ରାଧାମୋହନ ୧୯୧୨ ଖ୍ରୀ:ରେ ଗୋପବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଛୁରିଆନା ବକୁଳ ବନ ସତ୍ୟବାଦୀରେ ପ୍ରତିଷ୍ଠିତ ବନବିଦ୍ୟାଳୟରେ ଯୋଗଦେଇଥିଲେ । ସେତେବେଳକୁ

୧୯୧୨ ମସିହାରେ ପଣ୍ଡିତ ନୀଳକଣ୍ଠଙ୍କ ନିଶ ଆନ୍ଦୋଳନର ପ୍ରତିକ୍ରିୟାରେ ... ମେହାର ପ୍ରତିଫଳ ସ୍ୱରୂପ ରକ୍ଷଣଶୀଳ ଦଳ ବିଦ୍ୟାଳୟ ପାଇଁ ... ବିଶାଳ ଛଣଛପର ଘର, ପାଠାଗାର ପ୍ରଭୃତିରେ ନିଆଁ ଲଗାଇ ... ଥିଲେ । ସ୍ୱର୍ଗୀୟ ରାଜକବି ସେତିକିବେଳେ ବନବିଦ୍ୟାଳୟକୁ ଯାଇ ... ଶତ ମୁଦ୍ରା ଅନୁଦାନ ଦେଇଥିଲେ ।

ଏସବୁ ସତ୍ତ୍ୱେ ଏତିକିବେଳେ ବିଦେଶୀ ଇଂରେଜ ରାଜତ୍ୱର ... ଶୋଷଣ ରାଜନୀତି ସମସ୍ତ ରାଜା ଜମିଦାରଙ୍କୁ ଅଧିକ ସ୍ୱାର୍ଥ କୈନ୍ଦ୍ରିକ ... ଭୋଗବିଳାସ ଓ ଐଶ୍ୱର୍ଯ୍ୟରେ ବୁଡାଇ ଦେଇଥିଲା । ସେମାନେ ... ଗ୍ରାମ ଏକବାର ଭୁଲିଯାଇ ପୂର୍ବପୁରୁଷଙ୍କ ଗଚ୍ଛିତ ଧନ ଓ ପ୍ରଜାଙ୍କୁ ... କରି ବିଦେଶ ଭ୍ରମଣ, ନିଶାପଣ ଯୋଷାରେ ନିଜର କର୍ତ୍ତବ୍ୟ ... ଭୁଲିଗଲେ । ଦେଶବାସୀ ଘୋର ଦାରିଦ୍ର୍ୟରେ ନିପୀଡ଼ିତ ହେଲେ । ... ରେ ଗଣ ଜାଗରଣ ହେଲା ଓ ରାଜ ଜମିଦାରଙ୍କ ପ୍ରଭାବ ଲୋପ ... । ଏତିକିବେଳେ ୧୯୧୮ ଖ୍ରୀ:ରେ କଂଗ୍ରେସ ଅଧିବେଶନରେ ମାଲବ୍ୟ ... । ୧୩.୪.୧୯୧୯ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ।

ଟିକିଟାରେ ଦୁଇ ଜଣ ସୁଯୋଗ୍ୟ ସନ୍ତାନ ଜନ୍ମ ହୋଇ ଏ ... ଅଙ୍ଗପ୍ରତ୍ୟଙ୍ଗ ଖୋଲି ଦେଇଥିଲେ । ସେମାନେ ହେଲେ ରାଜକବି ... ମୋହନ ରାଜେନ୍ଦ୍ର ଓ ଆଳୀ ରାଜକନ୍ୟା ସାରଦା ଦେବୀଙ୍କ ଔରସ ... ଜ୍ୟେଷ୍ଠପୁତ୍ର ଗୌରଚନ୍ଦ୍ର ଓ ମଦନ ମୋହନ ଦ୍ୟାନବହ୍ନିଙ୍କ ଜ୍ୟେଷ୍ଠ ... ବିକାଳ ପଟ୍ଟନାୟକ । ଗୌରଚନ୍ଦ୍ର ଓଡ଼ିଶା ପ୍ରଦେଶ ଗଠନର ଜଣେ ... ଓ ବିବାଳର ଜଣେ ସ୍ୱାଧୀନତା ସଂଗ୍ରାମୀ । ରାଧାମୋହନଙ୍କ ... ରାଣୀ ଚୁହାର ସିଂହ ରାଜକନ୍ୟାଙ୍କ ଗର୍ଭଜାତ ପୁତ୍ର ଉଦୟ ଚନ୍ଦ୍ର ... ବିହାର ରାଜା ହୋଇଥିଲେ ।

୧୯୩୧ ଖ୍ରୀ:ରେ ଓଡ଼ୋନେଲ କମିଟି ପ୍ରଦେଶ ଗଠନର ତଥ୍ୟ ... ସରଜମୀନ ନାନା ସ୍ଥାନ ଭ୍ରମଣ କଲେ । କିନ୍ତୁ ପାରଳା ... କୃଷ୍ଣଚନ୍ଦ୍ର ଓ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଭିତରେ ... ଲାଗି ସମସ୍ତେ ସନ୍ଦିହାନ ଥିଲେ । ଏହି କମିଟିର ସଭାପତି ଥିଲେ ... ସାହେବ । ସଭ୍ୟଥିଲେ କୃଷ୍ଣଚରଣ ଫୁକାନ ଓ ଏସ୍.ଏମ୍. ... । ଅତିରିକ୍ତ ସଭ୍ୟ ଥିଲେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି । ... ଗୋପାଳପୁରଠାରେ ସାକ୍ଷ୍ୟ ଓ ସରଜମୀନ ତଦନ୍ତ ସାରି ... ନିମନ୍ତ୍ରଣ କ୍ରମେ ଟିକିଟୀ ଆସିଥିଲେ । ସେମାନଙ୍କ ଅଭ୍ୟର୍ଥନା ... ରାଜପ୍ରାସାଦରେ (Vanishing Night) ଅର୍ଥାତ ରାତ୍ର ... ଉତ୍ସବ ଅନୁଷ୍ଠିତ ହୋଇଥିଲା । ସାରା ରାଜନଗର, ବସନ୍ତବନ, ... ଓ ପ୍ରମୋଦଭବନ ବିଦ୍ୟୁତ ଆଲୋକରେ ଦିବସ ପରି ଦେଖା ... । ଲାଗୁଥିଲା ସତେଯେପରି ରାତ୍ର ଅନ୍ତର୍ଦ୍ଧାନ ହୋଇଯାଇଛି । ... ବୃକ୍ଷରାଜି-ସହକାର, ବକୁଳ, ଚମ୍ପକ ପତ୍ରେ ପତ୍ରେ ବିଦ୍ୟୁତ ... ଖଚିତ ହୋଇଥିଲା ଓ ସେ ଗଛଗୁଡ଼ିକର ଗଣ୍ଡିରେ ନୂତନ ବସ୍ତ୍ର ... ଯାଇଥିଲା । କେଳିକତି ବେଣ୍ଡବାଦ୍ୟ, କେଳିକତି ଫରପୋଜ ... ଖାଦ୍ୟ ଓ ମିଷ୍ଟାନରେ ଆଗନ୍ତୁକ ସମସ୍ତେ ବିଭୋର

ହୋଇଯାଇଥିଲେ । ଅଚ୍ଛୋଦସରର ମଧ୍ୟଭାଗରେ ଏକ ରାସମାନ ମଣ୍ଡପ ନିର୍ମାଣ କରାଯାଇଥିଲା ଓ ତାହା ବିଚିତ୍ର ରଙ୍ଗରଞ୍ଜିତ ପୁଷ୍ପକ ବିମାନ ସଦୃଶ୍ୟ ଦେଖାଯାଉଥିଲା । ସେଥିରେ ବିଲାତ ନିବାସୀ ବହୁ ତରୁଣତରୁଣୀ ବଲ୍‌ଡ୍ୟାନ୍ସ କରିଥିଲେ । ସାରା ବସନ୍ତ ବନ ବ୍ୟାପୀ ପ୍ରତ୍ୟେକ ପାଦପତଳେ ସୁସଜ୍ଜିତ ମଲମଲ ଟେବୁଲ ଚୌକି ଉପରେ ଦଳ ଦଳ ନିମନ୍ତ୍ରିତ ବ୍ୟକ୍ତିଙ୍କୁ ମିଷ୍ଟାନ୍ନ ଭୋଜନ ଓ ଚା ପରିବେଷଣ ହୋଇଥିଲା । କୃଷ୍ଣଚନ୍ଦ୍ର ଗଜପତି, ରାମଚନ୍ଦ୍ର ମର୍ଦ୍ଦରାଜ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ପ୍ରଭୃତି ଜନ ନାୟକ ମଧ୍ୟ ଉପସ୍ଥିତ ଥିଲେ । ତେବେ ପାରଳା ଓ ଖଲ୍ଲିକୋଟ ରାଜା ଦ୍ୱୟଙ୍କ ମଧ୍ୟରେ ସାମାନ୍ୟ ମତଭେଦ ଯୋଗୁଁ ସମସ୍ତେ ବିଷଣ୍ଣ ଦେଖାଯାଉଥିଲେ । ଏହି ବୈଠକ ବସନ୍ତ ବନସ୍ଥିତ ତମାଳ ମଣ୍ଡପ ପ୍ରସ୍ଥରେ ଅନୁଷ୍ଠିତ ହୋଇଥିଲା । ହଠାତ୍ ଗୌରଚନ୍ଦ୍ର ଉଠି ଗୋଟିଏ ତମାଳ ପୁଷ୍ପ ଛିଣ୍ଡାଇ ନାଟକୀୟ ଢଙ୍ଗୀରେ କହିଲେ, "ଦେଖନ୍ତୁ ଏହି ବିଚିତ୍ର ପୁଷ୍ପର ଶୋଭା ସମ୍ଭାର । ଏହାର ମଧ୍ୟଭାଗରେ ବୃହତ ଏକ କେଶର ଓ ଚତୁର୍ଦ୍ଦିଗରେ ଅଙ୍କୁରିତ ଛୋଟ କେଶରଗୁଡ଼ିକର ଅନୁପମ ଅଭିବ୍ୟକ୍ତି । ଠିକ୍ ଯେପରି ବଂଶୀବାଦନରତ ଶ୍ରୀକୃଷ୍ଣ ମଧ୍ୟଭାଗରେ ଦଣ୍ଡାୟମାନ ଓ ତାହାଙ୍କ ଚାରିଆଡ଼େ ଗୋପିକାମଣ୍ଡଳୀ ଘେରି ରହିଛନ୍ତି ।" ତା'ପରେ ସେ ସେହି ପୁଷ୍ପଟିକୁ ଓଲଟାଇ ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ, "ଦେଖନ୍ତୁ, ବର୍ତ୍ତମାନ ପୁଷ୍ପଟିର ଅନ୍ୟଏକ ରୂପ ସମ୍ଭାର । ଠିକ୍ ଯେପରି ଧନୁର୍ଦ୍ଧାରୀ ଶ୍ରୀରାମଚନ୍ଦ୍ର ମଧ୍ୟଭାଗରେ ଓ ଚତୁର୍ଦ୍ଦିଗ ଘେରି ରହିଛନ୍ତି ମର୍କଟ ସେନା । ଏଣୁ ଆମ ରାମାୟଣ ଓ ମହାଭାରତ ଅନୁସାରେ ଶ୍ରୀରାମ ଓ ଶ୍ରୀକୃଷ୍ଣ ପୁଷ୍ପର ଏକ ସୁଗନ୍ଧ କେଶର । ଏଣୁ ପାରଳା ଗଜପତି କୃଷ୍ଣଚନ୍ଦ୍ର ଓ ଖଲ୍ଲିକୋଟ ରାଜା ବାହାଦୁର ରାମଚନ୍ଦ୍ର ଓଡ଼ିଶା ରୂପକ ବିଶାଳ ପୁଷ୍ପର ବିଭିନ୍ନ ରୂପ ଅବୟବଧାରୀ ଏକ କେଶର ଓ ଏକ ପରାଗ । ପୁଣି ମୁଁ ଉଭୟଙ୍କର ବାନ୍ଧବ ଓ ସେବକ । ଏଣୁ ଏଦୁହିଁଙ୍କର ହାତ ମିଳାଇ ଦେବା ପାଇଁ ମୁହିଁ ଉପଯୁକ୍ତ ବ୍ୟକ୍ତି ।" ଏହା କହି ଦୁଇ ରାଜାଙ୍କ ହାତଟାଣି ମିଶାଇଦେଲେ ଓ ଉଭୟ ରାଜା ଗୌରଚନ୍ଦ୍ରଙ୍କୁ ହସି ହସି କୁଣ୍ଢାଇ ପକାଇଲେ । ଦୁଇରାଜାଙ୍କ ବାହୁ ବନ୍ଧନରେ ଗୌରଚନ୍ଦ୍ର ବନ୍ଦୀ ହୋଇଗଲେ । ଏହା ଯଦିଓ ରକ୍ଷଣଶୀଳ ରାଜନ୍ୟ ବର୍ଗଙ୍କ ମିଳନ, ସେଥିରେ ସ୍ୱାର୍ଥଚିନ୍ତାର ସ୍ଥାନ ନଥିଲା, ଥିଲା ଦେଶପାଇଁ ମାନଅଭିମାନ ଓ ଅହଂକାର ତ୍ୟାଗର ଭୂମିକା । ଏହି ଭୂମିକା ମୂଳରେ ଏକ ମିଳନାତ୍ମକ ନାଟକର ଅଭିନୟ ପ୍ରଦର୍ଶନ ହିଁ ଥିଲା ମୂଳ ଉଦ୍ଦେଶ୍ୟ । ଓଡ଼ୋନେଲ ସାହେବ ତାଳିମାରି ହସିଦେଲେ । ପଣ୍ଡିତ ନୀଳକଣ୍ଠ କହିଲେ, ନାଟ୍ୟକାର ରାଧାମୋହନ ରାଜେନ୍ଦ୍ରଙ୍କ ଉପଯୁକ୍ତ ଦାୟାଦ ଗୌରଚନ୍ଦ୍ର ଆଜି ନାଟକର ବୀର ଶ୍ରେଷ୍ଠ ଭୂମିକାରେ କୃତିତ୍ୱର ସହ ଅଭିନୟ କରିଛନ୍ତି । ଏହି ଅପୂର୍ବ ସ୍ମୃତି ବହନ କରି ଆଜି ବି ସେହି ଜରାଜୀର୍ଣ୍ଣ ତମାଳ ମଣ୍ଡପ ବିଦ୍ୟମାନ । ଖ୍ରୀ: ୧୯୩୪ ନଭେମ୍ବରରେ ପାରଳାଖେମଣ୍ଡି ଓ ଜୟପୁର ଓଡ଼ିଶାରେ ସାମିଲ ହୋଇ ଘୋଷଣାପତ୍ର ପ୍ରକାଶ ପାଇଲା । ସେତେବେଳକୁ ଗୌରଚନ୍ଦ୍ର ମୃତ୍ୟୁ ଶଯ୍ୟାଶାୟୀ । ସେ ଏ ସୁସମ୍ବାଦ ଶୁଣିବା କ୍ଷଣି ରୋଗ ଶଯ୍ୟା ଉପରେ ଠିଆ ହୋଇ, "ଜୟ ଉତ୍କଳ ଜନନୀର ଜୟ, ଜୟ କୃଷ୍ଣଚନ୍ଦ୍ର ଗଜପତିଙ୍କର ଜୟ" କହି ଉଠିଲେ । ହଠାତ୍ ତାଙ୍କ ହୃତ୍‌କ୍ରିୟା ବନ୍ଦ ହୋଇଗଲା ଓ ସେ ପ୍ରାଣ ହରାଇଲେ ।

ଖ୍ରୀ: ୧୯୩୨ ନଭେମ୍ବରଠାରୁ ଡିସେମ୍ବର ୨୪ ପର୍ଯ୍ୟନ୍ତ ବିଲାତରେ ଗୋଲ ଟେବୁଲ ବୈଠକ ଅନୁଷ୍ଠିତ ହେଲା । ସେଥିରେ ଓଡ଼ିଶାର ପ୍ରତିନିଧି ରୂପେ ଖଲ୍ଲିକୋଟ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଓ ଓକିଲ ଲିଙ୍ଗରାଜ ପାଣିଗ୍ରାହୀ ଯୋଗଦେଇ ଫେରିବା ପରେ ୧୯୩୩ର ଶ୍ୱେତପତ୍ର ଘୋଷଣାରେ ପାରଳା ଓ ଜୟପୁର ଓଡ଼ିଶାରୁ କାଟ ଖାଇଛି ବୋଲି ଜଣାଗଲା । ଗୁଜବ ପ୍ରଚାର ହେଲା - ଏହା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ କୂଟନୀତି । ହୁଏତ ଏ ଗୁଜବକୁ ସାମାନ୍ୟ ବିଶ୍ୱାସକରି ଗଜପତି କୃଷ୍ଣଚନ୍ଦ୍ର ଖଲ୍ଲିକୋଟ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତି କ୍ଷୁବ୍ଧ ହେଲେ । ଲୋକେ କହିଲେ, ଓଡ଼ିଶାରେ ଯଦି ପାରଳା ଓ ଜୟପୁର ମିଶେ, ତେବେ ପ୍ରଦେଶ ଗଠନ ହୋଇ ମନ୍ତ୍ରୀମଣ୍ଡଳ ଗଢ଼ା ହେଲେ ପ୍ରଥମ ପ୍ରଧାନମନ୍ତ୍ରୀ ହେବାପାଇଁ ସେ ଦୁଇଟି ଜମିଦାରୀର ରାଜାଯୋଗ୍ୟ ବିବେଚିତ ହେବେ କାରଣ ଖଲ୍ଲିକୋଟ ତୁଳନାରେ ସେମାନଙ୍କର ପ୍ରତିପତ୍ତି ଯଥେଷ୍ଟ । ଏଣୁ ମର୍ଦ୍ଦରାଜଙ୍କ କୂଟନୀତି ବଳରେ ଏହା ହୋଇଛି । ଯଦି ସେ ଦୁଇ ରାଜା ବାଦ ପଡ଼ିଯାନ୍ତି ତେବେ ଖଲ୍ଲିକୋଟ ରାଜା ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପାଇଁ ସୁବିଧା ପାଇବେ । କାରଣ ସେତେବେଳେ ବିଲାତ ସରକାରଙ୍କ ରାଜତ୍ୱ । ଗୌରଚନ୍ଦ୍ରଙ୍କ ପ୍ରଭାବରେ ପୂର୍ବେ ପାରଳା ଓ ଖଲ୍ଲିକୋଟ ରାଜାଙ୍କ ଭିତରେ ଥିବା ତିକ୍ତତା ଟିକେ ହ୍ରାସ ପାଇ ଆସିଲା ବେଳକୁ ଏହି ଅଘଟଣ ଘଟଣା ଉଭୟଙ୍କ ମନରେ ପୁନର୍ବାର ତିକ୍ତତା ଜାଗ୍ରତ କରାଇଦେଲା । ଗୁଜବରେ ଏପରି ଅନେକ କଥା ବିପର୍ଯ୍ୟସ୍ତ ହୋଇଯାଏ । ଏଣେ ସେହି ଘୋଷଣା ଶୁଣି ପାରଳା ମହାରାଜା ଦୀର୍ଘ ତିନିଦିନ ଧରି ଅନ୍ନଜଳ ତ୍ୟାଗ କରି ଥିଲେ ।

ଠିକ୍ ଏତିକିବେଳେ ୧୯୩୨ରେ ଦିବାକର ବାବୁ ଓ୍ୱାଲିଂଟନ ଅତ୍ୟାଚାର ବିରୁଦ୍ଧରେ ବ୍ୟକ୍ତିଗତ ସତ୍ୟାଗ୍ରହ କରି ରସୁଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଠାରେ ଅଦାଲତ ବିଚାରର ସମ୍ମୁଖୀନ ହୋଇ ଜେଲରେ ରହିଲେ । ୧୯୩୩ରେ ସେ କାରାମୁକ୍ତ ହୋଇ ଫେରିଥିଲେ । ସେତେବେଳେ ବିଲାତ ସରକାରଙ୍କର ଶ୍ୱେତପତ୍ର ଘୋଷଣା ଶୁଣି ବିଚଳିତ ହୋଇଗଲେ । ମହାଭାରତୀୟ ଭାବଧାରାରେ ଉଦ୍‌ବୁଦ୍ଧ ସ୍ୱାଧୀନତା ସଂଗ୍ରାମୀ ଦିବାକର ବାବୁଙ୍କର ଓଡ଼ିଆ ପ୍ରାଣ ଉତ୍କଳୀୟ ଭାବଧାରାରେ ଆଲୋଡ଼ିତ ହୋଇଗଲା । ପୁଣି ଦେଶ ଲାଗି ମହାରାଜାଙ୍କର ବିଷାଦ ଓ ଅନଶନ ତାଙ୍କୁ ଦାରୁଣ ଯନ୍ତ୍ରଣା ଦେଇଥିଲା । ସେ ତତ୍‌କ୍ଷଣାତ ନୀଳକଣ୍ଠ, ଗୋଦାବରୀଶ ଓ ବିଜୁପଟ୍ଟନାୟକଙ୍କ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଗହଣରେ ଛିଟିକୀ ପହଞ୍ଚି ରାଜା ଗୌରଚନ୍ଦ୍ରଙ୍କ ସହ ପରାମର୍ଶ କଲେ ଓ ଏମାନଙ୍କ ପ୍ରେରଣାରେ ରାଜା ଗୌରଚନ୍ଦ୍ର ବହୁ ତଥ୍ୟ ଓ ସତ୍ୟମୂଳକ ଅକାଟ୍ୟ ଯୁକ୍ତି ଧରି ଏକାକୀ ଗଜପତିଙ୍କ ନିକଟରେ ଉପସ୍ଥିତ ହେଲେ । ସେ କି ପ୍ରେରଣା ଦେଲେ କେଜାଣି, ଗଜପତି ଅନଶନ ତ୍ୟାଗ କରି ସିଂହ ବିକ୍ରମରେ ନବୋତ୍ସାହ ସହ ବିଲାତ ଯିବାପାଇଁ ପ୍ରସ୍ତୁତ ହେଲେ । ଗୌରଚନ୍ଦ୍ର କହିଲେ, ''ସୁପ୍ତ ସିଂହ ଜାଗିଛି ଆଉ ଭୟ ନାହିଁ ।'' ଏହା ପରେ ଗଜପତି ବିଲାତ ଯାଇ ସେଠାରେ ୩ ମାସ ଅବସ୍ଥାନ କଲେ । ଏହି ସମୟରେ ଭୁବନାନନ୍ଦ ଦାସ ଓ ଦିବାକର ବାବୁଙ୍କୁ ତାର ଯୋଗେ ଜୟପୁର ଓ କୋରାପୁଟରେ ଓଡ଼ିଆ ଭାଷୀ ଜନସଂଖ୍ୟାର ପ୍ରମାଣମୂଳକ ତଥ୍ୟ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ସେ କୃତକାର୍ଯ୍ୟ ହୋଇ ଶ୍ୱେତପତ୍ର ପରିବର୍ତ୍ତନ କରି ପାରଳା ଓ ଜୟପୁରକୁ ଓଡ଼ିଶାରେ ମିଶାଇ ପାରିଥିଲେ । ତାହାଙ୍କ ବ୍ୟତୀତ ଅନ୍ୟକୌଣସି ନେତାଙ୍କ ଦ୍ୱାରା ଏହି ମହତ କାର୍ଯ୍ୟ ହୋଇ ପାରନ୍ତା ନାହିଁ ।

୧.୪.୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସାର ଜନ୍ ହବାକ ଏହାର ପ୍ରଥମ ଲାଟ ହେଲେ । ୧୯୩୭ ଫେବୃଆରୀରେ ସାଧାରଣ ନିର୍ବାଚନ ହେଲା । ଏଥିରେ କୃଷ୍ଣଚନ୍ଦ୍ର ଗଜପତି ବିଧାନସଭା ସଦସ୍ୟ ହେଲେ । ବିଧାନସଭାର ୬୦ଟି ଆସନରୁ କଂଗ୍ରେସ ୩୬ଟି ଓ ବିରୋଧୀଦଳ ୨୪ ଆସନ ପାଇଲା । ତଥାପି ରାଷ୍ଟ୍ରୀୟ ରାଜନୈତିକ ମର୍ଯ୍ୟାଦାର କ୍ଷୁଣ୍ଣତା ବୋଧ କରି କଂଗ୍ରେସ ମନ୍ତ୍ରି ମଣ୍ଡଳ ଗଢ଼ିବାକୁ ଅସ୍ୱୀକାର କଲା । ତେଣୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରୀତ୍ୱରେ ପ୍ରଥମ ମନ୍ତ୍ରିମଣ୍ଡଳ ଗଢ଼ାହେଲା । ସେଥିରେ ସହଯୋଗୀ ମନ୍ତ୍ରୀରୂପେ ଗୋଦାବରୀଶ ମିଶ୍ର ଓ ଲତିଫୁର୍ ରହମନ ରହିଲେ । ଏହି ମନ୍ତ୍ରିମଣ୍ଡଳ ୩ ମାସ ପରେ ଭଙ୍ଗ ହେଲା ଓ ସ୍ୱର୍ଗୀୟ ବିଶ୍ୱନାଥ ଦାସ ୧୯୩୭ରେ ପ୍ରଧାନମନ୍ତ୍ରୀ ହେଲେ । ୧୯୩୯ ବେଳକୁ ୨ୟ ମହାସମର ଆରମ୍ଭ ହେଲା । ଉକ୍ତ ସମୟରେ ବିଲାତ ସରକାର ଭାରତକୁ ଭର୍ତ୍ତି କରିଦେଲେ । ସେତିକି ବେଳକୁ ଦିବାକର ବାବୁ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ସଭାପତି ଓ ସୁଭାଷପନ୍ଥୀ ଫରୱାର୍ଡ଼ ବ୍ଲକ ଦଳରେ ଯୋଗ ଦେଇଥିଲେ । ସୁଭାଷଙ୍କ କଳ୍ପନାନୁସାରେ ଆସାମ, ବଙ୍ଗଳା ଓ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ାଗଲେ ଭବିଷ୍ୟତରେ ସିଙ୍ଗାପୁରରୁ ''ଭାରତୀୟ ଜାତୀୟ ବାହିନୀ''ର ରଣ ଅଭିଯାନ ସହଜ ହେବା ଆଶାରେ ଆଶାତୀତ ପ୍ରେରଣାପାଇ ଦିବାକର ବାବୁ ଥରେ ରାତ୍ରି ୧୨ ଘଣ୍ଟା ବେଳେ ପାରଳାରେ ପହଞ୍ଚିଲେ । ସେତେବେଳକୁ ବିଶ୍ୱନାଥ ଦାସ ମନ୍ତ୍ରିମଣ୍ଡଳ ବିଲାତ ସରକାରଙ୍କୁ ଅସହଯୋଗ କରି ଇସ୍ତଫା ଦେଇଥିଲେ । ସେତେବେଳେ ରାଜନୈତିକ ଦୃଷ୍ଟିକୋଣରୁ ପାରଳାରାଜଙ୍କୁ ନିର୍ଦ୍ଦିଷ୍ଟ କେତେ ଜଣ ବିଶିଷ୍ଟ ନେତାଙ୍କୁ ଯେକୌଣସି ସମୟରେ ସାକ୍ଷାତ କରିବା ପାଇଁ ସୁବିଧା ଓ ଅନୁମତି ଦେଇଥିଲେ । ଦିବାକର ନିଶାର୍ଦ୍ଧରେ ପହଞ୍ଚି ଖବର ଦେବା ଦ୍ୱାରା ସେ ନିଦ୍ରୋତ୍ଥିତ ସିଂହ ପରି ଚେଇଁଉଠି ନିହାତି ଡକାଇ ନେଲେ । ସେତେବେଳେ ଦିବାକର ବାବୁ ନିଦ୍ରୋତ୍ଥିତ ଶ୍ରୀ ଗଜପତିଙ୍କୁ ଅଭିନନ୍ଦନ ଜଣାଇ ନାଟକୀୟ ଭଙ୍ଗୀରେ ଅଶ୍ରୁଳ ଚକ୍ଷୁରେ ତତ୍କାଳୀନ ଓଡ଼ିଶାର ଦୁର୍ଦ୍ଦଶା ବର୍ଣ୍ଣନା କରି ମହାରାଜାଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ ପାଇଁ ବିନୀତ ଅନୁରୋଧ କଲେ ଓ ଏହାର ବ୍ୟତିକ୍ରମରେ ସୁଭାଷ ବୋଷଙ୍କ ପରିକଳ୍ପିତ ଭାରତ ସ୍ୱାଧୀନତାର ଭବିଷ୍ୟତ ଦୁର୍ବିପାକ ଏକ ନାଟକୀୟ ଭାଷା ସମ୍ଭାରରେ ବର୍ଣ୍ଣନା କଲେ । ମହାରାଜା ହଠାତ୍ ଉଠିପଡ଼ି ଦିବାକର ବାବୁଙ୍କୁ କୁଣ୍ଢାଇ ପକାଇ କହିଲେ, ''ବାବୁ! ଚିକିଟୀ ମାଟିରେ ଜନ୍ମହୋଇ ତୁମେ ପ୍ରକୃତ ଦିବାକର ତୁଲ୍ୟ ମୋର ପାଷାଣ କର୍କଶ ହୃଦୟକୁ ତରଳାଇ ଦେଲ ଓ ସେହି ମାଟିର ସନ୍ତାନ ଗୌରଚନ୍ଦ୍ର ମଧ ଦିନେ ତାର ସ୍ନେହ ଓ ଭକ୍ତିରୂପା ଜ୍ୟୋତ୍ସ୍ନାରେ ମୋତେ ବଶୀଭୂତ କରିଦେଇଥିଲା । ତୁମେ ଦୁହେଁ କି ଉପାଦାନରେ ଗଢ଼ା କେଜାଣି ।'' ...

ହସି ଦିବାକର ବାବୁ କହିଲେ, ''ସୁପ୍ତ ସିଂହ ଜାଗିଛି, ଆଉ ଭୟ ନାହିଁ ।'' ପରେପରେ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ମହାରାଜାଙ୍କ ନିକଟରେ ଉପସ୍ଥିତ ହୋଇ ମିଳିତ ମନ୍ତ୍ରିମଣ୍ଡଳର ରୂପରେଖ ଗଢ଼ିଲେ ।

ଖ୍ରୀ: ୧୯୪୦ରେ ପାରଳା ମନ୍ତ୍ରିମଣ୍ଡଳ ଗଢ଼ାହେଲା । ଏଥିରେ ପାରଳା ଗଜପତି କୃଷ୍ଣଚନ୍ଦ୍ର ପ୍ରଧାନମନ୍ତ୍ରୀ ପୁଣି ଗୋଦାବରୀଶ ମିଶ୍ର ଓ ମୋଲାନଖାଁ ସହଯୋଗୀ ମନ୍ତ୍ରୀ ରୂପେ ରହିଲେ । ଏହି ମନ୍ତ୍ରିମଣ୍ଡଳର କାର୍ଯ୍ୟ କାଳ ଭିତରେ ତା ୨୭.୧୧.୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ୧୯୪୪ ଜୁଲାଇରେ କଟକ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଗଲା । ତା'ପରେ ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କ ମତଭେଦ ଯୋଗୁଁ ଏହି ମନ୍ତ୍ରିମଣ୍ଡଳର ଅବସାନ ଘଟିଲା ।

ଏହି ମନ୍ତ୍ରିମଣ୍ଡଳ ସମୟରେ ଥରେ ଦିବାକରବାବୁ ସୁଭାଷ ବୋଷଙ୍କ ଡ଼କରାପାଇଁ କଲିକତା ଯାଇଥିଲେ । ତାଙ୍କ ସହ ଶ୍ରୀହର୍ଷମିଶ୍ର ମଧ ଅନୁଗାମୀ ଥିଲେ । ଏମାନଙ୍କ ପିଛା ଗୋରା ଗୁପ୍ତଚର ଲାଗିରହିଥାନ୍ତି । କୌଣସି ଏକ ଲଜିଂରେ ପହଞ୍ଚି ଦିବାକର ବାବୁ ଶ୍ରୀହର୍ଷମିଶ୍ରଙ୍କୁ ନିକଟସ୍ଥ ହୋଟେଲରୁ ଚା କପେ ଆଣିବା ପାଇଁ ଅନୁରୋଧ କରି ନିଜେ ପାଇଖାନାକୁ ଚାଲିଗଲେ । ଠିକ୍ ସେତିକିବେଳେ ଗୋରା ଗୁପ୍ତଚର ପୁଲିସ୍ ଆସି ବାହାର କବାଟ ଶିକୁଳି ଲଗାଇ ଦେଇ ଶ୍ରୀହର୍ଷମିଶ୍ରଙ୍କ ଅନୁସନ୍ଧାନରେ ଚାଲିଗଲେ । ନିକଟସ୍ଥ ହୋଟେଲରେ ଶ୍ରୀହର୍ଷମିଶ୍ରଙ୍କୁ ଚିହ୍ନି ନପାରି ହୋଟେଲ ବାହାରେ ରହି ଗୋରା ଗୁପ୍ତଚର 'ଶ୍ରୀହର୍ଷ ମିଶ୍ର...ଶ୍ରୀହର୍ଷମିଶ୍ର'' ବୋଲି ଉଚ୍ଚସ୍ୱରରେ ଡ଼ାକିଲେ । ନିଜ ନାମ ଶୁଣି ଶ୍ରୀହର୍ଷମିଶ୍ର-ହଁ...ହଁ କରିବା ସଙ୍ଗେ ସଙ୍ଗେ ଗୁପ୍ତଚର ପୁଲିସ୍ ଯାଇ ତାଙ୍କ ହାତ ଧରିନେଲେ ଓ କହିଲେ, ''ଆପଣ ଗିରଫ ହୋଇଛନ୍ତି ।'' ତାପରେ ଦିବାକର ବାବୁଙ୍କୁ ଗିରଫ କରିବା ସମୟ ଆସିଗଲା । କିନ୍ତୁ ପାରଳା ମହାରାଜାଙ୍କ ହସ୍ତକ୍ଷେପ ଯୋଗୁ ଉଭୟେ ଦୋଷମୁକ୍ତ ହେଲେ ।

ପାରଳାଖେମଣ୍ଡିର 'ପଦ୍ମନାଭ ରଙ୍ଗାଳୟ' ଓ ଟିକିଟୀର 'ରାଜେନ୍ଦ୍ର ରଙ୍ଗାଳୟ'ର ଅବସାନ ଘଟିଥିଲେ ମଧ ସେହି ରଙ୍ଗମଞ୍ଚର ଶ୍ରେଷ୍ଠ ଅଭିନେତାମାନଙ୍କ ଦାୟାଦ ରୂପେ ତିନିଜଣ ଶ୍ରୀକୃଷ୍ଣ, ମଧୁମଙ୍ଗଳ ଓ ସୁଦାମ ଅଭିନୟ କ୍ଷେତ୍ରରେ ଅଭିନବ ଯୁଗ ପ୍ରବର୍ତ୍ତନ କରିଥିଲେ ।

ଶାସ୍ତ୍ରୀନଗର
ବ୍ରହ୍ମପୁର - ୩

ତ୍ରିକୋଟି ସନ୍ତାନ ଗୋଟିଏ ସ୍ୱରରେ
'ଜନନୀ' 'ଜନନୀ' ଡ଼ାକ
ତୃଷାରେ କାତର ଗଗନକୁ ଚାହିଁ
ଯେସନେ ଡ଼ାକେ ଚାତକ ।
ଧନ ମାନ ଜନ ଯାହା ଉପାର୍ଜନ
କରିଅଛ ଧରା ତଳେ
ହରଷିତ ମନେ କରତବ୍ୟ ଜ୍ଞାନେ
ଆଣିଦିଅ ଯଜ୍ଞ ସ୍ଥଳେ ।
ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
''ସ୍ୱାର୍ଥମେଧ ଯଜ୍ଞେ'' ଚାରିଆଡ଼େ ନାଚ
ଜାତିକୁ ମିଶାଇ ଛାତି ।
ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା
ସେହି ତୋର ମାତା ସେହି ତୋର ଭ୍ରାତା
କର ସେହି ପଦ ପୂଜା ।


**ଜାତୀୟ ଗୌରବ ମଧୁସୂଦନ ଦାସ**

# ଓଡ଼ିଶାରେ ଦ୍ୱାଦଶ ଲୋକସଭା ନିର୍ବାଚନ ଫଳାଫଳ

ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଦ୍ୱାଦଶ ଲୋକସଭା ପାଇଁ ନିର୍ବାଚନ ଓ ରାଜ୍ୟ ବିଧାନସଭାର ଦୁଇଟି ଉପ-ନିର୍ବାଚନର ଫଳାଫଳ ଘୋ... କରାଯାଇଛି । ରାଜ୍ୟରେ ୨୧ଟି ଲୋକସଭା ଆସନ ମଧ୍ୟରୁ ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀମାନେ ୫ଟି ଆସନରେ ବିଜୟ ଲାଭ କରିଥିବାବେ... ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀମାନେ ୭ଟି ଆସନରେ ଏବଂ ବିଜୁ ଜନତା ଦଳର ପ୍ରାର୍ଥୀମାନେ ୯ଟି ଆସନରେ ବିଜୟ ଲାଭ କରିଛନ୍ତି । ବିଧାନ... ପାଇଁ ହୋଇଥିବା ୨ଟି ଉପନିର୍ବାଚନ ମଧ୍ୟରୁ ବ୍ରଜରାଜନଗର ଆସନରେ ଭାରତୀୟ ଜାତୀୟ କଂଗ୍ରେସ୍ ପ୍ରାର୍ଥୀ ଏବଂ ଦେବଗଡ଼ ଆସନରେ ଭାର... ଜନତା ପାର୍ଟି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ ବିଭିନ୍ନ ନିର୍ବାଚନ ମଣ୍ଡ... ବିଜୟୀ ପ୍ରାର୍ଥୀଙ୍କ ତାଲିକା ନିମ୍ନରେ ପ୍ରଦାନ କରାଗଲା :-

| | ଲୋକସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟା ଓ ନାମ | ବିଜୟୀ ପ୍ରାର୍ଥୀଙ୍କ ନାମ | ଦଳର ନାମ |
|---|---|---|---|
| ୧. | ମୟୂରଭଞ୍ଜ (ଏସ୍.ଟି.) | ଶ୍ରୀ ସାଲଖାନ୍ ମୁର୍ମୁ | ବି.ଜେ.ପି. |
| ୨. | ବାଲେଶ୍ୱର | ଶ୍ରୀ ଏମ୍.ଏ. ଖାରବେଳ ସ୍ୱାଇଁ | ବି.ଜେ.ପି. |
| ୩. | ଭଦ୍ରକ (ଏସ୍.ସି.) | ଶ୍ରୀ ଅର୍ଜୁନ ଚରଣ ସେଠୀ | ବି.ଜେ.ଡ଼ି. |
| ୪. | ଯାଜପୁର (ଏସ୍.ସି.) | ଶ୍ରୀ ରାମଚନ୍ଦ୍ର ମଲ୍ଲିକ | ଆଇ.ଏନ୍.ସି. |
| ୫. | କେନ୍ଦ୍ରାପଡ଼ା | ଶ୍ରୀ ପ୍ରଭାତ ସାମନ୍ତରାୟ | ବି.ଜେ.ଡ଼ି. |
| ୬. | କଟକ | ଶ୍ରୀ ଭର୍ତ୍ତୃହରି ମହତାବ | ବି.ଜେ.ଡ଼ି. |
| ୭. | ଜଗତସିଂହପୁର | ଶ୍ରୀ ରଂଜୀବ ବିଶ୍ୱାଳ | ଆଇ.ଏନ୍.ସି. |
| ୮. | ପୁରୀ | ଶ୍ରୀ ବ୍ରଜ କିଶୋର ତ୍ରିପାଠୀ | ବି.ଜେ.ଡ଼ି. |
| ୯. | ଭୁବନେଶ୍ୱର | ଡ଼ଃ ପ୍ରସନ୍ନ କୁମାର ପାଟଶାଣୀ | ବି.ଜେ.ଡ଼ି. |
| ୧୦. | ଆସ୍କା | ଶ୍ରୀ ନବୀନ ପଟ୍ଟନାୟକ | ବି.ଜେ.ଡ଼ି. |
| ୧୧. | ବ୍ରହ୍ମପୁର | ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ | ଆଇ.ଏନ୍.ସି. |
| ୧୨. | କୋରାପୁଟ (ଏସ୍.ଟି.) | ଶ୍ରୀ ଗିରିଧର ଗମାଂଗୋ | ଆଇ.ଏନ୍.ସି. |
| ୧୩. | ନବରଂଗପୁର(ଏସ୍.ଟି.) | ଶ୍ରୀ ଖଗପତି ପ୍ରଧାନୀ | ଆଇ.ଏନ୍.ସି. |
| ୧୪. | କଳାହାଣ୍ଡି | ଶ୍ରୀ ବିକ୍ରମ କେଶରୀ ଦେଓ | ବି.ଜେ.ପି. |
| ୧୫. | ଫୁଲବାଣୀ (ଏସ୍.ସି.) | ଶ୍ରୀ ପଦ୍ମନାଭ ବେହେରା | ବି.ଜେ.ଡ଼ି. |
| ୧୬. | ବଲାଙ୍ଗୀର | ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ | ବି.ଜେ.ପି. |
| ୧୭. | ସମ୍ବଲପୁର | ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ | ବି.ଜେ.ଡ଼ି. |
| ୧୮. | ଦେଓଗଡ଼ | ଶ୍ରୀ ଦେବେନ୍ଦ୍ର ପ୍ରଧାନ | ବି.ଜେ.ପି. |
| ୧୯. | ଢେଙ୍କାନାଳ | ଶ୍ରୀ ତଥାଗତ ଶତପଥୀ | ବି.ଜେ.ଡ଼ି. |
| ୨୦. | ସୁନ୍ଦରଗଡ଼ (ଏସ୍.ଟି) | ଶ୍ରୀ ଜୁଏଲ୍ ଓରାମ୍ | ବି.ଜେ.ପି. |
| ୨୧. | କେନ୍ଦୁଝର (ଏସ୍.ଟି.) | ଶ୍ରୀ ଉପେନ୍ଦ୍ର ନାଥ ନାୟକ | ବି.ଜେ.ପି. |
| | | **ବିଧାନସଭା ଉପ ନିର୍ବାଚନ** | |
| ୧୨୯. | ବ୍ରଜରାଜ ନଗର | ଶ୍ରୀ କେଶବ ସାହୁ | ଆଇ.ଏନ୍.ସି. |
| ୧୩୪. | ଦେଓଗଡ଼ | ଶ୍ରୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ | ବି.ଜେ.ପି. |


OGP—MP—PTS (I. & P. R.) 71—6,000—21-3-1998



୧୯୯୭ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ
ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ତାମ୍ରଫଳକ ପ୍ରଦାନ କରୁଛନ୍ତି ।

VOL. LIII, No. 9 UTKAL PRASANGA Regd. No. C—BN—03/30

Licence No. C.R.N.P. 5—Licensed to post without Pre-payment



# ଉତ୍କଳ ପ୍ରସଙ୍ଗ

ମଇ-୧୯୯୮

